# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 8/2025 | Page 14 | ₹ 7.00

୫୨ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 15 | ମୂଲ୍ୟ ₹୭/-





କଟକର ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଙ୍ଗଳବାର ହେବାକୁ ଥିବା ପ୍ରଥମ ଟି୨୦ ମ୍ୟାଚ୍ ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ପେସର ଅର୍ଶଦୀପ ସିଂଙ୍କୁ ହୋଟେଲରେ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ସେ ସାଲ୍ୟୁଟ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ଗୋଆ ନାଇଟ୍ କ୍ଲବ୍‌ରେ ନିଆଁ: ୨୫ ମୃତ

**'ବର୍ଚ ବାଇ ରୋମିଓ ଲେନ୍' ଦ୍ୱାରା ପରିଚାଳିତ ଗୋଆର ଏକ ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଏତେ ବଡ଼ ଘଟଣା ଘଟିଯାଇଥିବା କୁହାଯାଉଛି। କ୍ଲବ୍ ମ୍ୟାନେଜର ଓ ଇଭେଣ୍ଟ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ କଂଗ୍ରେସ ଏହି ଅଘଟଣ ପାଇଁ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।**

ପଣଜୀ,୭।୧୨ (ପି.ଟି/ଏଜେନ୍ସି)

ଗୋଆ ରାଜଧାନୀ ପଣଜୀରୁ ୨୫ କି.ମି. ଦୂରରେ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍ ଅବସ୍ଥିତ। ବେଆଇନ ଭାବେ ନିର୍ମିତ ଏହି କ୍ଲବ୍‌କୁ ଭାଙ୍ଗିବା ପାଇଁ ପୂର୍ବରୁ ନୋଟିସ ଦିଆଯାଇଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଯୋଗୁ ଉଚ୍ଛେଦ ବନ୍ଦ ରହିଥିଲା। ଡିସେମ୍ବର ମାସ ହୋଇଥିବାରୁ ଗୋଆକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଥିବାବେଳେ ରବିବାର ରାତିରେ ଉକ୍ତ କ୍ଲବ୍‌ରେ ଶତାଧିକ ଟୁରିଷ୍ଟ ନାଚଗୀତରେ ମସ୍‌ଗୁଲ ଥିଲେ। ୧୯୭୦ ଦଶକର ହିନ୍ଦୀ ଫିଲ୍ମ 'ଶୋଲେ'ର ମେହବୁବା ଓ ମେହବୁବା ଗୀତର ତାଳେ ତାଳେ ପର୍ଯ୍ୟଟକମାନେ ଝୁମୁଥିଲେ। ବଲିଉଡ୍ ବ୍ୟାଙ୍ଗର ନାଇଟ୍ ବେଳେ ଡିଜେ କନ୍‌ସୋଲ ନିକଟରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁଚାହୁଁ ନିଆଁ ସିଲିଂରେ ଲାଗିବା ପରେ ଚତୁର୍ଦ୍ଦିଗକୁ ଚହଟିଥିଲା। ପ୍ରାଣବିକଳରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିବାବେଳେ ମାତ୍ର କିଛି ମିନିଟ୍ ଭିତରେ ହିଁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଗଲା। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨୦ ଜଣ ନାଇଟ୍ କ୍ଲବ୍ କର୍ମଚାରୀ ହୋଇଥିବାବେଳେ ୫ ପର୍ଯ୍ୟଟକ ରହିଛନ୍ତି। କର୍ମଚାରୀଙ୍କ ମଧ୍ୟରେ ଉତ୍ତରାଖଣ୍ଡର ୫, ଝାଡ଼ଖଣ୍ଡ ଓ ଆସାମର ୩ ଜଣ ☞ପୃଷ୍ଠା-୪

## 'ବର୍ଚ ବାଇ ରୋମିଓ ଲେନ୍'

ଭୁବନେଶ୍ୱର,୭।୧୨ (ସତ୍ୟଜିତ୍ ରାଉତ)

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ଚେନ୍ ଅଫ୍ ରେଷ୍ଟୁରାଷ୍ଟର ଅବ୍ୟବସ୍ଥାକୁ ନେଇ ବିତର୍କ ସୃଷ୍ଟି ହୋଇଛି। 'ବର୍ଚ ବାଇ ରୋମିଓ ଲେନ୍' ହେଉଛି ରୋମିଓ ଲେନ୍ ଚେନ୍ ଅଫ୍ ରେଷ୍ଟୁରାଣ୍ଟର ଏକ ଅଂଶ। ଭୁବନେଶ୍ୱର ପଟିଆସ୍ଥିତ ରଘୁନାଥପୁର ଅଞ୍ଚଳରେ ଏହାର ଏକ ରେଷ୍ଟୁରାଣ୍ଟ ୨୦୨୫ ମାର୍ଚ୍ଚରେ ଖୋଲିଛି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏହାର ଏକାଧିକ ☞ପୃଷ୍ଠା-୪

# 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ ହେବ ଘଟଗାଁ ତାରିଣୀପୀଠ'

**■ ୩୧୨ କୋଟି ଟଙ୍କାର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**
**■ ୩ୟ ଇସ୍ପାତ ନଗରୀ ହେବାକୁ ଯାଉଛି କେନ୍ଦୁଝର**

**କେନ୍ଦୁଝର ଜିଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ମା' ତାରିଣୀଙ୍କ ପୀଠକୁ ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ରବିବାର କେନ୍ଦୁଝରର ଆରାଧ୍ୟା ଦେବୀ ଘଟଗାଁସ୍ଥିତ ମା' ତାରିଣୀଙ୍କ ପୀଠରେ ୩୧୨ କୋଟି ଟଙ୍କା ବ୍ୟୟ ବରାଦରେ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୧୮ମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତୀକରଣ କାର୍ଯ୍ୟ ସମାପ୍ତ ହେବ। ଓଡ଼ିଶାକୁ କେନ୍ଦୁଝର ବହୁତ ଦେଇଛି, ପାଇଛି କମ୍। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀରେ ପରିଣତ ହେବ। ସୁନାର କେନ୍ଦୁଝର ଗଢ଼ିବାର ପ୍ରକ୍ରିୟା ଏବେଠାରୁ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।**

କେନ୍ଦୁଝର/ ଘଟଗାଁ/ ଢେଙ୍କିକୋଟ, ୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର/ ରାଜେନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

ମୁଖ୍ୟମନ୍ତ୍ରୀ ଘଟଗାଁଠାରେ ପହଞ୍ଚିବା ପରେ ଆର୍‌ସି ପ୍ରାଥମିକ ବିଦ୍ୟାଳୟଠାରୁ ମା' ତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ' ଜରିଆରେ ଘଟଗାଁବାସୀ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ମା' ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେହିଠାରେ ହିଁ ଘଟଗାଁ ମା' ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ସାଧାରଣସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ, ମା'ଙ୍କ ପୀଠର ଉନ୍ନତୀକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ। କାରଣ ଏହି ଉନ୍ନତୀକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ପ୍ରାୟ ୬୦ଏକର ଜମିରେ ପରିବ୍ୟାପ୍ତ ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ, ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ୍, ପୋଷାକ କୋଠରି, ଜୋତା ଷ୍ଟାଣ୍ଡ, ଟିକେଟ୍ କାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ, ଡ୍ରାଇଭରଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ, ପାର୍କିଂ, ୪ଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟକାରୀ କରାଯିବ। ଏଥିସହ ଆଗାମୀ ଏକ ବର୍ଷ ମଧ୍ୟରେ ଅଞ୍ଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ। ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ାଯାଇ ମନ୍ଦିରର ଦେହୁରୀଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ। ଏ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗକୁ କହିବା ସହ ଜିଲାପାଳଙ୍କୁ ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିଥିଲେ।

କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ ହେବ। ରାଉରକେଲା ଓ ଯାଜପୁର ପରେ କେନ୍ଦୁଝର ତୃତୀୟ ଇସ୍ପାତ ନଗରୀଭାବେ ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ଏସ୍‌ଏସ୍‌ବି ଯବାନ ସମେତ ୨ ଗିରଫ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି**

**■ ଓପିଆର୍‌ବିର ଆଉ ୫ କର୍ମଚାରୀଙ୍କୁ ପଚରାଉଚରା**
**■ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଲା ସିବିଆଇ**
**■ ରିମାଣ୍ଡ ପରେ ଜେଲ ଗଲେ ବିରଞ୍ଚି**

ଭୁବନେଶ୍ୱର, ୭।୧୨ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇଥିବା ବିରଞ୍ଚି ନାରାୟଣଙ୍କ ଦୁଇଦିନିଆ ରିମାଣ୍ଡ ଅବଧି ଶେଷ ହୋଇଛି। ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି ସିବିଆଇ। ରବିବାର ମେଡିକାଲ ପରୀକ୍ଷା କରିବା ପରେ ତାଙ୍କୁ ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ବିରଞ୍ଚିଙ୍କ ତଥ୍ୟ ଆଧାରରେ ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଆଉ ୨ଜଣଙ୍କୁ ଉଠାଇ ଆଣି ସିବିଆଇ ଅଟକ ରଖି ପଚରାଉଚରା ପରେ ଗିରଫ କରିଛି। ସେମାନେ ହେଲେ ଏସ୍‌ଏସ୍‌ବି ଯବାନ ଅର୍ଜୁନ ନାୟକ ଏବଂ ବିରଞ୍ଚିଙ୍କ ଅତି ଘନିଷ୍ଠ ସହଯୋଗୀ ନିମାଇଁ ସାହୁ। ଏହି ଦୁଇ ଅଭିଯୁକ୍ତ ବିରଞ୍ଚିଙ୍କୁ ପିଲା ଯୋଗାଡ଼କରି ଦେଉଥିଲେ ଓ ବିରଞ୍ଚି ଟଙ୍କା ଡିଲ୍ କରିବା ପରେ ସେମାନଙ୍କୁ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ନିକଟରେ ପହଞ୍ଚାଉଥିଲେ। ପରବର୍ତ୍ତୀ ସମୟରେ ଅଗ୍ରୀମ ଆକାରରେ ୧୦ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଆଣିବାରେ ସହାୟତା କରୁଥିଲେ। ସିବିଆଇ ଅର୍ଜୁନ ଏବଂ ନିମାଇଁଙ୍କ ବିରୋଧରେ ଏଭଳି ଏକାଧିକ ପ୍ରମାଣ ପାଇଛି। ସେହିଭଳି ସିବିଆଇ ସ୍କାନରରେ ଆଉ ୭ଜଣ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ସିବିଆଇର ଅଧିକାରୀମାନେ ଉଠାଇନେବେ ବୋଲି ଜଣାପଡ଼ିଛି।

କିନ୍ତୁ ବିରଞ୍ଚି ଗିରଫ ହେବା ପରେ ତାଙ୍କ ଲିଙ୍କ୍‌ରେ ଥିବା ଦଲାଲମାନେ ଲୁଚିବା ସହ ଫୋନ୍ ସୁଇଚ୍‌ଅଫ୍ କରିଦେଇଛନ୍ତି। ସିବିଆଇ ସେମାନଙ୍କ ନମ୍ବରକୁ ଟ୍ରେସ୍ କଲେ ମଧ୍ୟ ତାହା ବନ୍ଦ ଥିବା ଦେଖାଉଛି।

ଅନ୍ୟପକ୍ଷରେ ଏହି ପରୀକ୍ଷା ଜାଲିଆତି ର୍ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ଟିମ୍ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ଏନେଇ ସିବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ମିଳିଥିବା ସୂଚନା ଅନୁସାରେ, ଉକ୍ତ ବିହାରୀ ଯୁବକ ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଶଙ୍କର ପୃଷ୍ଟିଙ୍କ ସହ ମଧ୍ୟସ୍ଥ କରୁଥିଲେ। ପ୍ରଶ୍ନପତ୍ର କେମିତି ଆସିବ ଓ କାହାକୁ ଦିଆଯିବ - ସବୁ କିଛି ବୁଝୁଥିଲେ ଏହି ବିହାରୀ ଯୁବକ। ସିବିଆଇ ତାଙ୍କୁ ପଚରାଉଚରା କରୁଥିବାବେଳେ ଗିରଫ କରିପାରେ ବୋଲି କୁହାଯାଉଛି। ଏଥିସହ ଓପିଆର୍‌ବିର ୫ଜଣ କର୍ମଚାରୀଙ୍କୁ ପଚରାଉଚରା ☞ପୃଷ୍ଠା-୪

# ପୋଖରୀରେ ବୁଡ଼ିଗଲେ ୨ ନାବାଳିକା ସାଙ୍ଗ, ଜଣେ ମୃତ

**ଉଦ୍ଧାର ନାବାଳିକାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର**

ଦିଗପହଣ୍ଡି,୭।୧୨ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡୁଙ୍ଗପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀକୁ ଗାଧୋଇବାକୁ ଯାଇ ୨ ନାବାଳିକା ସାଙ୍ଗ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ଆର୍. ଘନ ପାତ୍ରଙ୍କ ଝିଅ ଆର୍. ସାଲୋନୀ ପାତ୍ର(୮)। ଅନ୍ୟ ଜଣେ ଉଦ୍ଧାର ହୋଇଥିବା ନାବାଳିକା ହେଲେ ଏନ୍. ସୁଦାମ ପାତ୍ରଙ୍କ ଝିଅ ଏନ୍. ରାଜେଶ୍ୱରୀ ପାତ୍ର। ଉଭୟଙ୍କ ଘର ଚୁଡୁଙ୍ଗପୁର କରଣସାହିରେ। ଏହି ଘଟଣା ସ୍ଥାନୀୟ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ଏକଚାଟିଆ ବ୍ୟବସାୟ**

# ୪.୪ ଡିଗ୍ରୀ ସହ ଜି.ଉଦୟଗିରି ସବୁଠୁ ଥଣ୍ଡା ସହର

ଭୁବନେଶ୍ୱର, ୭।୧୨ (ବନ୍ଦନା ସେଠୀ)

ରାଜ୍ୟରେ ଲଗାତାର ଭାବେ ପାରଦ ତଳକୁ ଖସି ଚାଲିଛି। ରାତିରେ ଶୀତ ଲହରୀ ସହ ଘନ କୁହୁଡି ଏବଂ ଦିନରେ ଥଣ୍ଡା ପବନ ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ରବିବାର ସର୍ବନିମ୍ନ ରାତି ତାପମାତ୍ରା ୪ ଡିଗ୍ରୀ ଛୁଇଁଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳ ଜିଲାର ଜି. ଉଦୟଗିରି ୪.୪ ଡିଗ୍ରୀ ସହ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ଏଠାରେ ୩ଦିନରେ ପାରଦ ୬ ଡିଗ୍ରୀ ଖସିଛି। ଶୁକ୍ରବାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ଡିଗ୍ରୀ ଥିବାବେଳେ ଶନିବାର ୫.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଗତ ୨୪ ଘଣ୍ଟାରେ ବିଭିନ୍ନ ଜିଲାରେ ରାତି ତାପମାତ୍ରା ହ୍ରାସ ପାଇଛି। ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ଓ ୩୯ ସହରର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଆସିଛି। ସିମିଳିଗୁଡ଼ାରେ ୬.୧ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡ଼ା ୭.୬, ଫୁଲବାଣୀ ୮, ଚିପିଲିମା ୮.୭, କିରେଇ ୮.୮, ଅନୁଗୋଳ ୯ ଓ କେନ୍ଦୁଝରରେ ୯.୬ ଡିଗ୍ରୀ ରହିଥିଲା। ତେବେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ହ୍ରାସ ପାଇ ୧୧.୯ ଡିଗ୍ରୀରେ ପହଞ୍ଚି ଥିବାବେଳେ କଟକରେ ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ରାଜ୍ୟର ୪ ଜିଲା ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା ଏବଂ ଜଗତ୍‌ସିଂହପୁରରେ ପ୍ରବଳ ଶୀତ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲାରେ ଦୁଇଦିନ ଧରି ଘନ କୁହୁଡି ଏବଂ କଳାହାଣ୍ଡି, ସୋନପୁର ଓ ବଲାଙ୍ଗୀର ଜିଲାରେ ହାଲୁକାରୁ ମଧ୍ୟମଧରଣର କୁହୁଡି ହେବା ନେଇ ପୂର୍ବାନୁମାନ କରାଯାଇଛି।

**ଦୁଇଦିନ ପ୍ରବଳ ଶୀତ ନେଇ ୪ ଜିଲାକୁ ୱାର୍ନିଂ**

# ଗୌରବ ଖାନ୍ନା 'ବିଗ୍ ବସ୍'

**୧୯ତମ ସଂସ୍କରଣ**

ମୁମ୍ବାଇ,୭।୧୨

କଲର୍ସ ଟିଭିରେ ପ୍ରସାରିତ ରିଆଲିଟି ଶୋ' ବିଗ୍ ବସ୍ ସିଜନ୍ ୧୯ରେ ବାଜିମାରି ନେଇଛନ୍ତି ଗୌରବ ଖାନ୍ନା। ଏଥିସହ ସାଢ଼େ ୩ ମାସ ଧରି ଚାଲିଥିବା 'ଟୁଇଷ୍ଟ ଓ ଟର୍ନ'ର ଅବସାନ ଘଟିଛି। ୪୩ ବର୍ଷୀୟ ଅଭିନେତା ଉପସ୍ଥାପକ ତଥା ଗଣମାଧ୍ୟମ ବ୍ୟକ୍ତିତ୍ୱ ଗୌରବ ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ଫାଇନାଲିଷ୍ଟ ଫର୍‌ହାନା ଭଟ୍ଟ, ଅମାଲେ ମଲିକ, ପ୍ରଣିତ ମୋରେ ଓ ତାନିୟା ମିତ୍ତଲଙ୍କୁ ପଛରେ ପକାଇ ଧାରାବାହିକ ଉନବିଂଶ ସଂକରଣର ବିଗ୍ ବସ୍ ପାଲଟିଛନ୍ତି। ଅଭିନେତ୍ରୀ ଫର୍‌ହାନା ଭଟ୍ଟ ପ୍ରଥମ ରନର୍ସ ଅପ୍ ହୋଇଛନ୍ତି।

ବିଗ୍ ବସ୍ ଗ୍ରାଣ୍ଡ ଫିନାଲେରେ ଏହାର ହୋଷ୍ଟ ବଲିଉଡ୍ ଅଭିନେତା ସଲମାନ୍ ଖାନ୍, ଭୋଜପୁରୀ ଗାୟିକା ପୱନଙ୍କ ସମେତ ଅନେକ ନାମୀ ଅତିଥି ଯୋଗଦେଇଥିଲେ। ଗତ ଅଗଷ୍ଟ ୨୪ରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଏଥିରେ ୧୬ କଣ୍ଟେଷ୍ଟାଣ୍ଟ ଥିବାବେଳେ ପରେ ୱାଇଲ୍ଡ କାର୍ଡ ଜରିଆରେ ଆଉ ୨ ଜଣ ଏଣ୍ଟ୍ରି କରିଥିଲେ। ଏଥର ବିଗ୍‌ବସ୍‌ର ଥିମ୍ ରହିଥିଲା ଘରୱାଲୋଁ କୀ ସରକାର। ବିଜେତା କିଏ ହେବେ, ତାକୁ ନେଇ ଶେଷ ପର୍ଯ୍ୟନ୍ତ ସସ୍‌ପେନ୍ସ ଜାରି ରହିଥିଲା। ଜିଓ ହଟ୍‌ଷ୍ଟାର ଓ କଲର୍ସରେ ରାତି ୯ଟାରୁ ଏକକାଳୀନ ପ୍ରସାରଣ ଚାଲିଥିବାବେଳେ ଦର୍ଶକଙ୍କ ଉତ୍କଣ୍ଠା ଓ ଉତ୍ସୁକତା ବଢ଼ିବାରେ ଲାଗିଥିଲା। ☞ପୃଷ୍ଠା-୭



ବିଗ୍ ବସ୍ ଗ୍ରାଣ୍ଡ ଫିନାଲେରେ ବିଜେତା ଗୌରବ ଖାନ୍ନାଙ୍କ ସହ ହୋଷ୍ଟ ସଲମାନ ଖାନ୍ ଏବଂ ପ୍ରଥମ ରନର୍ସଅପ୍ ଫର୍‌ହାନା ଭଟ୍ଟ।

**ଘାଟିରାସ୍ତାରେ କାର୍ ଖସି ପରିବାରର ୬ ମୃତ**

ମହାରାଷ୍ଟ୍ରର ନାଶିକ୍ ଜିଲାରେ ରବିବାର ଏକ କାର୍ ୮୦୦ ଫୁଟ୍ ଗଭୀର ଉପତ୍ୟକା ମଧ୍ୟକୁ ଖସିପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ପରିବାର ନାଶିକର ସପ୍ତଶୃଙ୍ଗୀ ମାତା ମନ୍ଦିର ଅଭିମୁଖେ ଯାଉଥିବାବେଳେ ଭାବରୀ ଜଳପ୍ରପାତ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ଜାନୁଆରୀରେ ଭାରତ ଆସିପାରନ୍ତି ଜେଲେନ୍ସ୍କି

ନୂଆଦିଲ୍ଲୀ,୭।୧୨



ଭୋଲୋଡିମିର ଜେଲେନ୍ସ୍କି

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ୨୦୨୬ ଜାନୁଆରୀରେ ଭାରତ ଆସିପାରନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗସ୍ତ ପରେ ନୂଆଦିଲ୍ଲୀ ପକ୍ଷରୁ କୂଟନୈତିକ ସନ୍ତୁଳନ ଉଦ୍ୟମ ଚାଲିଥିବାରୁ ଦେଶରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ୟୁକ୍ରେନ୍ ଯୁଦ୍ଧ ବନ୍ଦ ସହ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ଭାରତ ସହାୟକ ହୋଇପାରେ। ଏହି ଦୃଷ୍ଟିରୁ କିଛି ସପ୍ତାହ ହେଲା ଜେଲେନ୍ସ୍କିଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ନୂଆଦିଲ୍ଲୀ ଓ କିଭ୍ ପରସ୍ପର ସହ ଯୋଗସୂତ୍ରରେ ରହିଥିବା ନେଇ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ସମେତ ଆଉ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ସରକାରୀ ଭାବେ ଏନେଇ କିଛି ସ୍ପଷ୍ଟ ହୋଇନାହିଁ।

### ପ୍ରାକ୍ ବିବାହୋତ୍ସବରେ ଗୁଳି: ୨ ନାବାଳକ ମୃତ

ନୂଆଦିଲ୍ଲୀ,୭।୧୨

ଉତ୍ତରପ୍ରଦେଶର ଇଟାହ ଜିଲା ଅନ୍ତର୍ଗତ ଉମାଇ ଆସାଦନଗର ଗ୍ରାମରେ ଶନିବାର ରାତିରେ ଏକ ପ୍ରାକ୍ ବିବାହୋତ୍ସବରେ ଗୁଳିକାଣ୍ଡ ଘଟି ୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଛି। ଉତ୍ସବରେ ନାଚଗୀତ ଚାଲିଥିବାବେଳେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଘଟଣାସ୍ଥଳରେ ୧୨ ବର୍ଷୀୟ ସୁହେଲଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଶାହଖାଦଙ୍କୁ ଆଲିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପରେ ଉତ୍ସବସ୍ଥଳ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହା ସେଲିବ୍ରେଟୋରିଂ ଫାୟାରିଂ ହୋଇପାରେ ବୋଲି କହିଛନ୍ତି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ଏବଂ ଏଥିପାଇଁ କିଏ ଦାୟୀ ଜଣାପଡ଼ି ନାହିଁ। ଉତ୍ସବରେ ଉପସ୍ଥିତ ଥିବା ଲୋକମାନଙ୍କୁ ପୋଲିସ ପଚରାଉଚରା କରୁଛି। ତଦନ୍ତ ପରେ ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ସାଂଘାଇରେ ଭାରତର ଅତ୍ୟାଧୁନିକ କନ୍‌ସୁଲେଟ୍ ବିଲ୍ଡିଂ ଉଦ୍‌ଘାଟିତ

ବେଜିଂ,୭।୧୨

ଭାରତ ଓ ଚାଇନା କୂଟନୈତିକ ସମ୍ପର୍କରେ ୭୫ତମ ବର୍ଷ ପାଳନ କରୁଥିବାବେଳେ ସାଂଘାଇରେ ଭାରତ ରବିବାର ବାଣିଜ୍ୟିକ ଦୂତାବାସର ନୂଆ ଅତ୍ୟାଧୁନିକ ବିଲ୍ଡିଂ ଉଦ୍‌ଘାଟନ କରିଛି। ଚାଇନାର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ସାଂଘାଇରେ ୩୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତର କନ୍‌ସୁଲେଟ୍ କାର୍ଯ୍ୟାଳୟ ଠିକଣା ବଦଳିଛି। ଚାଙ୍ଗନିଙ୍ଗ୍ ଜିଲାର ଡାଉନିଂ ସେଣ୍ଟରଠାରେ ନିର୍ମିତ ଏହି ନୂଆ ଚାନସେରି ବିଲ୍ଡିଂ ୧,୪୩୬.୬୩ ବର୍ଗମିଟର ଅଞ୍ଚଳରେ ଅବସ୍ଥିତ, ଯାହା ପୁରୁଣା କନ୍‌ସୁଲେଟ୍ ବିଲ୍ଡିଂର ୨ ଗୁଣ। ଚାଇନାରେ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାଓ୍ୱତ୍ ଉକ୍ତ ବିଲ୍ଡିଂକୁ ଉଦ୍‌ଘାଟନ କରିଥିବାବେଳେ ସୋମବାରଠାରୁ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ।

# ୬୧୦ କୋଟି ଫେରାଇଲା ଇଣ୍ଡିଗୋ

ନୂଆଦିଲ୍ଲୀ,୭।୧୨

## ସ୍ୱାଭାବିକ ସ୍ଥିତିକୁ ଫେରୁଛି ବିମାନସେବା

ଇଣ୍ଡିଗୋ ବିମାନ ଉଡ଼ାଣ କ୍ରମାଗତ ୫ ଦିନ ଧରି ଗୁରୁତର ବାଧାପ୍ରାପ୍ତ ହେବା ପରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ଉକ୍ତ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଉଡ଼ାଣ ବାତିଲ ଓ ଅତ୍ୟଧିକ ବିଳମ୍ବ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ରବିବାର ଇଣ୍ଡିଗୋ ମୋଟ ୬୧୦ କୋଟି ଟଙ୍କା ଫେରସ୍ତ କରିଛି। ଏଥିସହିତ ୩,୦୦୦ ବ୍ୟାଗେଜ୍‌କୁ ଯାତ୍ରୀମାନଙ୍କୁ ହସ୍ତାନ୍ତର କରାଯାଇଥିବା ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। ପ୍ରଭାବିତ ଯାତ୍ରୀମାନଙ୍କୁ ରବିବାର ରାତି ୮ଟା ସୁଦ୍ଧା ଟିକେଟ ମୂଲ୍ୟ ଫେରସ୍ତ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ନିର୍ଦ୍ଦେଶ ଦେଇଥିଲା। ଏଥିସହିତ ୨ ଦିନ ମଧ୍ୟରେ ଯାତ୍ରୀମାଙ୍କୁ ସେମାନଙ୍କ ଲଗେଜ୍ ଫେରାଇଦେବାକୁ କୁହାଯାଇଥିଲା।

ରବିବାର ୧,୬୫୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ କରିଥିବାବେଳେ ୬୫୦ ଉଡ଼ାଣ ବାତିଲ ହୋଇଛି। ଶନିବାର ୧,୫୦୦ ବିମାନ ଉଡ଼ାଣ କରିଥିଲା। ଦେଶର ଏହି ସର୍ବବୃହତ୍ ଏୟାରଲାଇନ୍ସର ୧୩୮ଟି ରୁଟ୍ ମଧ୍ୟରୁ ୧୩୭ଟିରେ ଠିକ୍ ସମୟରେ ଉଡ଼ାଣ ଶନିବାର ୩୦ ପ୍ରତିଶତ ଥିବାବେଳେ ରବିବାର ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ୧୦ ତାରିଖ ସୁଦ୍ଧା ନେଟ୍‌ୱର୍କରେ ସ୍ଥିରତା ଆସିବ ବୋଲି ଇଣ୍ଡିଗୋ ଆଶାବ୍ୟକ୍ତ କରିଛି। ବାତିଲ ହୋଇଥିବା ଉଡ଼ାଣ ପାଇଁ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଭଡ଼ା ଫେରସ୍ତ କରାଯିବ ବୋଲି ଏୟାରଲାଇନ୍ସ ଦୋହରାଇବା ସହ ପୁନଃ ନିର୍ଦ୍ଧାରଣ ଅନୁରୋଧ ଉପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୁକିଂ ଜାରି ରହିବ ବୋଲି କହିଛି। ଟିକେଟ ଭଡ଼ା ଫେରସ୍ତ ପ୍ରକ୍ରିୟା ଦ୍ରୁତବେଗରେ ଚାଲିଛି। ସେବାକୁ ସ୍ୱାଭାବିକ କରିବା ପାଇଁ ଏୟାରଲାଇନ୍ସ କର୍ମଚାରୀମାନେ ଦିନରାତି କାମ ଚଳାଇଥିବା କହିଛନ୍ତି। ଇଣ୍ଡିଗୋର ୧,୦୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ ଶୁକ୍ରବାର ବାତିଲ ହୋଇଥିବାବେଳେ ଶନିବାର ମଧ୍ୟ ୮୦୦ରୁ ଅଧିକ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏଥିସହିତ ଅନେକ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଫଳରେ ବିଭିନ୍ନ ଏୟାରପୋର୍ଟରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଉତ୍ତେଜନା ବୃଦ୍ଧି ପାଇଥିଲା।




ଟିକେଟ୍ ଅର୍ଥ ଫେରିପାଇବା ପାଇଁ ଲୋକେ କାଉଣ୍ଟରରେ ଅପେକ୍ଷା କରିଛନ୍ତି।

## ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ସମନ କରିବ ସଂସଦୀୟ କମିଟି

ନୂଆଦିଲ୍ଲୀ,୭।୧୨(ପି.ଟି.)

ଇଣ୍ଡିଗୋର ଅନେକ ଶହ ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବ ଯୋଗୁ ସାରା ଦେଶର ବିମାନବନ୍ଦରଗୁଡ଼ିକରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏକ ସଂସଦୀୟ କମିଟି ଉକ୍ତ ଏୟାରଲାଇନ୍ସର ଶୀର୍ଷ ଅଧିକାରୀ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ସମନ ଜାରି କରିବ ବୋଲି ଜଣାପଡ଼ିଛି। ଜେଡିୟୁ ନେତା ସଞ୍ଜୟ ଝା'ଙ୍କ ଅଧ୍ୟକ୍ଷତାରେ ଗଠିତ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ସଂସଦୀୟ ସ୍ଥାୟୀ କମିଟି ବିମାନସେବା ବ୍ୟାଘାତ ନେଇ ଇଣ୍ଡିଗୋ କର୍ତ୍ତୃପକ୍ଷ, ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀମାନଙ୍କଠାରୁ ସ୍ପଷ୍ଟୀକରଣ ମାଗିପାରେ। ଇଣ୍ଡିଗୋ ବିମାନସେବାରେ ସଙ୍କଟ ଯୋଗୁ ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ କମିଟି ଏହାକୁ ଗମ୍ଭୀରତାର ସହ ନେଇଛି। ଶୀତ ଅଧିବେଶନ ଚାଲିଥିବାବେଳେ ବିମାନ ବାତିଲ ଏବଂ ବିଳମ୍ବ କାରଣରୁ ଅନେକ ଏମ୍‌ପି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଘଟଣାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବା ପାଇଁ ଶନିବାର ସିପିଆଇ(ଏମ୍) ରାଜ୍ୟ ସଭା ସଦସ୍ୟ ଜନ୍ ବ୍ରିଟାସ୍ ଦାବି କରିଥିଲେ।

## ଆଜି ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

ନୂଆଦିଲ୍ଲୀ,୭।୧୨(ପି.ଟି.)

ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ସୋମବାର ଲୋକ ସଭାରେ ୧୦ ଘଣ୍ଟା ବିତର୍କ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିତର୍କ ଆରମ୍ଭ କରିବାକୁ ଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦ୍ୱିତୀୟ ବକ୍ତା ଭାବେ ଉଦ୍‌ବୋଧନ ଦେବେ। ଏହା ବ୍ୟତୀତ କଂଗ୍ରେସର ଉପନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ସଦସ୍ୟମାନେ ବିତର୍କରେ ଭାଗନେବେ।

୧୯୩୭ରେ ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଉକ୍ତ ଗୀତର ପ୍ରମୁଖ ପଂକ୍ତିଗୁଡ଼ିକୁ କଂଗ୍ରେସ ହଟାଇଦେଇ ବିଭାଜନର ମଞ୍ଜି ବୁଣିଥିଲା ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ ଅଭିଯୋଗ କରିଥିଲେ। ନଭେମ୍ବର ୭ରେ ପ୍ରଧାନମନ୍ତ୍ରୀ ବନ୍ଦେ ମାତରମ୍‌ର ୧୫୦ ବର୍ଷ ଅବସରରେ ଏହାକୁ ବର୍ଷବ୍ୟାପୀ ପାଳନ କରିବାକୁ ଘୋଷଣା କରିଥିଲେ। ରାଜ୍ୟ ସଭାରେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉକ୍ତ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିବେ। ଲୋକ ସଭାରେ ମଙ୍ଗଳବାର ଓ ବୁଧବାର ଏସ୍‌ଆଇଆର୍ ସମେତ ନିର୍ବାଚନ ସଂସ୍କାର ଉପରେ ବିତର୍କ ହେବ। ବୁଧବାର ଓ ଗୁରୁବାର ରାଜ୍ୟ ସଭାରେ ଆଲୋଚନା ହେବ। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିତର୍କରେ ବିପକ୍ଷ ଦଳର ନେତୃତ୍ୱ ନେବେ।

## ବେନିନ୍‌ରେ ସାମରିକ ବିଦ୍ରୋହ

କୋଟୋନୌ,୭।୧୨

ପଶ୍ଚିମ ଆଫ୍ରିକାର ବେନିନ୍‌ରେ ସୈନ୍ୟବାହିନୀର ଗୋଟିଏ ଗୋଷ୍ଠୀ ଆପାତତଃ ବିଦ୍ରୋହ ବଳରେ ଦେଶର ସରକାରକୁ ଭଙ୍ଗ କରିଥିବା ରବିବାର ରାଷ୍ଟ୍ରୀୟ ଟିଭି ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ଗୋଷ୍ଠୀ ନିଜକୁ ମିଲିଟାରୀ କମିଟି ଅଫ୍ ରିଫାଉଣ୍ଡେଶନ ବୋଲି କହିଛି। ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯିବା ସହ ଓ ରାଷ୍ଟ୍ରୀୟ ସଂସ୍ଥାକୁ ଦଖଲକୁ ନିଆଯାଇଥିବା ମିଲିଟାରୀ କମିଟି ଗଣମାଧ୍ୟମକୁ ସୂଚନା ଦେଇଛି। ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପାସ୍କାଲ ଟିଗ୍ରିଙ୍କୁ ସାମରିକ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ସୈନ୍ୟମାନେ କହିଛନ୍ତି। ଅନ୍ୟପକ୍ଷରେ ସେନା ବିଦ୍ରୋହକୁ ପଣ୍ଡ କରାଯାଇଥିବା ବେନିନ୍ ଗୃହମନ୍ତ୍ରୀ ଆଲାସାନେ ସେଇଡୋଉ ଏକ ଫେସ୍‌ବୁକ୍ ଭିଡିଓ ଜରିଆରେ କହିଛନ୍ତି। ଦେଶ ଏବଂ ସରକାରରେ ଅସ୍ଥିରତା ସୃଷ୍ଟି ଲକ୍ଷ୍ୟରେ କେତେଜଣ ସୈନ୍ୟ ବିଦ୍ରୋହ ଆରମ୍ଭ କରିଥିଲେ। ବେନିନ୍ ସଶସ୍ତ୍ର ବଳ ତାହାକୁ ପଣ୍ଡ କରିଦେଇଥିବା ସେଇଡୋଉ କହିଛନ୍ତି। ସୂଚନାଯୋଗ୍ୟ, ଏହି ଦକ୍ଷିଣ ଆଫ୍ରିକୀୟ ଦେଶ ୧୯୬୦ରେ ଫ୍ରାନ୍ସଠାରୁ ସ୍ୱାଧୀନ ହେବା ପରେ ଅନେକ ଥର ସାମରିକ ବିଦ୍ରୋହର ସମ୍ମୁଖୀନ ହେଲାଣି। ତେବେ ୧୯୯୧ରୁ ସେଠାରେ ରାଜନୈତିକ ସ୍ଥିରତା ରହିଆସିଥିଲା। ୨୦୧୬ରୁ ରାଷ୍ଟ୍ରପତି ପାଟ୍ରିସ୍ ଟାଲୋନ୍ କ୍ଷମତାରେ ଅଛନ୍ତି। ଆସନ୍ତାବର୍ଷ ଏପ୍ରିଲରେ ନିର୍ବାଚନ ପରେ ସେ କ୍ଷମତାରୁ ହଟିବେ। ତାଙ୍କ ସମର୍ଥିତ ପ୍ରାର୍ଥୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ରୋମୁଆଲ୍ଡ ୱାଡଗ୍ନି ନିର୍ବାଚନ ଜିତିବା ନେଇ ଜନମତ ପ୍ରକାଶ ପାଇଛି।



ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ରବିବାର ନୂଆଦିଲ୍ଲୀରେ ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ।

## କାର୍ଯ୍ୟରୁ ମୁକ୍ତି ପାଇଁ ମୃତଦେହକୁ ଫିଙ୍ଗିଦେଲା ୟୁପି ପୋଲିସ

ମୀରଟ,୭।୧୨

ଉତ୍ତରପ୍ରଦେଶ ପୋଲିସ କାର୍ଯ୍ୟରୁ ବର୍ତ୍ତିବା ପାଇଁ ଏକ ମୃତଦେହକୁ ନେଇ ବାହାରେ ଫିଙ୍ଗିଦେବା ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୀରଟର ଲୋହିୟାନଗର ଅଞ୍ଚଳରେ ଶୁକ୍ରବାର ସକାଳେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଏକ ଦୋକାନ ବାହାରେ ପଡ଼ିଥିବା ଦେଖି ଦୋକାନୀମାନେ ଭୟଭୀତ ହୋଇଯାଇଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ସେମାନେ ଆହୁରି ଚକିତ ହୋଇଥିଲେ। କେତେଜଣ ପୋଲିସ କର୍ମଚାରୀ ବିଳମ୍ବିତ ରାତିରେ ଉକ୍ତ ମୃତଦେହକୁ ଆଣି ଦୋକାନ ସମ୍ମୁଖରେ ଫିଙ୍ଗି ପଳାଉଥିବା ଉକ୍ତ ଫୁଟେଜ୍‌ରୁ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆରେ ଉକ୍ତ ଭିଡିଓ ଭାଇରାଲ ହେବା ପରେ ଉତ୍ତେଜନା ପ୍ରକାଶ ପାଇବାରୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୀରଟ ଏସ୍‌ଏସ୍‌ପି ବିପିନ ଟାଡା ଏଲ୍-ବ୍ଲକ୍ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଜିତେନ୍ଦ୍ର କୁମାର ଏବଂ କନ୍‌ଷ୍ଟେବଲ ରାଜେଶଙ୍କୁ ନିଲମ୍ବନ କରିବା ସହ ହୋମ୍‌ଗାର୍ଡ ରୋହତାଶଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସିଟି ଏସ୍‌ପି ଆୟୁଷ ବିକ୍ରମ ସିଂଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ଟାଡା କହିଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ଏଲ୍-ବ୍ଲକ୍ ଫାଣ୍ଡି ଅଞ୍ଚଳରେ ଅପରିଚିତ ଯୁବକଙ୍କ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପ୍ରକ୍ରିୟା ଓ ଅନ୍ୟାନ୍ୟ କାର୍ଯ୍ୟରୁ ମୁକ୍ତି ପାଇବା ପାଇଁ ସମ୍ପୃକ୍ତ ଫାଣ୍ଡିର ପୋଲିସ ମୃତଦେହକୁ ରାତାରାତି ଅନ୍ୟ ଏକ ଫାଣ୍ଡି ଅଞ୍ଚଳ କାଜିପୁରରେ ଥିବା ଏକ ଦୋକାନ ଆଗରେ ଫିଙ୍ଗିଦେଇଥିଲେ। ଶୁକ୍ରବାର ସକାଳେ ମୃତଦେହ ଦେଖି ଦୋକାନୀ ରୋନିତ୍ ବୈଂଶଲ ପୋଲିସକୁ ଜଣାଇଥିଲେ।

## ଗାଡ଼ି ଧକ୍କାରେ ଚିତା ଶାବକ ମୃତ

ଗ୍ୱାଲିୟର,୭।୧୨(ପି.ଟି.)

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ (କେଏନ୍‌ପି)ରୁ ବାହାରକୁ ଚାଲିଆସିଥିବା ଏକ ଚିତାବାଘ ଶାବକ ରବିବାର ସକାଳେ ଗାଡ଼ି ଧକ୍କାରେ ପ୍ରାଣ ହରାଇଛି। ଗ୍ୱାଲିୟର ଜିଲାର ଘଟିଗାଁଓ ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି ବୋଲି ପୋଲିସ ଆଇଜି ଅରବିନ୍ଦ ସାକ୍ସେନା କହିଛନ୍ତି। ୨୦ ମାସର ଚିତା ଶାବକ କେଏନ୍‌ପି ବାହାରକୁ ଚାଲିଆସିବା ସହ ମା'ଠାରୁ ଅଲଗା ହୋଇଯାଇଥିଲା। ମା' ଚିତାବାଘଠାରୁ ଏହାର ୨ଟି ଛୁଆ ଅଲଗା ହୋଇଯାଇଥିବାବେଳେ ପୂର୍ବରୁ ସେମାନେ ଏକାଠି ବୁଲୁଥିବା ଦେଖାଯାଇଥିଲା। କୌଣସି ପ୍ରକାର ଅଘଟଣରୁ ବର୍ତ୍ତିବା ପାଇଁ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକର ବେଗ କମ୍ କରାଯାଇଥିଲା ବୋଲି ସାକ୍ସେନା କହିଛନ୍ତି। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଶାବକଟିକୁ ଖୋଜୁଛନ୍ତି। ଗତ ଶୁକ୍ରବାର ମଧ୍ୟ ଏକ ଚିତା ଶାବକର ମୃତ୍ୟୁ ଘଟିଥିଲା।

## ବାଘ ଆତଙ୍କ: ଉତ୍ତରାଖଣ୍ଡର ୫୫ ସ୍କୁଲ ବନ୍ଦ

ଡେରାଡୁନ୍,୭।୧୨

ଉତ୍ତରାଖଣ୍ଡର ପୌରି ଜିଲାରେ କଲରାପତରିଆ ବାଘ ଆତଙ୍କ ଯୋଗୁ ୫୫ ସ୍କୁଲକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଉକ୍ତ ସ୍କୁଲଗୁଡ଼ିକର ପିଲାମାନଙ୍କୁ ଅନ୍‌ଲାଇନ ମୋଡ୍‌ରେ ପାଠପଢ଼ା ଯାଉଛି। ଜିଲାର ଜନବସତି ଅଞ୍ଚଳରେ କିଛିଦିନ ହେଲା ଗୋଟିଏ କଲରାପତରିଆ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଥିଲେ। ଗତ ସପ୍ତାହରେ ବାଘଟି ସ୍ପଷ୍ଟ ଦିବାଲୋକରେ ଜଣଙ୍କୁ ମାରିଦେବା ପରେ ସ୍ଥାନୀୟ ଲୋକଙ୍କ ଭୟ ଆହୁରି ବଢ଼ିଯାଇଛି। ଫଳରେ କୋଭିଡ୍ ସମୟର ଲକ୍‌ଡାଉନ୍ ଭଳି ସ୍ଥିତି ଦେଖାଯାଉଛି। ଲୋକେ ଘରୁ ବାହାରିପାରୁ ନାହାନ୍ତି। ସାଧାରଣ ଜୀବନଯାତ୍ରା ଏକପ୍ରକାର ଅଚଳ ହୋଇପଡ଼ିଛି। ଆମେ ଆତ୍ମଘୋଷିତ ଲକ୍‌ଡାଉନ୍‌ରେ ରହିବା ଭଳି ଅନୁଭବ କରୁଛୁ ବୋଲି ବଲବୀର ସିଂ ରାଓ୍ୱତ୍ ନାମକ ଗ୍ରାମବାସୀ କହିଛନ୍ତି।

## ୧୨୫ ବିଆର୍‌ଓ ପ୍ରକଳ୍ପ ରାଷ୍ଟ୍ରକୁ ଉତ୍ସର୍ଗ କଲେ ପ୍ରତିରକ୍ଷା ମନ୍ତ୍ରୀ

ଲେହ,୭।୧୨

ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ୧୨୫ଟି ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲେହ୍‌ରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦେଶର ସୀମାନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ଏହା ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପଗୁଡ଼ିକ ୫,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା ଲଦାଖ ଏବଂ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ, ଅରୁଣାଚଳପ୍ରଦେଶ, ସିକିମ୍, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ମିଜୋରାମକୁ ବ୍ୟାପିଛି। ଏଥିରେ ୨୮ଟି ରାସ୍ତା, ୯୩ଟି ବ୍ରିଜ୍ ଏବଂ ୪ଟି ଅନ୍ୟାନ୍ୟ କାର୍ଯ୍ୟ ରହିଛି। ବିଆର୍‌ଓ ଇତିହାସରେ ଏହା ଗୋଟିଏ ଦିନରେ ସର୍ବାଧିକ ଏବଂ ସବୁଠୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ। ଏହି କାର୍ଯ୍ୟକ୍ରମରେ ଲଦାଖ ଉପରାଜ୍ୟପାଳ କବିନ୍ଦର ଗୁପ୍ତା ଉପସ୍ଥିତ ଥିଲେ। ପ୍ରତିରକ୍ଷା ଉତ୍ପାଦନରେ ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପ୍ରତିରକ୍ଷା ପାଇଁ ଆମଦାନୀ ଉପରେ ନିର୍ଭର କରୁଥିବା ଭାରତ ଏବଂ ଉତ୍ପାଦନ ଓ ରପ୍ତାନିକାରୀ ରାଷ୍ଟ୍ରର ପରିଚୟ ହାସଲ କରିଛି ବୋଲି ରାଜନାଥ କହିଛନ୍ତି। ୨୦୧୪ରେ ଭାରତରେ ପ୍ରତିରକ୍ଷା ଉତ୍ପାଦନ ୪୬,୦୦୦ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧.୫୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୧୦ ବର୍ଷ ପୂର୍ବେ ଭାରତର ପ୍ରତିରକ୍ଷା ରପ୍ତାନି ୧,୦୦୦ କୋଟି ଟଙ୍କାରୁ କମ୍ ଥିବାବେଳେ ଏବେ ପ୍ରାୟ ୨୪,୦୦୦ କୋଟି ଟଙ୍କାରେ ପହଞ୍ଚିଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# ନାଇଟ୍ କ୍ଲବ୍ ନିଆଁ ଆପରାଧିକ ଅବହେଳା: କଂଗ୍ରେସ

ନୂଆଦିଲ୍ଲୀ/ପଣଜୀ,୭।୧୨

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍ ' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଶାସକ ଭାଜପାର ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୋକବ୍ୟକ୍ତ କରିବା ସହ କହିଛନ୍ତି, ଅପୂରଣୀୟ କ୍ଷତି ଘଟିଥିବା ଏଭଳି ଅଘଟଣକୁ ଏଡ଼ାଯାଇ ପାରିଥାଆନ୍ତା। କେଉଁ କାରଣରୁ ନିଆଁ ଲାଗିଲା ଓ ଏଥିପାଇଁ କିଏ ଦାୟୀ ତାହା ସ୍ପଷ୍ଟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ। ଉତ୍ତରଦାୟିତ୍ୱ ସ୍ଥିର କରି ତତ୍କାଳ ପଦକ୍ଷେପ ନିଆଗଲେ ହିଁ ଆଗକୁ ଏଭଳି ଘଟଣାର ପୁନରାବୃତ୍ତିକୁ ଏଡ଼ାଇହେବ। ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି, ଏହା ଏକ ଦୁର୍ଘଟଣା ନୁହେଁ। ନିରାପତ୍ତା ଓ ଶାସନର ଆପରାଧିକ ବିଫଳତା ଯୋଗୁ ଏତେ ବଡ଼ ଅଗ୍ନିକାଣ୍ଡ ଘଟିଛି। ବିସ୍ତୃତ ଭାବେ ସ୍ୱଚ୍ଛତାର ସହ ତଦନ୍ତ କରାଯାଉ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଅବହେଳାକୁ ଦାୟୀକରି ଅଗ୍ନି ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଫୋନ୍‌ରେ କଥା ହୋଇଛନ୍ତି। ମୋଦି ସ୍ଥିତି ଉପରେ ତାଙ୍କୁ ପଚାରି ବୁଝିବା ସହ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେଉଥିବା ବିଷୟ କହିଛନ୍ତି।



ଅଗ୍ନିକାଣ୍ଡରେ ଭସ୍ମୀଭୂତ ଉତ୍ତର ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍।

## ନାଇଟ୍ କ୍ଲବ୍ ନିଆଁ: କେବେ କେଉଁଠି

**୨୦୧୫ ଅକ୍ଟୋବର ୩୦:** ରୋମାନିଆର ବୁଚାରେଷ୍ଟସ୍ଥିତ କଲେକ୍ଟିଭ୍ ନାଇଟ୍ କ୍ଲବ୍‌ରେ ନିଆଁ ଲାଗିଯିବାରୁ ୬୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ୧୪୬ ଜଣ ଆହତ ହୋଇଥିଲେ। ପଲିଟେକ୍ନିକ୍ ଇଫେକ୍ଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଥିଲା।

**୨୦୧୬ ଡିସେମ୍ବର ୨:** ଆମେରିକାର କାଲିଫର୍ନିଆସ୍ଥିତ ଓକ୍‌ଲାଣ୍ଡରେ ଥିବା 'ଘୋଷ୍ଟ ଶିପ୍' ୱେର୍‌ହାଉସ୍‌ରେ ଇଲେକ୍ଟ୍ରୋନିକ୍ ମ୍ୟୁଜିକ୍ ତାଳେ ତାଳେ ଲୋକେ ଝୁମୁଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏହି ନାଇଟ୍ କ୍ଲବ୍ ନିଆଁରେ ୩୬ ଜଣଙ୍କ ଜୀବନ ଯାଇଥିଲା।

**୨୦୨୨ ଜାନୁଆରୀ ୨୩:** କାମେରୁନ୍‌ର ୟାଓଉଣ୍ଡେସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ବାଣରୁ ନିଆଁ ଲାଗିଯିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୨୨ ଜାନୁଆରୀ ୨୫:** ଇଣ୍ଡୋନେସିଆର ୱେଷ୍ଟ ପପୁଆ ପ୍ରଦେଶ ସୋରୋଙ୍ଗସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ବେଳେ ଅଗ୍ନିକାଣ୍ଡ ଘଟିବାରୁ ୧୯ ଜଣ ପ୍ରାଣ ହରାଇଥିଲେ।

**୨୦୨୨ ଅଗଷ୍ଟ ୫:** ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଥିବା ମାଉଣ୍ଟେନ୍ ବି ନାଇଟ୍ କ୍ଲବ୍‌ରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ୨୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

୨୦୨୩ ଅକ୍ଟୋବର ୧: ସ୍ପେନ୍‌ର ମୁର୍ସିଆସ୍ଥିତ ଏକ ନାଇଟ୍ କ୍ଲବ୍ ପରିସରରେ ବୈଦ୍ୟୁତିକ ତ୍ରୁଟି ଯୋଗୁ ଅଗ୍ନିକାଣ୍ଡ ଘଟିବାରୁ ୧୩ ଜଣଙ୍କ ଜୀବନ ଯାଇଥିଲା।

**୨୦୨୪ ଏପ୍ରିଲ ୨:** ତୁର୍କୀର ଇସ୍ତାନବୁଲସ୍ଥିତ ମାସ୍କ୍ୟୁରେଡ୍ ନାଇଟ୍ କ୍ଲବ୍‌ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବାବେଳେ ଅଗ୍ନିକାଣ୍ଡରେ ୨୯ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୨୫ ମାର୍ଚ୍ଚ ୧୬:** ନର୍ଥ ମାସେଡୋନିଆର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟିବାରୁ ୬୨ ପ୍ରାଣ ହରାଇଥିଲେ।

# ଖର୍ଚ୍ଚ ହୋଇପାରୁନି ମିନି ଷ୍ଟାଡିୟମ ଟଙ୍କା

## ବ୍ୟାଙ୍କ ଖାତାରେ ଗଡୁଛି ୧୩୦୦କୋଟି

ଭୁବନେଶ୍ୱର,୭।୧୨
(ରବିନାରାୟଣ ଜେନା)

ରାଜ୍ୟରେ ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୫-୨୬ ଆର୍ଥିକବର୍ଷରେ ୧୩୦୦କୋଟି ଟଙ୍କା ନିର୍ମାଣକାରୀ ସଂସ୍ଥା ତଥା ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଆଦିକୁ ହସ୍ତାନ୍ତର ହୋଇଛି। ହେଲେ ସମ୍ପୃକ୍ତ ବିଭାଗ ପକ୍ଷରୁ ମିନି ଷ୍ଟାଡିୟମ ନିର୍ମାଣ ନେଇ ଯେଉଁଭଳି ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବା କଥା ହେଉନାହିଁ। ବ୍ୟାଙ୍କରେ ସରକାରଙ୍କ ଟଙ୍କା ଗଡୁଥିବାବେଳେ ବିଭାଗର ଖର୍ଚ୍ଚ ହାର ବଢ଼ିପାରୁ ନାହିଁ କି କ୍ରୀଡ଼ା ପ୍ରୋତ୍ସାହନ ଯୁବବର୍ଗଙ୍କୁ ମିଳି ପାରୁନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାପାଇଁ ଚଳିତବର୍ଷ ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରିବାପାଇଁ ନିଷ୍ପତ୍ତି ନେଇଛି। ଏହି ମିନି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ ପଡ଼ିଆ, ଥ୍ରୋ ଏବଂ ଜମ୍ପ କ୍ଷେତ୍ର ସହିତ ଆଥ୍‌ଲେଟ ଟ୍ରାକ୍, ଭଲିବଲ/ ଖୋ ଖୋ/ କବାଡି କୋର୍ଟ, ଇନ୍‌ଡୋର ହଲ ସୁବିଧା କେନ୍ଦ୍ର ଆଦିର ବ୍ୟବସ୍ଥା କରାଯିବାକୁ ରହିଛି। ତେବେ ଏହି ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ଲାଗି ପ୍ରତି ବ୍ଲକରେ ୧୦ରୁ ୧୨ ଏକର ଉପଯୁକ୍ତ ଜମିର ଆବଶ୍ୟକତା ରହିଛି। ଏଥିପାଇଁ ଜିଲା ପ୍ରଶାସନକୁ ଜମି ଚିହ୍ନଟ କରି ସରକାରଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଇନ୍‌ଡୋର ହଲ୍ ସହିତ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୧୪.୫୦କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଥିବାବେଳେ ଇନ୍‌ଡୋର ହଲ ନ ଥିବା ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୮କୋଟି ଟଙ୍କା ବ୍ୟୟ କରାଯିବାକୁ ଯୋଜନା ରହିଛି। ଏ ବାବଦକୁ ୪୧୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୯ ସୁଦ୍ଧା ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ ଏବଂ ଇଡ୍‌କୋକୁ ପ୍ରଦାନ କରାଯାଇଛି। ତେବେ କେଉଁ ବ୍ଲକରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହେଉ ନ ଥିବାବେଳେ ଆଉ କେଉଁଠାରେ ଡିପିଆର୍ ପ୍ରସ୍ତୁତ ହୋଇପାରୁ ନାହିଁ। ଫଳରେ ସରକାରଙ୍କ ମିନି ଷ୍ଟାଡିୟମ ଯୋଜନା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ଯାତ୍ରା ହାସ୍ୟ ଅଭିନେତାଙ୍କ ମୃତ୍ୟୁ

ଭଦ୍ରକ,୭।୧୨(ସନାତନ ରାଉତ)


ଗୁରୁ ପୃଷ୍ଟି

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର ଛକଠାରେ ରବିବାର ରାତି ୯ଟା ବେଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାତ୍ରା 'ଇନ୍ଦ୍ରଭୁବନ'ର ହାସ୍ୟ ଅଭିନେତା ଗୁରୁ ପୃଷ୍ଟି(୩୦)। ସୂଚନା ଅନୁଯାୟୀ, ଧାମନଗର ବ୍ଲକ୍‌ର ଷେଣ୍ଢପୁରଠାରେ ଯାତ୍ରା ଇନ୍ଦ୍ରଭୁବନର କ୍ୟାମ୍ପ ପଡ଼ିଛି। ସେଠାରେ ଯାତ୍ରା କରିବା ପାଇଁ ଗୁରୁ ଭଦ୍ରକରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ବାଇକ୍‌ରେ ଯାଉଥିବାବେଳେ ଚିଙ୍ଗୁଡ଼ିପୁର ଛକରେ ଦୁର୍ଘଟଣା ଘଟିଥିଲା। ଏକ ଟ୍ରକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବରରେ କଳାକାର ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବିହାରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

## ଓଏସ୍‌ଏସ୍‌ସି ଜେଇ ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା


ଗିରଫ ଅଭିଯୁକ୍ତ ରାଜମୋହନ ପ୍ରସାଦ

- ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା କ୍ରାଇମ୍‌ବ୍ରାଞ୍ଚ
- ପୂର୍ବରୁ ଗିରଫ ହୋଇଥିଲେ ୨୬ ଅଭିଯୁକ୍ତ

ଭୁବନେଶ୍ୱର,୭।୧୨(ସତ୍ୟଜିତ ରାଉତ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ଜେଇ (ସିଭିଲ୍) ମେନ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସମସ୍ତିପୁର ଜିଲା ଖାନପୁର ଥାନା ଅଞ୍ଚଳର ରାଜମୋହନ ପ୍ରସାଦ (୩୫)। ଶନିବାର ରାଜମୋହନଙ୍କୁ ଗିରଫ ପରେ ସମସ୍ତିପୁର ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ରାଜମୋହନଙ୍କୁ ଜେରାକରି କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ପ୍ରୟାସ ଚଳାଇଛି। ରାଜମୋହନଙ୍କୁ ମିଶାଇ ଏହି ମାମଲାରେ ଗିରଫଦାରି ସଂଖ୍ୟା ୨୭ରେ ପହଞ୍ଚିଛି। ଏଥିସହ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ରାଜମୋହନ ଅନ୍ୟ ଅଭିଯୁକ୍ତ ବିଶାଳ କୁମାର, ବିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଓ ସେମାନଙ୍କର ସହଯୋଗୀଙ୍କ ସହିତ ଲିକ୍ ପ୍ରଶ୍ନପତ୍ର ନେଇ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ପୂର୍ବାଶା ହୋଟେଲର କନଫରେନ୍ସ ହଲକୁ ଆସିଥିଲେ। ପ୍ରଶ୍ନପତ୍ର ଦେବାର ଲୋଭ ଦେଖାଇ ପ୍ରାୟ ୮୭ଜଣ ପରୀକ୍ଷାର୍ଥୀଙ୍କୁ ସେହି ସ୍ଥାନକୁ ଡକାଯାଇଥିଲା। ଖବରପାଇ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ହେଲେ ଅଭିଯୁକ୍ତ ରାଜମୋହନ ନିଜ କାର୍ ଛାଡି ଫେରାର ହୋଇଯାଇଥିଲେ। ରାଜମୋହନ ଏହି କ୍ରାଇମ୍ ସିଣ୍ଡିକେଟ୍‌ର ଜଣେ ସକ୍ରିୟ ସଦସ୍ୟ ଭାବେ ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରି ପ୍ରଶ୍ନପତ୍ର ଦେବାର ମିଛ ପ୍ରତିଶ୍ରୁତି ଦେଉଥିଲେ। ପୋଲିସ ଗିରଫଦାରିରୁ ବର୍ତ୍ତିବା ଲାଗି ସେ ନିୟମିତ ସ୍ଥାନ ବଦଳାଇ ଚାଲିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧୬ରେ ଜେଇ (ସିଭିଲ୍) ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ସୂଚନା ମିଳିଥିଲା। ତେବେ ବାଲେଶ୍ୱର ପୋଲିସ ଉକ୍ତ ହୋଟେଲରୁ ପ୍ରଥମେ ୯ଜଣଙ୍କୁ ଗିରଫ କରିବା ପରେ ସହଦେବଖୁଣ୍ଟା ମଡେଲ୍ ଥାନାରେ ଏକ ମାମଲା (ନଂ.୩୦୩/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି ବାଲେଶ୍ୱର ପୋଲିସ କହିଥିଲା। ୨୦୨୩ ସେପ୍ଟେମ୍ବର ୩ରେ ହାଇକୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ୨୦୨୩ ସେପ୍ଟେମ୍ବର ୧୪ରେ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି।

## ପିହୁଙ୍କ ମା'ଙ୍କୁ ଫୋନରେ ହତ୍ୟା ଧମକ

ବିଞ୍ଝାରପୁର,୭।୧୨(ରାମକୃଷ୍ଣ ଦାସ): ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁଙ୍କ ମା' ମୋନାଲିସା ନାୟକଙ୍କୁ ଫୋନରେ ମିଳୁଛି ହତ୍ୟା ଧମକ। ଜୀବନ ପ୍ରତି ବିପଦ ଥିବାରୁ ସେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨ ମାସ ହେବ ମୋନାଲିସାଙ୍କ ମୋବାଇଲକୁ ୩ଟି ନମ୍ବରରୁ ଫୋନ ଆସୁଛି। ଫୋନ୍ କରୁଥିବା ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମୋନାଲିସା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ.୫୬୭/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କୁନିଝିଅ ପିହୁ ଗାଁଦାଣ୍ଡରେ ଖେଳୁଥିବାବେଳେ ୯।୮।୨୦୨୦ରେ ନିଖୋଜ ହୋଇଯାଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳୁନାହିଁ।

A LEGACY THAT
CONTINUES TO INSPIRE



SURESH CHANDRA AGARWAL
1948 : 2020

"In Memory of a life so beautifully lived..
a heart so deeply loved"

"A visionary leader whose strength was beautifully balanced by humility. Throughout your life, you touched every heart with your kindness, compassion and generosity. Your wisdom, dedication and values continue to guide and inspire us every day.

With deep reverence and eternal love in our hearts, today on your
5th Death Anniversary
We cherish your legacy and strive to uphold your principles with pride and sincerity."

FONDLY REMEMBERED AND DEEPLY MISSED BY
FAMILY, FRIENDS, AND EMPLOYEES

Ajanta ADVERTISERS Leading Out-Of-Home Media Owner | TANISHA'S e-WORLD

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

CONGRATULATIONS
Making Odisha Proud

KHELO INDIA UNIVERSITY GAMES 2025

KIIT shines at KHELO INDIA UNIVERSITY GAMES (KIUG) 2025

Top Medal Holders in Eastern Region | 7th among 222 Universities | 3 Meet Records


KIIT MEN'S TENNIS TEAM WINS GOLD


KIIT MEN'S RUGBY TEAM WINS GOLD


KIIT WOMEN'S HOCKEY TEAM WINS GOLD


KIIT WOMEN'S RUGBY TEAM WINS GOLD


KIIT 4X100M RELAY MEN'S TEAM WINS GOLD


MAGANTI KEERTHI WINS GOLD IN WOMEN'S WEIGHTLIFTING (86KG)


SAMARDEEP SINGH GILL WINS GOLD IN MEN'S SHOT PUT


KIIT WOMEN'S VOLLEYBALL TEAM WINS SILVER


KIIT WOMEN'S SWIMMING TEAM WINS 10 MEDALS & 1ST RUNNERS UP


ISHA NEHI WINS GOLD IN WOMEN'S HEPTATHLON


KHOIROM REJIYA DEVI WINS GOLD IN WOMEN'S CYCLING INDIVIDUAL PURSUIT


RITHVIKA MITTAPALLI WINS GOLD IN WOMEN'S 50M BREASTSTROKE

21 MEDALS | 10 GOLD MEDALS | 3 SILVER MEDALS | 8 BRONZE MEDALS

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍ ୧, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ ଆନୁକୂଲ୍ୟରେ ବିକ୍ଷୋଭ ସମାବେଶ, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବସନ୍ତ ବାହାର ସଙ୍ଗୀତ ଏକାଡେମୀ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପୂର୍ବତନ ଯାଜପୁର ସାଂସଦ ସ୍ୱର୍ଗତ ମୋହନ ଜେନାଙ୍କ ୩ୟ ପୁଣ୍ୟତିଥି, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।
- ହେ ମହାବାହୁ ଭକ୍ତି ସଙ୍ଗୀତ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ହୋଟେଲ୍ ଷ୍ଟଲ ଓ୍ୱାର୍ଡ ଯଯାତି, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଆଠଗଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁସୂଦନ ନଗର ଉନ୍ନୟନ ସମିତି ପକ୍ଷରୁ ଶଶିକାନ୍ତ ମିଶ୍ର ରଚିତ ବିପ୍ଳବୀ ମଧୁସୂଦନମ୍ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ମଧୁସୂଦନ ପାଠାଗାର, ତୁଳସୀପୁର, ସମୟ: ସନ୍ଧ୍ୟା ୫ଟା ୩୦।

## ପୁରୀ

- କ୍ଷତିପୂରଣ ଦାବିରେ ଧାରଣା, ସ୍ଥାନ: ମାଳତୀପାଟପୁର, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା୩୦।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।

## ବାଲେଶ୍ୱର

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାର୍କୋଣା, ସମୟ: ପୂର୍ବାହ୍ନ ୯ଟା।

## ଭଦ୍ରକ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୌତମ ଓ ପମିଙ୍କ ଝୁମର ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ରାତି ୭ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବାଲିପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନଜୀବୀ ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ସିଂହଙ୍କର ଛାୟାଚିତ୍ର ଅନାବରଣ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ : ଅପରାହ୍ନ ସାଢେ ୩ଟା।

## କେନ୍ଦ୍ରାପଡ଼ା

- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ତେଲିପାଟଣା ଖେଳପଡିଆ, ଆଳି, ପୋଲିସ ଖେଳପଡିଆ, ରାଜକନିକା, ପଞ୍ଚାୟତ ଖେଳପଡିଆ, ଖମାରସାହି, ରାଜନଗର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର, ସ୍ଥାନ : ଧର୍ମଶାଳା ବ୍ଲକ ୧୪ ନମ୍ବର ଜୋନ୍‌ର ମିର୍ଜାପୁର, ସମୟ: ସକାଳ ୯ଟା।
- ଅଧ୍ୟାପିକା ରୀନା ମହାପାତ୍ରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ବ୍ୟାସଦେବ ଟାଉନ ହଲ, ସମୟ: ସକାଳ ୯ଟା୩୦।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ୫ମ ଦିବସରେ ବ୍ରହ୍ମଗିରିର ସୀତା ଠାବ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ: ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବ ଆରମ୍ଭ, ସ୍ଥାନ: ସିଟି ସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୫ମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ରଥଗଡ଼ା ଛକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ ୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିଶନ) ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ୍
- ସମୟ: ପୂର୍ବାହ୍ନ ୧୧ଟା ୩୦
- ମଞ୍ଚସ୍ଥ ହେବ ମଣ୍ଡେଇ ମଞ୍ଚ ନାଟକ ଅନ୍ଧକାରର ସୂର୍ଯ୍ୟ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, ଡୁମୁରିପଦର, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମିନି ମାରାଥନ୍, ସ୍ଥାନ: କୋରୁକୁଣ୍ଡା ରୋଡ୍ ଏମ୍‌ଭି-୧୧ରୁ ବୁଟିଗୁଡା ବିଦ୍ୟାଳୟ, ସମୟ: ସକାଳ ୬ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- କଳମ ପରିବାର ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି ଆୟୁଷ କଲେଜ, ସମୟ: ସକାଳ ୯ଟା।
- ସାଂସଦ ଖେଳ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ମାର୍ଟ ମୋବିଲିଟି ସମ୍ପର୍କିତ ଅନ୍ତର୍ଜାତୀୟ ଆଲୋଚନା, ସ୍ଥାନ: ଏନ୍‌ଆଇଟି ରାଉରାକେଲା, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବିଜ୍ଞାନ ମେଳା ଅବସରରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଖେଦାପାଲି ଟୁକୁର୍ଲା, ବରଗଡ଼, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ:କଲମପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉଲୁଣ୍ଡା ବ୍ଲକ ସିଙ୍ଘୋଲରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିଙ୍ଘୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ରର ସାଧାରଣ ସଭା, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ ଆଶ୍ରମ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଭାଗବତ ପାଠ ପାଳନ, ସ୍ଥାନ :ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ବାଲ୍ମୀକି ରାମାୟଣ ପଠନ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ବନ୍ଧୁମିଳନରୁ ଖୁସି ରହିବେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବର୍ଦ୍ଧକ ହେବ। ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି। ସାହିତ୍ୟାନୁରାଗପୂର୍ବକ ରଚନାତ୍ମକ କାମରେ ମନୋନିବେଶ କରି ସହକର୍ମୀଙ୍କ ପ୍ରଶଂସାଭାଜନ ହେବେ।

**ବୃଷ** ଆପଣଙ୍କ ରାଶିକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ପାଇଁ ଦିନଟି ବହୁତ ଭଲ ମାତ୍ର ବିବାଦୀୟ ପରିସ୍ଥିତିଜନିତ ସମସ୍ୟା ବୃଦ୍ଧି ପାଇପାରେ। କାର୍ଯ୍ୟଦକ୍ଷତା ଓ ଦୂରଦର୍ଶିତା ଗୁଣ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** କର୍ମାଧିପ ବୃହସ୍ପତି ରାଶିରେ ଅବସ୍ଥାନ କରୁଥିବାରୁ ସନ୍ତାନ ହେତୁକ ଗୌରବ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ସତ୍‌ସଙ୍ଗ, ଭ୍ରମଣ, ସଭାସମିତି, ଜମିଜମା ସମ୍ପର୍କିତ ଆଲୋଚନା ଫଳପ୍ରଦ ହେବ। ଆର୍ଥିକ ସ୍ଥିତି ମଜଭୁତ ରହିବା ସହ ଲୋକସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଆଜି ରାଶିରେ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ଆଧ୍ୟାତ୍ମିକତା, ଭ୍ରମଣସୁଖ, ପୁଞ୍ଜିଲଗାଣ ପାଇଁ ଭଲ ରହିବ। କୋଣଭାବସ୍ଥ ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନର ମଉକା ପାଇବେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ସିଂହ** ଚତୁର୍ଥକେନ୍ଦ୍ରସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ପାର୍ଟିରେ ଯୋଗ ଦେଇପାରନ୍ତି। ସହକର୍ମୀଙ୍କ ସହ ସୁସମ୍ପର୍କ ଯୋଡିବାରେ ସଫଳତା ପାଇବେ। ସାମାଜିକ ସ୍ତରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ଧନସ୍ଥାନରେ କେତୁଙ୍କ ସ୍ଥିତିଜନିତ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶିକୁ ଶନି ଅବଲୋକନ କରୁଥିବାରୁ ଶିଥିଳତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରନ୍ତି। ଦୈହିକ ସ୍ୱାସ୍ଥ୍ୟରେ ଅବନତି ଘଟିବା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇ ନ ପାରେ।

**ତୁଳା** ଧନାଧିପ ମଙ୍ଗଳଙ୍କ ପ୍ରତି ଷଷ୍ଠାଧିପ ଗୁରୁଦୃଷ୍ଟି ଅର୍ଥସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ଆଶଙ୍କା ଦେଖାଦେବ। ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। କର୍ମାଧିପ ସ୍ୱଗୃହରେ ରହିଥିବାରୁ ପଦସ୍ଥବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୁଯୋଗ ଲାଭ କରିପାରନ୍ତି।

**ବିଛା** ମୁଖଭାବରେ ମଙ୍ଗଳ ଯୋଗୁ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ଦୁଃଖର କାରଣ ହେବ। କର୍ମଭାବସ୍ଥ କେତୁଜନିତ ସଫଳତା ପାଇବା କଷ୍ଟକର ହେବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବା ସାଙ୍ଗକୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିପାରନ୍ତି।

**ଧନୁ** ଦ୍ୱାଦଶସ୍ଥ ଗ୍ରହଜନିତ କର୍ମାରମ୍ଭର ପ୍ରାଥମିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେବେ। ଅର୍ଥ ସାହାଯ୍ୟର ଆଶା ନେଇ ବନ୍ଧୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ। ଶତ୍ରୁତା କାରଣରୁ ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସୂଚନା ରହିଛି।

**ମକର** ଆଶା କେତେକାଂଶରେ ପୂରଣ ହେଲେ ମଧ୍ୟ ଅପୂର୍ଣ୍ଣତା ଯୋଗୁ ଦୁଃଖିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ। ଅର୍ଥସଙ୍କଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ରାଶିପ୍ରତି ଦୃଷ୍ଟି କାରଣରୁ ଜୀବନସାଥୀଙ୍କ ପରାମର୍ଶ ସମସ୍ୟା ସମାଧାନରେ ସହାୟକ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବା ସହ ପାରିବାରିକ, ସାମାଜିକ ଜୀବନରେ ଖୁସି ରହିବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବାର ସୂଚନା ରହିଛି।

**ମୀନ** ରାଶିରେ ଶନିଙ୍କ ଅବସ୍ଥାନ ହେତୁ ପ୍ରତ୍ୟେକ କାର୍ଯ୍ୟରେ ନିରୁତ୍ସାହିତା ଅନୁଭବ କରିବେ। କିନ୍ତୁ ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ । ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ଡିସେମ୍ବର ୮ ତାରିଖ, ପୌଷ କୃଷ୍ଣ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୩ ଗତେ ଘ.୦୭.୩୪ ମଧ୍ୟେ, ଘ.୦୯.୦୬ ଗତେ ଘ.୧୧.୧୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୩୪ ଗତେ ଘ.୦୮.୫୫ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ଏସ୍‌ଏସ୍‌ବି ଯବାନ ...

କରିଛି ସିବିଆଇ। ସେମାନେ ପରୋକ୍ଷରେ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ସିବିଆଇ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଅଧିକାଂଶ ସମୟ ସେମାନେ ସିଲିକନ୍ ଟେକ ଲ୍ୟାବ୍ ଅଫିସକୁ ଯାଉଥିଲେ। ତେଣୁ ସିବିଆଇ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଯୋଗାଡ଼ କରୁଛି। ଆବଶ୍ୟକ ପ୍ରମାଣ ମିଳିବା ପରେ ସେମାନଙ୍କ ସହ ଓପିଆର୍‌ବିର ଜଣେ ଅଧିକାରୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, କ୍ରାଇମ୍‌ବ୍ରାଞ୍ଚଠାରୁ ଏହି ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାକୁ ସିବିଆଇ ନେବା ସହ ତଦନ୍ତକୁ ତ୍ୱରାନ୍ୱିତ କରି ଗିରଫଦାରି ଆରମ୍ଭ କରିଛି। ଏହି ମାମଲାରେ ଇତିମଧ୍ୟରେ ୧୨୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୬ଜଣ ଦଲାଲ ରହିଛନ୍ତି। ଅନ୍ୟମାନେ ହେଉନ୍ତି ଏହି ମହା ନିଯୁକ୍ତି କେଲେଙ୍କାରୀର ମାଷ୍ଟରମାଇଣ୍ଡ୍ ଓ ସହଯୋଗୀ ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜି ନ ପାରେ ମୁଣ୍ଡ**
**ଭଲ ଲୋଡୁଥାଏ ତୁଣ୍ଡ ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ। ରୋଜଗାର କରିବାକୁ ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅପାଳକ ରାଇଜକୁ**
**ବିଜୁଳି ଲକ୍ଷେ ଟଙ୍କା।**

ଯେଉଁ ଦେଶରେ ବର୍ଷା ହୁଏ ନାହିଁ ସେଠି ଅପାଳକ ହୁଏ। ବର୍ଷା ହେବା ପୂର୍ବରୁ ମେଘ ଉଠାଏ। ମେଘକୁ ମେଘ ଘଷି ହୋଇ ବିଜୁଳି ସୃଷ୍ଟି ହୁଏ। ବିଜୁଳି ଦେଖିଲେ ମେଘ ହେବାର ଆଶା ଜନ୍ମେ। ଯେଉଁଠି କିଛି ନାହିଁ, ସେଇଠି ସାମାନ୍ୟ କିଛି ମାତ୍ର ମିଳିଗଲେ ଅପୂର୍ବ ଆନନ୍ଦ ଲାଗିଥାଏ। ଯୋଗ୍ୟ ବ୍ୟକ୍ତି ବା ବସ୍ତୁ ଅଭାବରେ କମ୍ ଜିନିଷ ମୂଲ୍ୟବାନ୍ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ...



ଅବଦାନ ରଖିବ। ସବୁ ଶିଳ୍ପ ଓ ଖଣି ଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ୍ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଚଣ୍ଡିଖୋଲରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। କେନ୍ଦୁଝରର ବିକାଶ ପାଇଁ ୨୩୦୦ କୋଟି ଟଙ୍କା ବ୍ୟୟରେ ବଡ଼ବିଲରେ ଏକ ଚାରି ଲେନ୍ ବିଶିଷ୍ଟ ରିଙ୍ଗ୍ ରୋଡ୍ ହେବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହାସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର, ବଳଭଦ୍ରପୁରରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଣ୍ଟର୍, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ୍, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ, ୫୦ କୋଟି ଟଙ୍କାରେ ସାନଘାଗରାଠାରେ ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ଆଦି ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ଠିଆ କରିବାର ଲକ୍ଷ୍ୟ ରଖାଯାଇଛି। ସେଥିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଦେଶ ଓ ରାଜ୍ୟର ମହାନ୍ ଲକ୍ଷ୍ୟ ପୂରଣରେ କେନ୍ଦୁଝରର ବିଶେଷ ଭୂମିକା ରହିବ। କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଡିଏମ୍‌ଏଫ ଓ ଓଏମ୍‌ବିଏଡିସି ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝରରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଆ ନାଇଟ୍ କ୍ଲବ୍‌ରେ ...

ଲେଖାଏ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ୨ ଜଣ ଲେଖାଏ ଏବଂ ୪ ଜଣ ନେପାଳୀ ରହିଛନ୍ତି। ସେହିପରି ଦିଲ୍ଲୀର ୪ ଓ କର୍ଣ୍ଣାଟକର ଜଣେ ପର୍ଯ୍ୟଟକଙ୍କ ପ୍ରାଣହାନି ଘଟିଛି।ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିବାରୁ ନିଆଁ ବ୍ୟାପିବାବେଳେ ଲୋକେ କେଉଁବାଟ ଦେଇ ବାହାରିବେ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଏପରି କି କେତେଜଣ ପର୍ଯ୍ୟଟକ କିଚେନ୍ ଶିଡ଼ି ତଳେ କର୍ମଚାରୀଙ୍କ ସହ ଚାପି ହୋଇଯାଇଥିଲେ। ନାଇଟ୍ କ୍ଲବ୍‌ର ପ୍ରବେଶପଥ ମଧ୍ୟ ଅତି ଅଣଓସାରିଆ ଥିଲା, ଯଦ୍ଵାରା ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା। ଫାୟାର ଇଞ୍ଜିନ୍ ପ୍ରବେଶ କରିବାରେ ଅସୁବିଧା ହେବାରୁ ସେଗୁଡ଼ିକୁ ପ୍ରାୟ ୪୦୦ ମିଟର ଦୂରରେ ରଖି ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଥିଲା ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି। ଶ୍ୱାସରୁଦ୍ଧ ହୋଇ ଅଧିକାଂଶ ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଆହତଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି।

ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି, ଗୋଆରେ ଏହା ଏହି ଧରଣର ପ୍ରଥମ ଘଟଣା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ନିଆଁ ପ୍ରଥମେ ଉପର ମହଲାରେ ଲାଗିଥିଲା। କବାଟଗୁଡ଼ିକ ବନ୍ଦ ଥିବାରୁ ଅଳ୍ପ କେତେଜଣ ଲୋକ ସୁରକ୍ଷିତ ଭାବେ ବାହାରିଆସିବାରେ ସକ୍ଷମ ହୋଇଥିଲେ। ତେବେ ନିଆଁ ଭୟାବହ ହେବା ପରେ ଅନ୍ୟ କେହି ନିଜକୁ ବଞ୍ଚାଇପାରି ନ ଥିଲେ। ଉପଯୁକ୍ତ ଭେଣ୍ଟିଲେଶନ୍ ସୁବିଧା ନ ଥିବାରୁ ତଳକୁ ଚାଲିଆସିଥିବା ଲୋକେ ମଧ୍ୟ ଅଣନିଃଶ୍ୱାସୀ ହୋଇଯାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସାୱନ୍ତ ଆହୁରି କହିଛନ୍ତି, ରାଜ୍ୟ ସରକାର ଏହାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରାଙ୍କ ବିରୋଧରେ ମାମଲା ରୁଜୁ ସହ ଗିରଫ ୱାରେଣ୍ଟ ଜାରି କରାଯାଇଛି। ଜେନେରାଲ ମ୍ୟାନେଜରଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର୍ କରାଯାଇଛି। ଫାୟାର ସେଫ୍ଟି ଓ ନିର୍ମାଣ ନିୟମଗୁଡ଼ିକୁ ଉଲ୍ଲଂଘନ କରାଯାଇଥିଲା କି ନାହିଁ ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ଘଟେ ସରକାର ସେ ଦିଗରେ ସବୁ ପ୍ରକାରେ ଯତ୍ନବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳ ପି. ଅଶୋକ ଗଜପତି ରାଜୁ ଗୋଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ଯାଇ ସେଠାରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଭେଟିଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବାରୁ ରାଜ୍ୟପାଳ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଇତିମଧ୍ୟରେ ଆର୍‌ପୋରା-ନାଗୋଆ ପଞ୍ଚାୟତର ସରପଞ୍ଚ ରୋଶନ୍ ରେଡ୍‌କରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ରୋଶନ୍ ହେଉଛନ୍ତି ସେହି ବ୍ୟକ୍ତି ଯିଏକି ୨୦୧୩ରେ ନାଇଟ୍‌କ୍ଲବ ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ବିରୋଧୀ ଦଳଗୁଡ଼ିକ ଏହି ଟ୍ରାଜେଡିକୁ 'ମୃତ୍ୟୁର ଫାଶ' ରୂପେ ଅଭିହିତ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## 'ବର୍ଚ ବାଇ ...

ରେଷ୍ଟୁରାଣ୍ଟ ଓ ନାଇଟ୍ କ୍ଲବ୍ ରହିଛି। ମିରଟ୍, ଲକ୍ଷ୍ନୌ ସମେତ ଭାରତର ୧୦ ସହରରେ ଏହାର ଶାଖା ରହିଥିବାବେଳେ ଖୁବ୍‌ଶୀଘ୍ର ଆଉ ୪୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଯୋଜନା ରହିଛି। ବିଦେଶରେ ମଧ୍ୟ ବହୁସଂଖ୍ୟକ ରେଷ୍ଟୁରାଣ୍ଟ ପରିଚାଳିତ ହେଉଛି। ମଧ୍ୟପ୍ରାଚ୍ୟ, ଦକ୍ଷିଣପୂର୍ବ ଏସିଆ ଏବଂ ୟୁରୋପରେ ଏହାର ଚେନ୍‌କୁ ପରିବ୍ୟାପ୍ତ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ତେବେ ସୁସ୍ୱାଦୁ ବ୍ୟଞ୍ଜନ ଓ ବିଳାସପୂର୍ଣ୍ଣ ନାଇଟ୍ ଲାଇଫ୍‌କୁ ନେଇ ଜଣାଶୁଣା ଏହି ଚେନ୍‌ର ଗୋଆ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟିବା ପରେ ଦୁର୍ନାମ ମୁଣ୍ଡାଇଛି ବର୍ଚ।

ଗୋଆ ନାଇଟ୍‌କ୍ଲବ୍‌ରେ ଅଗ୍ନିକାଣ୍ଡ ପରେ ଭୁବନେଶ୍ୱର ରଘୁନାଥପୁରରେ ଥିବା ବର୍ଚ ନାଇଟ୍ କ୍ଲବ୍‌ର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏନେଇ ବର୍ଚ ଭୁବନେଶ୍ୱର କ୍ଲବର ମ୍ୟାନେଜର ବିଶ୍ୱରାଜ କହିଛନ୍ତି, ଗୋଆରେ ଅଗ୍ନିକାଣ୍ଡ ଘଟିଥିବା ନାଇଟ୍ କ୍ଲବ୍ ଓ ଭୁବନେଶ୍ୱର ରଘୁନାଥପୁରସ୍ଥିତ କ୍ଲବ୍ ଗୋଟିଏ ଫ୍ରାଞ୍ଚାଇଜ୍। ହେଲେ ପୃଥକ ମାଲିକାନାରେ ଏହି କ୍ଲବ୍‌ଦ୍ୱୟ ଚାଲୁଛି। ଆମ କ୍ଲବ୍‌ରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ରହିଛି। ଏଭଳି ଅଘଟଣକୁ ଯେପରି ନ ଘଟିବ ଆମେ ସେଥିପ୍ରତି ଯତ୍ନବାନ ଓ ସଚେତନ ବୋଲି ବିଶ୍ୱରାଜ କହିଛନ୍ତି।

# ବାଇକ୍‌କୁ ଧକ୍କାଦେଲା ଟ୍ରାକ୍ଟର, ୨ ମୃତ

ବାଣପୁର,୭।୧୨(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ନିକଟ ବେଙ୍ଗରାଜପଲ୍ଲୀ ରାସ୍ତାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ମାଟି ବୋଝେଇ ଟ୍ରାକ୍ଟର ଧକ୍କା ଦେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସାରୁବାରିପଦରର ବାପି ମହାପାତ୍ର ଏବଂ ପାଟପୁର ଗ୍ରାମର ଚନ୍ଦନ ସେଠୀ। ତେବେ ଗୁରୁତର ମିଳନ ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଅପରାହ୍ନରେ ଉପରୋକ୍ତ ତିନି ଯୁବକ ଏକ ବାଇକ୍‌ରେ କ୍ରିକେଟ ଖେଳ ଦେଖିବା ପାଇଁ ଡୁମୁରାପୁଟ ପଞ୍ଚାୟତର ପ୍ରତାପ ଗ୍ରାମକୁ ଯାଉଥିଲେ। ବେଙ୍ଗରାଜପଲ୍ଲୀ ରାସ୍ତାରେ ବିପରୀତ ପଟୁ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମିଳନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଟ୍ରାକ୍ଟର ସହ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ହରଭଙ୍ଗା,୭।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ କନ୍ଧମାଳ ଜିଲା ଚକାପାଦ ବ୍ଲକ ବ୍ରାହ୍ମଣପାଦର ଅପରାଜିତା ରାଉତ (୨୪)। ଏହି ଦୁର୍ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁରୁଣାକଟକ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣପାଦର ବିରୁପାକ୍ଷ ସାହୁ ଓ ସ୍ତ୍ରୀ ଅପରାଜିତା ଏକ ବାଇକ୍ ଯୋଗେ ବଲାଙ୍ଗୀରସ୍ଥିତ ସମ୍ପର୍କୀୟ ଘରକୁ ଯାଉଥିବା ବେଳେ ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଗାଡ଼ି ଚାଳକ ଗାଡି ନେଇ ଫେରାର ଅଛନ୍ତି। ପୋଲିସ ସନ୍ଦେହରେ ଗୋଟିଏ ଟ୍ରକ୍‌କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ତଦନ୍ତକାରୀ ଅଧିକାରୀ ଆର୍ତ୍ତତ୍ରାଣ ଦାନୀଙ୍କୁ ପଚାରିବାରୁ ଏହି ଘଟଣାରେ ମାମଲା (ନଂ.୨୦୪/୨୫) ରୁଜୁ କରାଯିବା ସହ ଏକ ଟ୍ରକ୍‌କୁ ଅଟକ ରଖାଯାଇଛି ବୋଲି ସୂଚନା ଦେଇଥିଲେ।

# ଜେଏସ୍‌ଡବ୍ଲ୍ୟୁର ନିଯୁକ୍ତି ତଥ୍ୟ ସାର୍ବଜନୀନ କରିବାକୁ ଦାବି

## ବିଧାନସଭାରେ ଉପସ୍ଥାପିତ ତଥ୍ୟର ସତ୍ୟତା ଉପରେ ପ୍ରଶ୍ନ ଉଠିଲା



ଖବରଦାତା ସମ୍ମିଳନୀରେ ଦିନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କସ ୟୁନିଅନ ଓ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତର ନେତୃମଣ୍ଡଳୀ।

କୁଜଙ୍ଗ,୭।୧୨(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ସିମେଣ୍ଟ ଓ ଇସ୍ପାତ ଶିଳ୍ପ ଖୋଲିବାକୁ ଥିବା ଜେଏସ୍‌ଡବ୍ଲ୍ୟୁ ସମ୍ପର୍କରେ ବିଧାନସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି, ତାହାର ସତ୍ୟତା ଉପରେ ପ୍ରଶ୍ନ ଉଠାଇଛି ଦୀନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ ଓ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି। ରବିବାର ଅପରାହ୍ନରେ ନୂଆଗାଁସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଏନେଇ ଖବରଦାତା ସମ୍ମିଳନୀ ଡକାଯାଇ ଏହି ତଥ୍ୟ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଛି।

ଦୀନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଜେଏସ୍‌ଡବ୍ଲ୍ୟୁ ପ୍ରଦତ୍ତ ତଥ୍ୟକୁ ଆଧାର କରି ମନ୍ତ୍ରୀ କହିଛନ୍ତି, ଢିଙ୍କିଆ ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୩୨୪ଜଣ(ପ୍ରତ୍ୟକ୍ଷ ଭାବେ ୭୨ ଜଣ ଓ ପରୋକ୍ଷ ଭାବେ ୨୫୨ ଜଣ) ନିଯୁକ୍ତି ପାଇଛନ୍ତି। ସେହିପରି ନୂଆଗାଁ ପଞ୍ଚାୟତରୁ ୧୪୦ ଜଣ (ପ୍ରତ୍ୟକ୍ଷ ଭାବେ ୫୫ ଓ ପରୋକ୍ଷ ଭାବେ ୮୫) ଜଣ ନିଯୁକ୍ତି ପାଇଥିବା ବେଳେ ଗଡ଼କୁଜଙ୍ଗ ପଞ୍ଚାୟତରୁ ୮୭ ଜଣ(ପ୍ରତ୍ୟକ୍ଷ ଭାବେ ୨୭ ଓ ପରୋକ୍ଷ ଭାବେ ୬୦) ଜଣ ନିଯୁକ୍ତି ପାଇଛନ୍ତି। ଏହି ତଥ୍ୟ ମିଥ୍ୟା ଉପରେ ଆଧାରିତ। ଯଦି ପ୍ରଦତ୍ତ ତଥ୍ୟରେ ସତ୍ୟତା ଅଛି, ତେବେ କେଉଁମାନେ ପ୍ରକୃତରେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ନାମ ପଞ୍ଚାୟତସ୍ତରରେ ସାର୍ବଜନୀନ କରାଯାଉ। ପ୍ରକଳ୍ପ ଚିହ୍ନିତ ଅଞ୍ଚଳରେ ଥିବା ବାଲୁକା ସ୍ତୂପରୁ ବାଲି ଉଠା ନ ଯାଇ ଡ୍ରେଜିଂ କରାଯାଇ ସମତୁଲ କରାଯାଇଛି ବୋଲି ପ୍ରଦତ୍ତ ତଥ୍ୟରେ ଦର୍ଶାଯାଇଛି। ତେବେ ସେହି ବାଲୁକା ସ୍ତୂପ ସବୁ କୁଆଡେ ଗଲା ବୋଲି ପରିଡ଼ା ପ୍ରଶ୍ନ କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ପ୍ରଭାବିତ ୩ ପଞ୍ଚାୟତର ବି–ଟେକ୍, ଡିପ୍ଲୋମା ଓ ଆଇଟିଆଇ ଯୋଗ୍ୟତାଧାରୀଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ସେଥିରେ ଉଲ୍ଲେଖ କରିଛନ୍ତି, ବୟସ ସୀମା ୧୮ରୁ ୨୬ ବର୍ଷ ହୋଇଥିବ। ମାତ୍ର ସରକାରୀ ଚାକିରିରେ ବୟସ ସୀମା ୪୨ ବର୍ଷ ଥିବା ବେଳେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ବୟସ ସୀମା କମାଇ ଆଞ୍ଚଳିକ ସ୍ତରରେ ନିଯୁକ୍ତିକୁ ସଙ୍କୁଚିତ କରିବା ପାଇଁ ପ୍ରୟାସ କରିଛନ୍ତି। ପରିଡ଼ା କହିଛନ୍ତି, ୨୦୨୧ ନଭେମ୍ବର ୧୦ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ, ଅଞ୍ଚଳର ଜନପ୍ରତିନିଧି ଓ ଜିଲା ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଶିଳ୍ପ ପ୍ରଭାବିତ ୩ ପଞ୍ଚାୟତର ଚାକିରି ଆଶାୟୀଙ୍କ ବୟସ ସୀମା ୧୮ରୁ ୩୨ ବର୍ଷ ରହିବ। ହେଲେ ସେ ନିଷ୍ପତ୍ତିକୁ ଅଣଦେଖା କରି ବୟସ ସୀମା ୧୮ରୁ ୨୬ ବର୍ଷ କରି ନିଯୁକ୍ତି ସୁଯୋଗରୁ ବଞ୍ଚିତ କରିବା ପାଇଁ କମ୍ପାନୀ ପ୍ରୟାସ କରିଛି। ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ଜଙ୍ଗଲ କଟାଯାଇଛି। ତା'ର ପ୍ରତି ବଦଳରେ ଏବେ ସୁଦ୍ଧା କମ୍ପାନୀ ପକ୍ଷରୁ ଗୋଟିଏ ହେଲେ ଚାରାରୋପଣ କରାଯାଇ ନ ଥିବାବେଳେ, ଓଡ଼ିଶା ବନ ଉନ୍ନୟନ ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମନ୍ୱୟରେ ପର୍ଯ୍ୟାୟକ୍ରମେ ଚାରାରୋପଣ କରାଯାଇଛି ବୋଲି ମନ୍ତ୍ରୀ ବିଧାନସଭାରେ କହିଛନ୍ତି। ଏହା ସମ୍ପୂର୍ଣ୍ଣ ଅସତ୍ୟ। ଯଦି ଚାରାରୋପଣ କରାଯାଇଛି ତାହା କେଉଁଠି ଓ ତା'ର ପରିମାଣ କେତେ ସର୍ବସାଧାରଣରେ ପ୍ରକାଶ କରିବାକୁ ପରିଡ଼ା ଦାବି କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଜଙ୍ଗଲ କାଟିବା ପରେ ପ୍ରଥମେ ଢେଉ ପ୍ରତିରୋଧକ ପ୍ରାଚୀର ନ କରି କାରଖାନା ନିର୍ମାଣ କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠାଯାଇଛି।

ୟୁନିଅନର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ରାଉତ କହିଛନ୍ତି, ଯଦି ବର୍ତ୍ତମାନ ସୁନାମି କି ସାମୁଦ୍ରିକ ବାତ୍ୟା ହୁଏ, ନିକଟସ୍ଥ ଜନବସତି ରହିବ ନାହିଁ। ଚୁକ୍ତି ଅନୁଯାୟୀ କାରଖାନା ନିର୍ମାଣ ପାଇଁ ଆବଶ୍ୟକ ଜଳ କଟକ ଯୋବ୍ରା ବ୍ୟାରେଜ୍‌ରୁ ଆଣିବା କଥା। ମାତ୍ର ତାହା କରା ନ ଯାଇ ପ୍ରାଚୀର ଘେରା ପ୍ରକଳ୍ପ ଅଞ୍ଚଳରେ ଶହ ଶହ ଅଗଭୀର ନଳକୂପ ବସାଯାଇ ଭୂତଳ ଜଳ ଉତ୍ତୋଳନ କରାଯାଉଛି। ଏଥିଯୋଗୁ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳର ଜଳ ସ୍ତର ନିମ୍ନଗାମୀ ହେବାରେ ଲାଗିଛି। କିଛି ଦିନ ପରେ ସ୍ଥାନୀୟ ଲୋକେ ଉତ୍କଟ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳ ଲୋକଙ୍କ ଜୀବନ ଜୀବିକା ସହ ନ ଖେଳି ତୁରନ୍ତ ସେହି ଅଞ୍ଚଳର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ସହ ଚୁକ୍ତି ଅନୁସାରେ କାରଖାନା ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ସୁଜାତା ମହାନ୍ତି, ଚିନ୍ମୟୀ ସେନାପତି, ସୁଷମା ସାହୁ, କଳ୍ପନା ବେଉରା, ଭଗବତୀ ଦାଶ, ବିଦ୍ୟୁତ୍ କୁମାରୀ ପରିଡ଼ାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ଅଧିକାରୀଙ୍କ ଭିଆର୍‌ଏସ୍ ଆବେଦନ

- ଉଚ୍ଚ ଅଧିକାରୀ ଚାପ ପକାଉଥିବା ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ
- କମିଶନ ନିଜ ପକ୍ଷରୁ ତଦନ୍ତ କରିବାକୁ ନିବେଦନ

ଭୁବନେଶ୍ୱର,୭।୧୨(ତ୍ରିନାଥ ମହାନ୍ତି)

ଚଳିତବର୍ଷର ବହୁ ଚର୍ଚ୍ଚିତ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଓ ଭାଇରାଲ ମାମଲାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ସିଆଇଡି ଡିଏସ୍‌ପି ସରୋଜକାନ୍ତ ମହନ୍ତ ବାଧ୍ୟତାମୂଳକ ଅବସର (ଭିଆରଏସ୍) ନେବାକୁ ଗୃହ ବିଭାଗରେ ଆବେଦନ କରିଛନ୍ତି। ଉକ୍ତ ଆବେଦନପତ୍ରରେ ଏହାର କାରଣ ମଧ୍ୟ ଉଲ୍ଲେଖ କରିଛନ୍ତି। ତେବେ ୧୫ଦିନ ତଳେ ହୋଇଥିବା ଏହି ଆବେଦନକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ଜଣେ ତଦନ୍ତ ଅଧିକାରୀ ହଠାତ୍ ଭିଆର୍‌ଏସ୍ ନେବା ଘଟଣାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମାମଲାରେ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାରୁ ମାମଲାକୁ ପ୍ରଭାବିତ କରିବା ପାଇଁ ଚାପ ପକାଇ ଭିଆର୍‌ଏସ୍ ନେବାକୁ ବାଧ କରାଯାଉଥିବା କୁହାଯାଉଛି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏନ୍‌ଏଚ୍‌ଆର୍‌ସିରେ ଏଭଳି ଗୁରୁତର ଅଭିଯୋଗ କରିବା ସହ କମିଶନ ନିଜ ପକ୍ଷରୁ ଏକ ଟିମ୍ ଗଠନ କରି ତଦନ୍ତ କରିବାକୁ ନିବେଦନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ମାମଲାର ତଦନ୍ତ କରୁଥିଲେ ଡିଏସ୍‌ପି ସରୋଜକାନ୍ତ ମହନ୍ତ। ସେ ନିକଟରେ ଭିଆର୍‌ଏସ୍ ପାଇଁ ଗୃହ ବିଭାଗରେ ଆବେଦନ କରିଛନ୍ତି। ତାଙ୍କୁ ବାଧ୍ୟତାମୂଳକ ଭିଆର୍‌ଏସ୍ ନେବା ପଛରେ ଜଣେ ଆଇପିଏସ୍ ଅଧିକାରୀଙ୍କ ହାତ ରହିଛି। ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଏକାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ତେଣୁ ମାମଲାକୁ ଦୁର୍ବଳ କରିବାକୁ ଡିଏସ୍‌ପିଙ୍କୁ ଚାପ ପକାଇ ଭିଆର୍‌ଏସ୍ ନେବାକୁ କୁହାଯାଇଛି। ସରୋଜକାନ୍ତ ଏବଂ ତାଙ୍କ ପରିବାର ପ୍ରତି ବିପଦ ଥିବାରୁ ସେ ବାଧ ହୋଇ ଭିଆର୍‌ଏସ୍ ପାଇଁ ଆବେଦନ କରିଛନ୍ତି। ତେଣୁ ଆୟୋଗ ଏକ ଟିମ୍ ଗଠନ କରି ତଦନ୍ତ କରିବା ସହ ସରୋଜକାନ୍ତ ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଆଦେଶ ଦିଅନ୍ତୁ। ଭିଆର୍‌ଏସ୍‌ର ସମସ୍ତ ଡକ୍ୟୁମେଣ୍ଟ ଏବଂ ଓଟିଇଟି ତଦନ୍ତ ଫାଇଲ୍ ଯାଞ୍ଚ କରାଯାଉ। ଏଥିସହ ଚାପ ପକାଉଥିବା ଆଇପିଏସ୍ ଅଧିକାରୀଙ୍କୁ ପଦବୀରୁ ହଟାଯାଇ ଷଡ଼ଯନ୍ତ୍ର ପଛରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଜୟନ୍ତ ପିଟିଶନରେ ନିବେଦନ କରିଛନ୍ତି।



ଭଲ କ'ଣ ମନ୍ଦ କ'ଣ ? ଯାହା ମୋତେ ଅନ୍ତରଙ୍ଗ ଭାବରେ ଓ ମହତ୍ତ୍ୱପୂର୍ଣ୍ଣ ଭାବେ ଆତ୍ମଜ୍ଞାନ ଲାଭ କରିବାରେ ସାହାଯ୍ୟ କରେ ତାହା ହିଁ ମୋ ଲାଗି ଭଲ ଏବଂ ଯାହା କିଛି ମୋର ସ୍ୱାଭାବିକ ଅବସ୍ଥାରୁ ମୋତେ ବିଚ୍ୟୁତ କରେ, ଆତ୍ମାର ବିସ୍ତାର ଓ ଉନ୍ନତିକୁ ହୀନତର ଓ ନ୍ୟୂନତର କରେ- ତାହା ହିଁ ମୋ ପକ୍ଷରେ ମନ୍ଦ। -ଶ୍ରୀଅରବିନ୍ଦ



# ଏକଚାଟିଆ ବ୍ୟବସାୟ

ଭାରତରେ ଗତ ୫ ଦିନ ହେବ ଯେଉଁଭଳି ଭାବେ ବିମାନ ସେବାରେ ବିଭ୍ରାଟ ଦେଖାଦେଇଛି, ତାହା ଦେଶରେ ଅନ୍ୟତମ ସର୍ବାଧିକ ଆଲୋଚନାର ବିଷୟ ପାଲଟିଯାଇଛି। ଘରୋଇ ଏୟାରଲାଇନ୍ସ ଇଣ୍ଡିଗୋ ଆବଶ୍ୟକ ସେବା ଯୋଗାଇବାରେ ସମର୍ଥ ହୋଇ ନ ଥିବାରୁ ବିମାନଯାତ୍ରାରେ ଅସ୍ୱାଭାବିକତା ଦେଖାଦେଇଛି। ପ୍ରଥମେ ୧,୦୦୦ ବିମାନ, ପରେ ୮୦୦ ଓ ତା'ପରେ ୬୫୦ ଏହିପରି ଇଣ୍ଡିଗୋ ବିମାନ ବାତିଲ ବା ବିଳମ୍ବରେ ଚାଲିବା ଯୋଗୁ ଅନେକ ଲକ୍ଷ ଯାତ୍ରୀ ବିମାନବନ୍ଦରରେ ପଡ଼ିରହି ହନ୍ତସନ୍ତ ହେଉଛନ୍ତି। ଏଠାରେ ମନେରଖିବାକୁ ହେବ ଯେ ଏହି ବିଭ୍ରାଟ ପଛରେ ବହୁ ସମସ୍ୟା ରହିଛି। ୨୦୨୪ ଆରମ୍ଭରେ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ଜାରି କରାଯାଇଥିଲା, ଯେଉଁଥିରେ ଉଲ୍ଲେଖ ଥିଲା ଯେ ଉଡ଼ାଜାହାଜ ପାଇଲଟ ଓ କର୍ମଚାରୀଙ୍କୁ ସପ୍ତାହକୁ ୩୬ ଘଣ୍ଟା ପରିବର୍ତ୍ତେ ୪୮ ଘଣ୍ଟା ବିଶ୍ରାମ ଦିଆଯିବ। ଏହାର ଅର୍ଥ ହେଲା ୧୨ ଘଣ୍ଟା ବୃଦ୍ଧି ହେବା ଫଳରେ ପ୍ରାୟ ୨୫ ପ୍ରତିଶତ ଉଡ଼ାଣ କମିଗଲା। ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ ଇଣ୍ଡିଗୋ ଏକାକୀ ମାଡ଼ିବସିଛି। ୪୮ ଘଣ୍ଟା ବିଶ୍ରାମ ହେଉଛି ସାଧାରଣତଃ ଏକ ବିଶ୍ୱ ମାନଦଣ୍ଡ। କିନ୍ତୁ ବ୍ୟବସାୟିକ ଲାଭକୁ ଅଧିକ କରିବା ପାଇଁ ସବୁ ଉଡ଼ାଜାହାଜ କମ୍ପାନୀ ଜୀବନମୂର୍ଚ୍ଛା ଚେଷ୍ଟା କରିଆସୁଛନ୍ତି। ସେଥିପାଇଁ ହୁଏତ ଇଣ୍ଡିଗୋ କମ୍ପାନୀ କୌଣସି ନୂଆ ପାଇଲଟ କିମ୍ବା ସହ-ପାଇଲଟ ନିଯୁକ୍ତି ଦେଇ ଏହି ବ୍ୟବସ୍ଥା ପାଇଁ ୨ ବର୍ଷ ସମୟ ଥିବା ସତ୍ତ୍ୱେ ନିଜକୁ ପ୍ରସ୍ତୁତ କଲାନାହିଁ। ସେହି କମ୍ପାନୀର କର୍ମଚାରୀ ସଂଘର ପ୍ରକାଶିତ ବିବୃତିରୁ ବୁଝାପଡୁଛି ଯେ, ଇଣ୍ଡିଗୋ ଜାଣିଶୁଣି ଏହି ପରସ୍ଥିତି ସୃଷ୍ଟି କଲା ; ଯାହାଫଳରେ ସାଧାରଣ ଯାତ୍ରୀ ହଇରାଣ ହେବେ, ବିଭିନ୍ନ ବିମାନ ବନ୍ଦରରେ ତୁମୁଳକାଣ୍ଡ ଘଟିବ ଏବଂ ସେଭଳି ଚାପ ସମ୍ମୁଖରେ ସରକାର ଆଣ୍ଠେଇବାକୁ ବାଧ ହେବେ। ତାହା ହିଁ ଘଟିଲା। ଦେଖିବାକୁ ଗଲେ ଇଣ୍ଡିଗୋ ଏକପ୍ରକାର ସରକାରଙ୍କ ବେକ ମୋଡ଼ି ବିଜୟ ନେଇପାରିଲା। ସରକାର ତାଙ୍କ ୩୬ ଘଣ୍ଟାରୁ ୪୮ ଘଣ୍ଟା ବୃଦ୍ଧି ନିୟମାବଳୀକୁ ଇଣ୍ଡିଗୋ କମ୍ପାନୀ ପାଇଁକି ଫେରସ୍ତ ନେବାକୁ ବାଧ ହେଲେ। ଏହି ପରାଜୟ ପାଇଁ କେନ୍ଦ୍ର ସରକାର ଖୋଦ୍ ଦାୟୀ। ଭାରତରେ କିଛିବର୍ଷ ଧରି ଯେଉଁଭଳି ମନୋପଲିଷ୍ଟିକ ବା ଡୋପଲିଷ୍ଟିକ ନୀତି କାର୍ଯ୍ୟକାରୀ କରାଯାଉଛି, ସେଥିରୁ ପ୍ରତ୍ୟେକ କ୍ଷେତ୍ରରେ ଗୋଟିଏ କିମ୍ବା ଦୁଇଟି ଖେଳାଳି ବଞ୍ଚି ରହିବାର ସୁଯୋଗ ପାଉଛନ୍ତି। ବିଶେଷକରି ଜନସାଧାରଣଙ୍କ ସେବାରେ ସିଧାସଳଖ ନିୟୋଜିତ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଯେତେ ଅଧିକ ସଂଖ୍ୟା ରହିବ, ଦେଶର ଜନସାଧାରଣ ସେତିକି ଅଧିକ ଉଚ୍ଚକୋଟୀର ସେବା ପାଇବା ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇବେ। ଉଦାହରଣ ସ୍ୱରୂପ, ଆମେରିକା ଓ ୟୁରୋପର ଅନେକ ଦେଶରେ ଏଭଳି ଗୋଟିଏ କିମ୍ବା ଦୁଇଟି କମ୍ପାନୀକୁ ସମ୍ପୂର୍ଣ୍ଣ ବଜାର ଧରାଇ ଦିଆଯାଏ ନାହିଁ। ଭାରତରେ ଏୟାର ଏସିଆ, କିଙ୍ଗଫିଶର, ଜେଟ୍ ଏୟାରୱେଜ୍, ଗୋ ଏୟାର, ସ୍ୱାଇସ୍ ଜେଟ୍ ଭଳି ଅନେକ ମଧ୍ୟମ ଓ କ୍ଷୁଦ୍ର ବିମାନ କମ୍ପାନୀ ଇତିମଧ୍ୟରେ ଦୋକାନ ବନ୍ଦ କରିବାକୁ ବାଧ ହୋଇଛନ୍ତି। ବିଜୟ ମାଲ୍ୟାଙ୍କ ଭଳି କେତେକ ଲୋକ ନେଇଥିବା ଋଣ ସମ୍ପୂର୍ଣ୍ଣ ଭାବେ ପଇଠ କରିଦେବେ ବୋଲି ବାରମ୍ବାର ଦୋହରାଉଥିବା ସତ୍ତ୍ୱେ କେନ୍ଦ୍ର ସରକାର ତାଙ୍କର ରାଜନୈତିକ ଦ୍ୱେଷ ଯୋଗୁ ତାଙ୍କୁ ଦେଶକୁ ଫେରିଲା ମାତ୍ରେ ଗିରଫ କରିବେ ବୋଲି ଧମକାଇ କରି ରଖିଛନ୍ତି। ସେହିଭଳି ଅନ୍ତର୍ଜାତୀୟ ସ୍ତରରେ ଏଟିଏଫ୍ (ଏଭିଏଶନ ଟର୍ବାଇନ ଫୁଏଲ୍) ଦରକୁ ଭାରତରେ ସର୍ବୋଚ୍ଚରେ ରଖାଯାଇଛି। ଏହା ଫଳରେ କ୍ଷୁଦ୍ର କମ୍ପାନୀ ଉଧେଇବାରେ ସଫଳ ହେଉନାହାନ୍ତି। ଅନ୍ୟପଟେ ବଜାର ଚାହିଦାକୁ ଦେଖି ଟିକେଟ ଦର ନିର୍ଦ୍ଧାରଣ କରିବାର କ୍ଷମତା ସିଧାସଳଖ କମ୍ପାନୀମାନଙ୍କ ହାତରେ ଛାଡ଼ିଦେବା ଫଳରେ ଆଜି ଭାରତରେ ଶସ୍ତା ଟିକେଟ ବିକ୍ରି କରୁଥିବା ବିମାନ କମ୍ପାନୀ ନାହିଁ। ଅନ୍ୟ ଦେଶରେ ଯଥା- ସିଙ୍ଗାପୁର, ଇଣ୍ଡୋନେସିଆ ସେମାନଙ୍କ ଜାତୀୟ ବିମାନ କମ୍ପାନୀକୁ ଏକ କୂଟନୈତିକ ଅସ୍ତ୍ର ଭାବେ ବଞ୍ଚାଇ ରଖିଛନ୍ତି। ଏପରିକି ପାକିସ୍ତାନ ମଧ୍ୟ ଅନ୍ତର୍ଜାତୀୟ ଏୟାରଲାଇନ୍ସକୁ ବଞ୍ଚାଇ ସରକାରୀ କମ୍ପାନୀ ଭାବେ ରଖିପାରିଛି। ଭାରତ ତା'ର ଘରୋଇକରଣ ନୀତିରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ମଧ୍ୟ ବିକିଦେବା ଫଳରେ ତାହାର ମାନ ହ୍ରାସ ପାଇଛି।

ଏଭଳି ଡାଲମା ଭିତରେ ଏୟାର ବସ୍-ଏ୩୨୦ ପରିବାକୁ ମିଶାଇ ଦିଆଯାଇଛି। ଇଣ୍ଡିଗୋ ସମେତ ଅନ୍ୟ ବହୁ କମ୍ପାନୀ ଏୟାର୍‌ବସ୍ ବିମାନ ବ୍ୟବହାର କରନ୍ତି, ଯାହାର ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ତ୍ରୁଟି ଧରାପଡ଼ିଛି। ତତ୍‌ସହିତ କ୍ରିସ୍‌ମାସ ଓ ନୂଆବର୍ଷର ଆସିବାକୁ ଥିବା ଛୁଟି ଯୋଗୁ ଯାତ୍ରୀ ସଂଖ୍ୟା ଅଭୂତପୂର୍ବ ଭାବେ ବଢ଼ିଯାଇଛି। ଏବକାର ଚାଲିଥିବା ଇଣ୍ଡିଗୋ ସମସ୍ୟା ପାଇଁ ସେହି କମ୍ପାନୀର କର୍ତ୍ତୃପକ୍ଷ ନିଶ୍ଚିତ ଦାୟୀ। ତାଙ୍କୁ ଚେତାଇ ଦେବାପାଇଁ ଯେଉଁ ଚିଠି ଡିଜିସିଏ ତରଫରୁ ପଠାଯାଇଛି, ତାହା ଅନ୍ୟ ଏକ ଦୁର୍ବଳତା ପ୍ରମାଣ କରୁଛି। କମ୍ପାନୀର ସିଇଓଙ୍କ ନାମ ଉଲ୍ଲେଖ କରିବା ପାଇଁ ସମ୍ପୃକ୍ତ ଅଫିସରଙ୍କର ଦମ୍ଭ ନ ଥିବା ସେହି ଚିଠିରୁ ଜଣାପଡୁଛି। ତତ୍‌ସହିତ ଏଭଳି ବିଭ୍ରାଟ ପାଇଁ କମ୍ପାନୀକୁ କେଉଁ ପ୍ରକାରର ଶାସ୍ତି ଦିଆଯିବ ତାହା ମଧ୍ୟ ଚିଠିରେ ଉଲ୍ଲେଖ କରିବାର ଶକ୍ତି ସରକାରଙ୍କ ପାଖରେ ନାହିଁ ବୋଲି ପ୍ରମାଣିତ ହେଉଛି। ଏଥିରୁ ବୁଝାପଡୁଛି ଯେ ପ୍ରବଳ ମାତ୍ରାର ଦୁର୍ନୀତି ଯୋଗୁ ଆଜିର ଭାରତୀୟ ବିମାନ ଚଳାଚଳ ବ୍ୟବସାୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲାଣି। ଯଦି ଏହିଭଳି ବ୍ୟବସାୟିକ ନୀତି ବିମାନବନ୍ଦର, ସାମୁଦ୍ରିକ ବନ୍ଦର, ସଡ଼କ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ଏବଂ ଟେଲିକମ କ୍ଷେତ୍ର ଭଳି ଅତ୍ୟାବଶ୍ୟକ ବ୍ୟବସାୟରେ ଗୋଟେ କିମ୍ବା ଦୁଇଟି କମ୍ପାନୀକୁ ବଞ୍ଚି ରହିବାର ମନ୍ଦ ଉଦ୍ଦେଶ୍ୟ ରଖି ସରକାର କାର୍ଯ୍ୟ କରନ୍ତି, ତାହା ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ।

# ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଭାରତକୁ ଆମେରିକା ନାଲିଆଖି ଦେଖାଇ ଟାରିଫ ବୃଦ୍ଧି କରିଛି। ଏହାସହ ଭାରତ-ରଷିଆ ସମ୍ପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋର ଅସନ୍ତୁଷ୍ଟ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଭାରତ ଗସ୍ତ ଏବଂ ଭାରତ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଭାରତ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଆମେରିକା ପାଇଁ ସେତିକି ଆଲୋଡ଼ିତ ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବିଶ୍ୱ ରାଜନୀତିରେ ଅସ୍ଥିରତା ହ୍ରାସ ପାଉ ନ ଥିବା ବେଳେ ୟୁକ୍ରେନ୍-ରୁଷିଆ ଆକ୍ରମଣ ଦୀର୍ଘ ସମୟଧରି ଗତି କରିବା ଆମେରିକା ପାଇଁ ମୁଣ୍ଡବ୍ୟଥାର କାରଣ। ଏଭଳି ସ୍ଥିତିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସବୁ ତୀକ୍ଷ୍ଣ ନଜର ରଖିଛନ୍ତି।

ବିଡ଼ମ୍ବନା ହେଉଛି, ରୁଷିଆ -ୟୁକ୍ରେନ୍ ଯୁଦ୍ଧ ପ୍ରଶମନରେ ଆମେରିକା ଭାରତକୁ ଦାୟୀ କରିବା, ଭାରତ ଜାତିସଂଘରେ ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ନିନ୍ଦା କରିବା, ପରବର୍ତ୍ତୀ ସମୟରେ ଭାରତ ଆମେରିକା ମଧ୍ୟରେ ଟାରିଫ୍ ହ୍ରାସ ନେଇ ଆଲୋଚନା କରିବା, ଆମେରିକାଠାରୁ ଅଧିକ ତୈଳ ଆମଦାନୀ କରିବା ନେଇ ଚୁକ୍ତି ଆଦି ପ୍ରସଙ୍ଗ ଭାରତର ବିରୋଧୀ ମନୋଭାବକୁ ସ୍ପଷ୍ଟ କରିସାରିଛି। ପାଶ୍ଚାତ୍ୟ ରାଷ୍ଟ୍ରଙ୍କ କଟକଣା ଯୋଗୁ ଭାରତ ଶସ୍ତାରେ ରୁଷିଆଠାରୁ ଅଶୋଧିତ ତୈଳ କିଣିବାକୁ ବାଧ୍ୟ ହୋଇଛି। କିନ୍ତୁ ଆମେରିକା ଭାରତକୁ ଅପବାଦ ଦେଇ ରୁଷର ଯୁଦ୍ଧକୁ ଭାରତ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛି ବୋଲି କହିଛି। ସେଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଛି। ଭାରତ ଏହିଭଳି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ପଡିଛି। ରୁଷିଆ ସହିତ ସମ୍ପର୍କ ଭାଙ୍ଗିଲେ ଦେଶର ସୁରକ୍ଷା କ୍ଷତିଗ୍ରସ୍ତ ହେବ ଏଣେ ଆମେରିକା ସହ ସମ୍ପର୍କ ନ ରହିଲେ ପ୍ରଯୁକ୍ତି ଏବଂ ବଜାର ବିଗିଡିଯିବାର ଆଶଙ୍କା ରହିଛି। ତେବେ ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଅଡୁଆ ସୃଷ୍ଟି କରିବ ନା ଆଶଙ୍କା ବଦଳରେ ଆଶା ସୃଷ୍ଟି କରିବ ତାହା ପାଶ୍ଚାତ୍ୟ ରାଷ୍ଟ୍ରପାଇଁ ଉଦ୍ଦୀପନା ସୃଷ୍ଟି କରିଛି। ଭାରତର ସ୍ଥିତିକୁ ଅବଲୋକନ କଲେ ଜଣାଯାଏ, ଚାଇନା ସବୁବେଳେ ନିଜର ଆଧିପତ୍ୟ ବଜାୟ ରଖି ଭାରତକୁ ତା'ର ଗୋଡ଼ାଣିଆ କରିବାକୁ ଚାହେଁ। ଆମେରିକା ମଧ୍ୟ ଭାରତକୁ ତା'ର ଛତ୍ରଛାୟା ତଳେ ରଖିବାକୁ ଚାହେଁ। ମିତ୍ରତା କେବଳ ଛଳନା। ଭାରତ ସମଗ୍ର ବିଶ୍ୱରେ ଏକ ସହନଶୀଳ ରାଷ୍ଟ୍ର ଭାବେ ଖ୍ୟାତି ଅର୍ଜନ କରିଛି। ବଜାର ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ। ଭାରତର ବୈଦେଶିକ ନୀତି ମଧ୍ୟ ସବୁ ରାଷ୍ଟ୍ରଙ୍କ ପାଇଁ ବନ୍ଦନୀୟ। ଏଭଳି ଏକ ରାଷ୍ଟ୍ରକୁ ନିଜ କରାୟତ୍ତରେ ରଖିବା ପାଇଁ ଆମେରିକା, ରୁଷିଆ, ଚାଇନା ସବୁଦେଶ ଚାହାନ୍ତି। ବେପାର ବଣିଜର ଊର୍ଦ୍ଧ୍ୱକୁ ଉଠି ଭାରତ ସହ ଗଭୀର ବନ୍ଧୁତ୍ୱ କେହି ଚାହାନ୍ତି ନାହିଁ। ରୁଷିଆ ଯଦିଓ ଭାରତର ପୁରୁଣା ବନ୍ଧୁ ରାଷ୍ଟ୍ର, ତେବେ ବାଣିଜ୍ୟର ଲୋଲୁପ ଦୃଷ୍ଟି ପରିହାର କରି ପାରି ନାହିଁ। କିନ୍ତୁ ପୁରୁଣା ସମ୍ପର୍କ, ନୂତନ ଯୋଡି ଏହା ହିଁ ରୁଷିଆର



ଭାରତ ପ୍ରତି ଏସୀୟ ଆଭିମୁଖ୍ୟ। ତେବେ ସମ୍ପର୍କକୁ ବାରମ୍ବାର ମଜଭୁତ କରିବା ପାଇଁ ଚେଷ୍ଟା କରା ନ ଗଲେ ତାହା ପୁରୁଣା ହୋଇଯାଏ। ସେଥିପାଇଁ ଭାରତ ଗସ୍ତ କାଳରେ ପୁଟିନ୍ କେତେକ ନୂତନ ବୁଝାମଣା କରିବା ଦ୍ୱାରା ବନ୍ଧୁ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଏକ ବଡ଼ ସୁଯୋଗ ବୋଲି ଅସ୍ୱୀକାର କରି ହେବ ନାହିଁ। ବହୁତ ଦ୍ୱିପାକ୍ଷିକ ଚୁକ୍ତି ପରେ ଦୁଇ ନେତାଙ୍କ ମିଳିତ ବିବୃତି ପ୍ରଣୀଧାନ ଯୋଗ୍ୟ। ଭାରତ ରୁଷିଆ ବନ୍ଧୁତ୍ୱକୁ ଧ୍ରୁବତାରା ସହିତ ତୁଳନା କରିଥିବା ବେଳେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ତାଙ୍କ ବିବୃତିରେ କହିଛନ୍ତି ଯେ, ରୁଷିଆ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ମଜଭୁତ। ଆର୍ଥିକ କ୍ଷେତ୍ରଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଆମ ସମ୍ପର୍କ ଅଧିକ ଦୃଢ଼ ହେଉଛି। ଆମେ ଟ୍ରେନ୍, ନିବେଶ ଏବଂ ବୈଷୟିକ କ୍ଷେତ୍ରକୁ ନେଇ ଆଲୋଚନା କରିଛୁ। ରୁଷିଆ ଏବଂ ଭାରତୀୟ ଅର୍ଥନୈତିକ ସହଯୋଗ ସଂଗଠନ ମିଳିତ ଭାବେ କାମ କରୁଛନ୍ତି। ଭାରତର ବିକାଶ ପାଇଁ ଜରୁରୀ ଥିବା ତୈଳ ଗ୍ୟାସ୍ ଭଳି ସମସ୍ତ ସାମଗ୍ରୀ ଦେବାକୁ ପ୍ରସ୍ତୁତ। ଶକ୍ତି କ୍ଷେତ୍ରପାଇଁ ରୁଷିଆ ଭାରତକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ବାସ୍ତବରେ ପ୍ରତିରକ୍ଷା, ପ୍ରଯୁକ୍ତି ଆଣବିକ ଶକ୍ତି ଓ ଉର୍ଜା ଯୋଗାଣ ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ରାଜିନାମା ଉଲ୍ଲେଖନୀୟ। ପୁଟିନ୍ ମଧ୍ୟ ସ୍ୱୀକାର କରିଛନ୍ତି ଯେ ରୁଷିଆରେ ଭାରତୀୟ ସିନେମାର ବହୁ ଚାହିଦା ରହିଛି। ଭାରତୀୟ ମୁଦ୍ରାର ବ୍ୟବହାର ପରିସର ବୃଦ୍ଧି ପାଇଛି। ବ୍ରିକ୍ସ ପାଇଁ ଭାରତର ଅବଦାନ ସମ୍ପର୍କରେ ସେ ତାଙ୍କ ଭାଷଣରେ କହିଛନ୍ତି। ରୁଷିଆ ଭାରତର ନାଗରିକଙ୍କ ପାଇଁ ପାରସ୍ପରିକ ସମ୍ପର୍କକୁ ମଜଭୁତ କରିବାର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଏବେ ଉଭୟ ଭାରତ ଏବଂ ରୁଷିଆ ସବୁଠୁ ବଡ଼ ଆଣବିକ ପ୍ଲାଣ୍ଟ ପ୍ରକଳ୍ପ ଉପରେ କାମ କରୁଛନ୍ତି। ୬ଟି ରିଆକ୍ଟର ମଧ୍ୟରୁ ୩ଟି ପୂର୍ବରୁ ଏନର୍ଜି ନେଟ୍‌ୱର୍କ ସହିତ ଯୋଡି ହୋଇସାରିଛି। ଆଉ ୩ଟି ରିଆକ୍ଟର ନିର୍ମାଣାଧୀନ ଥିବା ସେ ସୂଚନା ଦେଇଥିଲେ। ଏ ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମ ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ରୁଷିଆର ଅବଦାନ ରହିଛି।

କୂଟନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ ରହିଛି ରୁଷିଆର ରାଜନୈତିକ ଓ ଅର୍ଥନୈତିକ ଭବିଷ୍ୟତ। ସମ୍ପ୍ରତି ଆମେରିକା ସହିତ ଭାରତର ବ୍ୟବସାୟିକ ତିକ୍ତତା ଆହୁରି ମଧ୍ୟ ଟ୍ରମ୍ପଙ୍କ ବିଶ୍ୱ ଏକାଧିପତ୍ୟତା କ୍ଷେତ୍ରରେ ଭାରତ ରୁଷିଆର ସମାନ ଚିନ୍ତାଧାରା ରହିଛି। ରୁଷିଆ ଓ ଭାରତର ଯାବତୀୟ ଚୁକ୍ତି ଆମେରିକା ଓ ଚାଇନା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତ ଓ ରୁଷିଆ ଯଦି ଏକତ୍ରିତ ହୋଇ ଏସୀୟ ରାଷ୍ଟ୍ରଗୁଡିକର ନେତୃତ୍ୱ ନେବେ ତେବେ ଚାଇନା ପ୍ରତିବନ୍ଧକ ସାଜିପାରିବ ନାହିଁ। ଅନ୍ୟ ଦୃଷ୍ଟିକୋଣରୁ ଏମାନେ ଏକାଠି ହୋଇ ବୈଶ୍ୱିକ ଚ୍ୟାଲେଞ୍ଜକୁ ସାମ୍ନା କଲେ ବିଶ୍ୱ ଆଧିପତ୍ୟତା କ୍ଷେତ୍ରରେ ଆମେରିକା ଦୁର୍ବଳ ହୋଇପଡିବ। ଏଥିପାଇଁ ରୁଷିଆ, ଚାଇନା, ଭାରତ ମିଶି ଯେଉଁ ସଂଗଠନ କରିଥିଲେ ତାହା ଏବେ ଶିଥିଳ ହୋଇପଡିଥିବାରୁ ରୁଷିଆ ଚାହୁଁଛି ଭାରତକୁ ନେଇ ଅଭିଯାନ ଆରମ୍ଭ କରିବାକୁ। ଅନ୍ୟପକ୍ଷରେ ରୁଷିଆ ୟୁକ୍ରେନ୍ ଯୁଦ୍ଧରେ ପଛାଇ ଯିବାକୁ ଚାହୁଁ ନାହିଁ। ୟୁକ୍ରେନ୍ ପଛରେ ଆମେରିକା, ନାଟୋ ରହିଥିବାରୁ ରୁଷିଆ ଆମେରିକାର ହସ୍ତକ୍ଷେପକୁ ବରଦାସ୍ତ କରିପାରୁ ନାହିଁ। ଭାରତ ମଧ୍ୟ ଭିତରେ ଚାହୁଁଛି ଆମେରିକାର ଆଧିପତ୍ୟ ହ୍ରାସ ପାଉ। ଅପରପକ୍ଷରେ ଚାଇନା ଏଥିପାଇଁ ନୀରବ ରହୁଛି। ଯାହାଫଳରେ ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଆହ୍ୱାନକୁ ରୁଷିଆ ଏକପ୍ରକାର ସମର୍ଥନ କରୁଥିଲେ ହେଁ ଆମେରିକାର ବାରମ୍ବାର ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହୋଇ ପାରୁନାହିଁ। ଭାରତ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ରହିଥିବା ବେଳେ ତାହା ସମ୍ପୂର୍ଣ୍ଣ ବ୍ୟବସାୟିକ ଲାଭ କ୍ଷତି ଉପରେ ନିର୍ଭରଶୀଳ। ତେବେ ଆମେରିକା ଭାରତ ଉପରେ ଶୁଳ୍କ ବୃଦ୍ଧି ଘଟାଇଲା ପରେ ଭାରତ ପକ୍ଷରୁ ଆଲୋଚନା କରଯାଇ ଆମେରିକାଠାରୁ ସାମରିକ ଅସ୍ତ୍ରଶସ୍ତ୍ର କିଣିବାକୁ ଚୁକ୍ତି କରିଛି। ଏ କଥା ରୁଷିଆ ଭଲଭାବେ ଜାଣେ। ତଥାପି ଭାରତକୁ ରୁଷିଆ କେବେ ଛାଡି ପାରିବ ନାହିଁ। ଭାରତ ମାଧ୍ୟମରେ ସେ ଏସୀୟ ମହାଦେଶରେ ବାଣିଜ୍ୟ କାରବାରର ଅତୀତରେ ସୁଯୋଗ ଲାଭ କରିଛି। ଭାରତର ବୈଦେଶିକ ନୀତିକୁ ରୁଷିଆ କେବେ ହେଲେ ଅବମାନନା କରିନାହିଁ। କିନ୍ତୁ ଟ୍ରମ୍ପ ଭାରତର ବୈଦେଶିକ ନୀତିକୁ ଏଯାବତ ବୁଝି ପାରିନାହାନ୍ତି। ଯାହାଫଳରେ ବାଣିଜ୍ୟକୁ ନେଇ ଆମେରିକା ସବୁବେଳେ ଭାରତ ପ୍ରତି ଆକ୍ରୋଶ ପ୍ରକାଶ କରୁଛି। ଚାଇନାର ସାମ୍ରାଜ୍ୟବାଦ ନୀତି, ପାକିସ୍ତାନର ପରମାଣୁ ଧମକ ଅବ୍ୟାହତ ରହିଥିବା ବେଳେ ରୁଷିଆ ଏକ୍ଷେତ୍ରରେ ସେମାନଙ୍କୁ ବିରୋଧ କରୁ ନ ଥିବା ଆମେରିକା ପକ୍ଷରୁ କୁହାଯାଇଥାଏ। ତେବେ ଆମେରିକା ଭାରତ ପାଇଁ ସେତେ ବିଶ୍ୱାସ ସୃଷ୍ଟି କରିପାରି ନ ଥିବା ବେଳେ ରୁଷିଆ ଭାରତ ପାଇଁ ବହୁ କ୍ଷେତ୍ରରେ ବିଶ୍ୱାସ ଦେଇଛି। ଆମେରିକା ସହିତ ତିକ୍ତତା ଥିବା ବେଳେ ଅପରେଶନ ସିନ୍ଦୂର ପରେ ପାକିସ୍ତାନ ଓ ତୁର୍କୀ ସହିତ ସାମରିକ ବିବାଦ ଲାଗି ରହିଛି। ଏହାସହ ରୁଷିଆର ରାଷ୍ଟ୍ରପତି ଭାରତ ଆଗମନ ଭାରତ ପାଇଁ କୂଟନୈତିକ ଦିଗରେ ସ୍ଥିରତା ଆଣିଥିବା କୁହାଯାଇପାରେ।

ସୟେଦପୁର, ମୋ:୯୪୩୭୩୧୫୬୨୩

# କଚ୍ଛପ ଗତି



ଅଲେଖ ଚନ୍ଦ୍ର ମିଶ୍ର

କୌଣସି କାର୍ଯ୍ୟ ସମ୍ପାଦନରେ ଉଚ୍ଛୁର ହେଲେ, ଲକ୍ଷ୍ୟ ହାସଲରେ ଡେରି ହେଲେ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ବିଳମ୍ବ ଘଟିଲେ ବିଳମ୍ବର କାରଣକୁ କଚ୍ଛପର ଗତି ସହିତ ତୁଳନା କରି ଲଘୁ ମନ୍ତବ୍ୟ ଦେବା ଏକ ଜଣାଶୁଣା କଥା। ଯେପରି ବିଳମ୍ବରେ ପ୍ରାପ୍ତ ଚିଠି, ମନି ଅର୍ଡର ବା ଯୋଜନାର ସୁଫଳ। ଏଭଳି ତୁଳନାର ଉତ୍ପତ୍ତି କେବେ ହୋଇଥିଲା ଜଣା ଥାଉ କି ନ ଥାଉ କିପରି ହୋଇଥିଲା ତା'ର ପୃଷ୍ଠଭୂମି ଅନ୍ତତଃ ପକ୍ଷେ ସମସ୍ତେ ଜାଣନ୍ତି ଏବଂ ତାହା ହେଲା ଲୋକପ୍ରିୟ 'ଠେକୁଆ କଇଁଛ କଥା' ଯାହାର ଉଦାହରଣ କଥା କଥାକେ ଦେବା ଏକ ସାଧାରଣ ଅନୁଭୂତି ହୋଇ ରହିଯାଇଛି। ପାଠ ପଢ଼ାରେ, ଖେଳ କସରତରେ କିମ୍ବା କୌଣସି ପ୍ରତିଯୋଗିତାରେ ହେଳା କରୁଥିବା ଶିଶୁଟିକୁ ତା'ର ମାତାପିତା, ଗୁରୁଜନ ଓ ଶିକ୍ଷକ ସମସ୍ତେ ଏହି କାହାଣୀଟି ଶୁଣେଇ ଥାନ୍ତି କିମ୍ବା ପଢ଼େଇ ଥାନ୍ତି। ଉଭୟଙ୍କର ଗତିଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି। କାହିଁ କ୍ଷିପ୍ର ଗତିଶୀଳ ଠେକୁଆ କାହିଁ ମନ୍ଥର ଗତିରେ ଚାଲୁଥିବା କଇଁଛ। ଅଥଚ ଉଭୟ ପରସ୍ପର ମଧ୍ୟରେ ଦୌଡ଼ ପ୍ରତିଯୋଗିତା କରିବା ପାଇଁ ସ୍ଥିର କଲେ। କଇଁଛଟି ନିଜର ଅପାରଗତା ଜାଣି ବି ତା'ର ଗଭୀର ଆତ୍ମବିଶ୍ୱାସ ଓ ପରିଶ୍ରମ ଉପରେ ଭରସା ରଖି ସେଥିରେ ଭାଗ ନେବାକୁ ରାଜି ହେଲା। ଠେକୁଆର ଅଳସୁଆମି ଓ କଇଁଛଟିର ଧୈର୍ଯ୍ୟ ହେତୁ ଶେଷରେ କଇଁଛଟି ଜିତିଲା ଏବଂ କଥା ରହିଗଲା 'କଚ୍ଛପ ଗତି' ଯାହା ମନ୍ଥର ହୋଇପାରେ କିନ୍ତୁ ଲକ୍ଷ୍ୟ ସ୍ଥଳରେ ଅବଶ୍ୟ ପହଞ୍ଚାଏ। ଏହି ଗଳ୍ପଟି ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆ ଯାଏ ଯେ ହେଳା କଲେ ଭେଳା ବୁଡ଼େ, ଧୀର ପାଣି ପଥର କାଟେ ବା ଆଦୌ ନ ପହଞ୍ଚିବା ଅପେକ୍ଷା ବିଳମ୍ବରେ ପହଞ୍ଚିବା ଶ୍ରେୟସ୍କର। ଏଭଳି ବଚନିକାର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଏଥିରେ ନିହିତ ବାର୍ତ୍ତା ହେଲା ସାଧନାରେ ନିଷ୍ଠା ଥିଲେ ସିଦ୍ଧି ଲାଭ ନିଶ୍ଚିତ।

କଚ୍ଛପର ଗତି କେବଳ ଏହି କାହାଣୀଟିରେ ସୀମିତ ନୁହେଁ। ଅଲିଭ୍ ପତ୍ର ଭଳି ସବୁଜ ରଙ୍ଗର ଆବରଣ (ଖୋଳ) ଯୋଗୁ ଅଲିଭ ରିଡ୍‌ଲେ ନାମରେ ପରିଚିତ ଏକ ଜଣାଶୁଣା ପ୍ରଜାତିର କଇଁଛ ସେମାନଙ୍କର ଗତିଶୀଳତା ପାଇଁ ବେଶ୍ ଚର୍ଚ୍ଚିତ। ସମୁଦ୍ର ଗର୍ଭରେ ହଜାର ହଜାର ମାଇଲ ଯାତ୍ରା କରି ଏମାନେ ନିର୍ଭୁଲ ଭାବରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ଅଣ୍ଡା ଦିଅନ୍ତି। କଚ୍ଛପର ଗତିପଥ କେବଳ ଜଳ ଭାଗରେ ସୀମିତ ନୁହେଁ। ଏକ ଉଭୟଚର ପ୍ରାଣୀ ଭାବରେ ଏମାନେ ସ୍ଥଳଭାଗରେ ବି ସ୍ୱଚ୍ଛନ୍ଦରେ ଯାତାୟାତ କରନ୍ତି ତଥା ଶାକାହାରୀ ଓ ମାଂସାହାରୀ ଭାବରେ ଉଭୟ ପ୍ରକାରର ଖାଦ୍ୟ ଖାଆନ୍ତି। ସ୍ଥଳଭାଗରେ କଚ୍ଛପର ଗତି ଉପରେ ଅନେକ କାହାଣୀ ରହିଛି ଯେଉଁଥିରୁ ମନ୍ଥରକ ନାମକ କଚ୍ଛପର ଗତିବିଧି ସମ୍ପର୍କରେ ବିଖ୍ୟାତ ସଂସ୍କୃତ କଥା ହିତୋପଦେଶ ଅନ୍ୟତମ।



ଇଏ ତ ହେଲା କଇଁଛର ବାହ୍ୟ ଗତି। ତା'ର ଆଭ୍ୟନ୍ତରୀଣ ଗତି ମଧ୍ୟ ତତ୍ତୁଲ୍ୟ ଶିକ୍ଷାପ୍ରଦ। କଇଁଛର ସାରା ଦେହ ଏପରି କଠିନ ଆବରଣ ଭିତରେ ସୁରକ୍ଷିତ ଯେ ତାହା ତାକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଢାଲ ଭଳି କାର୍ଯ୍ୟ କରେ। କିନ୍ତୁ ତା'ର ପାଦ ଓ ମୁଖ ଅପେକ୍ଷାକୃତ କୋମଳ ଉପାଦାନରେ ଗଠିତ ହୋଇଥିବାରୁ ତାହା ତା'ର ଏକ ଦୁର୍ବଳତା। ହେଲେ ତା' ଉପରେ ଆକ୍ରମଣର ସୁରାକ ପାଇଲେ ତାକୁ ସେ ଶରୀରର ଟାଣ ଖୋଳପା ଭିତରକୁ ପୂରେଇ ଦେଇ ଆତ୍ମରକ୍ଷା କରେ ଏବଂ ଭୟର ଆଶଙ୍କା ଟଳିଗଲେ ସେ ସବୁକୁ ପୁଣି ବାହାରକୁ କାଢି କାମରେ ଲଗାଏ। କଇଁଛର ଏପରି କୌଶଳ ମନୁଷ୍ୟ ପାଇଁ ଉପଲବ୍ଧ ଦୁଇଟି ଆତ୍ମରକ୍ଷା ଉପାୟ ଯଥା ବେତସ ବୃତ୍ତି ଓ ଭୁଜଙ୍ଗ ବୃତ୍ତି ସହିତ ତୁଳନୀୟ। ଝଡ଼ ବତାସରେ ନଇଁ ପଡ଼ି ଓ ତା' ପରେ ମୁଣ୍ଡ ଟେକି ବେତ ବୃକ୍ଷ ତିଷ୍ଠି ରହେ ଅଥଚ ଶତ୍ରୁ ସମ୍ମୁଖରେ ଫଣାକୁ ଟେକି ରଖି ସର୍ପଟିଏ ପ୍ରାଣ ହାରେ। କଇଁଛଟି ବେତ ଗଛ ପରି ନିଜର ଅଙ୍ଗ ଚାଳନା କରି ବିପଦରୁ ନିଜକୁ ରକ୍ଷା କରେ। କଚ୍ଛପର ଏଭଳି ବିଚିତ୍ର ଗତିର ସାମଞ୍ଜସ୍ୟ ସଂସାରର ଗତି ସହିତ ରହିଛି। ''ସମ୍ୟକ୍ ସରତି ଇତି ସଂସାର'' ଅର୍ଥାତ୍ ଧୀରେ ଧୀରେ ଗତି କରୁଥିବାରୁ ନାମ ସଂସାର। କଚ୍ଛପ ଗତିର ସବୁଠାରୁ ସ୍ୱତନ୍ତ୍ର ବିଶେଷତ୍ୱ ହେଉଛି ଏହା ଧୀରେ ଚାଲେ କିନ୍ତୁ ପଛେଇ ଚାଲେନା ଅର୍ଥାତ୍ ଅନ୍ୟ ପ୍ରାଣୀଙ୍କ ଭଳି ଏହାର ପଶ୍ଚାତ ଗତି ନାହିଁ। ଅତଏବ କଇଁଛଟିଏ ଏହି ଶିକ୍ଷା ଦିଏ ଯେ ଲକ୍ଷ୍ୟ ପଥରେ ଅଗ୍ରସର ହେବାବେଳେ ପଛଘୁଞ୍ଚା ଦେବା ଉଚିତ ନୁହେଁ।

ପ୍ରକୃତିର ଜୈବ ବିବିଧତା ରକ୍ଷା ପାଇଁ କଇଁଛର ଯଥେଷ୍ଟ ଅବଦାନ ରହିଛି। ବିଭିନ୍ନ ବିଷାକ୍ତ ଗଛଲତା ଓ କୀଟ ପତଙ୍ଗଙ୍କୁ ଖାଇଦେଇ ଏହା ପ୍ରାକୃତିକ ଭାରସାମ୍ୟ ରକ୍ଷାକରେ। ମାତ୍ର ପରିତାପର ବିଷୟ ମାଂସାହାରୀ ମନୁଷ୍ୟ ଖାଦ୍ୟ ଲୋଭରେ ଏହାକୁ ମାରି ଖାଇ ଚାଲିଛି ଯାହା ଫଳରେ ଏହାର ସଂଖ୍ୟା କମି କମି ଯାଉଛି। ଏକ ପଣ୍ୟଦ୍ରବ୍ୟ ଭାବେ ହଜାର ହଜାର ସଂଖ୍ୟାରେ କଇଁଛ ରପ୍ତାନି ଆମଦାନୀ କରାଯାଉଛି। ପରିସ୍ଥିତି ଏପରି ଉଦ୍‌ବେଗଜନକ ହେଲାଣି ଯେ ଶେଷରେ ମିଳିତ ଜାତିସଂଘ ଏଥିରେ ହସ୍ତକ୍ଷେପ କରି ଏହାକୁ ଏକ ସଙ୍କଟାପନ୍ନ ଜୀବ (ଏଣ୍ଡେଞ୍ଜର୍ଡ ସ୍ପେସି) ଭାବରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ଜେନେଭାର ପ୍ରଥମ ପରିଶିଷ୍ଟରେ (କ୍ଷୟମାଣ ଜୀବ) ୫।୧୦।୧୯୪୮ରୁ ତାଲିକାଭୁକ୍ତ କରିଛି। ସେହିପରି ଲଣ୍ଡନ ସ୍ଥିତ ସିଆଇଟିଇଏସ୍ ସଂଗଠନ ସମସ୍ତ ସଙ୍କଟାପନ୍ନ ଜୀବଙ୍କର ବିକାକିଣାକୁ ଅନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ କରିଛି। ଭାରତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୯୧ରେ ମଧ୍ୟ ଏହା ପ୍ରଥମ ପରିଚ୍ଛେଦରେ(ସଙ୍କଟାପନ୍ନ ଜୀବ ତାଲିକା) ସ୍ଥାନ ପାଇଛି। ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ଚରାଭୂଇଁ ତଥା ଅଣ୍ଡାଦାନ ସ୍ଥଳୀ ଭାବେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଭିତର କନିକାର ଗହୀରମଥା ଅଞ୍ଚଳ କେବଳ ଏହି ଜାତୀୟ କଇଁଛଙ୍କ ପାଇଁ ସାରା ବିଶ୍ୱରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଛି। ତେଣୁ ପ୍ରତିବର୍ଷ ସେମାନଙ୍କର ଅଣ୍ଡା ଦେବା ଋତୁରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମ୍ପୃକ୍ତ ଅଞ୍ଚଳ ଦର୍ଶକଙ୍କ ପାଇଁ ବନ୍ଦ ରହେ। ମହାବିଷ୍ଣୁଙ୍କର ଦ୍ୱିତୀୟ ଅବତାର କଇଁଛ ଭଳି ଏକ ନିରୀହ ଉପକାରୀ ଜୀବକୁ ସୁରକ୍ଷା ପ୍ରଦାନ ନ କଲେ କ୍ରମେ ଏହା ଲୋପ ପାଇଯିବ ଏବଂ ତା'ର କୁପରିଣାମ ଆମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ।

ମୋ:୯୪୩୮୬୭୩୮୯୮

## ଏଇ ଭାରତରେ

ବାହାରେ କିମ୍ବା ଘରେ ଅଦରକାରୀ ଜିନିଷ ଠୁଳ ହୋଇ ରହିବା ପ୍ରଦୂଷଣର କାରଣ ପାଲଟୁଛି। ପ୍ରଦୂଷଣ ହ୍ରାସ କରିବା ସକାଶେ ରିସାଇକ୍ଲିଂ ପଦ୍ଧତିରେ ଏଗୁଡ଼ିକର ପୁନଃ ବ୍ୟବହାର କରାଯାଉଛି ଏବଂ ଏଥିପାଇଁ ବହୁ ଷ୍ଟାର୍ଟଅପ ସାମ୍ନାକୁ ଆସୁଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ଉପାୟରେ ମଧ୍ୟ ଅନେକେ ପ୍ରୟାସ ଜାରି ରଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେରଳର ଅଞ୍ଜଳି ପାବନ ଅନ୍ୟତମ। ଅଞ୍ଜଳି ଅଦରକାରୀ ଜିନିଷ ବ୍ୟବହାର କରି ଘରେ ଝୁଲନ୍ତା ବଗିଚା କରିଛନ୍ତି। ଏଭଳି ବଗିଚା କରିବା ସକାଶେ ଅନ୍ୟ ଗୃହିଣୀମାନଙ୍କୁ ବି ପ୍ରୋତ୍ସାହିତ କରୁଛନ୍ତି। ବିଶେଷକରି ଅଞ୍ଜଳି ପୁରୁଣା ରଙ୍ଗ କ୍ୟାନ, ଟାୟାର, ଷଡେଇ, ନଡ଼ିଆକତା, ପ୍ଲାଷ୍ଟିକ ବୋତଲ, ପୁରୁଣା ସିଲେଇ ମେସିନ ଓ ଡ୍ରମ୍ ବ୍ୟବହାର କରିଛନ୍ତି। ବଡ଼ କଥା ହେଉଛି ସେ ଜାପାନର ବଗିଚା ପଦ୍ଧତି (କୋକେଡାମ) ଅନୁସାରେ ଏହି ବଗିଚା କରିଛନ୍ତି, ଯେଉଁଥିରେ ଗଛଗୁଡ଼ିକୁ ନଡ଼ିଆକତା ଓ ମାଟିରେ ଲଗାଯାଇ ଝୁଲାଇ ଦିଆଯାଉଛି। ଅଞ୍ଜଳି ଓ ତାଙ୍କ ମା'ଙ୍କ ଦ୍ୱାରା କରାଯାଇଥିବା ଏହି ବଗିଚା ପରିବେଶ ଅନୁକୂଳ ହେବା ସହ ଖର୍ଚ୍ଚ କମ୍ କରିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୭୬

- ଜାତୀୟତା ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବେଆଇନ ଘୋଷଣା କରାଯାଇଥିବା ନେପାଳ କଂଗ୍ରେସର ୧୨ ଜଣ ସଭ୍ୟଙ୍କୁ ନେପାଳର ରାଜା ବୀରେନ୍ଦ୍ର ରାଜକ୍ଷମା ଦେଇଛନ୍ତି।
- ପାକିସ୍ତାନର ବେଲୁଚିସ୍ଥାନ ଆସେମ୍ବ୍ଲିର ବାଚସ୍ପତି ମହମ୍ମଦ ଖାଁ ବାରୁଜାୟୀ ଉକ୍ତ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଘୋଷିତ।
- ଦକ୍ଷିଣ ଆଫ୍ରିକାର ନାୟାଙ୍ଗା ସହରରେ ଲାଗିଥିବା ଗଣ୍ଡଗୋଳ ଉପରକୁ ପୋଲିସ ଗୁଳିଚାଳନା କରିବା ଫଳରେ ୧୨ ନିହତ।

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ ! ମୋତେ ବଡ଼ ନିର୍ଦ୍ଦୟ ।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | 2 | 4 | | | |
| | | | | | | | 8 | |
| | 2 | | 6 | | | | | |
| 1 | | | | | | | 7 | |
| | | | 5 | 3 | | | | |
| | 5 | 7 | | | 8 | 2 | | 6 |
| | | | | 5 | | 1 | | |
| | 3 | 2 | | | | | | |
| 4 | | | | 9 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 4 | 7 | 9 | 8 | 2 | 3 |
| 9 | 4 | 2 | 5 | 3 | 8 | 7 | 6 | 1 |
| 7 | 8 | 3 | 2 | 6 | 1 | 5 | 9 | 4 |
| 3 | 5 | 8 | 1 | 2 | 6 | 9 | 4 | 7 |
| 6 | 7 | 9 | 8 | 5 | 4 | 3 | 1 | 2 |
| 4 | 2 | 1 | 7 | 9 | 3 | 6 | 5 | 8 |
| 1 | 6 | 4 | 9 | 8 | 7 | 2 | 3 | 5 |
| 2 | 9 | 7 | 3 | 1 | 5 | 4 | 8 | 6 |
| 8 | 3 | 5 | 6 | 4 | 2 | 1 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଭୁଙ୍କ ଫଟୋର ଅପବ୍ୟବହାର

ମହାଶୟ,

ପ୍ରଭୁ ଜଗନ୍ନାଥ ହେଉଛନ୍ତି ଆଧ୍ୟାତ୍ମିକ ପବିତ୍ରତାର ପ୍ରତୀକ। କିନ୍ତୁ ଆଜିକାଲି ବ୍ୟତିକ୍ରମ ହେଉଛି ପ୍ରଭୁଙ୍କ ଫଟୋ ଘର ବାହାର କାନ୍ଥ, ପାଚେରି, ସାର୍ବଜନୀନ ରାସ୍ତା କଡ଼ରେ ଚିତ୍ରିତ କରୁଛନ୍ତି। ଆହୁରି ମଧ୍ୟ ଡ୍ରେସ, ବ୍ୟାଗଗୁଡ଼ିକରେ ପ୍ରତିମା ମାନ ଚିତ୍ରିତ ହେଉଛି। ବ୍ୟାଗଟି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଆଦି ସ୍ଥାନରେ ରଖିବାକୁ ପଡୁଥାଇ ପାରେ। ଆମେମାନେ ମାନୁଛୁ ଯେ ଲୋକମାନେ ନିଶ୍ଚିତ ଆଶୀର୍ବାଦ ପାଇବା ଉଦ୍ଦେଶ୍ୟ ରଖି ଏଇ ସବୁ କରିଥାନ୍ତି। କିନ୍ତୁ ପ୍ରାୟତଃ ଏସବୁ ସ୍ଥାନ ମଇଳା ରହିଥାଏ, ଯାହା କି ପ୍ରତିମାର ପବିତ୍ରତାକୁ ହ୍ରାସ କରିପାରେ। ଦୟାକରି ଯେଉଁ ନିର୍ମାତା ଏସବୁ ସାମଗ୍ରୀ ତିଆରି କରୁଛନ୍ତି ସେମାନେ ପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ପ୍ରତୀକକୁ କେଉଁଠି ରଖିବାକୁ ହୁଏ ସେ ବିଷୟରେ ସଚେତନ ହୁଅନ୍ତୁ। ଯେଉଁମାନେ ବିଭିନ୍ନ ଉତ୍ପାଦରେ ଜଗନ୍ନାଥଙ୍କ ଫଟୋ ବ୍ୟବହାର କରୁଛନ୍ତି ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଉ। ସରକାର ଏଥି ପ୍ରତି ଧ୍ୟାନ ଦିଅନ୍ତୁ।

-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗାଜିଆବାଦ ଦେଶର ପ୍ରଦୂଷିତ ସହର



## ୪ର୍ଥ ସ୍ଥାନରେ ଦିଲ୍ଲୀ

ଚଣ୍ଡିଗଡ଼,୭।୧୨

ଗତ ନଭେମ୍ବରରେ ଜାତୀୟ ରାଜଧାନୀ ଦିଲ୍ଲୀ ଦେଶର ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର ଥିଲା। ସବୁଠୁ ଅଧିକ ପ୍ରଦୂଷିତ ସହର ତାଲିକାର ଶୀର୍ଷରେ ଗାଜିଆବାଦ, ନଏଡା ଓ ବାହାଦୁରଗଡ଼ ରହିଥିଲା। ଦିଲ୍ଲୀ ତଳକୁ ହାପୁର, ଗ୍ରେଟର ନଏଡା, ବାଘପତ, ସୋନିପତ, ମିରଟ ଓ ରୋହତକ୍ ରହିଥିବା ଏକ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆରଇଏ) ପକ୍ଷରୁ ପ୍ରକାଶିତ 'ନଭେମ୍ବର ୨୦୨୫ ମଛଲି ଏୟାର କ୍ୱାଲିଟି ସ୍ନାପସଟ୍' ଶୀର୍ଷକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ ନଭେମ୍ବରରେ ଦେଶର ସର୍ବାଧିକ ପ୍ରଦୂଷିତ ସମସ୍ତ ୧୦ଟି ଯାକ ସହରରେ ପର୍ଟିକୁଲେଟ୍ ମ୍ୟାଟର (ପିଏମ୍) ସ୍ତର ପୂର୍ବବର୍ଷ ତୁଳନାରେ ୨.୫ ଅଧିକ ରହିଥିଲା। ନଡ଼ାମୂଳି ଜାଳିବା ଅନେକ ମାତ୍ରାରେ ବନ୍ଦ ହୋଇଥିଲେ ମଧ୍ୟ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର)ରେ ରହିଥିବା ୨୯ ସହର ମଧ୍ୟରୁ ୨୦ ସିଟିରେ ପ୍ରଦୂଷଣସ୍ତର ପୂର୍ବବର୍ଷ ଅପେକ୍ଷା ଏଥର ଅଧିକ ରହିଛି। ଅତୀତରେ ନଡ଼ାମୂଳି ପୋଡ଼ି ଯୋଗୁ ପଞ୍ଜାବ ଓ ହରିୟାଣାକୁ ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦାୟୀ କରାଯାଉଥିଲା। ଏହି ଦୁଇ ରାଜ୍ୟ ଗତ ୪ ବର୍ଷ ମଧ୍ୟରେ ନଡ଼ାମୂଳି ପୋଡ଼ି ୮୦-୯୦% ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଉକ୍ତ ରିପୋର୍ଟରେ ପ୍ରଦତ୍ତ ତଥ୍ୟ ସାରା ଦେଶରେ ବାୟୁ ଗୁଣବତ୍ତା ଖରାପ ଆଡ଼କୁ ଗତି କରୁଥିବା ସୂଚାଉଛି।

ତେବେ ସର୍ବାଧିକ ପ୍ରଦୂଷିତ ୧୦ ସହର ମଧ୍ୟରୁ ୬ଟି ଉତ୍ତର ପ୍ରଦେଶରେ ରହିଥିବାବେଳେ ହରିୟାଣାର ୩ଟି ରହିଛି। କେବଳ ଦିଲ୍ଲୀକୁ ଛାଡ଼ି ଅନ୍ୟ ୯ ସହରରେ ଏବର୍ଷ ପୂର୍ବାପେକ୍ଷା ଅଧିକ ବାୟୁ ପ୍ରଦୂଷଣ ରେକର୍ଡ କରାଯାଇଛି। ସିଆରଇଏ ବିଶ୍ଳେଷକ ମନୋଜ କୁମାର କହିଛନ୍ତି, ପରିବହନ, ଶିଳ୍ପ, ଶକ୍ତି ପ୍ରକଳ୍ପ ଓ ଅନ୍ୟ ନିର୍ମାଣଗୁଡ଼ିକ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି। ନିର୍ଦ୍ଦିଷ୍ଟ ଭାବେ ସେକ୍ଟରୱାଇଜ୍ ନିର୍ଗମନ ହ୍ରାସ ନ ହେଲେ ଆଗକୁ ସ୍ଥିତି ଆହୁରି ଖରାପ ହୋଇପାରେ। ରାଜ୍ୟସ୍ତରରେ ଅନୁଧ୍ୟାନ କଲେ ରାଜସ୍ଥାନର ସର୍ବାଧିକ ୨୩, ହରିୟାଣାର ୨୨, ୟୁପିର ୧୪, ମଧ୍ୟପ୍ରଦେଶର ୯, ଓଡ଼ିଶାର ୯ ଓ ପଞ୍ଜାବର ୭ ସହରରେ ପ୍ରଦୂଷଣ ସାନ୍ଦ୍ରତା ଗତ ବର୍ଷ ତୁଳନାରେ ଅଧିକ ରହିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଭାଜପା ଦୁର୍ନୀତିଗ୍ରସ୍ତଙ୍କ ୱାଶିଂମେଶିନ: କଂଗ୍ରେସ

ଭୁବନେଶ୍ୱର, ୭।୧୨ (ରବିନାରାୟଣ ଜେନା)



କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ବିବୃତି ରଖୁଛନ୍ତି।

ବରପଦା ଇଞ୍ଜିନିୟରିଂ କଲେଜ ଚଞ୍ଚକତାରେ ନିଜକୁ ବଞ୍ଚାଇବା ଲାଗି ବିଜେଡି ନେତାଙ୍କ ପୁଅ ଏବେ ଭାଜପାର ଶରଣାପନ୍ନ ହୋଇଛନ୍ତି ବୋଲି କଂଗ୍ରେସ କହିଛି।

କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଦୁର୍ନୀତିଗ୍ରସ୍ତଙ୍କ ଦୁର୍ନୀତି ଧୋଇବାରେ ଭାଜପା ଏକ ବଡ଼ ୱାଶିଂମେଶିନ। ଯେଉଁମାନେ ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ଦଳରେ ସାମିଲ କରି ତାଙ୍କ ଦୁର୍ନୀତି ସଫା କରି ଜନସାଧାରଣଙ୍କୁ ଭାଜପା କି ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ବରପଦା ଇଞ୍ଜିନିୟରିଂ କଲେଜ କଳାପର୍ବ ପଛରେ ପ୍ରୟାସକାନ୍ତ ସାମଲଙ୍କ ସମ୍ପୃକ୍ତି ରହିଛି। ୨୦୦୦ରେ ବିଜେଡି ସରକାର କ୍ଷମତାକୁ ଆସିଲା ପରେ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ କୌଶଳତା ଯୋଗୁ କଲେଜର ପରିଚାଳନା କମିଟି ସେ ନିଜ ହାତକୁ ନେଇଥିଲେ। ୨୦୦୭ରେ କଲେଜର ବାଏ-ଲ କୁ ପରିବର୍ତ୍ତନ କରି ବ୍ୟକ୍ତିକେନ୍ଦ୍ରିକ କରିଦେଲେ। ୨୦୦୯ରେ ପୁଅ ପ୍ରୟାସକାନ୍ତଙ୍କୁ ପରିଚାଳନା କମିଟିର ସଭାପତି କରି ତାଙ୍କ ହାତରେ ସମସ୍ତ କ୍ଷମତା ପ୍ରଦାନ କଲେ। ବର୍ଷକୁ ୨୦ରୁ ୨୨ କୋଟି ରୋଜଗାର ଥିଲାବେଳେ ଅନୁଷ୍ଠାନର ଖର୍ଚ୍ଚ ବର୍ଷକୁ ମାତ୍ର ୮ କୋଟିରେ ହେଉଥିଲା। ସେ କହିଛନ୍ତି ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ଭୁବନେଶ୍ୱରର କଣ୍ଟାବାଡ଼ଠାରେ ପ୍ରତିଷ୍ଠା ହୋଇଥିବା ଏକ ଇଞ୍ଜିନିୟରିଂ କଲେଜର ବିଏଟି (ଭଦ୍ରକ ଏକାଡେମି ଅଫ ଟେକ୍ନୋଲୋଜି) ୪୦ ଏକର ଜମି ଓ କୋଠାବାଡ଼ି ବିକି ଚଳ କରିଦେଲେ ଓ ଅନୁଷ୍ଠାନକୁ ଟ୍ରଷ୍ଟକୁ ଫେରାଇଲେ ନାହିଁ। ପରେ ତା'ର କିଛି ଜମି ନିଜ ନାମରେ କରିନେଲେ। କେବଳ ସେତିକି ନୁହେଁ, ପ୍ରୟାସକାନ୍ତି କଲେଜର କାଗଜପତ୍ର ବ୍ୟାପକ ଜାଲିଆତି କରିବା ସହ ବିପୁଳ ଦୁର୍ନୀତି କରିଛନ୍ତି। ଏହା ଏବେ ତଦନ୍ତ ପରିସରଭୁକ୍ତ ରହିଥିବାବେଳେ କେଉଁ ନୈତିକ ଆଧାରରେ ଅଭିଯୁକ୍ତମାନଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରେ ମିଶାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସମ୍ମିଳନୀରେ ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ବିଜେବିରେ ୩ମାସରେ ୪ ର୍ୟାଗିଂ ବୁଝାମଣାରେ ସୀମିତ

ଭୁବନେଶ୍ୱର,୭।୧୨
(ରବିନାରାୟଣ ଜେନା)

ରାଜ୍ୟରେ ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରେ ର୍ୟାଗିଂକୁ ନେଇ ଆସୁଥିବା ଅଭିଯୋଗ ସବୁ ବୁଝାମଣାରେ ସୀମିତ ରହୁଛି। ସବୁ ର୍ୟାଗିଂ ଅଭିଯୋଗରେ ମାମଲା ହେବା ପୂର୍ବରୁ ଆଣ୍ଟି ର୍ୟାଗିଂ ସେଲ୍‌ର ହସ୍ତକ୍ଷେପ ଫଳରେ ବୁଝାମଣା ହୋଇଯାଉଛି। ଗତ ୩ମାସ ମଧ୍ୟରେ କେବଳ ରାଜଧାନୀର ସବୁଠାରୁ ସ୍ୱନାମଧନ୍ୟ ଅନୁଷ୍ଠାନ ବିଜେବି ସ୍ୱୟଂଶାସିତ ଡିଗ୍ରୀ କଲେଜରେ ୪ଟି ମାମଲା ହୋଇଥିଲେ ହେଁ ତାହା ବୁଝାମଣାରେ ଫଇସଲା ହୋଇଯାଇଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୬ ମାସ ମଧ୍ୟରେ ପ୍ରଥମେ ବିଜେବି ଅଟୋନମସ୍ ଡିଗ୍ରୀ କଲେଜରେ ଚଳିତବର୍ଷ ଅଗଷ୍ଟ ୨୦ରେ ଏସଂକ୍ରାନ୍ତୀୟ ଏକ ଅଭିଯୋଗ ଆସିଥିଲା ; ଯେଉଁଥିରେ ପ୍ରିନ୍ସିପାଲ ହସ୍ତକ୍ଷେପ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇଛି। ସେହିପରି ସେପ୍ଟେମ୍ବର ୪ରେ ଆସିଥିବା ଅଭିଯୋଗ ମଧ୍ୟ ବୁଝାମଣା ଭିତ୍ତିରେ ସମାଧାନ ହୋଇଥିବାବେଳେ ୮ତାରିଖରେ ମଧ୍ୟ ଅନୁରୂପ ଅଭିଯୋଗର ବୁଝାମଣା ହୋଇଛି। ସେହିପରି ନଭେମ୍ବର ୨୧ରେ ପୁନର୍ବାର କଲେଜରେ ର୍ୟାଗିଂ ଅଭିଯୋଗ ଆସିଥିଲା। ଏଥିରେ ଉଭୟପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇ ମାମଲାକୁ ଆଗକୁ ବଢ଼ାଯାଇନାହିଁ। ଏହାବାଦ୍ ସୁନ୍ଦରଗଡ଼ ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ରାଉରକେଲା ଅଟୋନମସ୍ ଡିଗ୍ରୀ କଲେଜରେ ଯେତେ ସବୁ ର୍ୟାଗିଂ ଅଭିଯୋଗ ଆସିଥିଲା, ସେ କ୍ଷେତ୍ରରେ ଆଣ୍ଟି ର୍ୟାଗିଂ ସେଲ୍‌ର ହସ୍ତକ୍ଷେପ ଫଳରେ ସବୁ ଫଇସଲା ହୋଇଯାଇଛି। ରାଗିଂ ରୋକିବାରେ ଆଣ୍ଟି ରାଗିଂ ସେଲ୍ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ କାଡାମ କହିଛନ୍ତି, ସରକାର ଗୃହକୁ ବାସ୍ତବ ତଥ୍ୟ ଦେବାକୁ ଚାହୁଁ ନାହାନ୍ତି। ବ୍ରହ୍ମପୁର ମେଡିକାଲ କଲେଜଠାରୁ ଆରମ୍ଭ କରି ଅନ୍ୟାନ୍ୟ କଲେଜରେ ରାଗିଂ ହେବା ସହିତ କଥା ବହୁତ ବାଟ ଯାଇଥିଲା। ଏହାସହିତ ଦୈନିକ ର୍ୟାଗିଂ ଅଭିଯୋଗ ନେଇ ମାତାପିତାଙ୍କ ଅଭିଯୋଗ ଆସୁଛି। ହେଲେ ସରକାର ସେସବୁକୁ ଚାପି ଦେଉଛନ୍ତି।

# ମାଟିର ପୁଅ ମୁଖ୍ୟମନ୍ତ୍ରୀ, ଆମେ ଗର୍ବିତ: ବଦ୍ରୀ

ଭୁବନେଶ୍ୱର,୭।୧୨(ରବିନାରାୟଣ ଜେନା)

ମା' ତାରିଣୀଙ୍କ ବିକାଶ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ଗସ୍ତକୁ ନେଇ ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି, ଆମେ ଏମିତି ଜଣେ ନେତା ପାଇଛେ, ଯାହାଙ୍କ ହାତରେ କେନ୍ଦୁଝର ଦାୟିତ୍ୱ ଦେଇ ଆରାମରେ ରହିପାରିବା। ଏହା ଆମ ପାଇଁ ଗର୍ବ ଓ ସୌଭାଗ୍ୟର ବିଷୟ ଯେ କେନ୍ଦୁଝର ମାଟିର ପୁଅ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏହା ଅତୀତରେ ସମ୍ଭବ ହୋଇ ନ ଥିଲା ଏବଂ ଭବିଷ୍ୟତରେ ମଧ୍ୟ ସମ୍ଭବ ହେବ ନାହିଁ ବୋଲି ବଦ୍ରି କହିଛନ୍ତି।

# ଓଡ଼ିଶାରେ ବଢୁଛି ୱେଷ୍ଟର୍ନ ପର୍ଯ୍ୟଟକଙ୍କ ସଂଖ୍ୟା

ଭୁବନେଶ୍ୱର,୭।୧୨(ରବିନାରାୟଣ ଜେନା)

## ୫ବର୍ଷରେ ୭ଗୁଣ ବୃଦ୍ଧି

ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମି ପ୍ରତି ଆକୃଷ୍ଟ ହୋଇ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ୱେଷ୍ଟର୍ନ ୟୁରୋପ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଏପରିକି କରୋନା ସତ୍ତ୍ୱେ ୫ବର୍ଷରେ ୭ଗୁଣ ବୃଦ୍ଧି ପାଇଛି ବୋଲି ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୦ରେ ରାଜ୍ୟରେ ୱେଷ୍ଟର୍ନ ୟୁରୋପ ପର୍ଯ୍ୟଟକଙ୍କ ସଂଖ୍ୟା ୩୮୨୯ ରହିଥିବାବେଳେ ଏବେ ଏହା ୨୦,୮୫୭ରେ ପହଞ୍ଚିଲାଣି। ରାଜ୍ୟକୁ ଆସୁଥିବା ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ତୁଳନାରେ ଏହା ଅର୍ଦ୍ଧାଧିକ। ବିଭାଗର ତଥ୍ୟ ଅନୁଯାୟୀ, ୱେଷ୍ଟର୍ନ ୟୁରୋପ ମଧ୍ୟରେ ଅଷ୍ଟ୍ରିଆ, ବେଲଜିୟମ, ଡେନମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଇଟାଲୀ, ନେଦରଲାଣ୍ଡ, ସ୍ପେନ୍, ନରୱେ, ସ୍ୱିଡେନ, ସୁଇଜରଲାଣ୍ଡ, ବ୍ରିଟେନ, ଗ୍ରୀସ୍, ପର୍ତ୍ତୁଗାଲ ଓ ଅନ୍ୟାନ୍ୟ ୱେଷ୍ଟର୍ନ ୟୁରୋପ ଦେଶରୁ ୨୦୨୧ରେ କରୋନା ପାଇଁ ମାତ୍ର ୮୪୫ଜଣ ଆସିଥିବାବେଳେ ୨୦୨୨ରେ ଏହା ୭୦୦୫କୁ ବୃଦ୍ଧି ପାଇଥିଲା। ୨୦୨୩ରେ ଏହା ୧୭ହଜାର ୧୨୬କୁ ବୃଦ୍ଧି ପାଇଥିବାବେଳେ ୨୦୨୪ରେ ୨୦ହଜାର ୮୫୭କୁ ବୃଦ୍ଧି ପାଇଛି। ଓଡ଼ିଶାକୁ ଗତବର୍ଷରେ ସମୁଦାୟ ୩୪ହଜାର ୯୭୧ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ସେଥିମଧ୍ୟରୁ ୱେଷ୍ଟର୍ନ ୟୁରୋପର ପର୍ଯ୍ୟଟକଙ୍କ ସଂଖ୍ୟା ସିଂହଭାଗ ରହିଛି।

ତଥ୍ୟ ଅନୁଯାୟୀ, ଓଡ଼ିଶାକୁ ୨୦୨୦ରେ ଉତ୍ତର ଆମେରିକାରୁ ୧୯୨୩ ପର୍ଯ୍ୟଟକ ଆସିଥିବାବେଳେ ଏବେ ଏହା ୭,୬୪୯ରେ ପହଞ୍ଚିଥିଲା। ସେହିପରି ଦକ୍ଷିଣ ଆମେରିକାରୁ ଏହି ଅବଧି ମଧ୍ୟରେ ୧୫୦ ପର୍ଯ୍ୟଟକରୁ ୮୮୬, ଅଷ୍ଟ୍ରେଲିଆରୁ ୫୬୮ରୁ ୨୮୫୩, ଇଷ୍ଟର୍ନ ୟୁରୋପରୁ ୪୯୧ରୁ ୩୦୬୧ ଏବଂ ୱେଷ୍ଟ ଏସିଆରୁ ୨୫୦ରୁ ୬୬୫ଜଣକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି।

ଅନ୍ୟପକ୍ଷରେ ଦେଶର ପର୍ଯ୍ୟଟକଙ୍କ ଆଗମନ କ୍ଷେତ୍ରରେ ଓଡ଼ିଶା ୨୦ତମ ସ୍ଥାନରେ ରହିଛି। ଓଡ଼ିଶା ପଛରେ ଆସାମ, ପୁଡୁଚେରୀ, ହରିୟାଣା, ସିକ୍କିମ, ମେଘାଳୟ, ଦାଦ୍ରା ଓ ନଗର ହାଭେଳି ଏବଂ ଡାମନଡିଉ, ଚଣ୍ଡୀଗଡ଼, ଅରୁଣାଞ୍ଚଳପ୍ରଦେଶ, ଏଆଣ୍ଡଏନ୍ ଆଇସଲାଣ୍ଡ, ତ୍ରିପୁରା, ମିଜୋରାମ, ଲଦାଖ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଏବଂ ମଣିପୁର ରହିଛି। ତେବେ ଉତ୍ତରପ୍ରଦେଶକୁ ଦେଶର ସର୍ବାଧିକ ପର୍ଯ୍ୟଟକ ଆସୁଥିବା ଉପମୁଖ୍ୟମନ୍ତ୍ରୀ ବିଧାୟକ ଧ୍ରୁବଚରଣ ସାହୁଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି।

# କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଲେ ଚାଷୀ

## ଧାନ କିଣାବିକା ଅଚଳାବସ୍ଥା ଜାରି

ବରଗଡ଼,୭।୧୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ରବିବାର ୧୦ଦିନରେ ପହଞ୍ଚିଛି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରବିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଏହି ମଣ୍ଡିରେ ଧାନ କିଣାବିକା ସ୍ୱାଭାବିକ ହେବ ନାହିଁ, ସେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଥିଲା। କେଉଁଠି ଧାନ ଉଠାଣ ଟାର୍ଗେଟ ନ ଥିବାବେଳେ ଆଉ କେଉଁଠାରେ ଟୋକନ ସମସ୍ୟା ଯୋଗୁ ଚାଷୀମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। କଳାପାଣି ମଣ୍ଡିରେ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। କଳାପାଣି ମଣ୍ଡିରେ ଏପର୍ଯ୍ୟନ୍ତ ୩୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡ଼ି ରହିଛି। ଫଳରେ ଧାନ ବିକିବା ପାଇଁ ଦିନ ଦିନ ଧରି ଚାଷୀ ମଣ୍ଡିରେ ଶୀତ କାକର ସହି ଜଗି ରହିଛନ୍ତି। କିନ୍ତୁ ଧାନ ଉଠାଯାଉ ନାହିଁ। ଏହାର ପ୍ରତିବାଦରେ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଟିଙ୍କ ନେତୃତ୍ୱରେ ଚାଷୀମାନେ କଳାପାଣି ମଣ୍ଡିକୁ ପହଞ୍ଚି ଥିଲେ। ମଣ୍ଡି କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟାଳୟରୁ ବାହାରି ଯିବାକୁ କହି ସେଠାରେ ତାଲା ମାରିଥିଲେ।



ଚାଷୀମାନେ ମଣ୍ଡି କାର୍ଯ୍ୟାଳୟରେ ତାଲା ମାରୁଛନ୍ତି।

# ଓଟିଇଏଲ୍‌ପି କାର୍ଯ୍ୟକ୍ଷମ ହେଉ: କାଡାମ

ଭୁବନେଶ୍ୱର,୭।୧୨(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ଓ ପଛୁଆବର୍ଗଙ୍କ ବିକାଶ ଲାଗି ସରକାର ବଜେଟରେ ଯେଉଁ ଅର୍ଥ ରଖୁଛନ୍ତି ତାକୁ ଠିକଣା ବାଟରେ ଖର୍ଚ୍ଚ କରୁନାହାନ୍ତି। ଫଳରେ ଆଦିବାସୀ ଓ ପଛୁଆବର୍ଗଙ୍କ ବିକାଶ ସାଧିତ ହୋଇପାରୁନାହିଁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନାକୁ ନେଇ କାଡାମ କହିଛନ୍ତି, ଏହି ବର୍ଗଙ୍କ ବିକାଶ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୯-୧୦ ଠାରୁ ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଏବଂ ଜୀବିକା କାର୍ଯ୍ୟକ୍ରମ(ଓଟିଇଏଲ୍‌ପି) ପ୍ଲସ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ସ୍ଥାନୀୟ ପ୍ରାକୃତିକ ସମ୍ପଦର ସୁପରିଚାଳନା କରି ଜମିର ଉତ୍ପାଦିକା ଶକ୍ତିର ଅଭିବୃଦ୍ଧି, କୃଷି ଏବଂ ଅଣକୃଷି କାର୍ଯ୍ୟ ମାଧ୍ୟମରେ ଅନୁସୂଚିତ ଜନଜାତି ପରିବାରର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବିଶେଷ ଦୃଷ୍ଟି ଦିଆଯିବାକୁ ରହିଛି। ଏହି କାର୍ଯ୍ୟକ୍ରମ ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ଗଜପତି, ସମ୍ବଲପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କଳାହାଣ୍ଡି ଏବଂ କେନ୍ଦୁଝର ଜିଲାଗୁଡ଼ିକରେ ଅନୁସୂଚିତ ଜନଜାତି ପରିବାର ନିମନ୍ତେ ଆର୍ଥିକ ବର୍ଷ ୨୦୦୯-୧୦ଠାରୁ କାର୍ଯ୍ୟ କରି ହେଉଛି। ଏଥିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ପରିବାର ଉପକୃତ ହୋଇଆସୁଥିଲେ ହେଁ ଏହା ପର୍ଯ୍ୟାୟକ୍ରମେ ବନ୍ଦ ହୋଇଯିବାକୁ ବସିଛି। ଏବେ କେବଳ କେନ୍ଦୁଝର ଓ ସମ୍ବଲପୁରରେ ସୀମିତ ରହିଛି ବୋଲି କାଡାମ କହିଛନ୍ତି।

# ଗୌରବ ଖାନ୍ନା...

ପ୍ରଥମ ପୃଷ୍ଠାରୁ...

ରାତି ପ୍ରାୟ ୧୨ଟାରେ ହୋଷ୍ଟ ସଲ୍‌ମାନ ବିବାଦୀୟ ଶୋ'ର ବିଜେତା ଭାବେ ଗୌରବଙ୍କ ନାମ ଘୋଷଣା କରିଥିଲେ। ଗୌରବଙ୍କୁ ୱିନର୍ସ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ଓ କାର୍ ମିଳିଛି। ୧୯୮୧ ଡିସେମ୍ବର ୧୧ରେ ଉତ୍ତରପ୍ରଦେଶର କାନପୁରରେ ଜନ୍ମିତ ଗୌରବ ସିଆଇଡି ସିରିଏଲ୍‌ରେ ସିନିୟର ଇନ୍ସପେକ୍ଟର କବିନ୍ ଭୂମିକାରେ ନଜର ଆସିଥିଲେ। ପରେ ଅନୁପମା, ଏ ପ୍ୟାର୍ ନା ହୋଗା କମ୍ ଭଳି ଅନେକ ଲୋକପ୍ରିୟ ଧାରାବାହିକରେ ଅଭିନୟର ଯାଦୁକରୀ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିଲେ। ଅଭିନୟ ଜଗତକୁ ଆସିବା ପୂର୍ବରୁ ସେ ବର୍ଷକ ପାଇଁ ଏକ ଆଇଟି କମ୍ପାନୀରେ ମାର୍କେଟିଂ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଗୌରବ ବିଗ୍ ବସ୍ ମୁକୁଟ ପିନ୍ଧିବା ପରେ ସୋସିଆଲ ମିଡିଆରେ ତାଙ୍କ ଫ୍ୟାନ୍‌ମାନଙ୍କ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। Xରେ ହ୍ୟାଶ୍‌ଟ୍ୟାଗ୍ କଂଗ୍ରାଟ୍ସ ଜିକେ ଟ୍ରେଣ୍ଡ କରୁଛି।

# ପୋଖରୀରେ ବୁଡ଼ିଗଲେ...

ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଖବରରୁ ପ୍ରକାଶ, ଗାଁ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ୨ ସାଙ୍ଗ ଆର୍.ସାଲୋନୀ ଓ ଏନ୍. ରାଜେଶ୍ୱରୀ ରବିବାର ପୂର୍ବାହ୍ନ ୧୦ଟାରେ ଗାଁର ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଆର୍.ସାଲୋନୀ ପୋଖରୀ ୱାଲ ଖସଡ଼ାରେ ଖସିଯାଇ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଏନ୍. ରାଜେଶ୍ୱରୀ ପାଣିରେ ବୁଡ଼ି ଯାଇଥିଲେ। ସେ ସମୟରେ ପୋଖରୀରେ ଗାଧୋଉଥିବା କେତେ ଜଣ ବ୍ୟକ୍ତି ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଖୋଜାଖୋଜି କରିବା ସତ୍ତ୍ୱେ ସାଲୋନୀଙ୍କ ସନ୍ଧାନ ମିଳି ନ ଥିଲା। ଖବରପାଇ ଦିଗପହଣ୍ଡି ଅଗ୍ନିଶମବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ସାଲୋନୀଙ୍କୁ ଉଦ୍ଧାର କରିଥିଲେ। ପରେ ସାଲୋନୀ ଓ ରାଜେଶ୍ୱରୀଙ୍କୁ ଦିଗପହଣ୍ଡି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସାଲୋନୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଏନ୍. ରାଜେଶ୍ୱରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ନଂ.୪୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସାଲୋନୀଙ୍କ ବାପା ଆର୍.ଘନ ସୁରଟରେ ଏକ ଲୁଗାକଳରେ କାମ କରୁଛନ୍ତି। ମା' ଘଟଣା ସମୟରେ ଚାଷଜମିକୁ ଧାନ କାଟିବାକୁ ଯାଇଥିଲେ। ରାଜେଶ୍ୱରୀଙ୍କ ବାପା ଚାଷ କାର୍ଯ୍ୟ କରନ୍ତି।

# ନୂଆପଡ଼ା ସହରରେ ବୁଲୁଛି ଭାଲୁ

ନୂଆପଡ଼ା,୭।୧୨(ମକାରୁ ବେମାଲ)

ନୂଆପଡ଼ା ସହରକୁ ରବିବାର ରାତିରେ ୨ଟି ଭାଲୁ ପଶି ଆସିଥିଲେ। ସହରର ବିଭିନ୍ନ ସ୍ଥାନରେ ବୁଲାବୁଲି କରି ଅଇଁଠାପତ୍ର, ଫଳ ଦୋକାନୀ ଫିଙ୍ଗି ଦେଇଥିବା ଫଳ ଖାଇଥିଲେ। କିଛି ଦିନ ହେଲା ସନ୍ଧ୍ୟା ହେଲେ ନିକଟସ୍ଥ ଜଙ୍ଗଲରୁ ୨/୩ଟି ଭାଲୁ ସହରକୁ ପଶି ଆସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୂର୍ବରୁ ସହରର ଅଧିକାଂଶ ଦୋକାନ ରାତି ୯ରୁ ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଥିଲା।



୨ ମାସରୁ ଅଧିକ ହେବ ସହରକୁ ଭାଲୁ ଆସିବାଠାରୁ ଅଧିକାଂଶ ଦୋକାନ ୭ରୁ ୮ଟା ଭିତରେ ବନ୍ଦ ହୋଇଯାଉଛି। ସୂଚନା ଅନୁଯାୟୀ ନୂଆପଡ଼ା ସଦର ମହକୁମାଠାରୁ ୩ କିଲୋମିଟର ଦୂରରେ ସାଲିହା ପାହାଡ ରହିଛି। ସେହି ପାହାଡ଼ରେ ଭାଲୁ ରହି ଆସୁଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଭାଲୁ କରିଡର ଭାବରେ ଘୋଷଣା କରାଯାଇଛି। ସେହି ପାହାଡ଼ର ରକ୍ଷଣାବେକ୍ଷଣ ଅଭାବ ଓ ପାହାଡ଼ ପରିସରରେ ଏକାଧିକ କ୍ରଶର ରହିଛି। ରାତି ହେଲେ ପଥର ବ୍ଲାଷ୍ଟିଂ ହେଉଥିବାରୁ ଭାଲୁ ଭୟଭୀତ ହୋଇ ସହରମୁହାଁ ହେଉଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ସେହି ପାହାଡ଼ର ଜଙ୍ଗଲ ସଫା ହେବା ଯୋଗୁ ଭାଲୁ ଖାଇବା ଭଳି ଫଳଗଛ ନାହିଁ। ନୂଆପଡ଼ା ବନ ବିଭାଗ ପ୍ରତିବର୍ଷ ପାହାଡ଼ରେ ଚାରାରୋପଣ କରୁଥିଲେ ମଧ୍ୟ ବନ୍ୟପ୍ରାଣୀ ଖାଇବା ଭଳି ଫଳଗଛ ଲଗାଯାଉନାହିଁ। ଫଳରେ ଖାଦ୍ୟ ଅନ୍ୱେଷଣରେ ଭାଲୁ ସହରକୁ ଆସୁଛନ୍ତି। ନୂଆପଡ଼ା ସହର ଭିତରେ ଘରଗୁଡ଼ିକରେ ଲୋକେ ପିଜୁଳି, ଅମୃତଭଣ୍ଡା ଓ ଅନ୍ୟାନ୍ୟ ଫଳ ଗଛ ଲଗାଇଛନ୍ତି। ଭାଲୁ ଆସି ବାଡ ଡେଇଁ ଫଳ ଖାଇ ଚାଲିଯାଉଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


**DIRECTORATE OF AVIATION**
**GOVERNMENT OF ODISHA**
**NOTICE**

File No. TRN-AV-GEN0083-2024-15142/T Date: 05.12.2025

No. J-04: The Directorate of Aviation recruitment notice published vide Recruitment Notice No. OIPR-38001/11/0029/2526 on 09.05.2025 with respect to recruitment of Director of Aviation, Deputy Director-Operation and Protocol, Assistant Director-Business Development & Flight Operation and Senior Executive - MIS is hereby cancelled. It is further clarified that the recruitment for the posts of Accountable Executive, Terminal Manager and Safety Manager as advertised in the same notice, shall remain unaffected and will not be cancelled.

All applications submitted for the post of Director of Aviation, Deputy Director-Operation and Protocol, Assistant Director - Business Development & Flight Operation and Senior Executive - MIS as per recruitment Notice No. OIPR-38001/11/0029/2526 shall not be considered.

* Candidates are advised to visit the official website of the Commerce & Transport Department (https://ct.odisha.gov.in/) for detailed information regarding any future vacancies. Any queries may be submitted through the email address provided below.

ADDRESS:
Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, PIN - 751020, E-mail: orissa_aviation@yahoo.com, transcivilaviation@gmail.com.

Sd./- Officer on Special Duty
OIPR-38001/11/0047/2526 Directorate of Aviation, Bhubaneswar



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹4.06 କୋଟି ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସୀୟ କଲୋନୀରେ ଏକୀକୃତ ସୁବିଧା ପରିଚାଳନା ସେବା (ଆଇଏଫଏମଏସ୍) ପ୍ରଦାନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 12, 2026 ଅପରାହ୍ନ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ଇଣ୍ଡିୟନ ବୈଙ୍କ Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଭଦ୍ରକ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: **ପ୍ରସନ୍ନ କୁମାର ପଣ୍ଡା**, ପିତା: ଧନେଶ୍ୱର ପଣ୍ଡା / ସହ-ଋଣଗ୍ରହୀତା: **ନିରୁପମା ପଣ୍ଡା**, ସ୍ୱାମୀ: ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ବାରିକପୁର, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ**, ପିତା: କୈଳାସ କୁମାର ପ୍ରଧାନ, ସା: ସାମରାଏପୁର, ପୋ: ଗେଲପୁର, ଜିଲ୍ଲା: ଭଦ୍ରକ | ଟ.୧୭,୪୪,୨୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୦୫.୧୨.୨୦୨୫ | **ପ୍ରସନ୍ନ କୁମାର ପଣ୍ଡା**, ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୭/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |

ସ୍ଥାନ: କଟକ, ତାରିଖ : ୦୬.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ପରିବେଶ ପାଇଁ ପାର୍କରେ ଚିତ୍ରକଳା, ପୋଷ୍ଟର ପ୍ରତିଯୋଗିତା

**ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ):** ବୃକ୍ଷଲତା ଓ ପରିବେଶ ପ୍ରତି ପ୍ରେମ ଏବଂ ଉତ୍ସାହ ସୃଷ୍ଟି କରିବା ପାଇଁ କେଜିରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ରବିବାର ଇନ୍ଦିରା ଗାନ୍ଧୀ ପାର୍କରେ ବାର୍ଷିକ ଶିଶୁ ଚିତ୍ରକଳା ଏବଂ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପାଇଁ ୪ ଭିନ୍ନ ଭିନ୍ନ ଶ୍ରେଣୀ କରାଯାଇଥିଲା ଏବଂ ପ୍ରତ୍ୟେକ ଶ୍ରେଣୀକୁ ଉଦ୍ଭିଦ ଓ ପରିବେଶ ବିଷୟରେ ଅଲଗା ବିଷୟବସ୍ତୁ ଦିଆଯାଇଥିଲା। କେଜି ଓ ପ୍ରଥମ ଶ୍ରେଣୀ ପାଇଁ ଏକ ପଦ୍ମ ଫୁଲ କିମ୍ବା କୁଣ୍ଡ ଭିତରେ ଏକ ଫୁଲ ଗଛ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାଇଁ ମୋ ସ୍କୁଲ ବଗିଚା କିମ୍ବା ସହର ମଧ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀଙ୍କ ପାଇଁ ମୋ ସ୍ୱପ୍ନର ଏକ ସ୍ୱଚ୍ଛ ଓ ସବୁଜ ସହର ଏବଂ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ୫୭୯ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଏହାର ମୂଲ୍ୟାଙ୍କନ କରାଯାଇଛି। ଭୁବନେଶ୍ୱରର ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ୨୦୨୬ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ପୁରସ୍କୃତ ଚିତ୍ରକଳା ଏବଂ ପୋଷ୍ଟର ପ୍ରଦର୍ଶିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଟାଙ୍ଗୀ,୭।୧୨(ରଘୁନାଥ ସାହୁ):** ଟାଙ୍ଗୀ ଅବକାରୀ ଥାନା ପୋଲିସ ପୁରୁଣା ଫାୟାର ଷ୍ଟେଶନ ନିକଟରେ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ଏବଂ ଗୋଟିଏ ବାଇକ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ବଳରାମପୁର ସାହିର ଉଦୟ ନାଥ ବେହେରା। ଏନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ସବ୍‌ଇନ୍‌ସ୍ପେକ୍ଟର ରମେଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଞ୍ଜେଇ, ଦେଶୀମଦ ବିକ୍ରି ହେଉଛି। ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ ଜାରି ରଖିବାକୁ ସାଧାରଣରେ ଦାବି ହୋଇ ଆସୁଥିଲା।

### କବିତା ପାଠୋତ୍ସବ

**ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ):** ବିନ୍ଦୁ ସାହିତ୍ୟ ସମାଜର ଶୀତକାଳୀନ କବିତା ପାଠୋତ୍ସବ ଓ ବନ୍ଧୁ ମିଳନ ଗୋଦାବରୀଶ ସାହିତ୍ୟ ସଂସଦଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାର ପ୍ରତିଷ୍ଠାତା ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ କବିତା ପାଠୋତ୍ସବକୁ ସଞ୍ଚାଳନ କରିଥିଲେ କବି ଅମ୍ବିକା ସ୍ୱାଇଁ, କନକଲତା ଦାଶ, ବିଦ୍ୟୁତଲତା ଦାସ ଓ ସୁଜାତା ରାଉତରାୟ। ପାଠୋତ୍ସବରେ ଭାଗନେଇ କବି ପ୍ରଫୁଲ୍ଲ କୁମାର ନନ୍ଦ, ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ବାଉରୀବନ୍ଧୁ ଲେଙ୍କା, ବିଜନ ରାୟ, ବିଦ୍ୟୁତ ଲତା ଦାସ, କନକ ଲତା ଦାଶ, ସଂଗ୍ରାମ ସିଂ ସ୍ୱାଇଁ, କୁମୁଦିନୀ ଜୀ, ଅମ୍ବିକା ସ୍ୱାଇଁ, ଆଶାଲତା ଦୀକ୍ଷିତ, ଶଶୀଭୂଷଣ ମହାପାତ୍ର, ଅରୁଣ କୁମାର ବିଶ୍ୱାଳ, ସୁଜାତା ରାଉତରାୟ, ସରିତା ମହାପାତ୍ର, ମନୋରମା ପଟ୍ଟନାୟକ ଓ ବୈଜୟନ୍ତୀ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ପରେ ସାହିତ୍ୟ ସମାଜର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ଭାବେ କାର୍ଯ୍ୟକାରିଣୀ ସଦସ୍ୟ ରୂପେ କବି ବିଦ୍ୟୁତ ଲତା ଦାସ, ପ୍ରଫୁଲ୍ଲ କୁମାର ନନ୍ଦ ଓ ସଂଗ୍ରାମ ସିଂ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ପରିଚାଳନା ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଓୟୁଟିଆର୍‌ରେ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା):** ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ(ଓୟୁଟିଆର୍)ରେ କୁଇଜ୍ ପ୍ରତିଯୋଗିତା 'ବେଦାଙ୍ଗ' ଅନୁଷ୍ଠିତ ହୋଇଯାଇଛି। ଓୟୁଟିଆର୍‌ର କୁଇଜିଙ୍ଗ୍ ସୋସାଇଟି ସିଇଟି କ୍ୱିଜିଟ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୁଇଜ୍‌ମାଷ୍ଟର ନମନ ଜେନ ସଂଚାଳନ କରିଥିଲେ। ଫାଇନାଲରେ ଏସ୍‌ସିବି ମେଡିକାଲ କଲେଜର ପ୍ରତୀକ ଅଗ୍ରୱାଲ ଓ ଆଶିଷ ନାୟକ ୫,୦୦୦ ଟଙ୍କା ରାଶିର ପ୍ରଥମ ପୁରସ୍କାର ଜିତିଥିଲେ।

# 'ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କ ଆସ୍ଥାଭାଜନ ହୁଅ'



## ଗୃହରକ୍ଷୀ ୨୦୨୫ ବ୍ୟାଚ୍ ପାସିଂଆଉଟ୍ ପରେଡ୍

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ରିଜର୍ଭ ପୋଲିସ ଲାଇନ ପରେଡ ଗ୍ରାଉଣ୍ଡ ତରତୁଆଠାରେ ଜିଲାର ୨୦୨୫ ବ୍ୟାଚ୍ ଗୃହରକ୍ଷୀଙ୍କ ପାସିଂଆଉଟ୍ ପରେଡ୍ ରବିବାର ସମାପନ ହୋଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍ ନିରୀକ୍ଷଣ ସହ ଅଭିବାଦନ ଗ୍ରହଣ କରିଥିଲେ। ନୂତନ ଗୃହରକ୍ଷୀଙ୍କୁ ସମ୍ବୋଧିତ କରି ନିରନ୍ତର ପ୍ରୟାସ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ପୋଲିସ କାର୍ଯ୍ୟ, ଟ୍ରାଫିକ୍ ପରିଚାଳନା ଓ ସମାଜ ସୁରକ୍ଷା, ଆଇନଶୃଙ୍ଖଳା ଦିଗରେ ଗୃହରକ୍ଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଷ୍ଠା, ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୃହରକ୍ଷୀମାନେ ମାର୍ଚ୍ଚପାଷ୍ଟ, ଡ୍ରିଲ୍ ପ୍ରଦର୍ଶନ ଓ ଶିକ୍ଷଣକାଳୀନ ଦକ୍ଷତାର ପ୍ରତିପାଦନ କରିଥିଲେ। ଏଥିସହ ନୂତନ ଗୃହରକ୍ଷୀମାନେ ସେବା, ସତ୍ୟନିଷ୍ଠା ଓ ଜନହିତରେ ପ୍ରତିବଦ୍ଧତା ରହିବାର ଶପଥ ଗ୍ରହଣ କରିଥିଲେ। ଏସ୍‌ପି ଶର୍ମା ସମସ୍ତ ପ୍ରଶିକ୍ଷକ ହାବିଲଦାରଙ୍କୁ ତାଙ୍କର ନିଷ୍ଠାପୂର୍ଣ୍ଣ ସେବା ପାଇଁ ସମ୍ମାନିତ କରିଥିଲେ। ଗୃହରକ୍ଷୀଙ୍କ ପ୍ରଥମ ସ୍କ୍ୱାଡ୍ ଅର୍ଥାତ୍ ଟ୍ରୁପ-୧କୁ ସର୍ବଶ୍ରେଷ୍ଠ ପରେଡ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅନାଦି ସେଠୀ, ଡିଏସ୍‌ପି ଅନିଲ ମହାନ୍ତି, ନୀହାର ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଥାନା ଅଧିକାରୀ, ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।



ଜଟଣୀ ସୀତାରାମଛକସ୍ଥିତ ଫ୍ଲାଏଓଭର ବ୍ରିଜ୍ ମରାମତି କାର୍ଯ୍ୟ ଜାରି ରହିଥିବାରୁ ଯାତାୟାତ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

# ସିଭିଲ୍ ଇଞ୍ଜିନିୟରଙ୍କୁ ଛୁରାମାଡ଼, ୨ ଗିରଫ

**ଭୁବନେଶ୍ୱର,୭।୧୨(ସତ୍ୟଜିତ ରାଉତ)**

ଛେଳି ଉପରକୁ କାର ମାଡ଼ିଯିବାକୁ ନେଇ ଧଉଳିଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଟଇଲା ସାହିରେ ଜଣେ ସିଭିଲ୍ ଇଞ୍ଜିନିୟରଙ୍କୁ ରବିବାର ଛୁରାମାଡ଼ ହୋଇଛି। ଘର ନିକଟରେ ରହୁଥିବା ଏକ ପରିବାର ସଦସ୍ୟ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଇଞ୍ଜିନିୟର ବିଜୟ କୁମାର ସାହୁ ଗୁରୁତର ହୋଇଛନ୍ତି। ବିଜୟଙ୍କ ଛାତି, ପିଠି ଓ ଆଙ୍ଗୁଠିରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ବିଜୟଙ୍କ ଡ୍ରାଇଭରଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଭାଇ ମଣ୍ଟୁ ଭୋଇ ଓ ସାନ ବଣ୍ଟି ଭୋଇ। ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ବିଜୟଙ୍କ ଘରଠାରୁ ଅଭିଯୁକ୍ତଙ୍କ ଘର ମାତ୍ର ୨୦୦ ମିଟର ଦୂର। ଶନିବାର ବିଜୟଙ୍କ ଡ୍ରାଇଭର କାର୍ ଚଳାଇ ଆସୁଥିବା ବେଳେ ଅଭିଯୁକ୍ତ ପରିବାରର ଏକ ଛେଳି ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏହାକୁ ନେଇ ଡ୍ରାଇଭରଙ୍କୁ ମଣ୍ଟୁ ଓ ବଣ୍ଟି ନିସ୍ତୁକ ମାଡ଼ ମାରିଥିଲେ। ଏହାକୁ ନେଇ ବିଜୟ ଓ ତାଙ୍କ ସ୍ତ୍ରୀ ଜୟଶ୍ରୀ ପ୍ରତିବାଦ କରିବାରୁ ଘଟଣା ତୀବ୍ରରୂପ ନେଇଥିଲା। ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲାବେଳେ ଦୁଇ ପକ୍ଷରୁ ଧଉଳି ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ପୃଥକ୍ ମାମଲା ରୁଜୁ କରି ତଦନ୍ତ କରିଥିଲା। ରବିବାର ପୁଣି ଦୁଇ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଥାନାରେ ଏତଲା ଦେବାକୁ ନେଇ ମଣ୍ଟୁ ଓ ବଣ୍ଟି ଉତ୍‌କ୍ଷିପ୍ତ ହୋଇ ବିଜୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ।

## ଦେବଦାସ ଛୋଟରାୟଙ୍କ 'ଆମ ସମୟର ମଣିଷ' ଉନ୍ମୋଚିତ

### ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ଦ୍ୱିତୀୟ ଦିବସ

**ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)**

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ଦ୍ୱିତୀୟ ଦିବସ ରବିବାର କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଷ୍ଟଲ୍‌ରେ ସଂଗୃହୀତ ପୁସ୍ତକକୁ ସାହିତ୍ୟିକ, ଛାତ୍ର ଓ ପୁସ୍ତକପ୍ରେମୀମାନେ ପଢ଼ିବା ସହ କିଣାକିଣି କରିଥିଲେ। ସନ୍ଧ୍ୟାରେ ଖ୍ୟାତନାମା ଲେଖକ ଦେବଦାସ ଛୋଟରାୟଙ୍କ ପୁସ୍ତକ 'ଆମ ସମୟର ମଣିଷ' ଉନ୍ମୋଚିତ ହୋଇଥିଲା। ଅତିଥିମାନେ ଏହାକୁ ଉନ୍ମୋଚନ କରିବା ସହ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ଟ୍ରଷ୍ଟ କବିତା, ଉପନ୍ୟାସ, ଇତିହାସ, କଫି ଟେବୁଲ ବୁକ, ଭ୍ରମଣ ସାହିତ୍ୟ, ନାଟକ ଏବଂ ଆତ୍ମଜୀବନୀରୁ ଆରମ୍ଭ କରି ଜୀବନୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରକାଶନର ଏକ ସୁନିର୍ବାଚିତ ସଂଗ୍ରହ ଉପସ୍ଥାପନ କରିଥିଲା। ଏଥିରେ ଗୋଟିଏ ମୁଖ୍ୟ ଆକର୍ଷଣ ହେଉଛି ସଦ୍ୟ ପୁନଃ ପ୍ରକାଶିତ ପତ୍ରିକା 'ଚନ୍ଦ୍ରଭାଗା-୨୧', ଯାହାକୁ ଖ୍ୟାତନାମା କବି ଜୟନ୍ତ ମହାପାତ୍ର ସମ୍ପାଦନା କରିଥିଲେ।

# ଦିବ୍ୟାଙ୍ଗ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର



ଉତ୍ସବରେ ଦୁଇ ଦିବ୍ୟାଙ୍ଗ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ

**ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)**

ଦିବ୍ୟାଙ୍ଗମାନେ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର। ସେମାନଙ୍କୁ ସମାଜରେ ଅନ୍ୟମାନଙ୍କ ଭଳି ସମାନ ସ୍ଥାନ ପ୍ରଦାନ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିରେ କେହି ଅବହେଳା କରିବା ଉଚିତ ନୁହେଁ ବୋଲି ରବିବାର ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ବିଦ୍ୟାଳୟ ଖେଳ ପଡିଆଠାରେ ବ୍ରିଙ୍ଗ ସ୍ମାଇଲ, ଦୈନିକ ଖବରକାଗଜ 'ନନ୍ଦିନୀ' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ 'ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୧୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାସ ଆଚାର୍ଯ୍ୟ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ସାମାଜିକ କର୍ମୀ କରୁଣାକର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗ ସ୍ମାଇଲ୍‌ର ଅଧ୍ୟକ୍ଷା ସୁଚରିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଦିବ୍ୟାଙ୍ଗ ପିଲାମାନଙ୍କୁ ଭଗବାନଙ୍କ ଅବତାର ଭାବେ ବର୍ଣ୍ଣନା କରିବା ସହିତ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ବିକଶିତ କରାଯାଇ ପାରିଲେ ରାଷ୍ଟ୍ର ଗଠନରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ମତ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ବିଶ୍ୱଜିତ ମିଶ୍ର, ଆଡ୍‌ଭୋକେଟ ସୁମନ୍ତ ସ୍ୱାଇଁ, କାଶୀନାଥ ବେହେରା, ଆୟିଶା ରଥ, ଇବ୍ରାହିମ ଅଲ୍ଲି, ପ୍ରସନ୍ନ କୁମାର ପାତ୍ର, ଚିରଞ୍ଜୀବୀ ଦାସ, କାଳନ୍ଦୀ ବେହେରା ଏବଂ ଗୌରାଙ୍ଗ ସୁବୁଦ୍ଧି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୪ଜଣ ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ପରେ ଦିବ୍ୟାଙ୍ଗ ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହେମନ୍ତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ଜୟୀ ରାଜଗୁରୁ



ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

**ଭୁବନେଶ୍ୱର, ୭।୧୨(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶାରେ ଇଂରେଜମାନଙ୍କ ବିରୋଧରେ ନିଜ ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ କରିଥିଲେ ଶହୀଦ ଜୟୀ ରାଜଗୁରୁ। ସେ ହେଉଛନ୍ତି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର ଏବଂ ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତପକ୍ଷେ ପ୍ରତୀକ ବୋଲି ତାଙ୍କ ବଳିଦାନ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀର ହାଉଜଖାସ୍ ଜଗନ୍ନାଥ ମନ୍ଦିର ପରିସରରେ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବଳିଦାନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଐତିହାସିକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବେ ଲେଖୁ ନ ଥିବା ଏବଂ ଜୟୀ ରାଜଗୁରୁଙ୍କ ପରି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରି ନ ଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନେକ ଅନାଲୋଚିତ ବିଷୟରେ ଅନଭିଜ୍ଞ ରହିଛନ୍ତି। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଅତିଥି ଭାବେ ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲୀପ ପଟ୍ଟନାୟକ, ଅନୁଷ୍ଠାନର ଟ୍ରଷ୍ଟି ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗୀରଥି ଧଳ, ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଅନ୍ୟାନ୍ୟ ଅତିଥି ଭାବରେ ଖବରଦାତା ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୨୩ରୁ

**ନିରାକାରପୁର,୭।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ସଖାସଂଘ କ୍ରୀଡ଼ା ସଂସଦ ପକ୍ଷରୁ ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖରୁ ନିରାକାରପୁର କଲେଜ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୩ ତାରିଖରେ ଫାକ୍ଲବ ମଣିପୁର ଏବଂ ଶବର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ୨୪ରେ ଏସ୍‌ପିଏମ୍ ବିଶାଖାପାଟଣା ଏବଂ ପପୁଲାର ଫୁଟ୍‌ବଲ କ୍ଲବ ଢେଙ୍କାନାଳ, ୨୫ରେ ସେଞ୍ଚୁରିଆନ ଫୁଟ୍‌ବଲ କ୍ଲବ ନାଇଜେରିଆ ଏବଂ ଧାନବାଦ ଫୁଟ୍‌ବଲ ଏକାଡେମୀ ଝାରଖଣ୍ଡ, ୨୬ରେ ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ କୋଲକାତା ଏବଂ ସିଭି ରମଣ (ଆଫ୍ରିକାନ୍) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖରେ ପ୍ରଥମ ସେମିଫାଇନାଲ ଏବଂ ୨୮ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ବିପିନ କୁମାର ଜୟସିଂହ କହିଛନ୍ତି। ନିରାକାରପୁର ସମେତ ପଡ଼ୋଶୀ ପଞ୍ଚାୟତ ଅଞ୍ଚଳର ଫୁଟ୍‌ବଲପ୍ରେମୀ ଏଠାକୁ ଆସି ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ସଂସଦର ସଭାପତି ବିପିନ କୁମାର, ମ୍ୟାଚ୍ କମିଶନର ଅକ୍ଷୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ସମ୍ପାଦକ ଭାଗୀରଥି ପ୍ରଧାନ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହରିହର ସିଂହ, ପ୍ରସାଦ ଦାସ, ମହେଶ୍ୱର ବେହେରା, ବିଶ୍ୱନାଥ ବେହେରା, ହିମାଂଶୁ ଭୂଷଣ ଚମ୍ପତିରାୟ, ବିଭୂତି ଭୂଷଣ ଦାଶ, କାର୍ତ୍ତିକ ସାମନ୍ତରାୟ, ଚିତ୍ତରଞ୍ଜନ ମହାରଣା, ଉମେଶ ମିଶ୍ର, ସାରଙ୍ଗଧର ମହାପାତ୍ର, ଆର୍ତ୍ତତ୍ରାଣ ନାୟକ, ପ୍ରଦୀପ କୁମାର ଷଡ଼ଙ୍ଗୀ, ଦେବନାରାୟଣ ଜେନା, ଧନଞ୍ଜୟ ପଟ୍ଟଶାଣୀଙ୍କ ସମେତ କ୍ରୀଡା ସଂସଦର ସମସ୍ତ କର୍ମକର୍ତ୍ତା ନିବେଦନ କରିଛନ୍ତି।

# ୟୁରୋକିଡ୍ସ ପ୍ଲେ ସ୍କୁଲ ଉଦ୍‌ଘାଟିତ

**ଯାଁଳା,୭।୧୨(ବୁଲା ବାରିକ)**

ମଦନପୁରରେ ଶନିବାର ୟୁରୋକିଡ୍ସ ପ୍ଲେ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍କୁଲର ଶୁଭାରମ୍ଭ କରି କହିଥିଲେ ଯେ, ପିଲାମାନଙ୍କ ପ୍ରଥମ ଶିକ୍ଷା ହିଁ ତାଙ୍କର ଭବିଷ୍ୟତକୁ ଠିକ୍ ଦିଗ ଦେଇଥାଏ। ପ୍ରାରମ୍ଭିକ ଦିନରେ ଯଦି ପିଲାମାନେ ଭଲ ପରିବେଶ, ଭଲ ଆଚରଣ ଓ ଆନନ୍ଦରେ ଶିଖିବାର ସୁଯୋଗ ପାଆନ୍ତି, ତେବେ ସେମାନେ ଆଗକୁ ଭଲ ମଣିଷ ହୋଇ ସମାଜ ପାଇଁ କାମ କରିପାରିବେ। ପରେ ଅତିଥି ଏବଂ ଅଭିଭାବକମାନେ ସ୍କୁଲ ପରିସର ବୁଲି ଦେଖିଥିଲେ। ମ୍ୟାନେଜିଂ ଡାଇରେକ୍ଟର ରତ୍ନଶ୍ରୀ ପ୍ରଧାନ, ସମ୍ପାଦକ ବିଜୟ କୁମାର ଜେନା, ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ବିଭୂତି ବଳବନ୍ତରାୟ ଫିତାକାଟି ଶୁଭାରମ୍ଭ କରୁଛନ୍ତି।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ପାନବରଜ, କୁରାଢ଼ମଲ୍ଲ ବିଜୟୀ

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲଠାରେ ମା' ବାଉତୀ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ପ୍ରଥମ ମ୍ୟାଚ୍ ଦେଉଳଟାଙ୍ଗୀ ଏବଂ ପାନବରଜ ଟିମ୍ ମଧ୍ୟରେ ହୋଇଥିଲା। ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୭ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମରେନ୍ଦ୍ର ମହାନ୍ତି ୩୦ରନ କରିଥିଲେ। ଜବାବରେ ଦେଉଳଟାଙ୍ଗୀ ଟିମ୍ ୧୪ ଓଭରରେ ୮ ଉଇକେଟ ବିନିମୟରେ ୧୦୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସମରେନ୍ଦ୍ର ପ୍ରଧାନ ୩୬ ରନ କରିଥିଲେ। ଫଳରେ ପାନବରଜ ଟିମ୍ ବିଜୟୀ ହୋଇଥିଲା। ସୌମ୍ୟରଞ୍ଜନ ସାହୁ ୩ ଓଭରରେ ୫ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁରାଢ଼ମଲ୍ଲ ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। ମେଣ୍ଢାଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୫୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରୋଜ ବଳିୟାରସିଂହ ୩୭ରନ କରିଥିଲେ। ଜବାବରେ କୁରାଢ଼ମଲ୍ଲ ଟିମ୍ ୬ ଉଇକେଟ ବିନିମୟରେ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତିରୁପତି ସାମନ୍ତରାୟ ୪୦ ରନ୍ ସଂଗ୍ରହ କରିବା ସହ ବୋଲିଂରେ ୩ ଓଭରରେ ୩ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଜ୍ଞାନ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସତ୍ୟପ୍ରିୟ ସାମନ୍ତରାୟ ସ୍କୋରର ଏବଂ ଶ୍ରଦ୍ଧାନନ୍ଦ ପ୍ରଧାନ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ସାମନ୍ତରାୟ ଏବଂ ଗୋପୀନାଥ ମାର୍ଥା ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ସମ୍ପର୍କ ଛିନ୍ନ କଲେ ମନ୍ଧାନା, ପଲାଶ

ନୂଆଦିଲ୍ଲୀ,୭।୧୨(ପି.ଟି.)

ଭାରତୀୟ ମହିଳା ବ୍ୟାଟର ସ୍ମୃତି ମନ୍ଧାନା ରବିବାର ବାହାଘର ଭାଙ୍ଗିବାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଅନ୍ୟପକ୍ଷରେ ମନ୍ଧାନାଙ୍କ ସହ ସମ୍ପର୍କ ଛିନ୍ନ କରିଥିବା ନେଇ ମ୍ୟୁଜିକ କମ୍ପୋଜର ପଲାଶ ମୁଚଲ ସ୍ପଷ୍ଟ କରିବା ସହ ତାଙ୍କ ସମ୍ପର୍କରେ ଅପମାନଜନକ ଗୁଜବ ପ୍ରସାର କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଛନ୍ତି। ମନ୍ଧାନା ଓ ମୁଚଲଙ୍କ ବିବାହ ଗତ ନଭେମ୍ବର ୨୩ରେ ହେବାର ଥିଲା। କିନ୍ତୁ ମନ୍ଧାନାଙ୍କ ବାପା ଶ୍ରୀନିବାସ ହସ୍ପିଟାଲରେ ଭର୍ତ୍ତି ହେବା ପରେ ବାହାଘରକୁ ସ୍ଥଗିତ ରଖାଯାଇଥିଲା। ମୁଁ ବାହାଘର ଭାଙ୍ଗିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି। ମୁଁ ଏହି ବିଷୟକୁ ଏଠାରେ ଶେଷ କରିବାକୁ ଚାହେଁ। ଗତ କିଛି ସପ୍ତାହ ହେଲା ମୋ ଜୀବନକୁ ନେଇ ଅନେକ କିଛି ଚର୍ଚ୍ଚା କରାଯାଉଛି। ଏ ସମ୍ପର୍କରେ ବର୍ତ୍ତମାନ କଥା ହେବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଅନୁଭବ ବୋଲି ମନ୍ଧାନା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

# ଦିବ୍ୟାଙ୍ଗ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର



ଉତ୍ସବରେ ଦୁଇ ଦିବ୍ୟାଙ୍ଗ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

ଦିବ୍ୟାଙ୍ଗମାନେ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର। ସେମାନଙ୍କୁ ସମାଜରେ ଅନ୍ୟମାନଙ୍କ ଭଳି ସମାନ ସ୍ଥାନ ପ୍ରଦାନ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିରେ କେହି ଅବହେଳା କରିବା ଉଚିତ ନୁହେଁ ବୋଲି ରବିବାର ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ବିଦ୍ୟାଳୟ ଖେଳ ପଡିଆଠାରେ ବ୍ରିଙ୍ଗ ସ୍ମାଇଲ, ଦୈନିକ ଖବରକାଗଜ 'ନନ୍ଦିନୀ' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ 'ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୧୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାସ ଆଚାର୍ଯ୍ୟ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ସାମାଜିକ କର୍ମୀ କରୁଣାକର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗ ସ୍ମାଇଲ୍‌ର ଅଧ୍ୟକ୍ଷା ସୁଚରିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଦିବ୍ୟାଙ୍ଗ ପିଲାମାନଙ୍କୁ ଭଗବାନଙ୍କ ଅବତାର ଭାବେ ବର୍ଣ୍ଣନା କରିବା ସହିତ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ବିକଶିତ କରାଯାଇ ପାରିଲେ ରାଷ୍ଟ୍ର ଗଠନରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ମତ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ବିଶ୍ୱଜିତ ମିଶ୍ର, ଆଡ୍‌ଭୋକେଟ ସୁମନ୍ତ ସ୍ୱାଇଁ, କାଶୀନାଥ ବେହେରା, ଆୟିଶା ରଥ, ଇବ୍ରାହିମ ଅଲ୍ଲି, ପ୍ରସନ୍ନ କୁମାର ପାତ୍ର, ଚିରଞ୍ଜୀବୀ ଦାସ, କାଳନ୍ଦୀ ବେହେରା ଏବଂ ଗୌରାଙ୍ଗ ସୁବୁଦ୍ଧି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୪ଜଣ ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ପରେ ଦିବ୍ୟାଙ୍ଗ ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହେମନ୍ତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୟୋଲାରେ ୨ଦିନିଆ କାର୍ନିଭାଲ ଉଦ୍‌ଯାପିତ




ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଲୟୋଲା ସ୍କୁଲରେ ରୌପ୍ୟ ଜୟନ୍ତୀ ପାଳନର ଅଂଶ ଭାବରେ ଏକ ୨ଦିନିଆ କାର୍ନିଭାଲ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ରେଳର ସିସିଏମ୍ (ସିଏଚ୍‌ଜି) ଏଚ୍.ଏଲ୍. ଲୁଙ୍ଗାଙ୍ଗ ଏବଂ ସମ୍ମାନିତ ଅତିଥି ଭାବେ କୁଞ୍ଜାରାନି ଲୁଙ୍ଗାଙ୍ଗ ଯୋଗଦେଇଥିଲେ। ପୂର୍ବତନ ଛାତ୍ରୀଛାତ୍ରମାନେ ଯୋଗଦେଇ ସେମାନଙ୍କର ସ୍କୁଲ ସ୍ମୃତିକୁ ମନେପକାଇଥିଲେ। ଜୁନିୟର ଏବଂ ସିନିୟର ସେକ୍ସନର ଛାତ୍ରୀଛାତ୍ର ବିଭିନ୍ନ ଆନ୍ତଃ-ହାଉସ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ ଥିଲେ। ଗୋଷ୍ଠୀ ନୃତ୍ୟ, କ୍ୟାରୋଲ ଗାୟନ, ବାଦ୍ୟଯନ୍ତ୍ର ସଙ୍ଗୀତ, କୋଲାଜ ଏବଂ ଗ୍ରାଫିଟି ତିଆରି, ଅଗ୍ନିହୀନ ରୋଷେଇ, ସର୍ବୋତ୍ତମ ଅପଚୟ (କ୍ରାଫ୍ଟ), ଟୋଟ ବ୍ୟାଗରେ ଚିତ୍ରକଳା, ଆନିମେଶନ, କମିକ ଷ୍ଟ୍ରିପ୍ ଏବଂ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା କରାଯାଇଥିଲା। ଶେଷ ଦିନରେ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରେକ୍ଟର ଫାଦର ଅଗଷ୍ଟିନ ଏଜାକୁନେଲ ଏସ୍‌ଜେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଗୃହ ଭାବେ 'ସାଫାୟର ଗୃହକୁ' ପ୍ରିନ୍ସିପାଲ ଫାଦର ଏ. ଆମାଲାଡୋସ ଏସ୍‌ଜେ ଟ୍ରଫି ପ୍ରଦାନ କରିଥିଲେ। ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ପ୍ରୟାସ ଏବଂ କ୍ରୀଡାବାଦୀ ମନୋଭାବ ପାଇଁ ପ୍ରଶଂସା କରିଥିଲେ।

# ଦେବଦାସ ଛୋଟରାୟଙ୍କ 'ଆମ ସମୟର ମଣିଷ' ଉନ୍ମୋଚିତ
## ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାର ଦ୍ୱିତୀୟ ଦିବସ ରବିବାର କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଷ୍ଟଲ୍‌ରେ ସଂଗୃହୀତ ପୁସ୍ତକକୁ ସାହିତ୍ୟିକ, ଛାତ୍ର ଓ ପୁସ୍ତକପ୍ରେମୀମାନେ ପଢ଼ିବା ସହ କିଣାକିଣି କରିଥିଲେ। ସନ୍ଧ୍ୟାରେ ଖ୍ୟାତନାମା ଲେଖକ ଦେବଦାସ ଛୋଟରାୟଙ୍କ ପୁସ୍ତକ 'ଆମ ସମୟର ମଣିଷ' ଉନ୍ମୋଚିତ ହୋଇଥିଲା। ଅତିଥିମାନେ ଏହାକୁ ଉନ୍ମୋଚନ କରିବା ସହ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ଟ୍ରଷ୍ଟ କବିତା, ଉପନ୍ୟାସ, ଇତିହାସ, କଫି ଟେବୁଲ ବୁକ, ଭ୍ରମଣ ସାହିତ୍ୟ, ନାଟକ ଏବଂ ଆତ୍ମଜୀବନୀରୁ ଆରମ୍ଭ କରି ଜୀବନୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରକାଶନର ଏକ ସୁନିର୍ବାଚିତ ସଂଗ୍ରହ ଉପସ୍ଥାପନ କରିଥିଲା। ଏଥିରେ ଗୋଟିଏ ମୁଖ୍ୟ ଆକର୍ଷଣ ହେଉଛି ସଦ୍ୟ ପୁନଃ ପ୍ରକାଶିତ ପତ୍ରିକା 'ଚନ୍ଦ୍ରଭାଗା-୨୧', ଯାହାକୁ ଖ୍ୟାତନାମା କବି ଜୟନ୍ତ ମହାପାତ୍ର ସମ୍ପାଦନା କରିଥିଲେ।




ଅତିଥିମାନେ ପୁସ୍ତକ 'ଆମ ସମୟର ମଣିଷ'କୁ ଉନ୍ମୋଚନ କରୁଛନ୍ତି।

# କେଦାରଗୌରୀ ମନ୍ଦିର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



## ପର୍ଯ୍ୟାୟକ୍ରମେ ହେବ ସମସ୍ୟାର ସମାଧାନ

ପୁରୁଣା ଭୁବନେଶ୍ୱର,୭।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଅପରାହ୍ଣରେ କେଦାରଗୌରୀ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ନରେନ୍ଦ୍ର କୁମାର ମହାପାତ୍ର ଏବଂ ଅନ୍ୟ ସେବାୟତମାନେ ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କେଦାରଗୌରୀ ମନ୍ଦିରର ପାଦୁକା କୁଣ୍ଡ ପୁନରୁଦ୍ଧାର, ମନ୍ଦିର ପରିସରରେ ଥିବା ଅନ୍ୟ ତିନିକୁଣ୍ଡର ପୁନରୁଦ୍ଧାର, ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ନିର୍ମାଣ, ଭୋଗ ଦୋକାନଗୁଡ଼ିକୁ ସୁବ୍ୟବସ୍ଥିତ, ମନ୍ଦିର ମୁଖଶାଳାର ଉନ୍ନତୀକରଣ ସହ ୬ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାୟକ୍ରମେ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀଙ୍କୁ ଅନ୍ୟ ମନ୍ଦିରର ଜଣେ ସେବାୟତ କେଦାରଗୌରୀ ମନ୍ଦିର ବିଷୟରେ ଅବଗତ କରାଇଥିବାରୁ କେଦାରଗୌରୀ ଡେଭଲପମେଣ୍ଟ କମିଟିର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଶୀତକାଳୀନ କବିତା ପାଠୋତ୍ସବ, ବନ୍ଧୁମିଳନ

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

ବିନ୍ଦୁ ସାହିତ୍ୟ ସମାଜର ଶୀତକାଳୀନ କବିତା ପାଠୋତ୍ସବ ଓ ବନ୍ଧୁ ମିଳନ ଗୋଦାବରୀଶ ସାହିତ୍ୟ ସଂସଦଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ କବିତା ପାଠୋତ୍ସବକୁ ସଞ୍ଚାଳନ କରିଥିଲେ କବି ଅମ୍ବିକା ସ୍ୱାଇଁ, କନକଲତା ଦାଶ, ବିଦ୍ୟୁତଲତା ଦାସ ଓ ସୁଜାତା ରାଉତରାୟ। ପାଠୋତ୍ସବରେ ଭାଗନେଇ କବି ପ୍ରଫୁଲ୍ଲ କୁମାର ନନ୍ଦ, ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ବାଉରୀବନ୍ଧୁ ଲେଙ୍କା, ବିଜନ ରାୟ, ବିଦ୍ୟୁତ ଲତା ଦାସ, କନକ ଲତା ଦାଶ, ସଂଗ୍ରାମ ସିଂ ସ୍ୱାଇଁ, କୁମୁଦିନୀ ଜୀ, ଅମ୍ବିକା ସ୍ୱାଇଁ, ଆଶାଲତା ଦୀକ୍ଷିତ, ଶଶୀଭୂଷଣ ମହାପାତ୍ର, ଅରୁଣ କୁମାର ବିଶ୍ୱାଳ, ସୁଜାତା ରାଉତରାୟ, ସରିତା ମହାପାତ୍ର, ମନୋରମା ପଟ୍ଟନାୟକ ଓ ବୈଜୟନ୍ତୀ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ପରେ ସାହିତ୍ୟ ସମାଜର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତାବର୍ଷ ମେ' ୯ରେ ସାହିତ୍ୟ ସମାଜର ବାର୍ଷିକୋତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଲା। ଏଥିସହ ନୂତନ ଭାବେ କାର୍ଯ୍ୟକାରିଣୀ ସଦସ୍ୟ ରୂପେ କବି ବିଦ୍ୟୁତ ଲତା ଦାସ, ପ୍ରଫୁଲ୍ଲ କୁମାର ନନ୍ଦ ଓ ସଂଗ୍ରାମ ସିଂ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ପରିଚାଳନା ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




ବିନ୍ଦୁ ସାହିତ୍ୟ ସମାଜର ଶୀତକାଳୀନ କବିତା ପାଠୋତ୍ସବରେ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ସହ ଅତିଥିମାନେ।

# ଆଇଏସ୍‌ପିଏଲ୍ ନିଲାମରେ ଓଡ଼ିଆ ପୁଅ ରାଜେଶ

ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)

ଏବେ ସବୁଆଡ଼େ କ୍ରିକେଟର କ୍ରେଜ୍। ଛୋଟରୁ ବଡ଼ ସମସ୍ତେ କ୍ରିକେଟ୍ ମାନିଆ। ଏଥିରେ କ୍ୟାରିୟର କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଏକପ୍ରକାର ଉତ୍ସାହ ରହିଛି। ସହରାଞ୍ଚଳରେ ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ କ୍ରିକେଟ୍ କୋଚିଂ ଦିଆଯାଉଥିବା ବେଳେ ଗ୍ରାମାଞ୍ଚଳ ପିଲାମାନେ ବିନା କୌଣସି ପ୍ରଶିକ୍ଷଣରେ ଉଦ୍ୟମ ଜାରି ରଖିଛନ୍ତି। କ୍ରିକେଟ୍‌ର ବିଭିନ୍ନ ଫର୍ମାଟ୍ ମଧ୍ୟରେ ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ଚାଲୁଛି। ଏହି ଆଇଏସ୍‌ପିଏଲ୍ ଟିମ୍ ନିଲାମିରେ ସାମିଲ ହେବାର ସୁଯୋଗ ପାଇଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଗେଡ଼ିଆପଲ୍ଲୀ ସାମୁକାପାଟଣା ଗ୍ରାମର ରାଜେଶ ସ୍ୱାଇଁ। ତାଙ୍କର ଏହି ସଫଳତାରେ ପରିବାରବର୍ଗ ଏବଂ ଗ୍ରାମବାସୀ ଖୁସିଥିବା ବେଳେ ଆଗକୁ କ୍ରିକେଟ୍‌ରେ ନାମ କମାଇବାକୁ ଆଶା ବାନ୍ଧିଛନ୍ତି ରାଜେଶ। ଅଭାବ ଅନଟନରେ ବଢ଼ିଥିବା ରାଜେଶ ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରୁ ଅଗ୍ନିଶମ ପାଇଁ ଟ୍ରେନିଂ ନେଉଥିବା ବେଳେ ଏବେ ଆଇଏସ୍‌ପିଏଲ୍‌ରେ ଖେଳିବାକୁ ତାଙ୍କ ନାମ ଚୟନ କରାଯାଇଛି। ନିଲାମ ପ୍ରକ୍ରିୟାରେ ତାଙ୍କ ନାମ ରହିଥିବାରୁ ସେ ଖୁସିଥିବା ରାଜେଶ କହିଛନ୍ତି।




ରାଜେଶ ସ୍ୱାଇଁ

# ପରିବେଶ ପାଇଁ ପାର୍କରେ ଚିତ୍ରକଳା, ପୋଷ୍ଟର ପ୍ରତିଯୋଗିତା

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)



ବୃକ୍ଷଲତା ଓ ପରିବେଶ ପ୍ରତି ପ୍ରେମ ଏବଂ ଉତ୍ସାହ ସୃଷ୍ଟି କରିବା ପାଇଁ କେଜିରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ରବିବାର ଇନ୍ଦିରା ଗାନ୍ଧୀ ପାର୍କରେ ବାର୍ଷିକ ଶିଶୁ ଚିତ୍ରକଳା ଏବଂ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପାଇଁ ୪ ଭିନ୍ନ ଭିନ୍ନ ଶ୍ରେଣୀ କରାଯାଇଥିଲା ଏବଂ ପ୍ରତ୍ୟେକ ଶ୍ରେଣୀକୁ ଉଦ୍ଭିଦ ଓ ପରିବେଶ ବିଷୟରେ ଅଲଗା ବିଷୟବସ୍ତୁ ଦିଆଯାଇଥିଲା। କେଜି ଓ ପ୍ରଥମ ଶ୍ରେଣୀ ପାଇଁ ଏକ ପଦ୍ମ ଫୁଲ କିମ୍ବା କୁଣ୍ଡ ଭିତରେ ଏକ ଫୁଲ ଗଛ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାଇଁ ମୋ ସ୍କୁଲ ବଗିଚା କିମ୍ବା ସହର ମଧ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ମୋ ସ୍ୱପ୍ନର ଏକ ସ୍ୱଚ୍ଛ ଓ ସବୁଜ ସହର ଏବଂ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ୫୭୯ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଏହାର ମୂଲ୍ୟାଙ୍କନ କରାଯାଇଛି। ଭୁବନେଶ୍ୱରର ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ୨୦୨୬ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ପୁରସ୍କୃତ ଚିତ୍ରକଳା ଏବଂ ପୋଷ୍ଟର ପ୍ରଦର୍ଶନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲିସଫୁଲ୍ ଯୋଗ ସେଣ୍ଟରରେ ପ୍ରତିଭା ଦେଖାଇଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

ଅଲ୍ ଓଡ଼ିଶା ଓପନ୍ ଯୋଗାସନ୍ସ ଚାମ୍ପିୟନଶିପ୍ ରବିବାର ନ୍ୟୁ ଫରେଷ୍ଟପାର୍କସ୍ଥିତ ବ୍ଲିସଫୁଲ ଯୋଗ ସେଣ୍ଟରଠାରେ ଓଡ଼ିଶା ଯୋଗାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୨ଶହରୁ ଊର୍ଦ୍ଧ୍ୱ ସାଧାରଣ ପ୍ରତିଭାଙ୍କ ସହିତ ଦିବ୍ୟାଙ୍ଗମାନେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଅଲିମ୍ପିଆନ ରାଖାଲ କୁମାର ସେଠୀ ଯୋଗଦେଇ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ଯୋଗଦେଇ ପ୍ରତିଭାମାନଙ୍କୁ ହାରି ନ ଯାଇ ଲଢ଼ିବା ସହ ଜିତିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସକାଳ ୭ରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୋଗ ସେଣ୍ଟରର ପ୍ରତିଷ୍ଠାତା ନିର୍ଦ୍ଦେଶିକା ସୌମ୍ୟା ଦାଶ ପରିଚାଳନା କରିଥିଲେ।

# ୧୨ରେ ମୁକ୍ତିଲାଭ କରିବ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

ବହୁ ପ୍ରତୀକ୍ଷିତ ଡକ୍ୟୁମେଣ୍ଟାରୀ ହାଇବ୍ରିଡ୍ ଚଳଚ୍ଚିତ୍ର 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଆସନ୍ତା ୧୨ ତାରିଖରେ ଥିଏଟରରେ ମୁକ୍ତିଲାଭ କରିବ। ଅଭିସ୍ମିତା ଫିଲ୍ମସ ବ୍ୟାନରରେ ଶିକ୍ଷାବିତ୍ ଅଭୟ ପତିଙ୍କ ଦ୍ୱାରା ନିର୍ମିତ ଏବଂ ଚଳଚ୍ଚିତ୍ର ନିର୍ମାତା ପ୍ରଣବ କୁମାର ଆଇଚ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସ୍ୱର୍ଗତ ଶିକ୍ଷକ ନନ୍ଦ ପୃଷ୍ଟିଙ୍କ ଅସାଧାରଣ ଜୀବନ ଉପରେ ଆଧାରିତ। କିପରି ନନ୍ଦ ମାଷ୍ଟରଙ୍କ ମାଗଣା ଶିକ୍ଷା ପ୍ରତି ପ୍ରତିବଦ୍ଧତା ଗ୍ରାମୀଣ ଓଡ଼ିଶାର ପିଢ଼ିରୁ ପିଢ଼ିକୁ ପରିବର୍ତ୍ତନ କରିଥିଲା, ତାହା ଚଳଚ୍ଚିତ୍ରର କାହାଣୀରେ ଦର୍ଶାଯାଇଛି। ଏହି ଚଳଚ୍ଚିତ୍ରଟି ଆବେଗ, ଧୈର୍ଯ୍ୟ ଏବଂ ଉଦ୍ଦେଶ୍ୟର ଏକ ଉତ୍ପାଦ। ପ୍ରାମାଣିକ ଏବଂ ନାଟକୀୟ ପୁନଃ ଅଭିନୟକୁ ମିଶ୍ରଣ କରାଯିବା ସହ ସତ୍ୟତା ବଜାୟ ରଖିବା ପାଇଁ ମୁଖ୍ୟତଃ ଅଣ ଅଭିନେତାମାନଙ୍କୁ ବ୍ୟବହାର କରାଯାଇଛି। ଚଳଚ୍ଚିତ୍ରଟି ନୂତନ ପ୍ରତିଭା, ଯେପରିକି ଯୁବ ନନ୍ଦ ପୃଷ୍ଟି ଭାବେ ପୁଣେର ପ୍ରତିଷ୍ଠିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଅଭିନୟ ବିଭାଗ ଛାତ୍ର ସାଇଶ୍ରେଷ୍ଠ ଦାସ, ସ୍ତ୍ରୀ ରୁକ୍ମିଣୀ ନନ୍ଦ ପୃଷ୍ଟି ଚଳଚ୍ଚିତ୍ରରେ ନିତ୍ୟାଶା ପଟ୍ଟନାୟକ ନଜରରେ ଆସିବେ। ଏନେଇ ରବିବାର ରୋଟାରୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିସ୍ମିତା ଫିଲ୍ମସ୍ ପକ୍ଷରୁ ସୂଚନା ଦିଆଯାଇଛି।




# ପ୍ରକୃତ ଓଡ଼ିଆ ଅସ୍ମିତାର ପ୍ରତୀକ ଜୟୀ ରାଜଗୁରୁ

ଭୁବନେଶ୍ୱର, ୭।୧୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାରେ ଇଂରେଜମାନଙ୍କ ବିରୋଧରେ ନିଜ ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ସଶସ୍ତ୍ର ସଂଗ୍ରାମ କରିଥିଲେ ଶହୀଦ ଜୟୀ ରାଜଗୁରୁ। ସେ ହେଉଛନ୍ତି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର ଏବଂ ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତପକ୍ଷେ ପ୍ରତୀକ ବୋଲି ତାଙ୍କ ବଳିଦାନ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀର ହାଉଜଖାସ୍ ଜଗନ୍ନାଥ ମନ୍ଦିର ପରିସରରେ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବଳିଦାନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଐତିହାସିକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବେ ଲେଖୁ ନ ଥିବା ଏବଂ ଜୟୀ ରାଜଗୁରୁଙ୍କ ପରି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରି ନ ଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନେକ ଅନାଲୋଚିତ ବିଷୟରେ ଅନଭିଜ୍ଞ ରହିଛନ୍ତି। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଅତିଥି ଭାବେ ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲୀପ ପଟ୍ଟନାୟକ, ଅନୁଷ୍ଠାନର ଟ୍ରଷ୍ଟି ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗୀରଥି ଧଳ, ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଅନ୍ୟାନ୍ୟ ଅତିଥି ଭାବରେ ଖବରଦାତା ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟ ଅତିଥିମାନେ ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧୨।୨୦୨୫

| | |
|---|---|
| ୬,୭୯,୦୦୨ ଟଙ୍କା | |
| ସୁନା | ୭.୪୦୦ ଗ୍ରାମ୍ |
| ରୁପା | ୬୯.୪୦୦ ଗ୍ରାମ୍ |

# ଗରିବ ଶ୍ରଦ୍ଧାଳୁଙ୍କ ପାଇଁ ରହିବାକୁ କୌଣସି ବ୍ୟବସ୍ଥା ନାହିଁ

■ ଶୀତ କାକରରେ ବଡ଼ଦାଣ୍ଡରେ ରାତି କାଟୁଛନ୍ତି
■ ରହଣି ସୁବିଧା ପାଇଁ ପଦକ୍ଷେପ ନିଆଯାଉଛି: ଜିଲାପାଳ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର ଉନ୍ନତି ପାଇଁ ସରକାର ମାଳ ମାଳ ଯୋଜନା କରୁଛନ୍ତ। ହେଲେ ଦୁର୍ଭାଗ୍ୟର ବିଷୟ ଯେ, ଗରିବ ଶ୍ରେଣୀର ଶ୍ରଦ୍ଧାଳୁଙ୍କ ପାଇଁ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଗରିବ ଶ୍ରେଣୀର ଶ୍ରଦ୍ଧାଳୁଙ୍କ ନିମନ୍ତେ ମାଗଣାରେ ରାତିରେ ରହିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଏବେ ପ୍ରବଳ ଶୀତ, କାକରରେ ଅନେକ ଗରିବ ଶ୍ରେଣୀର ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ଖୋଲା ଆକାଶ ତଳେ ରାତି କାଟୁଛନ୍ତି। ସକାଳ ହେଲେ ଗନ୍ତବ୍ୟସ୍ଥଳକୁ ବାହାରି ଯାଉଛନ୍ତି। ଅନେକ ଶ୍ରଦ୍ଧାଳୁ ପୁରୀ ସହରରେ ନୂଆ ହୋଇଥିବାରୁ ରାତିରେ ଅନ୍ୟ କୌଣସି ସ୍ଥାନକୁ ସୁରକ୍ଷିତ ନ ଭାବି ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ରାତିରେ ଶୋଇ ପଡୁଛନ୍ତି। ବଡ଼ଦାଣ୍ଡରେ ଅନେକ ଧର୍ମଶାଳା ରହିଛି, ଯାହାକି ଗରିବ ଭକ୍ତଙ୍କ ରାତି ରହଣି ପାଇଁ ବ୍ୟବସ୍ଥା ହୋଇପାରିବ। ହେଲେ ପ୍ରଶାସନର ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକାରୀ ହେବାର ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଅନେକ ଧର୍ମଶାଳା ଏବେ ଯାତ୍ରୀ ବ୍ୟବସାୟରେ ଲାଗିଥିବା ବେଳେ କେତେକ ଧର୍ମଶାଳାକୁ ଖୋଦ୍ ପୁରୀ ଜିଲା ପ୍ରଶାସନ ନିଜେ ଅକ୍ତିଆର କରି ସିଂହଦ୍ୱାର ଥାନା ସମେତ ଶ୍ରୀମନ୍ଦିର ପ୍ରଶାସନର ବିଭିନ୍ନ ବିଭାଗର କାର୍ଯ୍ୟାଳୟ ଚାଲିଛି। ଶ୍ରୀକ୍ଷେତ୍ରକୁ ଆସୁଥିବା ଗରିବ ଶ୍ରଦ୍ଧାଳୁମାନେ ରହିବା ପାଇଁ ଅନେକ ବଦାନ୍ୟ ବ୍ୟକ୍ତି ଧର୍ମଶାଳା କରିଥିଲେ। ହେଲେ ଦୁଃଖର ବିଷୟ, ସେହି ଧର୍ମଶାଳାଗୁଡ଼ିକ ଏବେ ଲଜ୍ ବ୍ୟବସାୟ, ହୋଟେଲ ବ୍ୟବସାୟ ଓ ସରକାରୀ ଅଫିସ୍‌ରେ ପରିଣତ ହୋଇଛି।

ଶ୍ରୀମନ୍ଦିର ସମ୍ମୁଖରେ ବାଗେଡ଼ିଆ ଧର୍ମଶାଳାରେ ସିଂହଦ୍ୱାର ଥାନା ସମେତ ଶ୍ରୀମନ୍ଦିର କାର୍ଯ୍ୟାଳୟର ବିଭାଗ ପାଇଁ ଅଫିସ୍ ରହିଛି। ସେହିପରି ବଡ଼ଦାଣ୍ଡ ମରୀଚିକୋଟ ଛକରେ ଥିବା ଡୁଡୁୱାଲ ଧର୍ମଶାଳାରେ ଯାତ୍ରୀ ରହଣି ବ୍ୟବସାୟ, ବଡ଼ଦାଣ୍ଡରେ ଥିବା ବଗଲା ଧର୍ମଶାଳା ସ୍ଥାନରେ ହୋଟେଲ ବ୍ୟବସାୟ ଚାଲିଛି। ଭକ୍ତଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ କିମ୍ବା ମାଗଣାରେ ରହିବା ପାଇଁ ବ୍ୟବସ୍ଥା ନ ଥିବାରୁ ଦୂରରୁ ଆସୁଥିବା ଗରିବ ଭକ୍ତଟିଏ ସ୍ୱଳ୍ପ ମୂଲ୍ୟରେ ଘରେ ରହିବା ପାଇଁ ଆଉ ବ୍ୟବସ୍ଥା ନାହିଁ। ଛୋଟ ଛୋଟ ଲଜ୍ ରାତିରେ ରୁମ୍ ପିଛା ୧୦୦୦ରୁ ୨୦୦୦ ଟଙ୍କା ଯାଏ ଦର ରଖିଛନ୍ତି। ଫଳରେ ଗରିବ ଶ୍ରେଣୀର ଲୋକମାନେ ଏହି ଅର୍ଥ ଦେଇ ଲଜ୍ ନେବା ସକ୍ଷମ ହେଉନାହାନ୍ତି। ତେଣୁ ବାଧ୍ୟ ହୋଇ ଗରିବ ଭକ୍ତଟିଏ ବଡ଼ଦାଣ୍ଡରେ ଶୀତ କାକରରେ ରାତି କାଟି ସକାଳୁ ନିଜ ଗନ୍ତବ୍ୟ ପଥ ଅଭିମୁଖେ ବାହାରି ଯାଉଛନ୍ତି। ତେବେ ମହିଳା, ଛୋଟ ଛୋଟ ପିଲା ଶୀତ କାକରରେ ବଡ଼ଦାଣ୍ଡରେ ଖୋଲା ଆକାଶ ତଳେ ରାତି କାଟିବା ଘଟଣାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଶୀତ ଲହରୀ ଏତେ ଯେ, ରାତିରେ ବାହାରେ ବୁଲିବା ମୁସ୍କିଲ ହୋଇପଡୁଛି। ଖରାଦିନେ ଲୋକମାନେ ଯେନତେନ ବଡ଼ଦାଣ୍ଡରେ ରାତି କଟାଉଥିବା ବେଳେ ଏବେ ଶୀତ କାକରରେ ବଡ଼ଦାଣ୍ଡରେ ସକାଳ ପର୍ଯ୍ୟନ୍ତ ରହିବା ବହୁ କଷ୍ଟସାଧ୍ୟ ହୋଇପଡ଼ିଛି। ପ୍ରତିଦିନ ପୁରୀ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଶ୍ରୀମନ୍ଦିରକୁ ଆସୁଛନ୍ତି। ହେଲେ ବଡ଼ଦାଣ୍ଡରେ ପ୍ରବଳ ଶୀତ କାକରରେ ରାତି କାଟୁଥିବା ଗରିବ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣାରେ ବଡ଼ଦାଣ୍ଡରେ ଥିବା ଧର୍ମଶାଳାଗୁଡ଼ିକରେ ରାତ୍ରି ରହଣି ବ୍ୟବସ୍ଥା ନ କରିବା ଜଗନ୍ନାଥପ୍ରେମୀଙ୍କୁ ଦୁଃଖ ଦେଉଛି। ଶ୍ରୀମନ୍ଦିରର ଉନ୍ନତି ଓ ଭକ୍ତଙ୍କ ସୁବିଧା ଏବଂ ସୁରକ୍ଷା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ବାରମ୍ବାର ସରକାର ଘୋଷଣା କରୁଛନ୍ତି। ହେଲେ ଏହା କେବେ କାର୍ଯ୍ୟକାରୀ ହେବ ସେ ନେଇ ଜଗନ୍ନାଥପ୍ରେମୀ ପ୍ରଶ୍ନ ଉଠାଇଛନ୍ତି। ଯୁଗେ ଯୁଗେ ଭକ୍ତ-ଭଗବାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହି ଆସିଛି। ଏହା ଆମ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଏଣୁ ଭକ୍ତଙ୍କୁ ସବୁବେଳେ ପ୍ରାଧାନ୍ୟ ଦିଆଯାଇଛି। ଶ୍ରୀମନ୍ଦିରର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଭଗବାନଙ୍କ ନିକଟକୁ ଆସୁଥିବା ସାଧାରଣ ଗରିବ ଭକ୍ତର ସୁବିଧା ଅସୁବିଧାକୁ ନେଇ ସରକାର କି ପ୍ରଶାସନ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଜଗନ୍ନାଥପ୍ରେମୀ ଅଭିଯୋଗ କରିଛନ୍ତି। ମାନବିକତା ଦୃଷ୍ଟିକୋଣରୁ ପୁରୀ ଜିଲା ପ୍ରଶାସନ ତୁରନ୍ତ ବଡ଼ଦାଣ୍ଡରେ ପ୍ରବଳ ଶୀତରେ ରାତି କାଟୁଥିବା ଭକ୍ତଙ୍କୁ ମାଗଣାରେ ବଡ଼ଦାଣ୍ଡରେ ଥିବା ଧର୍ମଶାଳା ହେଉ ଅବା ଅନ୍ୟସ୍ଥାନରେ ରାତ୍ରି ରହଣି ପାଇଁ ବ୍ୟବସ୍ଥା କରିବାକୁ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

“ମୋତେ ସକାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଅଛି। ଅର୍ଥ ଅଭାବରୁ ରାତିରେ ରହିବା ପାଇଁ ଲଜ୍ ନେଇ ପାରିଲି ନାହିଁ। ଏଣୁ ଭାବିଲି ବଡ଼ଦାଣ୍ଡରେ ରାତିରେ ରହିବି। ଏଠାରେ ଲୋକଙ୍କ ଚଳପ୍ରଚଳ ଥିବାରୁ ରହିବାକୁ ଭରସା ଆସିଲା। ହେଲେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାରୁ କଷ୍ଟ ଲାଗିଲା। କିନ୍ତୁ ମୋ ପାଖରେ ଆଉ କିଛି ବିକଳ୍ପ ନ ଥିଲା। ବଡ଼ଦାଣ୍ଡରେ ଅନେକ ଲୋକ ମୋ ସହିତ ରାତ୍ରିଯାପନ କରୁଥିଲେ। ବିଭିନ୍ନ କାରଣରୁ ଲୋକମାନେ ଏଠାରେ ରାତିରେ ଶୋଇ ରହିଛନ୍ତି। ବଡ଼ଦାଣ୍ଡରେ ଯେଉଁ ଧର୍ମଶାଳା ରହିଛି, ସେଠାରେ ମାଗଣାରେ ରହିବା ନେଇ ବ୍ୟବସ୍ଥା ନାହିଁ। ଅନେକ ସ୍ଥାନରେ ରୁମ୍ ବୁକ୍ ହୋଇସାରିଥିବା କହି ରୁମ୍ ଦିଆଯାଉ ନାହିଁ। ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀମାନେ ରହିବା ପାଇଁ ଧର୍ମଶାଳା କରାଯାଇଥିଲା। ହେଲେ ଯାତ୍ରୀ ରହିବା ପାଇଁ ଆଉ ବ୍ୟବସ୍ଥା ନାହିଁ। ଜିଲାପାଳଙ୍କୁ ଅନୁରୋଧ, ଗରିବ ଲୋକଙ୍କ ପାଇଁ ବଡ଼ଦାଣ୍ଡରେ କିଛି ରାତ୍ରିଯାପନ ପାଇଁ ବ୍ୟବସ୍ଥା କରନ୍ତୁ।

–ଶିବ କୁମାର, ମଧ୍ୟପ୍ରଦେଶ

ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ପୁରୀରେ ଥିବା ରାତ୍ରି ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି। ବଡ଼ଦାଣ୍ଡରେ ରାତିରେ ନ ଶୋଇବା ପାଇଁ ଲୋକଙ୍କୁ କୁହାଯାଉଛି। ଏ ନେଇ ଆମର ଏକ ସ୍ୱତନ୍ତ୍ର ଟିମ୍ ଲୋକଙ୍କ ସହ ଆଲୋଚନା କରି ସହାୟତା ଯୋଗାଇ ଦେଉଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ କହିଛନ୍ତି।

## ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ




ନାଟକ ପରିବେଷଣ କରାଯାଉଛି ।

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

‘ଅନୁଷ୍ଠାନ ଆମର’ ପକ୍ଷରୁ ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଦେବେନ୍ଦ୍ରନାଥ ତରେଇ, ଅଲ୍ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ନାଟ୍ୟକାର ଅଜୟ କୁମାର ମହାପାତ୍ର, ଭାରତୀୟ ଜନତା ପାର୍ଟିର ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମିତାଞ୍ଜଳି ପତି, ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ହେଉଛି କଳାକାରର ମାଟି। ଏଠାରୁ ଅନେକ କଳାକାର ସୃଷ୍ଟି ହୋଇଛନ୍ତି। ତେଣୁ ଏହି ମାଟିରେ ଯିଏ ନାଟକ ପରିବେଷଣ କରିଛି, ସେ କେବେହେଲେ କୋଉ ଜାଗାରେ ହାର ମାନିବାକୁ ପ୍ରସ୍ତୁତ ନ ଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ନାଟକ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦର ନାଟକ ଭିନ୍ନ ଏକ ସହଯାତ୍ରୀର ନିର୍ଦ୍ଦେଶକ ପଞ୍ଚାନନ ଦାସଙ୍କୁ ମାନପତ୍ର ସହ ଆର୍ଥିକ ରାଶି ୭ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ୧୦ ଜିଲାରୁ ୧୦ ନାଟକ ମଣ୍ଡଳୀ ଆସି ନାଟକ ପ୍ରଦର୍ଶନ କରିବେ। ଶେଷଦିନ ଅର୍ଥାତ୍ ୧୭ ତାରିଖ ଦିନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ଆର୍ଥିକ ରାଶି ୧୫ ହଜାର, ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ୧୦ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୭ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି। ‘ଭିନ୍ନ ଏକ ସହଯାତ୍ରୀ’ ନାଟକକୁ ରଚନା କରିଥିଲେ ପଞ୍ଚାନନ ଦାଶ, ନିର୍ଦ୍ଦେଶନା ଦେଇଛନ୍ତି ମଳୟ କୁମାର ମହାନ୍ତି। ଉକ୍ତ ନାଟକରେ ମଣିଷ ତା’ ଜୀବନ ଯାତ୍ରାରେ ସବୁବେଳେ ସହଜ, ସରଳ, ସୁବିଧା ରାସ୍ତାକୁ ଆପଣେଇଥାଏ। ଏମିତି ଏକ ବାସ୍ତବମୁଖୀ ଭାବନା ଓ ପରୀକ୍ଷାମୂଳକ ପ୍ରୟୋଗକୁ ନେଇ ନାଟକ ‘ଭିନ୍ନ ଏକ ସହଯାତ୍ରୀ’ ମଞ୍ଚସ୍ଥ ହୋଇଥିଲା। ଅଭିନେତା ସମୀର ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଛୁଆଁ ମହାସ୍ନାନ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ରବିବାର ଛୁଆଁ ମହାସ୍ନାନ ଅନୁଷ୍ଠିତ ହୋଇଯାଇଛି। ଫଳରେ ଶ୍ରୀମନ୍ଦିର ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ଣରେ ଶ୍ରୀବିଗ୍ରହଙ୍କ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଜଣେ ଭକ୍ତ ସେବକଙ୍କୁ ଛୁଇଁ ଦେଇଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଛୁଆଁ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି ବୋଲି ସୂଚନା ମିଳିଛି। ରବିବାର ଶ୍ରୀବିଗ୍ରହଙ୍କ ମଇଲମ ନୀତି ବେଳେ ଭକ୍ତମାନେ ଦର୍ଶନ ପାଇଁ ଛିଡ଼ା ହୋଇଥିଲେ। ଦର୍ଶନ ସମୟରେ ଜଣେ ଭକ୍ତ ସେବାୟତଙ୍କୁ ଛୁଇଁ ଦେଇଥିଲେ। ଫଳରେ ତୁରନ୍ତ ସମସ୍ତ ନୀତିକୁ ବନ୍ଦ କରାଯାଇ ଶ୍ରୀବିଗ୍ରହଙ୍କ ଛୁଆଁ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଚଟାଣ ଧୁଆଧୋଇ ହୋଇ ବୃନପାଣି ୮ଟାରେ ପଡ଼ିଥିଲା। ମହାସ୍ନାନ ପୂଜା ୮ଟା୧୦, ମହାସ୍ନାନ ପୂଜା ୮ଟା ୧୫, ମହାସ୍ନାନ ପୂଜା ଶେଷ ୮ଟା ୨୦ ଏବଂ ମଇଲମ ୮ଟା ୨୫ରେ ସମ୍ପନ୍ନ ହେବା ପରେ ପୁନର୍ବାର ଶ୍ରୀବିଗ୍ରହଙ୍କ ନୀତି ବଢ଼ିବା ସହ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା।

### ଗଳ୍ପ ସଂକଳନ ‘ମୂର୍ଚ୍ଛିତ ମୋକ୍ଷ’ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଅଧିକରୁ ଅଧିକ ଆଧ୍ୟାତ୍ମିକ ଗଳ୍ପ ସଂକଳନ ସୃଷ୍ଟି ଏକ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବରେ ଆନ୍ତର୍ଜାତିକ ପୁରସ୍କାରପ୍ରାପ୍ତ ଗାଳ୍ପିକ ବଦ୍ରି ମିଶ୍ରଙ୍କ ଦ୍ୱାଦଶତମ ଗଳ୍ପ ସଂକଳନ ‘ମୂର୍ଚ୍ଛିତ ମୋକ୍ଷ’ ଉନ୍ମୋଚନ କରିଥିଲେ। ଏହି ଉନ୍ମୋଚନରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଦ୍ମଭୂଷଣ ଡ. ପ୍ରତିଭା ରାୟ, ବିଭାଗର ନିର୍ଦ୍ଦେଶକ ବିଜୟ କେତନ ପଟ୍ଟନାୟକ, ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡକ୍ଟର ଚନ୍ଦ୍ରଶେଖର ହୋତା ମଞ୍ଚାସୀନ ଥିବାବେଳେ ପ୍ରକାଶକ ଶୁଭାନ୍ୱେଷ ରଥ, ଚିତ୍ରଦେବ ବଳଦେବ ମହାରଥା, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ଦାଶ ବେନହୁର, ବିଜୟାନନ୍ଦ ସିଂହ, ଗାଳ୍ପିକ ପୀତବାସ ରାଉତରାୟ, ଗୀତିକାର ପଞ୍ଚାନନ ନାୟକ, ବିଜୟ କେତନ ଉପାଧ୍ୟାୟ ଓ ଶ୍ୟାମାପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସିଆଇଟିୟୁର ୪ର୍ଥ ପୁରୀ ଜିଲା ସମ୍ମିଳନୀ



ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ ।

ପୁରୀ, ୭।୧୨(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ କୁଳମଣି ଭବନରେ ସିଆଇଟିୟୁର ୪ର୍ଥ ପୁରୀ ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶରେ ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକ ଶ୍ରେଣୀ ପାଇଁ ୪୪ଟି ଶ୍ରମ ଆଇନର ବ୍ୟବସ୍ଥା ଥିଲା। ମାତ୍ର ୨୦୧୪ରେ ମୋଦି କ୍ଷମତାକୁ ଆସିଲା ପରେ ଆଦାନୀ, ଅମ୍ବାନୀ ଭଳି ପୁଞ୍ଜିପତି ଓ କର୍ପୋରେଟ କାରଖାନା ମାଲିକଙ୍କ ପାଇଁ ତାଙ୍କୁ ରାଷ୍ଟ୍ରାୟତ୍ତ ସମ୍ପଦ ତାଙ୍କ ହାତକୁ ଟେକି ଦେବା ଓ ସେଥିରେ ଲାଭ ପାଇଁ ୪ ଶ୍ରମକୋଡ୍ ଆଣିଲେ ଓ ତାକୁ ନଭେମ୍ବର ୨୧ରେ ଲାଗୁ କଲେ। ଫଳରେ ଶ୍ରମିକ ତା’ର ମଜୁରି, ସାମାଜିକ ନିରାପତ୍ତା ନ ପାଇ କ୍ରୀତଦାସ ହେବ। ଆଇନ ଲାଗୁ କରି ସମ୍ବିଧାନ ପ୍ରଦତ୍ତ ଅଧିକାରକୁ କାଢ଼ି ନେଲେ। ଶ୍ରମିକ ୮ ଘଣ୍ଟା କାମ କରୁଥିଲା ବେଳେ ଏବେ ୧୨ ଘଣ୍ଟା କାମ କରିବ। ତେଣୁ ଶ୍ରମକୋଡ୍ ପ୍ରତ୍ୟାହାର, ସର୍ବନିମ୍ନ ମାସିକ ମଜୁରି ୨୬,୦୦୦ ଟଙ୍କା, ଆଉଟ୍ ସୋର୍ସିଂ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଦାବି କରିଛି। ସମ୍ମିଳନୀକୁ ସିଆଇଟିୟୁ ରାଜ୍ୟ ଉପସଭାପତି ଲୋଭାକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଥିଲେ।

ସେ କହିଥିଲେ ଯେ, ମୋଦି ସରକାରର ଜନବିରୋଧୀ ଓ ଶ୍ରମିକ ବିରୋଧୀ ନୀତି ବିରୋଧରେ ଶ୍ରମିକ ଶ୍ରେଣୀ ଏକ ହୋଇ ଲଢ଼େଇ କରିବା ହିଁ ଏକମାତ୍ର ରାସ୍ତା। ଖଣି ଖାଦାନ କାରଖାନାରେ ଶ୍ରମିକ ଗୋତି ଖଟିବ। ମନଇଚ୍ଛା ଛଟେଇ କରିବେ। ଶ୍ରୀକାନ୍ତ ପରିଜା ଓ ଜଗନ୍ନାଥ ଦେଓ, ବନବାସିନୀ ମହାପାତ୍ରଙ୍କୁ ନେଇ ସଭାପତି ମଣ୍ଡଳୀ ସଭାକାର୍ଯ୍ୟ ତୁଲାଇ ଥିଲେ। ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ ବିଗତ ୩ବର୍ଷର ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଶ୍ରମକୋଡ୍ ପ୍ରତ୍ୟାହାର, ମହିଳାଙ୍କ ଉପରେ ବଢୁଥିବା ନିର୍ଯ୍ୟାତନା, ମାସିକ ମଜୁରି ୨୬,୦୦୦ ଟଙ୍କା ପ୍ରସଙ୍ଗରେ ଲଢ଼େଇ ପାଇଁ ପ୍ରସ୍ତାବ ପାରିତ ହୋଇଛି। ଆସନ୍ତା ୩ବର୍ଷ ପାଇଁ ଶ୍ରୀକାନ୍ତ ପରିଜା ସଭାପତି, ଶରତ କୁମାର ରାୟଗୁରୁ ସମ୍ପାଦକ, ପୀତବାସ ବେହେରା କୋଷାଧ୍ୟକ୍ଷ ଥାଇ ୨୩ ଜଣିଆ ସିଆଇଟିୟୁ ପୁରୀ ଜିଲା କମିଟି ଗଠନ ହୋଇଛି। କୃଷକ ନେତା ଭୀମସେନ ସ୍ୱାଇଁ, ଶିକ୍ଷକ ନେତା ସୁରେନ୍ଦ୍ର ଜେନା, ଏସ୍‌ଏଫ୍‌ଆଇ ରାଜେଶ ମହାନ୍ତି, ଶ୍ରମିକ ନେତା ବଦ୍ରି ନାରାୟଣ ଦାସ ସମ୍ମିଳନୀକୁ ଶୁଭେଚ୍ଛା ଦେଇଥିଲେ। ସିଆଇଟିୟୁ ରାଜ୍ୟ ନେତା ପୁଷ୍ପା ଦାସ ସମ୍ମିଳନୀକୁ ଉଦ୍‌ଯାପନୀ ଅଭିଭାଷଣ ଦେଇଥିଲେ। ଜିଲା କମିଟିରେ ଜଗନ୍ନାଥ ଦେଓ, ମନୋରଞ୍ଜନ ମହାରଣା, ବାନବାସିନୀ ମହାପାତ୍ର, ସ୍ମୃତି ରଞ୍ଜନ ଦାସ, ଟୁନା ନାୟକ, ଦାଶରଥି ସାହୁ, ସୁଜାତା ବିଶ୍ୱାସ, ଟୁନା ବାରିକ ଓ ଦେବାଶିଷ ସାମଲ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ଇକୋ କ୍ଲବ ପ୍ରଦର୍ଶନୀ

ପୁରୀ,୭।୧୨(ଅଜିତ କୁମାର ମହାନ୍ତି)

ପୁରୀ ସଦର ବ୍ଲକ ମଣ୍ଡଳସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଶୁକ୍ରବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରି ପରିବେଶ ସଚେତନତା ପାଇଁ ଇକୋ କ୍ଲବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବୃକ୍ଷରୋପଣ, ଜଳ ସଂରକ୍ଷଣ, ବର୍ଷାଜଳ ଅମଳ ଇତ୍ୟାଦି ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ ହେବା ଉଚିତ ବୋଲି ସେ କହିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନାକର ସାହୁ, ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅଭିଭାବକ ଶିକ୍ଷକ ସଂଘ ସଭାପତି ସୂର୍ଯ୍ୟନାଥ ପୂଜପଣ୍ଡା ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ ଓ ଇକୋ କ୍ଲବର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ରିତା ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି, ଏନ୍‌ସିସି ଅଫିସର ଶୋଭାମଣି ସ୍ୱାଇଁ, ସଙ୍ଗୀତା ନାୟକ, ଶିକ୍ଷକ ସୌଭାଗ୍ୟ କୁମାର ସାହୁ, ଗାଇଡ୍ ଶିକ୍ଷକ ସ୍ୱର୍ଣ୍ଣଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଶୁଭିଲା ବେଦଧ୍ୱନି, ଗୀତଗୋବିନ୍ଦ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଭକ୍ତର ଭାବପୂର୍ଣ୍ଣ ଡାକ ଶୁଣ ହେ ମଣିମା। ଭକ୍ତ ପ୍ରାର୍ଥନା ଶୁଣି ଉଠ ହେ ମହାବାହୁ। ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶର ମାର୍ଗଦର୍ଶକ ହୁଅ ହେ ମହାପ୍ରଭୁ। ଏପରି ଆକୁଳ ନିବେଦନ ସହ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ, ହୁଳହୁଳିରେ ରବିବାର କମ୍ପିଛି ପୁରୀ। ଶତାଧିକ ମହିଳା, ବରିଷ୍ଠ ନାଗରିକ, ସେବାୟତ, ପ୍ରବଚକ, ସାହିତ୍ୟିକ, ବିଭିନ୍ନ ସାହି ବାସିନ୍ଦା, ଗବେଷକ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଯୁବଗୋଷ୍ଠୀ ଏଥିରେ ସାମିଲ ହୋଇ ଘୋଷଣା କରିଛନ୍ତି ଯେ, ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକ ଦାବି କିମ୍ବା ଆନ୍ଦୋଳନ ହୋଇ ନ ପାରେ। ଜଗନ୍ନାଥଙ୍କ ଦର୍ଶନ ଓ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ପୁରୀବାସୀଙ୍କ ଜନ୍ମଗତ ଅଧିକାର ଓ ପରମ୍ପରା। ବିଧର୍ମୀଙ୍କ କବଳରୁ ଠାକୁରଙ୍କୁ ୧୭ ଥର ପୁରୀବାସୀ ରକ୍ଷା କରିଛନ୍ତି। ପ୍ରାକୃତିକ ଦୁର୍ବିପାକଠାରୁ କରୋନାରେ ପୁରୀବାସୀ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କେବଳ ଦେଇନାହାନ୍ତି, ଶହଶହ ବର୍ଷଧରି ବହିରାଗତ ଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତଙ୍କୁ ନିଃସ୍ୱାର୍ଥପର ସହଯୋଗ ଦେଇଆସିଛନ୍ତି। ଅଥଚ ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ମହାଲକ୍ଷ୍ମୀଙ୍କ ଦର୍ଶନ, ସତ୍ୟନାରାୟଣ ଦର୍ଶନ, ମହାପ୍ରସାଦ ଓ ଶୁଖିଲା ପ୍ରସାଦ ଆଣିବା ନେଇ ଜନପ୍ରିୟ ରାଜ୍ୟ ସରକାର, ଏମ୍‌ପି ସମ୍ବିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୁନୀଲ ମହାନ୍ତି ଏହା ପ୍ରତି ସକାରାତ୍ମକ ସଂକେତ ଦେବାପରେ ମଧ୍ୟ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଯାବତ୍ ଆଶାଜନକ ଓ ନିର୍ଦ୍ଦିଷ୍ଟ ଘୋଷଣା ନେଇ ଆଲୋଚନା ହୋଇପାରି ନାହିଁ। ଏଥିରେ ଯୋଗଦାନ କରି ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି ଯେ, ସରକାର ସଦାସର୍ବଦା ପୁରୀବାସୀଙ୍କ ସହିତ ଅଛନ୍ତି ଓ ଖୁବ୍‌ଶୀଘ୍ର ଅଭିଯାନ ମଞ୍ଚ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହେବ ଏବଂ ଠାକୁର ପୁରୀବାସୀଙ୍କୁ ସଫଳତା ଦେବେ। ତେବେ ଏହି କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଅହିଂସାଧର୍ମୀ ଥିଲା। ପୁରୀବାସୀଙ୍କ ପାଇଁ ପ୍ରଶାସନ ହୃଦୟର ସହ ଆଲୋଚନା କରିବାକୁ ମଞ୍ଚ ନିବେଦନ ରଖିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଘୋଷଣା କରିଛି।

### ଶରଧାବାଲିରେ ଜଳିଲା ବିରାଟ ଦୀପ

## ୧୩ରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୩ରୁ ୨ ଦିନ ଧରି ୨୧ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହେବ। ‘ଶିଶୁ ମହୋତ୍ସବ ଟ୍ରଷ୍ଟ’ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରିବା ନିମନ୍ତେ ରବିବାର ଏକ ଖବରଦାତା ସମ୍ମିଳନୀ ସଭାପତି ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ମହୋତ୍ସବ ଟ୍ରଷ୍ଟର ମୁଖ୍ୟ ମାର୍ଗଦର୍ଶକ ତଥା ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ପାଦକ ଶଙ୍ଖମିତ୍ର ସିଂହାରୀ, ଆବାହକ ସୁଧାଂଶୁ ରଥ, କୋଷାଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଅନୁଷ୍ଠାନର ମନୋଜ ମହାପାତ୍ର, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ଅମର ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ଜିତେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ କିଭଳି ସୁଚାରୁରୂପେ ସମ୍ପାଦନା କରାଯିବ ତାହା ଉପରେ ଆଲୋଚନା କରିଥିଲେ।

ପ୍ରକାଶଥାଉ କି, ଉକ୍ତ ମହୋତ୍ସବରେ ସମଗ୍ର ରାଜ୍ୟରୁ ପ୍ରାୟ ୩୫୦ ଶିଶୁ କଳାକାର ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ବିଭାଗରେ ଯୋଗଦାନ କରି ପ୍ରତିଭା ପ୍ରଦର୍ଶନ କରିବେ। ଏହି ଅବସରରେ ଗୁରୁ ଏବଂ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଦ୍ୱି-ଦିବସୀୟ କାର୍ଯ୍ୟକ୍ରମ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବା ସହିତ ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ ବୋଲି ସଭାପତି ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ।

# କଟକ ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ୍

### ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ

ନିମାପଡ଼ା,୭।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏସ୍ ପି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ ଓ ପଞ୍ଚମ ଟୁବୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଏକ ବର୍ଣ୍ଣାଢ଼୍ୟ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ନିମପୁର କଟକକୁ ୪୦ ରନରେ ପରାସ୍ତ କରି କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ବିଜୟ ହାସଲକରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କଟକ ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୩୦ ଓଭର ଖେଳରେ ୯ଟି ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିନାଶ ନାୟକ ସର୍ବାଧିକ ୪୦ରନ, ଅତୁଲ ୩୫ ରନ୍, ସୂର୍ଯ୍ୟକାନ୍ତ ପ୍ରଧାନ ୩୨ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ନିମପୁର ଦଳର ବୋଲର ଆଶୁତୋଷ ମହାରଣା ୩ଟି ଓ ଏମ୍‌ଡି. ଡାନିସ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ନିମପୁର କଟକ ୨୬. ୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୩୦ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳର ବୋଲର୍ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଓ ଦୀପକ ରଞ୍ଜନ ବେହେରା ୨ଟି ଉଇ କେଟ ନେଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ଅସିତ୍ ପାଲ ମ୍ୟାଚ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳର ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଶିଷ୍ଟ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, କ୍ରୀଡ଼ାବିତ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇ କୃତି ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଚାମ୍ପିୟାନ ଟ୍ରଫି ଓ ରନର୍ସ ଅପ ନିମପୁର କଟକ ଦଳକୁ ନଗଦ ୩୦ହଜାର ଟଙ୍କା ଓ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିବା ବେଳେ କୃତୀ ବ୍ୟାଟ୍ସମ୍ୟାନ, ବୋଲର, ଫିଲଡର ଖେଳାଳି ଓ ଅମ୍ପାୟାରଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ନିମାପଡ଼ାର ଧରିତ୍ରୀ ପ୍ରତିନିଧି ବିଚିତ୍ରାନନ୍ଦ ସାହୁଙ୍କୁ ଲାଇଫ୍ ଟାଇମ ଆଚିଭ୍ ମେଣ୍ଟ ଆୱାର୍ଡ, ବରିଷ୍ଠ ଅମ୍ପାୟାର ଚିନ୍ମୟ କୁମାର ଦାଶ, କୃତୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ।




ଅତିଥିମାନଙ୍କ ଗହଣରେ ଟ୍ରଫି ସହ କୃତି ଚାମ୍ପିୟନ ଦଳର ଖେଳାଳି ବୃନ୍ଦ।

## କ୍ରିକେଟ୍ ମ୍ୟାଚ୍ ଟିକେଟ୍ କଳା ବଜାରୀ: ୪ ଗିରଫ

କଟକ,(କାର୍ତ୍ତିକ ସାହୁ): ଟି-୨୦ ମ୍ୟାଚ୍ ପୂର୍ବରୁ ରବିବାର କଟକ କମିଶନରେଟ୍ ପୋଲିସ ଟିକେଟ୍ କଳାବଜାରୀ କରୁଥିବା ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ମୋଟ ୨୧ଟି ଟିକେଟ୍ ଜବତ କରାଯାଇଛି। ବିଡ଼ାନାସୀ ପୋଲିସ ୨ ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୧୨ ଟିକେଟ ଜବତ କରିଥିବା ବେଳେ ଦରଘାବଜାର ପୋଲିସ ୨ ଜଣଙ୍କୁ ଗିରଫ କରି ୯ ଟିକେଟ୍ ଜବତ କରିଛି।

### ସଂକ୍ଷେପରେ

## ମନ୍ଦିର ପ୍ରତିଷ୍ଠାର ୨ଦିନ ପରେ ବିଗ୍ରହ ଭାଙ୍ଗିଲେ ଦୁର୍ବୃତ୍ତ

କଟକ ସଦର,୭ା୧୨(ସୁଶାନ୍ତ କୁମାର ଜେନା)

ବଡ଼ୟାଳିଶ ମୌଜା ଥାନା ଅନ୍ତର୍ଗତ ମିର୍ଜାଇପୁର-ଚାନ୍ଦୁଲି ମଧ୍ୟଭାଗରେ ଅବସ୍ଥିତ ମା' ଭଣ୍ଡାରିକାଙ୍କ ମନ୍ଦିରର ଗ୍ରୀଲ ତାଡ଼ି ଶନିବାର ରାତିରେ ଦୁର୍ବୃତ୍ତମାନେ ବିଗ୍ରହଙ୍କ ମୁହଁକୁ ଭାଙ୍ଗିଦେଇଛନ୍ତି। ଗତ ୪ ତାରିଖରେ ଏହି ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ୫ଦିନ କାଳ ଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ କରାଯାଇଥିଲା। ୨ଦିନ ପରେ ବିଗ୍ରହଙ୍କ ମୁହଁକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳେ ଖବର ପାଇ ସ୍ଥାନୀୟ ପୋଲିସ ମନ୍ଦିରକୁ ଆସି ତଦନ୍ତ କରି ଫେରିଯାଇଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

## କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଆଲୋଚନାଚକ୍ର

କଟକ,୭ା୧୨(କାର୍ତ୍ତିକ ସାହୁ)

କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଜିଏସ୍‌ଟି ଆର-୯ ଓ ୯ସି ସଂକ୍ରାନ୍ତୀୟ ଆଲୋଚାଚକ୍ର ଶନିବାର ସିଡିଏସ୍ଥିତ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚାଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ଦାଶ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆସୋସିଏଶନ୍ ସଭାପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ଆଇନଜୀବୀ ନଟବର ପଣ୍ଡା ପରିଚାଳନା କରିଥିଲେ। ପୂର୍ବତନ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ଅରୁଣ କୁମାର ଦାଶ, ଦିଲ୍ଲୀପ କୁମାର ସାହୁ, ପୂର୍ବତନ ଉପସଭାପତି କୌସ୍ତୁଭ ଚୌଧୁରୀଙ୍କ ସମେତ ଅନୁପ ନାରାୟଣ ମହାନ୍ତି, ଅବିନାଶ କେଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ତ୍ରିପାଠୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ଜେନା, କାର୍ଯ୍ୟକାରୀ ସଦସ୍ୟ ଗୀତାଞ୍ଜଳି ଦାସ, ରଘୁନାଥ ସାହୁ, ସୈଦ ବାକିଉଲ୍ଲା ଓ ପିଙ୍କୁଶ୍ରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୌମ୍ୟଶିବ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୪୦ ଜନଜାତି ପରିବାରକୁ ଶୀତବସ୍ତ୍ର ବଣ୍ଟନ

କଟକ ସଦର,୭ା୧୨(ସୁଶାନ୍ତ କୁମାର ଜେନା)

ବଡ଼ୟାଳିଶ ମୌଜା ଅନ୍ତର୍ଗତ ଖାରକଟା ପଞ୍ଚାୟତର ମଣିବାଡ଼ସ୍ଥିତ ଜନଜାତି ସାହିରେ ୟୁନିୟନ ଫର୍ କଟକ ସଦର ଡେଭଲପ୍‌ମେଣ୍ଟର ସଭାପତି ପ୍ରଫେସର ମନୋଜ କୁମାର ନାୟକ ରବିବାର ୪୦ ପରିବାରକୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉଦୟ ସାମଲ, ଆନନ୍ଦ ବେହେରା, ପ୍ରସନ୍ନ ବେହେରା, ଆଶିଷ ବେହେରା, ପ୍ରଶାନ୍ତ ସେଠୀ, ଜୟନ୍ତୀ ବେହେରା, ସୁଜିତ ବେହେରା, କୈଳାସ ବେହେରା, ପ୍ରକାଶ ପଣ୍ଡା ପ୍ରମୁଖ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଆଜିଠୁ ୨ ଦିନ ସହରରେ ଗାଡ଼ି ଚଳାଚଳ କଟକଣା

### ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍

କଟକ,୭ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀରେ ଡିସେମ୍ବର ୯ରେ ହେବାକୁ ଥିବା ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ପାଇଁ ଉଭୟ ଦଳ ସୋମବାର ଅଭ୍ୟାସ କରିବେ। ଉକ୍ତ ଦିନ ଖେଳ ଓ ଖେଳାଳିଙ୍କୁ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମ ଏବଂ ଏହାର ଆଖପାଖରେ ପ୍ରବଳ ଜନ ସମାଗମ ହେବ। ଏହାକୁ ନଜରରେ ରଖି ଯେପରି ଉକ୍ତ ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ଅଣାୟତ୍ତ ନ ହେବ ସେଥିନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ସହ କଟକଣା ଲାଗୁ କରାଯାଇଛି। ଏହି କଟକଣା ସୋମବାର ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ଏବଂ ମ୍ୟାଚ୍ ଅର୍ଥାତ୍ ମଙ୍ଗଳବାର ସକାଳ ୮ଟାରୁ ଭିଡ଼ ଭାଙ୍ଗିବା ପର୍ଯ୍ୟନ୍ତ ବଳବତ୍ତର ରହିବ। ମାତାମଠ ପଟୁ ରିଂରୋଡ୍‌ରେ ଆସୁଥିବା ଯାନବାହନ ବାଲିଯାତ୍ରା ତଳପଡ଼ିଆରେ ପାର୍କିଂ କରିବେ। କେବଳ ପାସ୍ ଥିବା ଗାଡ଼ିଗୁଡ଼ିକ ବାଉଁଶ ଡିପୋ ଗଡ଼ାରେ ବାମକୁ ଯାଇ ଉପର ବାଲିଯାତ୍ରା ପଡ଼ିଆରେ ଗାଡ଼ି ରଖିବେ। ସେହିପରି ହାୱଡା ମୋଟର ଓ ମଣିସାହୁ ଛକ ପଟୁ ଆସୁଥିବା ଗାଡ଼ି ଗ୍ରୀନାର ହୋଟେଲ ଛକରୁ ସିଧା ମଧୁସୂଦନ ଛକ ଆଡ଼କୁ ଯାଇପାରିବେ ନାହିଁ। ସେହି ଗାଡ଼ିଗୁଡ଼ିକ ପୁରୁଣା ଲ' ହଷ୍ଟେଲ ଛକ ଦେଇ ରିଂରୋଡ୍‌କୁ ଯାଇ ତଳବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବେ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନବାହନ ବିଜୁ ପଟ୍ଟନାୟକ ଛକ କିମ୍ବା ଚଣ୍ଡୀଛକ ଆଡ଼ୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। ଉକ୍ତ ଯାନଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବେ। କୌଣସି ଯାନବାହନ ଆନନ୍ଦ ଭବନ ଛକରୁ ଭାୟା କିଲ୍ଲା ଫୋର୍ଟ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେହି ଗାଡ଼ିଗୁଡ଼ିକ କ୍ୟାଣ୍ଟନମେଣ୍ଟ ଥାନା ଛକଦେଇ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ରଖିବେ। 'ସମାଜ' ଅଫିସ ଛକ ଆଡ଼ୁ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟରୁ କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ହନୁମାନ ମନ୍ଦିର ଛକରୁ ସିଧା ମଧୁସୂଦନ ପ୍ରତିମୂର୍ତ୍ତି ଛକ ଆଡ଼କୁ ଯାଇପାରିବ ନାହିଁ। ସେହିପରି ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ଗାଡ଼ି ପାର୍କିଂ କରିବା ନିମନ୍ତେ ପାସ୍ ଥିଲେ, ସେଗୁଡ଼ିକ ୱାଇଏମ୍‌ସିଏ ରାସ୍ତା ଓ ଲାୟନ ଚକ୍ଷୁ ଚିକିତ୍ସାଳୟ ରାସ୍ତାଦେଇ ପାର୍କିଂ କରିବେ। ରିଜର୍ଭ ପୋଲିସ ଲାଇନ ଆଡ଼ୁ ଆସୁଥିବା ଗାଡ଼ିଗୁଡ଼ିକ ଓଡ଼ିଶା ପୋଲିସ ସଂଘ (ଓପା)ଠାରୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ମଧୁସୂଦନ ଷ୍ଟାଚ୍ୟୁ ଛକରୁ କୌଣସି ଗାଡ଼ି ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଛକରୁ କିଲ୍ ଖାନା ରାସ୍ତା ଦେଇ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ ମହାନଦୀ ରିଂ ବନ୍ଧରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବେ। ଏହାସହ ମ୍ୟାଚ୍ ଦିନ ସକାଳ ୮ଟାରୁ ରାତି ୨ଟା ପର୍ଯ୍ୟନ୍ତ ମହାନଦୀ ଓ କାଠଯୋଡି ରିଂବନ୍ଧ କିମ୍ବା ସହର ମଧ୍ୟରେ କୌଣସି ଭାରିଯାନ ଚଳାଚଳ କରିବ ନାହିଁ। ସୋମବାର ଉଭୟ ଦଳର ଅଭ୍ୟାସ ଥିବାବେଳେ ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାନଦୀ ରିଂରୋଡର ଚହଟା ଛକ ଓ ଶିଖରପୁର ଛକରୁ ବାଉଁଶଗଡ଼ା ପର୍ଯ୍ୟନ୍ତ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଜାରି କରାଯାଇଛି।



ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି୨୦ ମ୍ୟାଚ୍ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ନେଇ ରବିବାର କମିଶନ୍‌ରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ କର୍ମଚାରୀମାନେ। (ଫଟୋ- ରାଜକିଶୋର ମହାନ୍ତି)

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ଓଷ୍ଟାର ସମର୍ଥନ

କଟକ,୭ା୧୨(କାର୍ତ୍ତିକ ସାହୁ)

ଭୁବନେଶ୍ୱର ଗାନ୍ଧିମାର୍ଗରେ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଧାରଣାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୈତିକ ସମର୍ଥନ ଜଣାଇଛି।

ସୂଚନାଥାଉକି, ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଇଦଫା ଦାବିରେ ଶୀତ କାକରରେ ରାଜଧାନୀର ରାଜରାସ୍ତାରେ ପଡ଼ିରହିଛନ୍ତି। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ(ଏନ୍‌ପିଏସ୍ ବର୍ଗ)ଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ପଦ ଅପଗ୍ରେଡ଼ କରି ଲେବୁଲ ୨ ଏବଂ ୩୫,୪୦୦ ଟଙ୍କା ହାରରେ ୪୨୦୦ ଟଙ୍କା ଗ୍ରେଡ୍‌ପେ ଅନୁଯାୟୀ ଦରମା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ପୂର୍ବ ଘୋଷଣା ଅନୁଯାୟୀ ପ୍ରାଥମିକ ଶିକ୍ଷକ ମହାସଂଘ(ଏନ୍‌ପିଏସ୍) ଆହ୍ୱାନରେ ହଜାର ହଜାର ଶିକ୍ଷକ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ଫେରିବେ ନାହିଁ ବୋଲି ଯେଉଁ ଚେତାବନୀ ଦେଇଛନ୍ତି, ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପୂର୍ଣ୍ଣଭାବରେ ସମର୍ଥନ କରୁଛି ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ କହିଛନ୍ତି। ତୁରନ୍ତ ଦାବି ପୂରଣ କରିବାକୁ ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି।

## ୨ ନୂତନ ଆନିମଲ ଆମ୍ବୁଲାନ୍ସ ଉଦ୍‌ଘାଟିତ



ଆନିମଲ ଆମ୍ବୁଲାନ୍ସକୁ ମେୟର ସୁବାସ ସିଂ ଉଦ୍‌ଘାଟନ କରୁଛନ୍ତି।

କଟକ,୭ା୧୨(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ପଶୁପକ୍ଷୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଗୁଜରାଟର ଜି.ଏସ୍. ହେଲପିଂ ଫାଉଣ୍ଡେଶନ ପକ୍ଷରୁ ଦୁଇଟି ଆନିମଲ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ବିକାଶ ଭବନଠାରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂହ ପତାକା ଦେଖାଇ ଏହି ଆନିମଲ ଆମ୍ବୁଲାନ୍ସର ଉଦ୍‌ଘାଟନ କରିଛନ୍ତି। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, କର୍ପୋରେଟର ଦୀପକ କୁମାର ଦାସ, ଜି.ଏସ୍. ହେଲପିଂ ଫାଉଣ୍ଡେଶନର ସଭ୍ୟା ସଭ୍ୟ, ସିଏମ୍‌ସି ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୱାଇଏମ୍‌ସିଏରେ କ୍ରିସ୍‌ମାସ୍ କ୍ୟାରୋଲ



କ୍ରିସ୍‌ମାସ୍ କ୍ୟାରୋଲ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତା।

କଟକ,୭ା୧୨(କାର୍ତ୍ତିକ ସାହୁ)

ୟଙ୍ଗ୍ ମ୍ୟାନ୍‌ସ ଖ୍ରୀଷ୍ଟିଆନ୍ ଆସୋସିଏଶନ୍ (ୱାଇଏମ୍‌ସିଏ) ଠାରେ କ୍ରିସ୍‌ମାସ୍ କ୍ୟାରୋଲ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରାଜବଲ୍ଲଭ ମହାନ୍ତି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ବକ୍ତା ଭାବେ ସଂଗ୍ରାମ କେଶରୀ ସିଂ ଖ୍ରୀଷ୍ଟଙ୍କ ଜୟନ୍ତୀର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବୋର୍ଡ ନିର୍ଦ୍ଦେଶକବୃନ୍ଦ ଉପସ୍ଥିତ ଥିଲେ। ଜିହୋବାଜିରୀ ଓ ପର୍ବତୀୟା ଉଦ୍‌ଯୋଗ ସମିତିର ଝିଅପୁଅମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ହୀରକ ପ୍ରାମାଣିକଙ୍କ ରଚିତ ତପନ କୁମାର ମହାନ୍ତିଙ୍କ ନାଟ୍ୟ ରୂପାନ୍ତର ଓ ବିନୟ ଭୂଷଣ ଦେଙ୍କ ନିର୍ଦ୍ଦେଶନାରେ ପ୍ରଭୁ ଯୀଶୁଙ୍କ ଜୟନ୍ତୀ ଉପଲକ୍ଷେ ଏକ ନାଟକ ପରିବେଷଣ କରାଯାଇଥିଲା। ସେହିପରି ୱାଇଏମ୍‌ସିଏର ସଙ୍ଗୀତ ଦଳ ସଙ୍ଗୀତ ପରିବେଷଣ କରିଥିଲେ। କ୍ରିସ୍‌ମାସ୍ ଫାଦର ପିଲାମାନଙ୍କୁ ମିଠାଇ ଓ ଉପହାର ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଆଲୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ହୋପ୍ ଏଜ୍ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ହୋପ୍ ଏଜ୍ ଟ୍ରଷ୍ଟର କର୍ମକର୍ତ୍ତା।

କଟକ,୭ା୧୨(କାର୍ତ୍ତିକ ସାହୁ)

ହୋପ୍ ଏଜ୍ ଟ୍ରଷ୍ଟ ପକ୍ଷରୁ ଚକ୍ଷୁରୋଗର କାରଣ ଓ ନିରାକରଣ ସମ୍ପର୍କରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ରବିବାର ମର୍କତ ନଗରସ୍ଥିତ ଆଶ୍ରୟ ଦି ଶେଲଟରଠାରେ ଅନୁଷ୍ଠିତ ହୋଇଯାଇଛି।

ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମିଶ୍ର କହିଲେ ଯେ, ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ନିୟମିତ ଭାବେ ନିଜର ଚକ୍ଷୁ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ସେମାନେ ଆବଶ୍ୟକ ସ୍ଥଳେ ଚଷମା ବ୍ୟବହାର କରିବା ସହ ଔଷଧ ସେବନ କରିବା ଉଚିତ। ଚକ୍ଷୁ ପରୀକ୍ଷାରୁ ଯେଉଁମାନେ ମୋତିଆବିନ୍ଦୁ ବା କାଟାରାକ୍ଟ ହୋଇଥିବା ଜଣାପଡ଼ିବ, ସେମାନେ ତୁରନ୍ତ ଡାକ୍ତରଙ୍କ ସହାୟତାରେ ଅତ୍ୟାଧୁନିକ ପ୍ରଣାଳୀରେ ଏହାର ଅସ୍ତ୍ରୋପଚାର କରାଇନେବା ଆବଶ୍ୟକ। ନଚେତ ଚକ୍ଷୁର ସମସ୍ୟା ଜଟିଳ ହେବାର ଆଶଙ୍କା ରହିଛି। ଅପରପକ୍ଷରେ ଏକକାଳୀନ ଅଧିକ ସମୟ ଧରି ମୋବାଇଲ ବା ଟିଭି କାର୍ଯ୍ୟକ୍ରମ ନ ଦେଖି ମଝିରେ ମଝିରେ ଚକ୍ଷୁ ଦୁଇଟିକୁ ବିଶ୍ରାମ ଦେବାପାଇଁ ସେ ପରାମର୍ଶ ଦେଇଥିଲେ। ଅରବିନ୍ଦ ଦାସଙ୍କ ସହାୟତାରେ ସଭ୍ୟମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଟ୍ରଷ୍ଟ ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ସତ୍ୟ ରାୟ, ସମ୍ପାଦକ ରଞ୍ଜିତ ସାହୁ, ଉପସଭାପତି ବିଜୟ ପୁଷ୍ଟି, ଯୁଗ୍ମ ସମ୍ପାଦକ ସୁଜାତା ପଟ୍ଟନାୟକ, ସି. କସ୍ତୁରୀ, ରବୀନ୍ଦ୍ରନାଥ ମିଶ୍ର, ହିମାଂଶୁବାଳା ପଟ୍ଟନାୟକ, ପୁଷ୍ପଲତା ପତି ଏବଂ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଲୋୟର ପିଏମ୍‌ଜିରେ ହେବ ପ୍ରତୀକାତ୍ମକ ଧର୍ମଘଟ

### ନିଖିଳ ଓଡ଼ିଶା ନିୟୁ ଏଡେଡ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଚେତାବନୀ

କଟକ,୭ା୧୨(କାର୍ତ୍ତିକ ସାହୁ)

ନିଖିଳ ଓଡ଼ିଶା ନିୟୁ ଏଡେଡ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ବିଦ୍ୟାଧରପୁରସ୍ଥିତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗରୁଡ଼ ଚନ୍ଦ୍ର ସାହୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରି କହିଲେ ଯେ, ରାଜ୍ୟ ସରକାର ଆସନ୍ତା ୧୧ ତାରିଖ ସୁଦ୍ଧା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ନକଲେ ଡିସେମ୍ବର ୧୨ରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ଏହି ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଲୋୟର ପିଏମ୍‌ଜିରେ ପ୍ରତୀକାତ୍ମକ ଧର୍ମଘଟ କରିବେ। ରାଜ୍ୟରେ ପ୍ରାୟ ୫୯୦୦ ଜଣ ଶିକ୍ଷକ ଓ କର୍ମଚାରୀ ୨୦୨୫ ନଭେମ୍ବର ସୁଦ୍ଧା ଅବସର ଗ୍ରହଣ କରିଛନ୍ତି। ମାତ୍ର ସରକାର ଏମାନଙ୍କୁ ପେନସନ, ଚାକିରିକାଳୀନ ସୁବିଧା ପ୍ରଦାନ ନକରି ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି। ସଂଘର ନିଷ୍ପତ୍ତି କ୍ରମେ ଉକ୍ତ ଦିନ ୧୦ ଟା ୩୦ରେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ ଗୋଲେଇଛକ ଠାରୁ ଏକ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯିବ। ସେଠାରେ ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଏକଜୁଟ ହୋଇ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବେ। ଯଦି ସରକାର ଦାବିପତ୍ର ଗ୍ରହଣ କରି ତୁରନ୍ତ ପେନସନ ଦେବା ନିମନ୍ତେ ବ୍ୟବସ୍ଥା ଗ୍ରହଣ ନକରନ୍ତି ତେବେ ଆଗାମୀ ଫେବୃୟାରୀ ୧୫ରୁ ପୁନର୍ବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲୁ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ସମ୍ପାଦକ ଅନାଦି ଚରଣ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ କୁମାର୍ ହୋତା, ସହସମ୍ପାଦକ ଲକ୍ଷ୍ମୀଧର ମୁଦୁଲି, ସୀତାରାମ ଦାସ, ଭକ୍ତବତ୍ସଳ ସାହୁ, ମନୋରଞ୍ଜନ ମହାନ୍ତ, ଅରୁଣ କୁମାର ଦାସ ଓ ମଞ୍ଜୁଲତା ରାଉତ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

## କମାଣ୍ଡ ଇଲେଭେନକୁ ହରାଇ ଦବଙ୍ଗ ଫାଇଟର ଚାମ୍ପିୟନ

### ଜୟ ଶ୍ରୀରାମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖୁଣ୍ଟୁଣୀ,୭ା୧୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ତଥା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ କ୍ରିକେଟ୍ ପଡ଼ିଆରେ ଗତ ୧୫ ଦିନ ଧରି ଚାଲିଥିବା ଚାଲିଥିବା ପଞ୍ଚାୟତସ୍ତରୀୟ ଜୟ ଶ୍ରୀରାମ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦବଙ୍ଗ ଫାଇଟର କ୍ରିକେଟ ଟିମ୍ ଓ କମାଣ୍ଡ ଇଲେଭେନ ଟିମ୍ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଦବଙ୍ଗ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୭୪ ରନ କରିଥିଲା। ଜବାବରେ କମାଣ୍ଡ ଇଲେଭେନ୍ ସମସ୍ତ ଉଇକେଟ ହରାଇ ୧୭୦ ରନ କରିପାରିଥିଲା। ଫଳରେ ଦବଙ୍ଗ ଫାଇଟର କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ରନର୍ସ ଅପ୍ କମାଣ୍ଡ ଇଲେଭେନ ଦଳକୁ ୧୦ ହଜାର ଟଙ୍କାର ଚେକ୍ ଏବଂ ଚାମ୍ପିୟନ ହୋଇଥିବା ଦବଙ୍ଗ ଟିମ୍‌କୁ ୧୪ ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳପଡ଼ିଆର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ପଞ୍ଚାୟତସ୍ତରୀୟ ଖେଳ ଦେଖିବାକୁ ମହାକାଳବସ୍ତ ଖେଳପଡ଼ିଆରେ ଭରପୁର ଦର୍ଶକ ଉପସ୍ଥିତ ଥିଲେ। ଏହି ଖେଳକୁ ରଞ୍ଜନ କୁମାର ପୁହାଣ, ଭାଗିରଥି ବେହେରା, ଜିଲୁ ପୁହାଣ ପ୍ରମୁଖ ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ଓ ଚେକ୍ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ



ବୈଠକରେ ଉପସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟ ଏବଂ ଶିକ୍ଷାବିତ୍‌ମାନେ।

### ପରିଚାଳନା ବୋର୍ଡ ଓ ଶିକ୍ଷାବିତ୍‌ଙ୍କ ଦାବି

କଟକ,୭ା୧୨(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ପୁଣି ଜୋର୍ ଧରିଛି। ଏ ନେଇ ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟଗଣ ଏବଂ ସହରର ଶିକ୍ଷାବିତ୍‌ମାନେ ଏକତ୍ର ହୋଇ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ସରକାର ତୁରନ୍ତ ଏ ଦିଗରେ ଆଶୁ ପଦକ୍ଷେପ ନେବାକୁ ସଭିଏଁ ଦାବି କରିଛନ୍ତି।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟ ଓ ସହରର ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ନେଇ ଏହି ପ୍ରାଚୀନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ପରିଚାଳନା ବୋର୍ଡର ସଭାପତି ଡ. (ଇଂ.) ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏହି ଐତିହାସିକ ପ୍ରାଚୀନ ମହିଳା ମହାବିଦ୍ୟାଳୟ ଏଯାବତ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଭ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବକ୍ତାମାନେ କହିଥିଲେ ଯେ, ୧୯୧୩ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନରେ ତାଙ୍କ କନ୍ୟା ଶୈଳବାଳାଙ୍କ ନାମରେ ଏହି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହା ଏବେ ଅବହେଳିତ ଅବସ୍ଥାରେ ରହିଛି। ରାଜ୍ୟ ସରକାର ଏହି କଲେଜକୁ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଶୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ବିଦ୍ୱାନବୃନ୍ଦ ନିବେଦନ ଓ ଦାବି କରିଛନ୍ତି। ଏଥିସହ ଏହି ପ୍ରାଚୀନ ଅନୁଷ୍ଠାନର ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ ନିମନ୍ତେ ଜରୁରୀ ଆବଶ୍ୟକତା ରହିଛି। ସେହିପରି ଅନ୍ୟ ସମସ୍ୟା ଦୂର କରିବା ପାଇଁ ସମସ୍ତେ ସମସ୍ୱରରେ ଅନୁରୋଧ କରିଛନ୍ତି। ବୋର୍ଡର ସଦସ୍ୟ ପ୍ରଫେସର ଜୟନ୍ତ କୁମାର ପରିଡ଼ା, ପ୍ରଫେସର ରଞ୍ଜନ କୁମାର ବଳ, ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା, ପ୍ରଫେସର ମଳୟ କୁମାର ମହାନ୍ତି, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ପ୍ରଫେସର ପ୍ରଭାତୀ ମିଶ୍ର, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ଶିକ୍ଷାବିତ୍ ପ୍ରଫେସର ସତ୍ୟକାମ ମିଶ୍ର, ପ୍ରଫେସର ଖାରବେଳ ମହାନ୍ତି, ଡ. ମଞ୍ଜୁଶ୍ରୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ନୟାପଲ୍ଲୀ ଅଞ୍ଚଳର ୫ ଦୋକାନରୁ ଚୋରି

**ଭୁବନେଶ୍ୱର, ୭।୧୨(ତ୍ରିନାଥ ମହାନ୍ତି)**

ବାରବାଟୀ କ୍ରିକେଟ୍ ମ୍ୟାଚ୍‌ରେ ପୋଲିସ ନିୟୋଜିତ ଥିବା ବେଳେ ଏପଟେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ରେ ମାତିଛନ୍ତି ଚୋର। ଗୋଟିଏ ରାତିରେ ୭ଟି ଦୋକାନରେ କଳାକନା ବୁଲାଇଛନ୍ତି। ଏଥର ବଡ଼ ଦୋକାନ ଅପେକ୍ଷା ଛୋଟ ଦୋକାନଗୁଡ଼ିକୁ ଟାର୍ଗେଟ୍ କରି ଚୋରି କରିଛନ୍ତି। ସିଆର୍‌ପି ଛକ ନିକଟରେ ଥିବା ରଷି ଦୋକାନ, ବିଭୂତି, ପରୀ, ବନୋଦ ଏଭଳି ୫ ଜଣଙ୍କ ଦୋକାନରୁ ଚୋରି ହୋଇଛି। ସିଆର୍‌ପି ଛକରୁ ଆରମ୍ଭକରି କେବିଆର ହୋଟେଲ ପର୍ଯ୍ୟନ୍ତ ଥିବା ଏହି ୫ ଦୋକାନରୁ ଚୋରି ହୋଇଛି। ଶୁକ୍ରବାର ରାତି ୧୦ଟାରେ ଦୋକାନ ତାଲା ପକାଇ ସେ ଘରକୁ ଯାଇଥିଲେ। ଦୁର୍ବୃତ୍ତମାନେ ରାତି ପ୍ରାୟ ୨ଟା ସମୟରେ ଆସି ଶାବଳ ମାଧ୍ୟମରେ ତାଲାତାଡ଼ି କଳାକନା ବୁଲାଇଥିଲେ। ଦୋକାନରୁ ସିଗାରେଟ୍, ଗୁଟ୍‌ଖା, ଟଙ୍କା, ଗ୍ୟାସ୍ ସିଲିଣ୍ଡର, ଫ୍ୟାନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁ ଚୋରି ହୋଇଥିଲା। ସକାଳୁ ସମସ୍ତ ଦୋକାନୀ ଆସି ଦେଖିବା ପରେ ଥାନାକୁ ଜଣାଇଥିଲେ। ପୋଲିସ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଯାଞ୍ଚ କରୁଛି। ଆଇଆର୍‌ସି ଭିଲେଜ୍‌ରେ ପୋଲିସର ପାଟ୍ରୋଲିଂ ହେଉ ନ ଥିବାରୁ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତେଣୁ ପୋଲିସର ପାଟ୍ରୋଲିଂ ବଢ଼ାଇବାକୁ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

### ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଛୁଆଁ ମହାସ୍ନାନ

**ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ରବିବାର ଛୁଆଁ ମହାସ୍ନାନ ଅନୁଷ୍ଠିତ ହୋଇଯାଇଛି। ଫଳରେ ଶ୍ରୀମନ୍ଦିର ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଶ୍ରୀବିଗ୍ରହଙ୍କ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଜଣେ ଭକ୍ତ ସେବକଙ୍କୁ ଛୁଇଁ ଦେଇଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଛୁଆଁ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି ବୋଲି ସୂଚନା ମିଳିଛି। ରବିବାର ଶ୍ରୀବିଗ୍ରହଙ୍କ ମଇଲମ ନୀତି ବେଳେ ଭକ୍ତମାନେ ଦର୍ଶନ ପାଇଁ ଛିଡ଼ା ହୋଇଥିଲେ। ଦର୍ଶନ ସମୟରେ ଜଣେ ଭକ୍ତ ସେବାୟତଙ୍କୁ ଛୁଇଁ ଦେଇଥିଲେ। ଫଳରେ ତୁରନ୍ତ ସମସ୍ତ ନୀତିକୁ ବନ୍ଦ କରାଯାଇ ଶ୍ରୀବିଗ୍ରହଙ୍କ ଛୁଆଁ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଚଟାଣ ଧୁଆଧୋଇ ହୋଇ ଚୂନପାଣି ୮ଟାରେ ପଡ଼ିଥିଲା। ମହାସ୍ନାନ ପୂଜା ୮ଟା୧୦, ମହାସ୍ନାନ ପୂଜା ୮ଟା ୧୫, ମହାସ୍ନାନ ପୂଜା ଶେଷ ୮ଟା ୨୦ ଏବଂ ମଇଲମ ୮ଟା ୨୫ରେ ସମ୍ପନ୍ନ ହେବା ପରେ ପୁନର୍ବାର ଶ୍ରୀବିଗ୍ରହଙ୍କ ନୀତି ବଢ଼ିବା ସହ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା।

# ଗଞ୍ଜାମ ଅପରାଧୀଙ୍କ ପସନ୍ଦ 'ମେଡ୍ ଇନ୍ ମୁଙ୍ଗେର' ବନ୍ଧୁକ




**ରାଜଧାନୀ ଭୁବନେଶ୍ୱର ପାଲଟିଛି ଟ୍ରାଞ୍ଜିଟ୍ ରୁଟ୍**

- ଜଣେ ହାର୍ଡକୋର୍ ଅପରାଧୀଙ୍କ ପାଖକୁ ଯାଉଥିଲା କାର୍ବାଇନ୍ ବନ୍ଧୁକ
- ଝାଡ଼ଖଣ୍ଡ, ବିହାର ପୋଲିସ ସହ ଯୋଗାଯୋଗ କଲା କମିଶନରେଟ୍ ପୋଲିସ

**ଡକାୟତିରୁ ବନ୍ଧୁକ କାରବାର**

**ଭୁବନେଶ୍ୱର,୭।୧୨(ତ୍ରିନାଥ ମହାନ୍ତି)**

ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଅନୁଗୋଳର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ ଗିରଫ ହେବା ପରେ ସେମାନଙ୍କ ଆପରାଧିକ ରେକର୍ଡ ଘାଣ୍ଟୁଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍। ବ୍ରହ୍ମପୁରକୁ ନେଉଥିବା ଏକ କାର୍ବାଇନ ସମେତ ୧୧ ବନ୍ଧୁକ କାହାକୁ ହସ୍ତାନ୍ତର କରିଥାନ୍ତେ, ତାହାକୁ ନେଇ ଖୋଳତାଡ଼ କରାଯାଉଛି। ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି ଯେ, ଦୁଇ ଅପରାଧୀ ଅଧିକାଂଶ ସମୟରେ ଗଞ୍ଜାମର ବହୁ ହାର୍ଡକୋର୍ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି। ତେବେ 'ମେଡ୍ ଇନ୍ ମୁଙ୍ଗେର ବନ୍ଧୁକ' ସେମାନଙ୍କର ପ୍ରଥମ ପସନ୍ଦ। କାରଣ ବିହାରର ମୁଙ୍ଗେର ବନ୍ଧୁକ କେବେ ସେମାନଙ୍କୁ ଧୋକା ଦେଉନି। ପ୍ରତି ସପ୍ତାହରେ ଏହି ୨ ବନ୍ଧୁକ ମାଫିଆଙ୍କୁ ଗଞ୍ଜାମରୁ ୧୫ରୁ ଅଧିକ ବନ୍ଧୁକ ଅର୍ଡର ଆସେ। ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ବନ୍ଧୁକ ଡିଲ୍ ଭୁବନେଶ୍ୱରରେ ହେଉଛି। ଏଠାରେ ଗଞ୍ଜାମର ହାର୍ଡକୋର ଅପରାଧୀମାନେ ଆସି ହୋଟେଲରେ ଡେରା ପକାଇବା ସହ ବନ୍ଧୁକ ମାଫିଆଙ୍କ ସହ ଡିଲ୍ କରି ଅର୍ଡର ଦେଉଛନ୍ତି। ତେବେ ଚର୍ଚ୍ଚାରେ ଥିବା ଜବତ କାର୍ବାଇନକୁ ଗଞ୍ଜାମର ଜଣେ ହାର୍ଡକୋର ଅପରାଧୀ ଅର୍ଡର କରିଥିବା ଜଣାପଡ଼ିଛି। ଯବାନମାନେ ଧରୁଥିବା କାର୍ବାଇନକୁ ଅପରାଧୀ ଧରିବା ଯୋଗୁ ଆଇନଶୃଙ୍ଖଳା ବିଗିଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏହି କାର୍ବାଇନ୍ କେଉଁଠି ନିର୍ମାଣ କରାଯାଉଛି, ତାହା ଜାଣିବା ପାଇଁ କମିଶନରେଟ୍ ପୋଲିସ ବିହାର ଏବଂ ଝାଡ଼ଖଣ୍ଡ ପୋଲିସ ସହ ଯୋଗାଯୋଗ କରୁଛି। ପୂର୍ବରୁ ମଧ୍ୟ ବିହାରରୁ ଏଭଳି କାର୍ବାଇନ୍ ଜବତ କରାଯାଉଛି। ତେଣୁ ଏହି କାର୍ବାଇନ୍ ପ୍ରସ୍ତୁତ କରୁଥିବା ର୍‍ୟାକେଟ୍ ନିକଟରେ ପହଞ୍ଚିବାକୁ କମିଶନରେଟ ପୋଲିସ ଚେଷ୍ଟା କରୁଥିବା ସୂଚନା ମିଳିଛି।

## ବିହାରୀ ଅପରାଧୀଙ୍କୁ ଜେଲରୁ ମୁକୁଳାଇଥିଲେ ସୁମନ୍ତ, ସୌଭାଗ୍ୟ

ଗିରଫ ସୁମନ୍ତ ଏବଂ ସୌଭାଗ୍ୟ ଡକାୟତି ମାମଲାରେ ଏକାଧିକଥର ଜେଲ ଯାଇଥିଲେ। ଜେଲରେ ଜଣେ ବିହାରୀ ବନ୍ଧୁକ ବେପାରୀଙ୍କ ସହ ଉଭୟଙ୍କ ଭେଟ ହୋଇଥିଲା। ସେ ରାତାରାତି ଟଙ୍କା ରୋଜଗାରର ବାଟ ବତାଇଥିଲେ। ଡକାୟତି ଛାଡ଼ି ବନ୍ଧୁକ ବେପାର କରିବାକୁ କହିଥିଲେ। ସୁମନ୍ତ ଏବଂ ସୌଭାଗ୍ୟ ଜେଲରୁ ବାହାରିବା ପରେ ବିହାରୀ ଅପରାଧୀଙ୍କୁ ଜେଲ୍‌ରୁ ବାହାରିବାରେ ସହଯୋଗ କରିଥିଲେ। ଉକ୍ତ ବିହାରୀ ଅପରାଧୀ ନିଜ ରାଜ୍ୟକୁ ଫେରିଯିବା ପରେ ସୁମନ୍ତ ଏବଂ ସୌଭାଗ୍ୟଙ୍କୁ ବନ୍ଧୁକ ଚାଲାଣ ବାଟ ବତାଇଥିଲେ। ବର୍ଷେ ହେବ ଦୁଇ ଅପରାଧୀ ବିହାର ଯାଇ ବନ୍ଧୁକ ଆଣି ୮୦ ହଜାରରୁ ଲକ୍ଷେ ଟଙ୍କାରେ ବିକ୍ରି କରୁଥିଲେ। ହେଲେ ସେମାନଙ୍କ ସମ୍ପର୍କରେ ଅନୁଗୋଳ ପୋଲିସ କିଛି ଜାଣିପାରି ନ ଥିଲା। ଶେଷରେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଧରାପଡ଼ିବା ପରେ ଏବେ ବନ୍ଧୁକ ର୍‍ୟାକେଟ ପଛର ବଡ଼ ଗୁମର ଖୋଲିବାରେ ଲାଗିଛି। ସେମାନେ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି? କାହାଠୁ ବନ୍ଧୁକ ଆଣୁଥିଲେ, ତାହା ଜାଣିବା ପାଇଁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୨ଜଣଙ୍କୁ ରିମାଣ୍ଡରେ ଆଣିବ ଏବଂ ସୋମବାର ଉଭୟଙ୍କ ରିମାଣ୍ଡ ପାଇଁ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଯାଉଥିବାବେଳେ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ୧୦ଟି ବନ୍ଧୁକ, ଗୋଟିଏ କାର୍ବାଇନ୍ ଏବଂ ୧୨ ରାଉଣ୍ଡ ଗୁଳି ଜବତ କରିଥିଲା।



ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶର ସୁଗମ ବ୍ୟବସ୍ଥା କରିବା ଦାବିରେ ରବିବାର ସ୍ଥାନୀୟ ଲୋକେ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦେଇଛନ୍ତି ।

# ଅଟିଜମ ଥେରାପି ସେଣ୍ଟରର ବାର୍ଷିକ ଦିବସ



**ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା)**

ଆର୍‌ଏମ୍‌ଆର୍‌ସି ଅଡିଟୋରିୟମ୍‌ରେ ଅଟିଜମ ଥେରାପି ସେଣ୍ଟର(ଏଟିସି)ର ବାର୍ଷିକ ଦିବସ ସମାରୋହ ଏବଂ ଅଟିଜମ ସଚେତନତା ଦିବସ ରବିବାର ପାଳିତ ହୋଇଯାଇଛି। ଅଟିଷ୍ଟିକ୍ ପିଲା ସେମାନଙ୍କ ମାତାପିତା ଏବଂ ପରିବାର ସଦସ୍ୟଙ୍କ ସହ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଇନିଙ୍ଗ୍ କର୍ପୋରେଶନ ଲିମିଟେଡ୍‌ର ମୁଖ୍ୟ(ସିଏସ୍‌ଆର) ତଲତ ଆଫ୍ରିନ ଯୋଗଦେଇଥିଲେ। ମ୍ୟାନ୍ ଟ୍ରଷ୍ଟର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ସମାଜରେ ଅଟିଜମ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'କ୍ରୀଡ଼ା ସମ୍ମିଳନୀ' ଏବଂ 'ସଚେତନତା' କିମ୍ବା 'ଅଟିଷ୍ଟିକ୍ ବ୍ୟକ୍ତିମାନଙ୍କ ପାଇଁ ଗ୍ରହଣୀୟତା ଏବଂ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୌତମ ପଣ୍ଡାଙ୍କୁ 'ଏଟିସି ଚାମ୍ପିୟନ–୨୦୨୫' ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦିତ୍ୟ ମହାନ୍ତି ଏକ କି'ବୋର୍ଡ ବାଦ୍ୟଯନ୍ତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ କରିଥିଲେ। ମ୍ୟାନ୍ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ମଦନ ମୋହନ ପଣ୍ଡା ସଭାପତିତ୍ୱ ଏବଂ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସଂସ୍ଥାର ସଦସ୍ୟ ପ୍ରଫେସର ଡ. ରଞ୍ଜନ କୁମାର ବଳ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ

**ଭୁବନେଶ୍ୱର,୭।୧୨(ବନ୍ଦନା ସେଠୀ)**

ସୋମବାରଠାରୁ ଆମରଣ ଅନଶନରେ ବସିବେ ରାଜ୍ୟର ୭ ସରକାରୀ ଆୟୁଷ ମହାବିଦ୍ୟାଳୟର ଡାକ୍ତରୀ ଛାତ୍ରୀଛାତ୍ର। ଏନେଇ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି, ଆୟୁଷ ପିଜି ଓ ପିଏଚ୍.ଡି. ପାଠ୍ୟକ୍ରମ ସିଟ୍ ବୃଦ୍ଧି, ହାଉସ୍ ସର୍ଜନଙ୍କ ଡାଇନାମିକ୍ ଭତ୍ତା ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟିର ପୂର୍ଣ୍ଣ ଗଠନ, ରାଜ୍ୟ ସ୍ୱାସ୍ଥ୍ୟ ନୀତିରେ ଆୟୁଷ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବଜେଟ, ସ୍ୱତନ୍ତ୍ର ଆୟୁଷ ବିଭାଗ ସୃଷ୍ଟି ଆଦି ୮ଦଫା ଦାବି ନେଇ ନଭେମ୍ବର ୬ରୁ ଛାତ୍ରୀଛାତ୍ରମାନେ କଳାବ୍ୟାଜ୍ ପିନ୍ଧି ନିଜ କଲେଜ ଗେଟ୍ ସମ୍ମୁଖରେ ଧାରଣା ଚଳାଇଛନ୍ତି। ଏଥିସହ ଏନେଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ କୌଣସି ଫଳ ମିଳିନାହିଁ। ଇତିମଧ୍ୟରେ ସମସ୍ତ ଆୟୁଷ ଡାକ୍ତର ଛାତ୍ରୀଛାତ୍ର ରାଜ୍ୟବ୍ୟାପୀ ଧଳା କୋର୍ଟ ବର୍ଜନ କରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପଠାଇଥିଲେ। ଦାବି ଓ ସମସ୍ୟାର ସମାଧାନ ବଦଳରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ର ନେତା ବିଶ୍ୱଜିତ୍ ରଣାଙ୍କୁ ୧ମାସ ପାଇଁ ନିଲମ୍ବନ କରାଯାଇଛି। ଏସବୁର ପ୍ରତିବାଦ କରି ଆମରଣ ଅନଶନ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ନିଜ ହକ୍ ପାଇଁ ଭବିଷ୍ୟତର ଡାକ୍ତରମାନେ ବାଧ୍ୟ ହୋଇ ଏଭଳି ଚରମ ପନ୍ଥା ଆପଣେଇଛନ୍ତି। ଅନଶନରେ ଛାତ୍ରୀଛାତ୍ରଙ୍କ କ୍ଷତି ହେଲେ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/
website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

**Sd./- Collector & D.M.-cum-
Chairman, RMC, Kendrapara**
OIPR-01580/11/0001/2526

# ଓୟୁଟିଆର୍‌ରେ କୁଇଜ୍ ପ୍ରତିଯୋଗିତା 'ବେଦାଙ୍ଗ'




**ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା)**

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ(ଓୟୁଟିଆର୍)ରେ କୁଇଜ୍ ପ୍ରତିଯୋଗିତା 'ବେଦାଙ୍ଗ' ଅନୁଷ୍ଠିତ ହୋଇଯାଇଛି। ଓୟୁଟିଆର୍‌ର କୁଇଜିଙ୍ଗ୍ ସୋସାଇଟି ସିଇଟି କ୍ୱିଜିଟ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୁଇଜ୍‌ମାଷ୍ଟର ନମନ ଜେନ ସଂଚାଳନ କରିଥିଲେ। ଅଣ୍ଡର–୨୫ ବର୍ଗର ଏହି ଆକର୍ଷକ କୁଇଜ୍‌ରେ ୧୧୩ ଟିମ୍ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ । ଫାଇନାଲ ପର୍ବରେ ଏସ୍‌ସିବି ମେଡିକାଲ କଲେଜର ପ୍ରତୀକ ଅଗରୱାଲ ଓ ଆଶିଷ ନାୟକ ୫,୦୦୦ ଟଙ୍କା ରାଶିର ପ୍ରଥମ ପୁରସ୍କାର ଜିତି ନିଜ ସଫଳତା ଦେଖାଇଲେ। ନାଇଜର ଓ ଏଫ୍‌ଏମ୍‌ସିଏଚ୍ ରବମିତ ଦାସ ଓ ସାହିଲ ନାୟକ ୩,୦୦୦ ଟଙ୍କା ସହ ପ୍ରଥମ ରନର୍‌ଅପ ହେଲେ ଏବଂ ଆଇଆଇଆଇଟି ଖଡ଼ଗପୁରର ସାଗର ଚନ୍ଦନ ଓ ଆଶୁତୋଷ ସେଠୀ ୨,୦୦୦ ଟଙ୍କା ସହ ଦ୍ୱିତୀୟ ହୋଇଥିଲେ।

# ପିଜେ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା)**




ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପିଜେ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଜେ ବୈଷୟିକ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଉପସଚିବ ସୋନାଲି ଚାନ୍ଦ ଯୋଗଦେଇ କ୍ରୀଡ଼ାର ଉପାଦେୟତା ବାବଦରେ ଆଲୋକପାତ କରିଥିଲେ। ଶାରୀରିକ ଭାବେ ସୁସ୍ଥ ରହିବା ସହ ଜୀବନରେ ସଫଳ ହେବାର ଗୁରୁମନ୍ତ୍ର ବାବଦରେ ଅବଗତ କରାଇଥିଲେ। ପିଜେ ଶିକ୍ଷା ସମୂହର ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ପ୍ରିନ୍ସିପାଲ ଡ. ଜଗଦୀଶ କର ଓ ଡିନ୍ ଡ. ଇପ୍‌ସିତା ପାତ୍ର ଏହି ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। କ୍ରୀଡ଼ା ଉତ୍ସବ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଏକ ମଶାଲ ଶୋଭାଯାତ୍ରା କରିଥିଲେ। ବରିଷ୍ଠ ଅଧ୍ୟାପକ ରଶ୍ମିରଞ୍ଜନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ପରିଚାଳିତ ହୋଇଥିଲା। ପିଜେ ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ୍ ପ୍ରତାପ ଚନ୍ଦ୍ର ଜେନା ଓ ଭାଇସ୍ ଚେୟାରମ୍ୟାନ ପ୍ରମୋଦ କୁମାର ଜେନା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉପାଧ୍ୟକ୍ଷ ଆଶିଷ କୁମାର ବେଉରିଆ ଧନ୍ୟବାଦ ଦେଇଥିଲେ। ପ୍ରଶାସନିକ ଅଧିକାରୀ ନିର୍ମଳ ଚନ୍ଦ୍ର ମଲ୍ଲିକ ଓ କାବୁଲି ମାର୍ଥା ସହଯୋଗ କରିଥିଲେ।

### ମନ୍ଦିର ପ୍ରତିଷ୍ଠାର ୨ଦିନ ପରେ ବିଗ୍ରହ ଭାଙ୍ଗିଲେ ଦୁର୍ବୃତ୍ତ

**କଟକ ସଦର,୭।୧୨(ସୁଶାନ୍ତ କୁମାର ଜେନା)**

ବୟାଳିଶ ମୌଜା ଥାନା ଅନ୍ତର୍ଗତ ମିର୍ଜାଇପୁର–ଚାନ୍ଦୁଲି ମଧ୍ୟଭାଗରେ ଅବସ୍ଥିତ ମା' ଭଟ୍ଟାରିକାଙ୍କ ମନ୍ଦିରର ଗ୍ରୀଲ ତାଡ଼ି ଶନିବାର ରାତିରେ ଦୁର୍ବୃତ୍ତମାନେ ବିଗ୍ରହଙ୍କ ମୁହଁକୁ ଭାଙ୍ଗିଦେଇଛନ୍ତି। ଗତ ୪ ତାରିଖରେ ଏହି ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ବିଗ୍ରହ ଭଙ୍ଗାଯିବା ଖବର ପାଇବା ପରେ ରବିବାର ସକାଳେ ସ୍ଥାନୀୟ ପୋଲିସ ମନ୍ଦିରକୁ ଆସି ତଦନ୍ତ କରି ଫେରିଯାଇଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

# ସିଭିଲ୍ ଇଞ୍ଜିନିୟରଙ୍କୁ ଛୁରାମାଡ଼, ୨ ଗିରଫ

**ଭୁବନେଶ୍ୱର,୭।୧୨(ସତ୍ୟଜିତ ରାଉତ)**

**ଛେଳିକୁ କାର୍ ମାଡ଼ିଯିବାରୁ...**

ଛେଳି ଉପରକୁ କାର ମାଡ଼ିଯିବାକୁ ନେଇ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ତଇଲା ସାହିରେ ଜଣେ ସିଭିଲ୍ ଇଞ୍ଜିନିୟରଙ୍କୁ ରବିବାର ଛୁରାମାଡ଼ ହୋଇଛି। ଘର ନିକଟରେ ରହୁଥିବା ଏକ ପରିବାର ସଦସ୍ୟ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଇଞ୍ଜିନିୟର ବିଜୟ କୁମାର ସାହୁ ଗୁରୁତର ହୋଇଛନ୍ତି। ବିଜୟଙ୍କ ଛାତି, ପିଠି ଓ ଆଙ୍ଗୁଠିରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ବିଜୟଙ୍କ ଡ୍ରାଇଭରଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଭାଇ ମଣ୍ଟୁ ଭୋଇ ଓ ସାନ ବର୍ଷି ଭୋଇ। ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ବିଜୟଙ୍କ ଘରଠାରୁ ଅଭିଯୁକ୍ତଙ୍କ ଘର ମାତ୍ର ୨୦୦ ମିଟର ଦୂର। ଶନିବାର ବିଜୟଙ୍କ ଡ୍ରାଇଭର କାର୍ ଚଳାଇ ଆସୁଥିବା ବେଳେ ଅଭିଯୁକ୍ତ ପରିବାରର ଏକ ଛେଳି ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏହାକୁ ନେଇ ଡ୍ରାଇଭରଙ୍କୁ ମଣ୍ଟୁ ଓ ବର୍ଷି ନିସ୍ତୁକ ମାଡ଼ ମାରିଥିଲେ। ଏହାକୁ ନେଇ ବିଜୟ ଓ ତାଙ୍କ ସ୍ତ୍ରୀ ଜୟଶ୍ରୀ ପ୍ରତିବାଦ କରିବାରୁ ଘଟଣା ତୀବ୍ରରୂପ ନେଇଥିଲା। ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲାବେଳେ ଦୁଇ ପକ୍ଷରୁ ଧଉଳି ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ପୃଥକ୍ ମାମଲା ରୁଜୁ କରି ତଦନ୍ତ କରିଥିଲା। ରବିବାର ସକାଳେ ପୁଣି ଦୁଇ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଥାନାରେ ଏତଲା ଦେବାକୁ ନେଇ ମଣ୍ଟୁ ଓ ବର୍ଷି ଉତ୍‌କ୍ଷିପ୍ତ ହୋଇ ବିଜୟଙ୍କୁ ମାରଧର କରିବା ସହ ଛୁରିରେ ଆକ୍ରମଣ କରିଥିଲେ।

## ସଂକ୍ଷେପରେ

### ଆନ୍ତର୍ଜାତିକ ସେମିନାରରେ କଲେଜ ଅଧକ୍ଷା ସମ୍ବର୍ଦ୍ଧିତ

**ସାଲେପୁର,୭।୧୨(ଅରବିନ୍ଦ ଭୂୟାଁ):** ଆନ୍ତର୍ଜାତିକ ସେମିନାରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଡ. ସଙ୍ଗୀତା ମିଶ୍ରଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପୁରୀ ପରିସରରେ ଏହି ବିଶ୍ୱସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଥିବା ଆର୍ଟ ଅଫ ବ୍ଲିସ ଫାଉଣ୍ଡେଶନ ତଥା ଚେୟାରମ୍ୟାନ ଶିକ୍ଷା ଗବେଷକ ପ୍ରସନ୍ନ କୁମାର ମହାପାତ୍ର ସାଲେପୁରଠାରେ ସୂଚନା ଦେଇଛନ୍ତି। ସେମିନାରର ଉଦ୍‌ଯାପନୀ ଉତ୍ସବରେ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧକ୍ଷ ଡ. ସିଦ୍ଧାର୍ଥ ଦାଶ, ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର, ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ରୁଷିଆର ଆଲେକଜାଣ୍ଡର ଜେନିନ, ବାହାନେନକୋ ମାରିଆ, ପୂର୍ବତନ ଅଧ୍ୟାପକ ପ୍ରଫେସର ବିମଳ ପ୍ରସାଦ ମହାପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ସାମନ୍ତରାୟ ଯୋଗଦେଇଥିଲେ। ଡ. ମିଶ୍ରଙ୍କୁ ମହର୍ଷି ଭାସ୍କରାଚାର୍ଯ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବତନ କୁଳପତି ପ୍ରଫେସର କୈଳାସ ଚନ୍ଦ୍ର ମିଶ୍ର ପ୍ରତିଷ୍ଠିତ ଗାଇନାକୋଲୋଜିର ସୁପର ସ୍ପେଶାଲିଷ୍ଟ ପ୍ରଫେସର ରବୀନ୍ଦ୍ର କୁମାର ବେହେରା, ରୁଷିଆ ବାହାନେନକୋ ମାରିଆ, ପ୍ରଫେସର ଗୋପାଳ ଚରଣ ନନ୍ଦଙ୍କୁ ତାଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ଡ. ମହାପାତ୍ରଙ୍କ ଲିଖିତ ଓ ସଂଯୋଜିତ ୧୨ ଖଣ୍ଡ ପୁସ୍ତକକୁ ଲୋକାର୍ପଣ କରାଯାଇଥିଲା। ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ବୈଦ୍ୟେଶ୍ୱର ଅଞ୍ଚଳର ୫ ଘରୁ ସିରିଜ୍ ଚୋରି

**ବାଙ୍କୀ, ୭।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଥାନା ଅଞ୍ଚଳରୁ ଗୋଟିଏ ରାତିରେ ସିରିଜ୍ ଚୋରି ହୋଇଛି। ୨ଟି ଗ୍ରାମର ପ୍ରାୟ ୫ଟି ଘରୁ ଲକ୍ଷାଧିକ ଟଙ୍କାର ସୁନାରୁପା ଓ ଗହଣା ଦୁର୍ବୃତ୍ତମାନେ ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗ୍ରାମରେ ଥିବା ସାଇମନ୍ଦିର ଭିତରେ ପଶିବାକୁ ଚେଷ୍ଟା କରିଥିଲେ ମଧ୍ୟ କବାଟ ଭାଙ୍ଗିବାରେ ବିଫଳ ହୋଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କେନ୍ଦୁପଲ୍ଲୀ ଏବଂ ପର୍ଶୁରାମପୁର ଗ୍ରାମରେ ଏକକାଳୀନ ୫ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତିରେ କେନ୍ଦୁପଲ୍ଲୀ ଗାଁର ପ୍ରଫୁଲ୍ଲ ସାହୁ, ମଣି ସାହୁ ଓ ଦୁର୍ଯ୍ୟୋଧନ ସାହୁଙ୍କ ଘରର କବାଟ ଝରକା ତାଡ଼ି ଦୁର୍ବୃତ୍ତମାନେ ବିଭିନ୍ନ ମୂଲ୍ୟବାନ୍ ସାମଗ୍ରୀ ଚୋରିକରିଛନ୍ତି। ସେହିପରି ପର୍ଶୁରାମପୁର ଗାଁର ପ୍ରଫୁଲ୍ଲ ବେହେରା ଓ ରମେଶ ସ୍ୱାଇଁଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବୈଦ୍ୟେଶ୍ୱର ଥାନାରେ ମାମଲା ରୁଜୁ ପରେ ପୋଲିସ ଗ୍ରାମକୁ ଯାଇ ତଦନ୍ତ ଜାରି ରଖିଛି।

# ଗଞ୍ଜାମ ଅପରାଧୀଙ୍କ ପସନ୍ଦ 'ମେଡ୍ ଇନ୍ ମୁଙ୍ଗେର' ବନ୍ଧୁକ

**ରାଜଧାନୀ ପାଲଟିଛି ଟ୍ରାଞ୍ଜିଟ୍ ରୁଟ୍**

- ଜଣେ ହାର୍ଡକୋର୍ ଅପରାଧୀଙ୍କ ପାଖକୁ ଯାଉଥିଲା କାର୍ବାଇନ୍ ବନ୍ଧୁକ
- ଝାଡ଼ଖଣ୍ଡ, ବିହାର ପୋଲିସ ସହ ଯୋଗାଯୋଗ କଲା କମିଶନରେଟ୍ ପୋଲିସ



ଜବତ ବନ୍ଧୁକ ଓ ଗୁଳି, ମୋବାଇଲ।

**ଭୁବନେଶ୍ୱର,୭।୧୨(ତ୍ରିନାଥ ମହାନ୍ତି):** ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଅନୁଗୋଳର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ ଗିରଫ ହେବା ପରେ ସେମାନଙ୍କ ଆପରାଧିକ ରେକର୍ଡ ଘାଣ୍ଟୁଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍। ବ୍ରହ୍ମପୁରକୁ ନେଉଥିବା ଏକ କାର୍ବାଇନ ସମେତ ୧୧ ବନ୍ଧୁକ କାହାକୁ ହସ୍ତାନ୍ତର କରିଥାନ୍ତେ, ତାହାକୁ ନେଇ ଖୋଳତାଡ଼ କରାଯାଉଛି। ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି ଯେ, ଦୁଇ ଅପରାଧୀ ଅଧିକାଂଶ ସମୟରେ ଗଞ୍ଜାମର ବହୁ ହାର୍ଡକୋର୍ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି। ତେବେ 'ମେଡ୍ ଇନ୍ ମୁଙ୍ଗେର ବନ୍ଧୁକ' ସେମାନଙ୍କର ପ୍ରଥମ ପସନ୍ଦ। କାରଣ ବିହାରର ମୁଙ୍ଗେର ବନ୍ଧୁକ କେବେ ସେମାନଙ୍କୁ ଧୋକା ଦେଉନି। ପ୍ରତି ସପ୍ତାହରେ ଏହି ୨ ବନ୍ଧୁକ ମାଫିଆଙ୍କୁ ଗଞ୍ଜାମରୁ ୧୫ରୁ ଅଧିକ ବନ୍ଧୁକ ଅର୍ଡର ଆସେ। ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ବନ୍ଧୁକ ଡିଲ୍ ଭୁବନେଶ୍ୱରରେ ହେଉଛି। ଏଠାରେ ଗଞ୍ଜାମର ହାର୍ଡକୋର ଅପରାଧୀମାନେ ଆସି ହୋଟେଲରେ ଡେରା ପକାଇବା ସହ ବନ୍ଧୁକ ମାଫିଆଙ୍କ ସହ ଡିଲ୍ କରି ଅର୍ଡର ଦେଉଛନ୍ତି। ତେବେ ଚର୍ଚ୍ଚାରେ ଥିବା ଜବତ କାର୍ବାଇନକୁ ଗଞ୍ଜାମର ଜଣେ ହାର୍ଡକୋର ଅପରାଧୀ ଅର୍ଡର କରିଥିବା ଜଣାପଡ଼ିଛି। ଯବାନମାନେ ଧରୁଥିବା କାର୍ବାଇନକୁ ଅପରାଧୀ ଧରିବା ଯୋଗୁ ଆଇନଶୃଙ୍ଖଳା ବିଗିଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏହି କାର୍ବାଇନ୍ କେଉଁଠି ନିର୍ମାଣ କରାଯାଉଛି, ତାହା ଜାଣିବା ପାଇଁ କମିଶନରେଟ୍ ପୋଲିସ ବିହାର ଏବଂ ଝାଡ଼ଖଣ୍ଡ ପୋଲିସ ସହ ଯୋଗାଯୋଗ କରୁଛି। ପୂର୍ବରୁ ମଧ୍ୟ ବିହାରରୁ ଏଭଳି କାର୍ବାଇନ୍ ଜବତ କରାଯାଉଛି। ତେଣୁ ଏହି କାର୍ବାଇନ୍ ପ୍ରସ୍ତୁତ କରୁଥିବା ର୍‍ୟାକେଟ୍ ନିକଟରେ ପହଞ୍ଚିବାକୁ କମିଶନରେଟ ପୋଲିସ ଚେଷ୍ଟା କରୁଥିବା ସୂଚନା ମିଳିଛି।

**ଡକାୟତିରୁ ବନ୍ଧୁକ କାରବାର ବିହାରୀ ଅପରାଧୀଙ୍କୁ ଜେଲରୁ ମୁକ୍ତୁଳାଇଥିଲେ ସୁମନ୍ତ, ସୌଭାଗ୍ୟ**

ଗିରଫ ସୁମନ୍ତ ଏବଂ ସୌଭାଗ୍ୟ ଡକାୟତି ମାମଲାରେ ଏକାଧିକଥର ଜେଲ ଯାଇଥିଲେ। ଜେଲରେ ଜଣେ ବିହାରୀ ବନ୍ଧୁକ ବେପାରୀଙ୍କ ସହ ଉଭୟଙ୍କ ଭେଟ ହୋଇଥିଲା। ସେ ରାତାରାତି ଟଙ୍କା ରୋଜଗାରର ବାଟ ବତାଇଥିଲେ। ଡକାୟତି ଛାଡ଼ି ବନ୍ଧୁକ ବେପାର କରିବାକୁ କହିଥିଲେ। ସୁମନ୍ତ ଏବଂ ସୌଭାଗ୍ୟ ଜେଲରୁ ବାହାରିବା ପରେ ବିହାରୀ ଅପରାଧୀଙ୍କୁ ଜେଲ୍‌ରୁ ବାହାରିବାରେ ସହଯୋଗ କରିଥିଲେ। ଉକ୍ତ ବିହାରୀ ଅପରାଧୀ ନିଜ ରାଜ୍ୟକୁ ଫେରିଯିବା ପରେ ସୁମନ୍ତ ଏବଂ ସୌଭାଗ୍ୟଙ୍କୁ ବନ୍ଧୁକ ଚାଲାଣ ବାଟ ବତାଇଥିଲେ। ବର୍ଷେ ହେବ ଦୁଇ ଅପରାଧୀ ବିହାର ଯାଇ ବନ୍ଧୁକ ଆଣି ୮୦ ହଜାରରୁ ଲକ୍ଷେ ଟଙ୍କାରେ ବିକ୍ରି କରୁଥିଲେ। ହେଲେ ସେମାନଙ୍କ ସମ୍ପର୍କରେ ଅନୁଗୋଳ ପୋଲିସ କିଛି ଜାଣିପାରି ନ ଥିଲା। ଶେଷରେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଧରାପଡ଼ିବା ପରେ ଏବେ ବନ୍ଧୁକ ର୍‍ୟାକେଟ ପଛର ବଡ଼ ଗୁମର ଖୋଲିବାରେ ଲାଗିଛି। ସେମାନେ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି? କାହାଠୁ ବନ୍ଧୁକ ଆଣୁଥିଲେ, ତାହା ଜାଣିବା ପାଇଁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୨ଜଣଙ୍କୁ ରିମାଣ୍ଡରେ ଆଣିବ ଏବଂ ସୋମବାର ଉଭୟଙ୍କ ରିମାଣ୍ଡ ପାଇଁ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଯାଉଥିବାବେଳେ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ୧୦ଟି ବନ୍ଧୁକ, ଗୋଟିଏ କାର୍ବାଇନ୍ ଏବଂ ୧୨ ରାଉଣ୍ଡ ଗୁଳି ଜବତ କରିଥିଲା।



କଳାବିକାଶ କେନ୍ଦ୍ର ଅଡ଼ିଟୋରିୟମରେ 'ଆମରା କାଜନ୍'ର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

## 'ହେଲ୍‌ମେଟ ପିନ୍ଧ, ଟ୍ରାଫିକ୍ ନିୟମକୁ ଗୁରୁତ୍ୱ ଦିଅ'

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୭।୧୨(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ):** ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ତରଫରୁ ଟ୍ରାଫିକ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ରଣା ସଭାପତିତ୍ୱ କରିଥିଲେ। ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଏବଂ ବ୍ୟକ୍ତିବିଶେଷ ରାସ୍ତାରେ ଯାତାୟାତ କରୁଥିବା ସମୟରେ ହେଲମେଟ ପିନ୍ଧିବା ଓ ଟ୍ରାଫିକ ନିୟମ ମାନିବା, ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ଗାଡ଼ି ଚଳାଚଳ ନ କରିବା ପାଇଁ ପରାମର୍ଶ ଦେବା ସହ ଗୋଲାପ ଫୁଲ, ହେଲ୍‌ମେଟ ଏବଂ ଚକୋଲେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ କଳାପଥର ମେଡିକାଲର କମ୍ୟୁନିଟି ହେଲଥ ଅଫିସର ଅରୁଣା ପଣ୍ଡା, ଏନ୍‌ଏମ୍ କୁଞ୍ଜଲତା ମହାପାତ୍ର, ଶିକ୍ଷାବିତ୍ ଧର୍ମୁଧର ଝୁଣ୍ଟିଆରସିଂହ, ବସନ୍ତ କୁମାର ମଲ୍ଲୀକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଧଳାପଥର ବଜାରରୁ ଗୋଳେଇ ଛକ ପର୍ଯ୍ୟନ୍ତ ଛାତ୍ରମାନେ ପ୍ଲେକାର୍ଡ ଧରି ଚାଳକମାନଙ୍କୁ ଟ୍ରାଫିକ ନିୟମ ସ୍ଲୋଗାନ ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ନୀଳକଣ୍ଠ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରତାପାଟର ଇତିହାସ ଯୁବପିଢ଼ିଙ୍କ ପ୍ରେରଣା

**ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବର ତୃତୀୟ ସନ୍ଧ୍ୟା**

**ବଡ଼ମ୍ବା,୭।୧୨(ମାୟାଧର ମଲ୍ଲିକ):** ବଡ଼ମ୍ବା ରତାପାଟଠାରେ ଚାଲିଥିବା ରତାପାଟ ଲକ୍ଷ୍ମୀପୂଜା ମହୋତ୍ସବର ତୃତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କୁନି କଳାକାରମାନଙ୍କ ଦ୍ୱାରା ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ଅନ୍ୟପକ୍ଷରେ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ତଥା ପୁରୀର ଓଡ଼ିଶୀ ନୃତ୍ୟ ଓ ସଂଗୀତ ଦର୍ଶକଙ୍କ ମନ ମୋହିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କଟକ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇ ରତାପାଟର ଇତିହାସ ଯୁବପିଢ଼ିଙ୍କ ପ୍ରେରଣା ଏବଂ ପାର୍ବଣରେ ବିଧାୟକଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ରଘୁପତି ମହାନ୍ତି, ମୁଖ୍ୟବକ୍ତା ଭାବେ ଓଷ୍ଟା ଜିଲା ସମ୍ପାଦକ ବିଜୟ କୁମାର ଛତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ଶ୍ୟାମ ବନ୍ଧୁ ବେହୁରା, ମୁରଲୀଧର ପଲେଇ, ବାଉରୀବନ୍ଧୁ ତାଡ଼, ରବୀନ୍ଦ୍ର ସେଠୀ, ସରପଞ୍ଚ ମାଗିରାମ ବେହେରା, ଉପସଭାପତି ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମୀର କୁମାର ରାଉତ, ସୋମନାଥ ଖୁଣ୍ଟିଆ,ରାମଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ଦାସ ପ୍ରମୁଖ ସହାୟତା କରିଥିଲେ। ମହୋତ୍ସବ କମିଟି ସଭାପତି ରଜନିକାନ୍ତ ବଳବନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସିଆର୍‌ଏନ୍ ଇଲେଭେନ ତାଳଚେର ଚାମ୍ପିୟନ

**ବଡ଼ମ୍ବା, ୭।୧୨(ମାୟାଧର ମଲ୍ଲିକ)**

**ପଞ୍ଚମ ବାର୍ଷିକ ସର୍ବଭାରତୀୟ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ବାର୍ଷିକ ସର୍ବ ଭାରତୀୟ ଶଙ୍ଖାମେରୀ ପ୍ରିମିୟର ଲିଗ୍‌ର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ସିଆର୍‌ଏନ୍ ଇଲେଭେନ ତାଳଚେର ଏବଂ ଇମେଜ ଇଲେଭେନ ଭଦ୍ରକ ମଧ୍ୟରେ ଖେଳାଯାଇଥିଲା। ୩ ଫର୍ମାଟ ବିଶିଷ୍ଟ ଉକ୍ତ ଫାଇନାଲ ମ୍ୟାଚର ପ୍ରଥମ ମ୍ୟାଚ ଇମେଜ ଇଲେଭେନ ଜିତିଥିବା ବେଳେ ଶେଷ ଦୁଇଟି ମ୍ୟାଚରେ ସିଆର୍‌ଏନ୍ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ବିଜ୍ଞ ପ୍ରସାଦ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଇମେଜ୍ ଇଲେଭନ ଦଳର ହିମାଂଶୁ ଶେଖର ଧଳ ମ୍ୟାନ ଅଫ ଦ ସିରିଜ ହୋଇ ପୁରସ୍କୃତ ହୋଇଥିଲେ। ହୀରାଲାଲ ମେଣ୍ଡିସ ବେଷ୍ଟ ବୋଲର୍ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟ ବକ୍ତାଭାବେ ବଡ଼ମ୍ବା ବ୍ଲକ ପୂର୍ବତନ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ କଟକ ସେବା ସଙ୍ଗଠନର ମୁଖ୍ୟ ପପୁ ପାତ୍ର ଓ ସାମାଜିକ କର୍ମୀ ଚିନ୍ତାମଣି ସାମଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଅମ୍ପାୟର ଭାବେ ଜ୍ଞାନରଞ୍ଜନ ଓ ସତ୍ୟନାରାୟଣ ସାବତ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାପୁଜୀ କ୍ଲବ କର୍ମକର୍ତ୍ତା ସନ୍ତୋଷ କୁମାର ବିଶ୍ୱାଳ, ନିଲୁ ନନ୍ଦ, ଜ୍ଞାନରଞ୍ଜନ ଓ ତାପସଙ୍କ ସମେତ ପ୍ରାଣ ବନ୍ଧୁ ନାୟକ, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶଙ୍ଖାମେରୀ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ୨ ବସ୍ ମଧ୍ୟରେ ଧକ୍କା

**କଟକ, ୭।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ବାଦାମବାଡ଼ି ନିକଟରେ ରବିବାର ସକାଳେ ୨ଟି ବସ୍ ମଧ୍ୟରେ ଧକ୍କା ଘଟିଛି। ତେବେ ଏଥିରେ ବସ୍‌ଦୁଇଟିର ଆଗ ଅଂଶ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେହି ସମୟରେ ବସ୍‌ରେ କେହି ଯାତ୍ରୀ ନ ଥିଲେ। ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲକୁ ଦୁଇଟି ବସ୍ ଯାଉଥିବାବେଳେ ବାଦାମବାଡ଼ି ଛକଠାରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ବସ୍ ଦୁଇଟିକୁ ଅଟକ ରଖି ତଦନ୍ତ ଚଳାଇଛି।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526
Sd./- Collector & D.M.-cum- Chairman, RMC, Kendrapara


# 'ଆଜିର ଯୁବ-ଛାତ୍ର ସମାଜ ରାଧାନାଥଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'

**ଜନ୍ମମାଟିରେ ଡ.ରଥଙ୍କ ଜୟନ୍ତୀ ପାଳିତ**




ଡ.ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

**ଆଠଗଡ଼, ୭।୧୨( ସତ୍ୟ ପ୍ରସାଦ ରଥ):** ପଦ୍ମଭୂଷଣ ଡ.ରାଧାନାଥ ରଥ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ଏବଂ ତାଙ୍କ ପରି ଜଣେ ବରପୁତ୍ରଙ୍କୁ ଜନ୍ମ ଦେଇ ଆଠଗଡ଼ ମାଟି ଧନ୍ୟ ହୋଇଛି। ଜନ୍ମମାଟି ଆଠଗଡ଼ରେ ଡ.ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଠଗଡ଼ରେ ଗୋପବନ୍ଧୁ କନିଷ୍ଠ ମହିଳା କଲେଜ ଓ ଡ.ରାଧାନାଥ ରଥ ସ୍ମୃତି କମିଟି ପକ୍ଷରୁ ମହିଳା କଲେଜ ପରିସରରେ କଲେଜର ଅଧକ୍ଷା ସଂଯୁକ୍ତା ମହାପାତ୍ରଙ୍କ ପୌରୋହିତ୍ୟରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଯୋଗଦେଇଥିଲେ। ଗଡ଼ଜାତ ଆନ୍ଦୋଳନର ପୁରୋଧା ଭାବେ ଡ.ରଥଙ୍କୁ ଅଭିହିତ କରିବା ସହ ଅଞ୍ଚଳର ବିକାଶ କ୍ଷେତ୍ରରେ ବିଶେଷକରି ଶିକ୍ଷା, ସମସ୍ୟା, ଜଳସେଚନ ଓ ଗମନାଗମନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଦାଶ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ.ନାରାୟଣ ପଣ୍ଡା ଡ. ରଥଙ୍କ ସାରସ୍ୱତ କୃତି, ଅନୁବାଦ ସାହିତ୍ୟର ବିସ୍ତୃତ ଆଲୋଚନା କରିବା ସହ ସମାଜରେ ପ୍ରକାଶ ପାଉଥିବା ଝିଁଟିପିଟି କହେ (ଅଣାକାର) ସ୍ତମ୍ଭ ସମାଜକୁ କିପରି ଦିଗ୍‌ଦର୍ଶନ ଦେଉଥିଲା ତାର ଅବତାରଣା କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କଲେଜର ପୂର୍ବତନ ଅଧକ୍ଷା ତଥା ଶିକ୍ଷାବିତ୍ ମମତା ମିଶ୍ର ଓ ଆଠଗଡ଼ ନଗରପାଳ ସସ୍ମିତା ରାଉତ ଡ.ରଥଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଆଜିର ଯୁବ-ଛାତ୍ର ସମାଜ ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଡ.ରାଧାନାଥ ରଥ ସ୍ମୃତି କମିଟିର ଆବାହକ ସୁଧି ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଖବରଦାତା ଲଲାଟେନ୍ଦୁ ସେନାପତିଙ୍କୁ 'ଡ.ରାଧାନାଥ ରଥ ସ୍ମାରକୀ ସମ୍ମାନ' ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ କଲେଜର ଛାତ୍ରୀମାନେ ଓଡ଼ିଶାର ସୁନାମଧନ୍ୟ ଗୀତିକାର ରାଧାନାଥ ଦାସଙ୍କ ଦ୍ୱାରା ଡ. ରଥଙ୍କ ଉପରେ ରଚିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ କଲେଜ ପରିସରରେ ପ୍ରତିଷ୍ଠିତ ଡ.ରଥଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ବୁଦ୍ଧିଜୀବୀ ସଂଘ, ରୋଟାରୀ କ୍ଲବ, ଇନରହ୍ୱିଲ କ୍ଲବ, ଆଠଗଡ ଖବରଦାତା ସଂଘ, ଗ୍ରାଜୁଏଟ୍ସ କ୍ଲବର ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ଡ.ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କଲେଜର ବରିଷ୍ଠ ପ୍ରାଧ୍ୟାପିକା ସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଛାତ୍ରୀଛାତ୍ରଙ୍କ ଜ୍ଞାନ ଉଦୟରେ ସହାୟକ ହୁଏ ପୁସ୍ତକ ମେଳା



ଜଟଣୀ ପୁସ୍ତକ ମେଳାରେ ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳା ଉଦ୍‌ଘାଟିତ

**ଜଟଣୀ,୭।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୁସ୍ତକ ମେଳା ସମିତିର କାର୍ଯ୍ୟକାରୀ ସଭାପତି ଜବାହାରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ରବିବାର ସ୍ଥାନୀୟ ଟାଉନ ହଲ୍ (ସ୍ରଷ୍ଟା) ପରିସରରେ ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପୁସ୍ତକୁ ମେଳାକୁ ଉଦ୍‌ଘାଟନ କରି କହିଥିଲେ, ପୁସ୍ତକ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ ଉଦୟ ହେବା ସହିତ ନୈତିକ ମୂଲ୍ୟବୋଧର ଉନ୍ନତି ହେବ। ମୁଖ୍ୟ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ବିବେକ, ଜ୍ଞାନ ଲାଭ ପାଇଁ ପୁସ୍ତକ ପଠନ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବେଗୁନିଆ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ କହିଥିଲେ, ପୁସ୍ତକ ମେଳା ଦ୍ୱାରା ପୁସ୍ତକ ପଠନ ପ୍ରତି ଆଗ୍ରହ ବଢ଼ିବ। ମହାପୁରୁଷଙ୍କ ଜୀବନୀ ପଢ଼ିବା ଆବଶ୍ୟକ। ଏହି ଅବସରରେ ଉଲେଖନୀୟ ଡାକ୍ତରୀ ସେବା ପାଇଁ ଡା. ଗିତେଶ ଆଚାର୍ଯ୍ୟଙ୍କୁ 'ଜଟଣୀ ପୁସ୍ତକ ମେଳା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଲେଖକ ଡ. ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ରଚିତ ଦୁଇଟି ପୁସ୍ତକ 'ଗୋଟିଏ ଦିବ୍ୟ ଝର', 'ପଦ୍ମ ପାଖୁଡ଼ା' ଏବଂ କୁଞ୍ଜବିହାରୀ ପାଢ଼ୀଙ୍କ ରଚିତ ପୁସ୍ତକ 'କାହାଣୀରେ ବାପା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପ୍ରାରମ୍ଭରେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଶଶୀ ରଥ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ଷୀରୋଦ ପ୍ରସାଦ ନନ୍ଦ, ଡ. ଶଶୀ ରଥ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଶାନ୍ତ ରାଉତ, ଆଦିନାରାୟଣ ଖଣ୍ଡୁଆଲ, ଡ. ସୁକାନ୍ତି ମହାପାତ୍ର, ଭବାନୀ ଶଙ୍କର ମହାପାତ୍ରଙ୍କ ସମେତ ଆୟୋଜକ ଅନୁଷ୍ଠାନର ବହୁ ସଦସ୍ୟ ସହଯୋଗ କରିଥିଲେ। ଡ. ରଶ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

## ନିଃଶୁଳ୍କ ମେଡିକାଲ ଅଟୋ ସେବା ଶୁଭାରମ୍ଭ

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**





ଖୋର୍ଦ୍ଧା ସଂସ୍କୃତି ସୁରକ୍ଷା ସମିତି ଆନୁକୂଲ୍ୟରେ ନିଃଶୁଳ୍କ ମେଡିକାଲ ଇ-ଅଟୋ ସେବା ନୂଆ ବସ୍‌ଷ୍ଟାଣ୍ଡଠାରେ ରବିବାର ଶୁଭାରମ୍ଭ କରାଯାଇଛି। ଦୈନିକ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ନୂଆ ବସ୍‌ଷ୍ଟାଣ୍ଡଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀଙ୍କୁ ମାଗଣା ସେବା ଯୋଗାଇବ। ପୂର୍ବରୁ ନୂଆ ବସ୍‌ଷ୍ଟାଣ୍ଡରେ ମେଡିକାଲ ଯିବା ଲାଗି ରୋଗୀଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିଲା। ଲୋକଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ସେବା ଆରମ୍ଭ କରାଯାଇଛି। ଆଗକୁ ଏହାକୁ ବ୍ୟାପକ କରାଯିବ ବୋଲି ସମିତି ସଭାପତି ବେଲେଶ୍ୱର ସାହୁ କହିଛନ୍ତି। ଆଗକୁ ଟେଲି ମେଡିସିନ, ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇବା ଯୋଜନା ରହିଥିବା ସୂଚନା ଦେଇଛନ୍ତି। ସମିତିର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ନଡ଼ିଆ ବାଡ଼େଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ନିରଞ୍ଜନ ସାହୁ, ଗିରିଜା ପ୍ରସାଦ ମହାପାତ୍ର, ସମିତି ସମ୍ପାଦକ ପ୍ରଶାନ୍ତ ବେହେରା, ଅଧିବକ୍ତା ଅଜିତ୍ ପଟ୍ଟନାୟକ, ଲୋତକବିନ୍ଦୁ ପଟ୍ଟନାୟକ, ଭାଜପା ବରିଷ୍ଠ ନେତା ନିକୁଞ୍ଜ ପଟ୍ଟନାୟକ, ଆଦିତ୍ୟ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୮ମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୬ତମ ବାର୍ଷିକ ଅଧିବେଶନ

**ଟାଙ୍ଗୀ,୭।୧୨(ରଘୁନାଥ ସାହୁ)**

୮ମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୬ତମ ବାର୍ଷିକ ଅଧିବେଶନ ନଇରୀସ୍ଥିତ ସାଧବ ଗୃହଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ସାହୁ ପ୍ରଥମେ ସ୍ୱଜାତୀୟ ପତାକା ଉତ୍ତୋଳନ କରିବା ସହ ଭଗବତ ପଠନ ଓ ୪୬ଟି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିଲେ। କୁନି ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହିତ ନିର୍ବାହିକା ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ଭାଗୀରଥି ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ସୁଶାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ୮ମ ରାଜ୍ୟ ଅନ୍ତର୍ଗତ ଭାଇମାନଙ୍କର ସୁଖଦୁଃଖ ବୁଝିବା ସହିତ ଶୃଙ୍ଖଳା କରାଯାଇଥିଲା। ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅତିଥିମାନେ ମତ ରଖିଥିଲେ। ଭ୍ରାତୃତ୍ୱଭାବ ବୃଦ୍ଧି ଓ ସଙ୍ଗଠନକୁ ସୁଦୃଢ଼ କରିବା, ମହିଳାମାନଙ୍କୁ ସଙ୍ଗଠନରେ ସାମିଲ କରିବା, ସୁଖଦୁଃଖରେ ସହଯୋଗ କରିବା, ଅସହାୟଙ୍କୁ ସହାୟତା, ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଉଚ୍ଚ ଶିକ୍ଷା ପଢ଼ିବାର ବ୍ୟବସ୍ଥା କରିବା ପାଇଁ ଅତିଥିମାନେ କହିଥିଲେ। ଏହି ଅବସରରେ ଚଳିତବର୍ଷ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସସ୍ମିତା ସାହୁଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ବାପା ପ୍ରମୋଦ କୁମାର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦିବ୍ୟ ପ୍ରକାଶ ସାହୁ, ହିମାଂଶୁ ଶେଖର ସାହୁ, ଆଶିଷ କୁମାର ସାହୁଙ୍କୁ ଆର୍ଥିକ ରାଶି ସହ ସାର୍ଟିଫିକେଟ ଦିଆଯାଇ ସମ୍ମାନିତ କରାଯାଇଥିଲା । ସ୍ୱ ଜାତୀୟ ସଙ୍ଗଠନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ପ୍ରିନ୍ସ ପ୍ରିତମ୍ ସାହୁଙ୍କୁ କୁନି ସେବକଭାବେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୮ମ ରାଜ୍ୟ ଉପଦେଷ୍ଟା ସୁରେଶ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ନଇରୀ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ସାହୁ, ମୁଗମଣ୍ଡା ରାଜ୍ୟ ସଭାପତି ପ୍ରଭାତ କୁମାର ସାହୁ, ସିକୋ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ସାହୁ, ସରପାରୀ ରାଜ୍ୟ ସଭାପତି ପ୍ରଭାକର ସାହୁ, ବାଣପୁର ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଗୋଡ଼ିପଦର ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ, ରଣପୁର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବିଭିନ୍ନ ରାଜ୍ୟର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ସମେତ ଆଖପାଖ ୫୦ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ସ୍ୱ ଜାତିଭାଇ ଉପସ୍ଥିତ ଥିଲେ। ନଇରୀ ରାଜ୍ୟ ସମ୍ପାଦକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଅଧିବେଶନରେ ଉପସ୍ଥିତ ଅତିଥିମାନେ।



ଜଟଣୀ ପୁସ୍ତକ ମେଳା ଉଦ୍‌ଘାଟନୀ ଦିବସରେ ରବିବାର ଏକ ଷ୍ଟଲ୍‌ରେ ପାଠିକାପାଠକମାନେ ବହି ଦେଖୁଛନ୍ତି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

# 'ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ଦନେଇ ଦାସଙ୍କ ରଚନା'

**ବୋଲଗଡ଼,୭।୧୨(ଦେବବ୍ରତ ହୋତା)**

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ, ବୋଲଗଡ଼ ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ମିନି ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପ୍ରାଚୀନ କବି ତଥା ଗୋପୀଭାଷାର ଲେଖକ ଦନେଇ ଦାସଙ୍କ ଜୟନ୍ତୀ ପାଳନ ସହ କବିତା ପାଠୋତ୍ସବ ଏବଂ 'ଦନେଇ ଦାସଙ୍କ ରଚନାବଳୀ' ସନ୍ଦର୍ଭରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଗୋପୀନାଥ ଖାଡେଙ୍ଗାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ସୁରେଶ ଛୋଟରାୟ ଯୋଗଦେଇ କବି ଦନେଇ ଦାସ ବୋଲଗଡ଼ ବ୍ଲକ ସାନପଦର ଗ୍ରାମରେ ଜନ୍ମ ହୋଇ ଗୋପୀଭାଷା ଓ ପ୍ରହେଳିକା ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ କବି ଜ୍ଞାନ ଦାସ ଯୋଗଦେଇ ରୀତିଯୁଗ କବି ଦନେଇ ଦାସଙ୍କ ରଚିତ କାବ୍ୟ କବିତା ବେଶ୍ ପରିଚିତ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ନବକିଶୋର ପଟ୍ଟନାୟକ, ହରିବନ୍ଧୁ ସାହୁ, ଦିବାକର ପରମଗୁରୁ, ପ୍ରଫୁଲ୍ଲ ମହାପାତ୍ର, ବ୍ରଜ ବିହାରୀ ସୁବୁଦ୍ଧି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭା ବସନ୍ତ କୁମାର ଦାସ, ସେଖ୍ ଅବ୍‌ଦୁଲ ଖାଲିକ ଓ ଲୁଣ୍ଠୁ ତ୍ରିପାଠୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ୩୫ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଭା ପ୍ରାରମ୍ଭରେ ଗୀତାଞ୍ଜଳି ମହାପାତ୍ରଙ୍କ ବେଦପାଠ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ଅବିନାଶ ସୁବୁଦ୍ଧି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଲୁଣ୍ଠୁ ତ୍ରିପାଠୀ ଏବଂ ଭକ୍ତବଳ୍ଲଭ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାକର ସାହୁ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥ ଦଳବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁରେନ୍ଦ୍ର ବେହେରା, ରଙ୍କନିଧି ବଳିୟାରସିଂହ, ରାଧାଶ୍ୟାମ ମହାପାତ୍ର, ଭିକାରୀ ପୃଷ୍ଟି, ଗୀତାଞ୍ଜଳି ମିଶ୍ର, ସତ୍ୟଭାମା ସାହୁ, ଡ. ଅଚ୍ୟୁତ ସାହୁଙ୍କ ସମେତ ବହୁ ସାରସ୍ୱତ ସାଧକ ସଭାରେ ଉପସ୍ଥିତ ଥିଲେ। ଶେଷରେ ପରିଷଦ ସମ୍ପାଦକ ରଘୁନାଥ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





ପ୍ରାଚୀନ କବି ତଥା ଗୋପୀଭାଷାର ଲେଖକ ଦନେଇ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଆଇଏସ୍‌ପିଏଲ୍ ନିଲାମରେ ଓଡ଼ିଆ ପୁଅ ରାଜେଶ

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**





ରାଜେଶ ସ୍ୱାଇଁ

ଏବେ ସବୁଆଡ଼େ କ୍ରିକେଟର କ୍ରେଜ୍। ଛୋଟରୁ ବଡ଼ ସମସ୍ତେ କ୍ରିକେଟ୍ ମାନିଆ। ଏଥିରେ କ୍ୟାରିୟର କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଏକପ୍ରକାର ଉତ୍ସାହ ରହିଛି। ସହରାଞ୍ଚଳରେ ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ କ୍ରିକେଟ୍ କୋଚିଂ ଦିଆଯାଉଥିବା ବେଳେ ଗ୍ରାମାଞ୍ଚଳ ପିଲାମାନେ ବିନା କୌଣସି ପ୍ରଶିକ୍ଷଣରେ ଉଦ୍ୟମ ଜାରି ରଖିଛନ୍ତି। କ୍ରିକେଟ୍‌ର ବିଭିନ୍ନ ଫର୍ମାଟ୍ ମଧ୍ୟରେ ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ଚାଲୁଛି। ଏହି ଆଇଏସ୍‌ପିଏଲ୍ ଟିମ୍ ନିଲାମିରେ ସାମିଲ ହେବାର ସୁଯୋଗ ପାଇଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଗେଡ଼ିଆପଲ୍ଲୀ ସାମୁକାପାଟଣା ଗ୍ରାମର ରାଜେଶ ସ୍ୱାଇଁ। ତାଙ୍କର ଏହି ସଫଳତାରେ ପରିବାରବର୍ଗ ଏବଂ ଗ୍ରାମବାସୀ ଖୁସିଥିବା ବେଳେ ଆଗକୁ କ୍ରିକେଟ୍‌ରେ ନାମ କମାଇବାକୁ ଆଶା ବାନ୍ଧିଛନ୍ତି ରାଜେଶ। ଅଭାବ ଅନଟନରେ ବଢ଼ିଥିବା ରାଜେଶ ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରୁ ଅଗ୍ନିଶମ ପାଇଁ ଟ୍ରେନିଂ ନେଉଥିବା ବେଳେ ଏବେ ଆଇଏସ୍‌ପିଏଲ୍‌ରେ ଖେଳିବାକୁ ତାଙ୍କ ନାମ ଚୟନ କରାଯାଇଛି। ନିଲାମ ପ୍ରକ୍ରିୟାରେ ତାଙ୍କ ନାମ ରହିଥିବାରୁ ସେ ଖୁସିଥିବା ରାଜେଶ କହିଛନ୍ତି। ଅନ୍ୟପଟେ ରାଜେଶଙ୍କ ଏହି ସଫଳତାର ଖବର ପ୍ରଚାରିତ ହେବା ପରେ ବହୁ କ୍ରୀଡ଼ାବିତ୍ ଏବଂ ବନ୍ଧୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କ୍ରୀଡ଼ା ବନ୍ଧୁମାନେ ତାଙ୍କୁ ଖେଳପଡିଆରେ ଅଧିକ ପ୍ରାକ୍ଟିସର ସୁଯୋଗ ଦେଉଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ପାଳିଲା ମହାଲକ୍ଷ୍ମୀ ପୂଜା କମିଟି

**କଳାପଥର,୭।୧୨(ଗଙ୍ଗାଧର ସାହୁ)**

ବାଙ୍କୀ ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ୧୯୭୫ ମସିହାରୁ ଆରମ୍ଭ ହୋଇଥିବା ମହାଲକ୍ଷ୍ମୀ ପୂଜା କମିଟି ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ୫ଦିନ ଧରି ଚାଲିଥିବା ନାଟକ ମହୋତ୍ସବ ରାମକୃଷ୍ଣ ପରମହଂସ ଯୁବକ ସଂଘ ପକ୍ଷରୁ ପରିଚାଳିତ। ଏହି ପୂଜା ଉପଲକ୍ଷେ ଗ୍ରାମରେ ୫ଦିନ ଧରି ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ପ୍ରତି ସନ୍ଧ୍ୟାରେ ପୌରାଣିକ ନାଟକ ପରିବେଷଣ କରାଯାଉଛି। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇ ଗ୍ରାମର ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ପର୍ଶୁରାମପୁର ବିକଶିତ ହେଲେ ବାଙ୍କୀ ବିକଶିତ ହେବ। ଏକ ମଣ୍ଡପ ନିର୍ମାଣ ପାଇଁ ସହଯୋଗ କରିବି ବୋଲି କହିଥିଲେ। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ନୃସିଂହ ପ୍ରଧାନ, ମଣ୍ଡଳ ସଭାପତି ମନୋରଞ୍ଜନ ମହାପାତ୍ର, ଦିବସ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇପଡ଼ା ପ୍ରିମିୟର କ୍ରିକେଟ ଲିଗ୍

# ମା' ତାରିଣୀ ୱାରିୟର ଚାମ୍ପିୟନ

**ଟାଙ୍ଗୀ,୭।୧୨(ରଘୁନାଥ ସାହୁ)**

ରାଇପଡ଼ାସ୍ଥିତ ମା' ଖଣ୍ଡୁଆଳ ଖେଳପଡ଼ିଆରେ ଚାଲିଥିବା ପ୍ରିମିୟର କ୍ରିକେଟ୍ ଲିଗ୍‌ରେ ମା' ତାରିଣୀ ୱାରିୟର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମା' ବରକନ୍ୟା ଇଲେଭେନ୍‌ଷ୍ଟାର କେରେଣ୍ଡାଟାଙ୍ଗୀ ଏବଂ ମା' ତାରିଣୀ ୱାରିୟର ରାଇପଡା ଟିମ୍ ମଧ୍ୟରେ ହୋଇଥିଲା। ମା'ତାରିଣୀ ୱାରିୟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୪୮ରନ ସଂଗ୍ରହ କରିଥିଲା। ଜବାବରେ ମା' ବରକନ୍ୟା ଇଲେଭେନ୍ ଷ୍ଟାର ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୦୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ମା'ତାରିଣୀ ୱାରିୟର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥିଭାବେ ଅମରେଶ ପାଇକରାୟ, ପ୍ରଗତି ଭୂଷଣ ବଳବନ୍ତରାୟ, ପ୍ରଶାନ୍ତ କୁମାର କଳସ, ଅଜୟ କୁମାର ସାମନ୍ତରାୟ, ଲିଙ୍ଗରାଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ହଜାର ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମାନସ ଦଳେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ସୌମ୍ୟ ରଞ୍ଜନ ପାଇକରାୟ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ଗ୍ରହଣ କରିଥିଲେ। ସଂଗ୍ରାମ ରାଉତରାୟ ଏବଂ ଅଭୟ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ରତନ କୁମାର ରାଉତରାୟ, ସହଦେବ ଜେନା, ପିଣ୍ଟୁ ବେହେରା, ଗୋପାଳି ସାମନ୍ତରାୟ, ସୂର୍ଯ୍ୟ ରାଉତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ୧୩ରୁ ଜାନକୀ ପାଢ଼ୀ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ବୋଲଗଡ଼,୭।୧୨(ଦେବବ୍ରତ ହୋତା)**

ବୋଲଗଡ଼ ମହୋତ୍ସବ ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ଫ୍ରେଣ୍ଡ୍‌ସ କ୍ଲବ ଆନୁକୂଲ୍ୟରେ ୨୫ତମ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆଶା ମେମୋରିଆଲ କପ୍ ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୩ ତାରିଖ ଅପରାହ୍ନରେ ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା ପାଇକ ଡିଗିରିଆର ଏଜେ କ୍ଲବ ଏବଂ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖରେ ଭୁବନେଶ୍ୱରର ଡାଇମଣ୍ଡ କ୍ଲବ ଓ ନୟାଗଡ଼ ଇଟାମାଟିର ଯଦୁମଣି କ୍ଲବ, ୧୫ ତାରିଖରେ ଜଟଣୀ ଠଣାପଲ୍ଲୀର କ୍ଲବ ୭୨ ଓ ଖଣ୍ଡପଡ଼ା ବାଇଗୁଣିଆର ୱାଇଏସ୍‌ସି ଏବଂ ୧୬ ତାରିଖରେ ଖୋର୍ଦ୍ଧା କେରଙ୍ଗର ଅହମ୍ମଦିଆନ କ୍ଲବ ଏବଂ ଆୟୋଜକ ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ମ୍ୟାଚ ହେବ। ୧୭ ଓ ୧୮ତାରିଖରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ଏବଂ ୨୦ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ଅପରାହ୍ନ ୩ଟାରୁ ଆରମ୍ଭ ହେବ। ଫ୍ରେଣ୍ଡ୍‌ସ କ୍ଲବ ସଦସ୍ୟ ଅଶ୍ୱିନୀ ପଟ୍ଟନାୟକ, ଭଞ୍ଜକିଶୋର ଯତି, ଲକ୍ଷ୍ମୀଧର ଚୌଧୁରୀ, ଜିତେନ୍ଦ୍ର ମାର୍ଥା ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ସହଯୋଗ କାମନା କରିଛନ୍ତି।

**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-

**SHORT TENDER CALL NOTICE**

Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526

Sd./- Collector & D.M.-cum-Chairman, RMC, Kendrapara

**ସଂକ୍ଷେପରେ**

## ପଥର ପୋଖରୀରେ ସଫେଇ କାର୍ଯ୍ୟକ୍ରମ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ତରଫରୁ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ପୁରୀ ଆଲାମଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ପଥର ପୋଖରୀରେ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହୋପ୍ ଇଜ୍ ଲାଇଫ୍ ତରଫରୁ ଜଗବନ୍ଧୁ ବେହେରା, ଆଶିଷ ଦାସ, ଅରକ୍ଷିତ ବେହେରା, ସୁଶାନ୍ତ କୁମାର ମହାପାତ୍ର, ସନ୍ଧ୍ୟାରାଣୀ କାଠୁଆ, ସବିତା ପୃଷ୍ଟି, ସୁନୀତା ମିଶ୍ର, ଭାରତୀ ମହାପାତ୍ର, ଚନ୍ଦନା ଦାସ, ସନ୍ତୋଷୀ ବିଶାଳ, ଚିନ୍ମୟୀ ନନ୍ଦ, ଉମା ଦଳେଇ, ମାନସ ମହାନ୍ତି, ମନୋଜ ମହାନ୍ତି, ବୈକୁଣ୍ଠ ସ୍ୱାଇଁ, ଅନିଲ ପାତ୍ର, ରଜନୀକାନ୍ତ ପଟ୍ଟନାୟକ, ଦିବାକର ଦଳେଇ ଓ ସଭାପତି ସୁରେଶ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପଥର ପୋଖରୀ ଉନ୍ନୟନ କମିଟି ସଭାପତି ଅମିୟ କୁମାର ମହାପାତ୍ର, ସମ୍ପାଦକ ବସନ୍ତ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଅର୍ଜୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୨୫ରୁ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ

ଅସ୍ତରଙ୍ଗ,୭।୧୨
(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

ଚଳିତ ବର୍ଷ ପୁରୀ ଜିଲ୍ଲା କାକଟପୁରର ମା' ମଙ୍ଗଳା ମିନି ଷ୍ଟାଡିୟମ ଠାରେ ମଙ୍ଗଳା ଆଥିଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଆୟୋଜକ କ୍ଲବ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଖୁଣ୍ଟିଆ କନଭେନଶନ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ତାରିଖରେ ଉଦ୍‌ଘାଟିତ ହୋଇ ଜାନୁଆରୀ ୪ରେ ଶେଷ ହେବ ବୋଲି କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି। ଉକ୍ତ ଟୁର୍ନାମେଣ୍ଟରେ ଓଡ଼ିଶାର ୮ଟି ଦଳ ଭାଗନେବାକୁ ଥିବାବେଳେ ଚାମ୍ପିୟାନ ଦଳକୁ ୫୦ହଜାର ୫୫୫ ଟଙ୍କା ଏବଂ ରନର୍ସ ଦଳକୁ ୩୦ହଜାର ୩୩୩ ଟଙ୍କା ପୁରସ୍କାର ରାଶି ଦିଆଯିବା ସହିତ ସମସ୍ତ ଖେଳାଳି ଧଳା ଡ୍ରେସ ପରିଧାନ କରି ଏସ୍‌ଜି ବଲରେ ଖେଳିବା ସହିତ ୩୦ ଓଭର ବିଶିଷ୍ଟ ସମସ୍ତ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ଆୟୋଜକ କ୍ଲବର ଉପଦେଷ୍ଟା ପ୍ରେମାନନ୍ଦ ଗୋଛାୟତ, କ୍ରୀଡ଼ା ସମ୍ପାଦକ ଭାଗବତ ସ୍ୱାଇଁ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ପିଚ୍ କ୍ୟୁରେଟର ଧିରେନ ଚାନ୍ଦଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରତ୍ୟେକ ମ୍ୟାଚରେ ମ୍ୟାନ୍ ଅଫ ଦ ମ୍ୟାଚ ପୁରସ୍କାର ସହିତ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରାଶି ଖେଳାଳିଙ୍କୁ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ମିଳିଛି।

## ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା

କୋଣାର୍କ,୭।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବ ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ କୋଣାର୍କ ସେବା ସଂଗଠନ ପକ୍ଷରୁ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଜ୍ ଭାବେ ଗବେଷକ ସୁବାସ ବରାଳ, ବ୍ୟଙ୍ଗ କବି ସମ୍ପଦ ରଥ ଓ ସତ୍ୟ ସୁନ୍ଦର ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ କୋଣାର୍କ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଦିଲୀପ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିବୃନ୍ଦ ପିଲାମାନଙ୍କୁ ଆଗାମୀ ଦିନରେ କୋଣାର୍କର ଭବିଷ୍ୟତ ବୋଲି ମତ ଦେଇଥିବା ବେଳେ ଶିକ୍ଷାକ୍ଷେତ୍ରରେ ପିଲାଙ୍କ ଜୀବନ ଆହୁରି ଉଜ୍ଜ୍ୱଳମୟ ହେଉ ବୋଲି ମତପୋଷଣ ରଖିଥିଲେ। ବକ୍ତୃତା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାଟୀଫିକେଟ ପ୍ରଦାନ କରଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ତଥା ଯୁବ ସାମାଜିକ କର୍ମୀ କୁନାଲ ପାତ୍ର ସଂଯୋଜନା କରୁଥିବା ବେଳେ ପ୍ରଦୀପ୍ତ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ମହାରଣା, ଶୁଭକାନ୍ତ ବିଶାଳ, ଆଭାସ ମୁଦୁଲି ସହଯୋଗ କରିଥିବା ବେଳେ ସଭାପତି ରଞ୍ଜନ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା କୁରାଳ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)



ବୈଠକରେ ମହାସଂଘର ବୟୋଜ୍ୟେଷ୍ଠ ସଦସ୍ୟ ଡ. ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଓଡ଼ିଶା କୁରାଳ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଜୟରାମ ସାହୁ, ରାମଚନ୍ଦ୍ର ମୁଦୁଲି, ସୁବୋଧ ରଣା, ବ୍ରହ୍ମାନନ୍ଦ ରଣା, ପ୍ରଫୁଲ୍ଲ ବେହେରା, ଅକ୍ଷୟ ରଣା, ରବୀନ୍ଦ୍ର ବେହେରା, ରାମନାଥ କୁମ୍ଭାର, ପ୍ରଶାନ୍ତ ରଣା, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମହାସଂଘର ବୟୋଜ୍ୟେଷ୍ଠ ସଦସ୍ୟ ତଥା ଶତାୟୁ ପାଲାଗାୟକ ଡ. ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ବୈଠକର ଏଜେଣ୍ଡା ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବିଚିତ୍ରାନନ୍ଦ ବେହେରା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଜୟରାମ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ କୁମ୍ଭକାରମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଏବଂ ତା'ର ସମାଧାନ ଉପରେ ବିଶଦ ଆଲୋଚନା ହୋଇଥିଲା। ଓଡ଼ିଶାରେ ମାଟି କଳା ବୋର୍ଡ ଗଠନ, କୁମ୍ଭକାର କାରିଗରଙ୍କୁ ସ୍ୱତନ୍ତ୍ର ଭାବେ ଭତ୍ତା ପ୍ରଦାନ, କୁରାଳ ଭବନ ପାଇଁ ଜମି ଯୋଗାଇଦେବା, ବ୍ୟବସାୟ ପାଇଁ ସହଜ ସରଳ କିସ୍ତିରେ ବ୍ୟାଙ୍କ ଋଣ ପ୍ରଦାନ, ସମସ୍ତ କୁମ୍ଭକାରଙ୍କୁ ଇଲେକ୍ଟ୍ରିକ୍ ଚକ ପ୍ରଦାନ କରିବା ଦିଗରେ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନଦେବାକୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଛି। ବିଶେଷତଃ ପୁରୀରେ ବସବାସ କରୁଥିବା କୁମ୍ଭକାରଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଦୃଷ୍ଟିଦେବାକୁ ଦାବି କରାଯିବା ସହ ଆଗାମୀ ରାଜ୍ୟ ସମ୍ମିଳନୀ ସହିତ ପ୍ରତି ଜିଲ୍ଲା ସଙ୍ଗଠନକୁ କ୍ରିୟାଶୀଳ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଦେଇଥିଲେ। ବୈଠକରେ କଳାହାଣ୍ଡି, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରକ, ଅନୁଗୋଳ, ନୟାଗଡ଼, ଢେଙ୍କାନାଳ, ଯାଜପୁର, ଜିଲ୍ଲା ପ୍ରତିନିଧିମାନେ ଯୋଗଦାନ କରିଥିଲେ।


ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶର ସୁଗମ ବ୍ୟବସ୍ଥା କରିବା ଦାବିରେ ସ୍ଥାନୀୟ ଲୋକେ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦେଇଛନ୍ତି ।

## ଏକତା ପଦଯାତ୍ରା, ସ୍ୱଦେଶୀ ସଙ୍କଳ୍ପ ସମାରୋହ

ସାକ୍ଷୀଗୋପାଳ,୭।୧୨
(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ସତ୍ୟବାଦୀରେ ରବିବାର ଏକତା ପଦଯାତ୍ରା ଓ ସ୍ୱଦେଶୀ ସଙ୍କଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଠାରୁ ଜାତୀୟ ପତାକା ଧରି ବିଧାୟକ ଓମ୍ ପ୍ରକାଶ ମିଶ୍ର କର୍ମୀଙ୍କ ଗହଣରେ ସାକ୍ଷୀଗୋପାଳ ବଜାର ଦେଇ ମନ୍ଦିର ପର୍ଯ୍ୟନ୍ତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପରାଧିନ ଭାରତରେ ବିଦେଶୀଙ୍କୁ ହଟାଇବା ନିମନ୍ତେ ସର୍ଦ୍ଦାର ପଟେଲଙ୍କ ସଂଗଠିତ ସାହାସିକତା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିଦିନର ସ୍ମୃତି ସ୍ୱଦେଶୀ ଜାଗରଣ ଗାଥାକୁ ମନେପକାଇ ଦେଶବାସୀ ସ୍ୱଦେଶୀ ଉତ୍ପାଦକୁ ଆପଣେଇବା ସହ ବିଦେଶୀ ଉତ୍ପାଦିତ ଦ୍ରବ୍ୟ ବର୍ଜନ କରିବାକୁ ବିଧାୟକ ମିଶ୍ର ସଭାରେ ଆହ୍ୱାନ ଦେଇଥିଲେ। ଉପସ୍ଥିତ କର୍ମୀମାନେ ସମୂହ ଜାତୀୟ ସଙ୍ଗୀତ ଗାନ, ସଙ୍କଳ୍ପପତ୍ର ପାଠକରିବା ସହିତ ଯୁବଶକ୍ତି ବିକାଶ ଆଦି ସରକାର ଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିବାକୁ ଶପଥ କରିଥିଲେ। ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ ତ୍ରିଲୋଚନ ରଥ। ଭାଜପାର ପୁରୀ ଜିଲ୍ଲା ସଭାପତି ସୁବ୍ରତ ତରାଇ, ଜିଲ୍ଲା ସଂଯୋଜକ ଗଙ୍ଗାଧର ବରାଳ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଆମ୍ବା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ପୂର୍ବତନ ସରପଞ୍ଚ ଶଙ୍କର ପ୍ରଧାନଙ୍କ ସହ ମଣ୍ଡଳ ସଭାପତି ବୃନ୍ଦ ଉଦ୍‌ବୋଧନ ଦେଇଥିଲେ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ, କଲରିଂ ପ୍ରତିଯୋଗିତା

**୩୫ଜଣ କୃତୀ ପ୍ରତିଭା ପୁରସ୍କୃତ**

ନିମାପଡ଼ା,୭।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ଆଦର୍ଶ କଲ୍‌ଚରାଲ ଏଜୁକେଶନ ଟ୍ରଷ୍ଟ ଓ ନିମାପଡ଼ା ପ୍ରେସ କ୍ଲବ ସହାୟତାରେ ପବିତ୍ର ଶିଳ୍ପୀ ଦିବସ ଅବସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ କଲରିଂ ପ୍ରତିଯୋଗିତା ସମାରୋହ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବ ନିମାପଡ଼ାର ମା' ପୁର୍ଣ୍ଣେଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ରାଜେନ୍ଦ୍ର କୁମାର ଓଝା, ପିପିଡବ୍ଲୁଓର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଶରତ କୁମାର ପ୍ରଧାନ, ନିମାପଡ଼ା ପ୍ରେସ୍‌କ୍ଲବର ସଭାପତି ଅକ୍ଷୟ କୁମାର ବେହେରା, ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁ, ଶିକ୍ଷାବିତ୍ ନିର୍ମଳା ଓଝା, ଲିଟିଲ୍ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା, ଆଦର୍ଶ କଲ୍‌ଚରାଲ ଏଜୁକେଶନ ଟ୍ରଷ୍ଟର ସଭାପତି ମୁରଲୀଧର ବେହେରା ପ୍ରମୁଖ ଯୋଗଦେଇ କୁନିକୁନି ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ଶିଶୁଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ଦିଗରେ ଆଦର୍ଶ କଲଚରାଲ ଏଜୁକେଶନ ଟ୍ରଷ୍ଟର ଏଭଳି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଓ କଲରିଂ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନକରି ପୁରସ୍କୃତ କରିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଧରିତ୍ରୀ'ର ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ 'ଆଦର୍ଶ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ତରଫରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଶତାଧିକ କୁନି ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଓ ଶିଳ୍ପୀମାନେ ଯୋଗଦେଇଥିଲେ।


ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର ଗଣ।

# ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଗୋରୁଆଳସ୍ଥିତ 'ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ'ର ନବାଗତ ପ୍ରଥମ ବର୍ଷର କଳା ଛାତ୍ରୀଛାତ୍ରଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ଜଣ କଳା ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ତରଫରୁ ପାଠ୍ୟ ଉପକରଣ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଗୋରୁଆଳ ସମିତି ସଦସ୍ୟ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ପଣ୍ଡା, ଅନ୍ନପୂର୍ଣ୍ଣା ଦେବୀ, ବରିଷ୍ଠ ଚିତ୍ରଶିଳ୍ପୀ ନୃସିଂହ ନାୟକ, ସପନ ଉପାଧ୍ୟାୟ, ଗ୍ରାମ କମିଟି ସଭାପତି ରାମଚନ୍ଦ୍ର ପ୍ରଧାନ, ବଟକୃଷ୍ଣ ଖଟେଇ, ଦେବେନ୍ଦ୍ର ବିଶ୍ୱାଳ, ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ଡାକୁ ସ୍ୱାଇଁ, ଅଧ୍ୟାପକ ଜଗବନ୍ଧୁ ଦାଶ, ବଟକୃଷ୍ଣ ପ୍ରଧାନ, ଉଦ୍ଧବ ନାୟକ, ଅନନ୍ତ ପ୍ରଧାନ, ଅଧ୍ୟାପିକା ତୃପ୍ତିରେଖା ମିଶ୍ର ଓ ଶୁଭସ୍ମିତା କର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ. ଦୁର୍ଗା ମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ ପୂର୍ବକ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ମହାବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। କଣ୍ଠଶିଳ୍ପୀ ଦର୍ଶନା କର ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଶୁଭସ୍ମିତା କର ଧନ୍ୟବାଦ ଦେଇଥିଲେ।

# ଶହୀଦ ଜୟୀ ରାଜଗୁରୁ, ଶରତ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର, ସର୍ବୋଦୟ ମେଳା କମିଟି ଓ ଶହୀଦ ରାଜଗୁରୁ ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ସ୍ମୃତିପୀଠରେ ଶରତ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା ଓ ଶହୀଦ ରାଜଗୁରୁଙ୍କ ୨୨୦ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଓ ଜୟୀ ରାଜଗୁରୁ ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ଓ ସର୍ବୋଦୟ ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ ଟ୍ରଷ୍ଟର ଓଡ଼ିଶା ସଭାପତି ଓ ପ୍ରାକ୍ତନ ନିର୍ଦ୍ଦେଶକ ଭାରତ ସରକାର ମାନସ ରଞ୍ଜନ ମହାପାତ୍ର ସମ୍ୟକ୍ ସୂଚନା ଦେଇ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱର୍ଗତ ଶରତ ଚନ୍ଦ୍ର ମହାପାତ୍ରଙ୍କ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି, ନିଷ୍ଠା ଓ ଶ୍ରୀମନ୍ଦିର ପରିଚାଳକ ଭାବେ ତାଙ୍କ ଦକ୍ଷତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେହିପରି ଶହୀଦ ଜୟୀ ରାଜଗୁରୁଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇ ନାହିଁ ବୋଲି ସେ କହିଥିଲେ। ଏହି ସ୍ମୃତିସଭାରେ ଗଙ୍ଗାଧର ଦାଶ, ବାସୁଦେବ ସାହୁ, ଗିରିଜା ଶଙ୍କର ପାଢ଼ୀ, ସୂର୍ଯ୍ୟନାରାୟଣ ରଥ, ଶୈଳବାଳା ମହାପାତ୍ର, ଗୌରହରି ପ୍ରଧାନ, ବିଶ୍ୱାମିତ୍ର ମିଶ୍ର, ପ୍ରିୟ ମହାପାତ୍ର ଓ ଜୟଦେବ ଶତପଥୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଦୀପ ଚନ୍ଦ୍ର ମହାପାତ୍ର, ରଶ୍ମିତା ମହାପାତ୍ର ଓ ସମ୍ପାଦକ ଶିବପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ।

# 'ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ଆମେ ଗ୍ରହଣ କରୁନୁ'

ଗୋପ,୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଭାଜପା ଦଳ ତା'ର ନୀତି ନିୟମକୁ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଜଳାଞ୍ଜଳି ଦେଇଛି। ସାଂଗଠନିକ ନିର୍ବାଚନ ପ୍ରକ୍ରିୟାକୁ କେବଳ କାଗଜକଲମରେ ସାରି ଦେଇଥିବା ବେଳେ ଆମେ ଏପରି ଏକ ନିର୍ବାଚନ ପ୍ରକ୍ରିୟାକୁ କେବେ ବି ଗ୍ରହଣ କରିବୁ ନାହୁଁ ବୋଲି ରବିବାର ନାଗପୁର ଠାରେ ଅନୁଷ୍ଠିତ ଭାଜପା କାର୍ଯ୍ୟକର୍ତ୍ତା ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଉପସ୍ଥିତ କର୍ମୀମାନଙ୍କୁ କହିଛନ୍ତି। ଏପରିକି ଏ ସମ୍ପର୍କରେ ଦଳର ରାଜ୍ୟ ସଭାପତି, ଜିଲା ସଭାପତିଙ୍କୁ ଅବଗତ କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ନିମାପଡ଼ା ନିର୍ବାଚନମଣ୍ଡଳୀରେ ଏବେ ଭାଜପା ଦୁଇ ଗୋଟି ହୋଇଥିବା ବେଳେ ଦଳ କନ୍ଦଳ ଦେଖାଦେଇଛି। ଏହାରି ଭିତରେ ସମୀର ଦାଶ ବିଭିନ୍ନ ସ୍ଥାନରେ ଶତାଧିକ ଦଳୀୟ କର୍ମୀ ଓ ନେତାଙ୍କୁ ନେଇ ଘନଘନ ବୈଠକ କରୁଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସିଧାସଳଖ ଲଢ଼େଇ ହେବ ବୋଲି ମଧ କହିଛନ୍ତି। ରବିବାର ନାଗପୁରଠାରେ ନାଗପୁର ପଞ୍ଚାୟତର ବରିଷ୍ଠ ଭାଜପା ନେତା ଦୁର୍ଯ୍ୟୋଧନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ



ବୈଠକରେ ପୂର୍ବତନ ମନ୍ତ୍ରୀ ସମୀର ଦାଶଙ୍କ ସମେତ ଅନ୍ୟ ଅତିଥିମାନେ ।

**ନାଗପୁର ପଞ୍ଚାୟତରେ ଭାଜପାର କାର୍ଯ୍ୟକର୍ତ୍ତା ବୈଠକ**

କାର୍ଯ୍ୟକର୍ତ୍ତା ବୈଠକରେ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ନିମାପଡ଼ା-ଗୋପର ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ନାରୀନେତ୍ରୀ କଳ୍ପନା ଦାଶ, ଗୋପ ବ୍ଲକର ଯୁବ ନେତୃତ୍ୱ ମନଦୀପ ପାଇକରାୟ, ନାଏବ ସରପଞ୍ଚ ଯଦୁମଣି ରାଉତ, ଦୀପକ କୁମାର ଦାସ, ହେମନ୍ତ ଗିରି, ପ୍ରଦିପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଦଳ କେବଳ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନେଇ ଚାଲୁଥିବା ବେଳେ ଆମମାନଙ୍କୁ ଅଣଦେଖା କରା ଯାଉଛି ବୋଲି ଅଭିଯୋଗ କରିଥିଲେ। ଏମିତିକି ପଞ୍ଚାୟତରେ ବିକାଶ ନାମରେ ବିନାଶ କରାଯାଉଥିବା ଭଳି ଅଭିଯୋଗ ଆଣିଥିବା ବେଳେ ନାଗପୁର ପଞ୍ଚାୟତରେ କିଏ ପଦପଦବୀରେ କାର୍ଯ୍ୟ କରୁଛନ୍ତି କର୍ମୀଙ୍କ ନିକଟରେ ସୂଚନା ନାହିଁ ବୋଲି ପଞ୍ଚାୟତ ନେତୃତ୍ୱ ଓ କର୍ମୀମାନେ କହିଥିଲେ। ଏହି ଦଳୀୟ କାର୍ଯ୍ୟକର୍ତ୍ତା ବୈଠକରେ ନାଗପୁର ପଞ୍ଚାୟତର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

**OFFICE OF THE REGULATED MARKET COMMITTEE, KENDRAPARA**

At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)

No.H-

**SHORT TENDER CALL NOTICE**

Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-Chairman, RMC, Kendrapara

OIPR-01580/11/0001/2526

# ଭାରତର ଶକ୍ତି ପରିବର୍ତ୍ତନ ସୁଦୃଢ଼ କରିବାକୁ ୪ ଏମ୍ଓୟୁ ସ୍ୱାକ୍ଷରିତ

## ବିଶ୍ୱ ଶକ୍ତି ନେତା ସମ୍ମିଳନୀ-୨୦୨୫ ଉଦ୍‌ଯାପିତ

ପୁରୀ, ୭।୧୨ ( ଅଜିତ୍ କୁମାର ମହାନ୍ତି )

ଭାରତର ଶକ୍ତି କ୍ଷେତ୍ରକୁ ଏକ ସ୍ୱଚ୍ଛ, ସ୍ଥିର ଏବଂ ନବସୃଜନ-ଚାଳିତ ଭବିଷ୍ୟତ ଆଡ଼କୁ ନେବା ନିହାତି ଆବଶ୍ୟକ। ଏଥିପାଇଁ ସ୍ଥାୟୀ ଓ ଅଣ-ଜୀବାଶ୍ମ ଆଧାରିତ ଶକ୍ତି ଉତ୍ସ ଉପରେ ନିର୍ଭର ହେବା ଜରୁରୀ। ଘରୋଇ ଏବଂ ସରକାରୀ ସଂସ୍ଥାନ ସହଭାଗିତାରେ ନିବେଶ ଏବଂ ଶକ୍ତି ଭିତ୍ତିଭୂମି ନିର୍ମାଣ କରାଗଲେ ଏହା ସମ୍ଭବ। ଏହି ଉଦ୍ଦେଶ୍ୟ ନେଇ ପୁରୀରେ ଦୁଇଦିନିଆ ବିଶ୍ୱ ଶକ୍ତି ନେତା ସମ୍ମିଳନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ଅକ୍ଷୟ ଶକ୍ତି, ଜିରୋ କାର୍ବନ ଏମିଶନ ଓ ଗ୍ରୀନ ଏନର୍ଜିର ବ୍ୟବହାର ବୃଦ୍ଧି ନେଇ ୪ଟି ପୃଥକ୍ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଭାରତର ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରାଯାଇପାରିବ। ଏହା ସହ ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀ ନିଜ ରାଜ୍ୟର ଶକ୍ତି ଉତ୍ପାଦନ ସମ୍ପର୍କିତ ସମସ୍ୟା ଓ ଏହାର ସମାଧାନର ସୂତ୍ର ସମ୍ପର୍କରେ ଆଲୋଚନା କରିଛନ୍ତି, ଯାହା ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଶକ୍ତି ସମ୍ପର୍କିତ ଯୋଜନା ପ୍ରଣୟନରେ ସହଯୋଗ କରିବ। ସମ୍ମିଳନୀରେ ୨ ଦିନ ମଧ୍ୟରେ ହୋଇଥିବା ଆଲୋଚନାର ନିଷ୍କର୍ଷକୁ ନେଇ ଏକ ଘୋଷଣାନାମା ପ୍ରସ୍ତୁତ ହୋଇଛି। ଏହାକୁ ସମସ୍ତ ରାଜ୍ୟକୁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ୭ ରାଜ୍ୟ ଏଥିପାଇଁ ସହମତି ଜଣାଇଥିବାବେଳେ ବଳକା ରାଜ୍ୟର ସହମତି ମିଳିବା ପରେ ଘୋଷଣାନାମାକୁ ସାର୍ବଜନୀନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ସୂଚନା ଦେଇଛନ୍ତି। ଟୋନି ବ୍ଲେର୍ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ୍‌ର ଭାରତ ମୁଖ୍ୟ ବିବେକ ଅଗ୍ରୱାଲ ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ରବିବାର ବିଶ୍ୱ ଶକ୍ତି ନେତା ସମ୍ମିଳନୀର ଉଦ୍‌ଯାପାନୀ ଦିବସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଏହି ଦୁଇଦିନିଆ ସମ୍ମିଳନୀରେ ଶକ୍ତି କ୍ଷେତ୍ରରେ ଜଡ଼ିତ ଥିବା ବିଶ୍ୱସ୍ତରୀୟ ନେତା, ଉଦ୍ୟୋଗୀ, ବିଶେଷଜ୍ଞ, ଗବେଷକ ସାମିଲ ହୋଇଥିଲେ। ଏକାଧିକ ଆଲୋଚନାଚକ୍ରରେ ସେମାନେ ନିଜର ମତ ବିନିମୟ କରିଥିଲେ। ଏହି ଆଲୋଚନା ମଧ୍ୟରେ ଅନେକ ସମସ୍ୟା ସାମ୍ନାକୁ ଆସିଥିବା ବେଳେ ଏହାର ସମାଧାନର ସୂତ୍ର ମଧ୍ୟ ବାହାରିଥିଲା, ଯାହାକି ଦେଶକୁ ଏକ ସ୍ୱଚ୍ଛ, ସ୍ଥାୟୀ ଏବଂ ନୂତନ ଶକ୍ତିର ଉତ୍ସ ପ୍ରଦାନ କରିପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାକ୍ଷରିତ ୪ଟି ପୃଥକ୍ ଏମ୍ଓୟୁ ସମ୍ପର୍କରେ ସୂଚନା ଦେଇଛନ୍ତି ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ। ତଦନୁଯାୟୀ ଏନ୍‌ଟିୟୁ ସିଙ୍ଗାପୁର, ଗ୍ରୀଡ୍‌କୋ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ରିନ୍ୟୁଏବଲ ଏନର୍ଜି ବା ଅକ୍ଷୟ ଶକ୍ତି ଉତ୍ପାଦନକୁ ନେଇ ଏକ ତ୍ରିପାକ୍ଷିକ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ସେହିଭଳି


ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷର କରାଯାଉଛି।

### ପୁରୀ ଘୋଷଣାନାମା ପ୍ରସ୍ତୁତ

ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ନିର୍ମାଣ ନେଇ ଗ୍ରୀଡ୍‌କୋ, ରିନ୍ୟୁ, ଆଇଆଇଟି ଭୁବନେଶ୍ୱର ଏବଂ ଆଭାଡା ଗ୍ରୁପ୍ ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଭାରତର ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ହୋଇପାରିଛି। ଏହି ବୁଝାମଣାପତ୍ର ଅନୁଯାୟୀ ଓଡ଼ିଶାରେ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ହୋଇପାରିବ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଏବଂ ବିକାଶ କରିବା ନିମନ୍ତେ ଏନ୍‌ଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ ଲିମିଟେଡ (ଏନ୍‌ଆଇଆର୍‌ଏଲ୍), ଓରେଡା ଏବଂ ଗେଡକଲ୍ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ହୋଇଛି। ଚତୁର୍ଥ ଏମ୍ଓୟୁ ଭାରତୀୟ ସୌର ଶକ୍ତି ନିଗମ (ଏସ୍‌ଇସିଆଇ), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି), ଗେଡକଲ୍ ଏବଂ ଓରେଡା ମଧ୍ୟରେ ହୋଇଛି। ଏହା ମାଧ୍ୟମରେ ଅକ୍ଷୟ ଶକ୍ତି ବିକାଶ ଏବଂ ସମନ୍ୱିତ ଯୋଜନା ତ୍ୱରାନ୍ୱିତ ହୋଇପାରିବ।

ଉଦ୍‌ଯାପନୀ ଦିବସରେ 'ସହଭାଗିତା' ବିଷୟବସ୍ତୁ ସମ୍ପର୍କରେ ଆଲୋଚନା ହୋଇଥିଲା। ଯାହା ଶକ୍ତି ପରିବର୍ତ୍ତନରେ ସ୍ଥାୟିତ୍ୱ, ସନ୍ତୁଳନ ଏବଂ ନବଉଦ୍ଭାବନ ଉପରେ ଧ୍ୟାନକେନ୍ଦ୍ରିତ କରିଥିଲା। ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଉପସ୍ଥିତ ଥିବାବେଳେ ମେଟ୍ରିକ୍ସ ଅଧ୍ୟକ୍ଷ ୱିଲିୟମ ମୋରିସନଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଦେଶରେ ଶକ୍ତି ପରିବର୍ତ୍ତନର ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବା ପାଇଁ ପ୍ୟାନେଲ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା, ଡିସ୍‌କମ୍ ଢାଞ୍ଚା ଅଧୀନରେ ପ୍ରଭାବଶାଳୀ ଶକ୍ତି ପରିଚାଳନାକୁ ସଫଳ ଉଦାହରଣ ଭାବେ ଉପସ୍ଥାପନ କରାଯାଇଥିଲା। ଏହି ଆଲୋଚନାରେ ସାମିଲ ଥିଲେ ଟାଟା ପାୱାରର ସିଇଓ ଡ. ପ୍ରବୀର ସିହ୍ନା, ଅରୋରା ଏନର୍ଜିର ଇଣ୍ଡିଆ ମୁଖ୍ୟ ଦେବବ୍ରତ ଘୋଷ, ଆଇଫରେଷ୍ଟର ସିଇଓ ଚନ୍ଦ୍ର ଭୂଷଣ, ଆଭାଡା ଗ୍ରୁପର ସଭାପତି ପ୍ରଶାନ୍ତ ଚୌବେ।

ନୀତି ଆୟୋଗର ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ଏଭଳି ଏକ ଶିଖର ସମ୍ମିଳନୀର ନେତୃତ୍ୱ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଶିଖର ସମ୍ମିଳନୀକୁ ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗ ପାଇଁ ଏକ ମଞ୍ଚ ଭାବରେ ବ୍ୟବହାର କରାଯିବା ଉଚିତ ବୋଲି ସେ କହିଛନ୍ତି ଏବଂ ପ୍ରତିବର୍ଷ ଏହାକୁ ଆୟୋଜନ କରିବାକୁ ଆବାହକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦିଲ୍ଲୀପ


@ ବିପିନ


@ ମୃତ୍ୟୁଞ୍ଜୟ


@ ଲିଙ୍ଗରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାତିରେ ଶିକ୍ଷକଙ୍କ ଆନ୍ଦୋଳନ


ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ ସହ ଦୁଇଦଫା ଦାବିରେ ଅହୋରାତ୍ର ଆନ୍ଦୋଳନ ଚଳାଇଥିବା ପ୍ରାଥମିକ ଶିକ୍ଷକମାନେ ରବିବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ରାସ୍ତା ଉପରେ ଶୀତ କାକରରେ ରାତି ବିତାଉଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)



## ୬ ମାସରେ ସମାଧାନ ହେବ ଶିକ୍ଷକ ସମସ୍ୟା

ଭୁବନେଶ୍ୱର, ୭।୧୨(ରବିନାରାୟଣ ଜେନା)

### ସରକାର ଗଠନ କଲେ ସ୍ୱତନ୍ତ୍ର କମିଟି

ଗାନ୍ଧୀମାର୍ଗରେ ପ୍ରାଥମିକ ଶିକ୍ଷକମାନଙ୍କ ରଣହୁଙ୍କାରକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀ ସଂଘର ଦାବି ସମାଧାନ ଲାଗି ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିର ସୁପାରିସ କ୍ରମେ ଶିକ୍ଷକସଂଘର ଦାବି ପୂରଣ ହେବ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି।

ଏସଂକ୍ରାନ୍ତରେ ଗଣଶିକ୍ଷା ବିଭାଗ ସଚିବ ଶନିବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ (କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା) ଉକ୍ତ କମିଟିର ଅଧ୍ୟକ୍ଷ ରହିଛନ୍ତି। ସେହିପରି ସନାତନ ପଣ୍ଡା, ଓଡ଼ିଶା ଶିକ୍ଷା ସେବା (ଅବସରପ୍ରାପ୍ତ) କମିଟିର ଆବାହକ ରହିଥିବାବେଳେ ଗୃହ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଶାନ୍ତନୁ କୁମାର ସାହୁ ଏବଂ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଶିକ୍ଷକ ସଂଘ ସହିତ ଆଲୋଚନା କରି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଉକ୍ତ ରିପୋର୍ଟ ଆଧାରରେ ଶିକ୍ଷକଙ୍କ ଦାବି ପୂରଣ କରାଯିବାକୁ ରହିଛି। ଅପରପକ୍ଷରେ ପ୍ରାଥମିକ ଶିକ୍ଷକମାନେ ତୃତୀୟ ଦିନପାଇଁ ରବିବାର ଆନ୍ଦୋଳନ ଜାରି ରଖିଥିଲେ।

# ମଡର୍ନ ଆର୍ଟ ଗ୍ୟାଲେରିରେ ରାଜ୍ୟସ୍ତରୀୟ ଯୁବଶିଳ୍ପୀ କର୍ମଶାଳା

ଭୁବନେଶ୍ୱର,୭।୧୨ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ଶିଳ୍ପୀ ଦିବସ ଅବସରରେ ରବିବାର ଓଡ଼ିଶା ମଡ଼ର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ରାଜ୍ୟସ୍ତରୀୟ ଯୁବଶିଳ୍ପୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଜଣ ଯୁବ ଚିତ୍ରଶିଳ୍ପୀ ଭାଗ ନେଇ ଭିନ୍ନ ଭିନ୍ନ ଛବି ମାଧ୍ୟମରେ ନିଜ ଭାବନାକୁ ପରିପ୍ରକାଶ କରିଥିଲେ। ଅତିଥି ଭାବେ ସଂସ୍କୃତି ସମୀକ୍ଷକ ଦିଲୀପ ହାଲି, ଗ୍ୟାଲେରିର ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ା, କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟ ଅଧ୍ୟାପକ ମନୋରଞ୍ଜନ ଦାସ, ଦୁଷ୍ମନ୍ତ କୁମାର ମୁଖୀ ଓ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୦ରେ ଭୁବନେଶ୍ୱରରେ ଶିକ୍ଷକ ମହାସମାବେଶ

ଭୁବନେଶ୍ୱର,୭।୧୨ (ବନ୍ଦନା ସେଠୀ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ୧୦ ତାରିଖରେ ଶିକ୍ଷକ ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ ହଜାର ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ସାମିଲ ହୋଇ କଂଗ୍ରେସ ଭବନ ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜି ଅଭିମୁଖେ ଅଗ୍ରସର ହେବେ। ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ସଭା ଅନୁଷ୍ଠିତ ହେବା ସହିତ ଅହୋରାତ୍ର ଧାରଣା ଜାରି ରହିବ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନ୍‌ସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି ଆଦି ଦାବି ପୂରଣ ନିମନ୍ତେ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘଦିନ ଧରି ଏହାର ସମାଧାନ କରାଯାଉ ନ ଥିବା ପ୍ରତିବାଦରେ ଏହି ମହାସମାବେଶ ଅନୁଷ୍ଠିତ ହେବ। ଗତ ଆନ୍ଦୋଳନ ସମୟରେ ଶିକ୍ଷକ ନେତାମାନଙ୍କ ସହିତ ହୋଇଥିବା ଆଲୋଚନାରେ ସମସ୍ୟା ସମାଧାନ ନିମନ୍ତେ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପାଳନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଇତିମଧ୍ୟରେ ଅନେକଥର ସରକାରଙ୍କ ସହ ସାକ୍ଷାତ୍ ଆଲୋଚନା ହୋଇଛି। ସରକାର ସମସ୍ୟା ସମାଧାନ ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟି, ପଲିଟିକାଲ କମିଟି ଏବଂ ସଚିବସ୍ତରୀୟ କମିଟି ଗଠନ କରିଛନ୍ତି। ୬ମାସ ପରିବର୍ତ୍ତେ ଯଥାଶୀଘ୍ର ସମସ୍ତ ବର୍ଗର ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରିବାକୁ ଦାବି କରାଯାଇଛି।

# ସମାଜର ତ୍ରୁଟି ବିଚ୍ୟୁତିକୁ କବିତାରେ ରୂପାୟିତ କରନ୍ତି ବସନ୍ତ

ଭୁବନେଶ୍ୱର, ୭।୧୨(ସୌମ୍ୟରଞ୍ଜନ ରାଉତ)

### ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ

ପ୍ରେମ ଓ ବିଦ୍ରୋହର କବି ବସନ୍ତ ମୁଦୁଲି କେବଳ ପ୍ରାଣପ୍ରାଚୁର୍ଯ୍ୟ ଓ ପ୍ରାଣ ପ୍ରବାହର କବି ନ ଥିଲେ, ସେ ଥିଲେ ଜୀବନବୋଧର ଏକ ବହ୍ନିମାନ ସୃଜନଶୀଳ ସ୍ୱାକ୍ଷର। ସମାଜର ତ୍ରୁଟି ବିଚ୍ୟୁତିକୁ ସେ ତାଙ୍କ କବିତାରେ ରୂପାୟିତ କରିବା ସହ ଏକ ସମ୍ଭାବନାମୟ ନୂଆ ସକାଳର ସ୍ୱପ୍ନରେ ବିଭୋର ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ଭଦ୍ରକ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ୩୮ତମ ସ୍ମୃତି ସମାରୋହକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି।

ସ୍ମୃତି ସଂସଦ ସଭାପତି ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିଥି ଭାବେ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଯୋଗଦେଇ କବିଙ୍କ କବିତାର ବହୁବର୍ଣ୍ଣୀ ଦିଗ ଓ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ ସଚେତନତାରେ ଉଚ୍ଛଳ ତାଙ୍କ କବିତା ବାସ୍ତବଭଙ୍ଗୀ ଦୃଷ୍ଟିକୋଣ ଯୋଗୁ ଚିର ଅମଳିନ ବୋଲି ସେମାନେ କହିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ କବି ଅମରେନ୍ଦ୍ର ମାଧବ ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ବସନ୍ତ ମୁଦୁଲି କବିତା ପୁରସ୍କାର' ସ୍ୱରୂପ ଅଙ୍ଗବସ୍ତ୍ର, ଉପାୟନ ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଟାଇମ୍ ପାସ ପକ୍ଷରୁ ଡ. ବ୍ରଜମୋହନ ମିଶ୍ରଙ୍କ ଅନୁବାଦିତ ଇଂଲିଶ ପୁସ୍ତକ 'ସିଲେକ୍ଟେଡ ପୋଏମ୍ସ ଅଫ୍ ବସନ୍ତ ମୁଦୁଲି' ଓ କବି ବସନ୍ତ ମୁଦୁଲି ପୁରସ୍କାରପ୍ରାପ୍ତ ୪୦ଜଣ କବିଙ୍କ କବିତାକୁ ନେଇ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦିତ 'ଚିହ୍ନା ଚାଳିଶ' ସହ କବିଙ୍କ କବିତାର ଇଂଲିଶ ସଂକଳନ 'ଉଇଲ ରାଇଜ୍ ଲାଇକ୍ ଏ ଫୋଏନିକ୍ସ' ଏବଂ ଶତୋ ରାଉତଙ୍କ ପୁସ୍ତକ 'ପୁଷ୍ପବିତାନ' ଉନ୍ମୋଚିତ ହୋଇଥିଲା। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


କବି ବସନ୍ତ ମୁଦୁଲିଙ୍କ ୩୮ତମ ସ୍ମୃତି ସମାରୋହରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

# ଧାନଖରି ଜାଳିଦେଲେ ଦୁର୍ବୃତ୍ତ



ଚାଷୀଙ୍କ ଧାନଖରି ଜଳିଯାଉଛି।

ଦେଓଗାଁ, ୭।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉଡାର ଗାଁରେ ରବିବାର ଜନୈକ ଚାଷୀଙ୍କ ଧାନଖରିକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି । ଗାଁର ଗୋବିନ୍ଦ ପଧାନ ତାଙ୍କ ଅମଳ ଧାନକୁ ମଡାଇବା ପାଇଁ ଖଳାରେ ଖରି ଆକାରରେ ରଖିଥିଲେ । ରବିବାର ପ୍ରାତଃ ସମୟରେ କେହି ଉକ୍ତ ଧାନଖରିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଗୋବିନ୍ଦ ଖଳାରେ ପହଞ୍ଚିଲାବେଳକୁ ନିଆଁ ଚାରିପଟେ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବାବେଳକୁ ଧାନସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏବେ ବର୍ଷକର କଷ୍ଟୋପାର୍ଜିତ ଫସଲକୁ ହରାଇ ଗୋବିନ୍ଦଙ୍କ ପରିବାର ଚିନ୍ତାରେ ପଡ଼ିଥିବା ପ୍ରକାଶ କରିଛନ୍ତି। ଏ ଦିଗରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଚାଷୀ ବର୍ଷକର ଅମଳ ହରାଇଥିବାରୁ ଏ ଦିଗରେ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଯୁବକଙ୍କୁ ହତ୍ୟା ସନ୍ଦେହ

କନ୍ଧମାଳ, ୭।୧୨ (ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ପୋଖରୀ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ (୪୫)। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମନମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କୈବଲ୍ୟ ବୁକୁରାମୁଣ୍ଡା-ଜୟଦପୁର ମଧ୍ୟରେ ଥିବା ଏକ ଠିକା ସଂସ୍ଥା କ୍ୟାମ୍ପରେ ରୋଷେୟା କାମ କରିଆସୁଥିଲେ। କାମ ସରିବା ପରେ ସବୁଦିନ ରାତିରେ ସେ ଘରକୁ ଫେରିଥାନ୍ତି। କିନ୍ତୁ ଶନିବାର ରାତିରେ କୈବଲ୍ୟ ଘରକୁ ଫେରି ନ ଥିଲେ। ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଗୋହିପିଟା ପୋଖରୀ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ କୈବଲ୍ୟଙ୍କର ବୋଲି ଚିହ୍ନଟ କରିଥିଲେ। ତାଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ କେହି ପଥରରେ ଛେଚି ହତ୍ୟା କରିଛନ୍ତି। ହତ୍ୟା ପରେ କୈବଲ୍ୟଙ୍କ ବାଇକ୍ ଓ ମୋବାଇଲ ଲୁଟ୍ ହୋଇଛି। ଲୁଟ୍ ପାଇଁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରି କୈବଲ୍ୟଙ୍କ ଭାଇ ଘୁଣ୍ଟୁ ପ୍ରଧାନ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ପର୍ଯ୍ୟଟନ ସ୍ଥଳରେ ନାବାଳିକାଙ୍କୁ ଅସଦାଚରଣ, ୨ ଗିରଫ

ପାରଳାଖେମୁଣ୍ଡି,୭।୧୨ (ଗିରିଧାରୀ ପରିଚ୍ଛା)



ଗିରଫ ୨ ଅଭିଯୁକ୍ତ।

ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ଜଣେ ନାବାଳିକା ରବିବାର ଅସଦାଚରଣର ଶିକାର ହୋଇଛନ୍ତି। ଏନେଇ ଅଭିଯୋଗ ପରେ ସମ୍ପୃକ୍ତ ୨ ଯୁବକ ଗିରଫ ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ଅନ୍ତର୍ଗତ ଗୋକର୍ଣ୍ଣପୁରମ୍‌ର ଡି. ନରେଶ ଓ ଏସ. ହରିଶ। ଉଭୟେ ପର୍ଯ୍ୟଟକ ରୂପେ ଏହି ଜଳପ୍ରପାତକୁ ବୁଲି ଆସିଥିଲେ। ଗଣ୍ଡାହାତୀ ଗ୍ରାମାଞ୍ଚଳର ଜଣେ ନାବାଳିକା ସ୍ନାନ ଶୌଚ ପାଇଁ ଜଳପ୍ରପାତକୁ ଅପରାହ୍ନ ୧ଟାରେ ଯାଇଥିଲେ। ଏହି ସମୟରେ ଡି.ନରେଶ ଓ ଏସ. ହରିଶ ନାବାଳିକାଙ୍କ ଚୁଟି ଟାଣିଧରି ପାଟି ଚାପି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଗ୍ରାମର କେତେଜଣ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେଠାରୁ ସେମାନେ ଉଭୟଙ୍କୁ ଧରି ଗାରାବନ୍ଧ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଅସଦାଚରଣ କରିଥିବା ଡି. ନରେଶ ଓ ଏସ. ହରିଶଙ୍କୁ ଗିରଫ କରିଥିଲା। ଏନେଇ ନଂ. ୧୦୬/୨୫ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରତାପ ବେହେରା କହିଛନ୍ତି।

# ଶୁଳିଆ ପାହାଡ଼ରୁ ମୃତଦେହ ଜବତ

## ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ସନ୍ଦେହ

ଖଲ୍ଲିକୋଟ,୭।୧୨ (ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଟିକିଲି ନିକଟସ୍ଥ ମେଦିପୁର-ଆଲପୁର ରାସ୍ତାର ଶୁଳିଆ ପାହାଡ଼ରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ରବିବାର ଜବତ ହୋଇଛି। ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ପରିଚୟ ମିଳିନାହିଁ। ସକାଳ ସାଢେ ୯ଟାରେ ମେଦିପୁର-ଆଲପୁର ରାସ୍ତା ଦେଇ କେତେଜଣ ବ୍ୟକ୍ତି ଯାଉଥିବା ବେଳେ ଶୁଳିଆ ପାହାଡ଼ ଆଡୁ ଦୁର୍ଗନ୍ଧ ଆସୁଥିବା ଜାଣି ସେଠାକୁ ଯାଇଥିଲେ। ସେଠାରେ ଖାଲୁଆ ସ୍ଥାନରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ, ଏସ୍‌ଆଇ ପିଙ୍କିନି ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହଟି ୩/୪ ଦିନ ତଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ମୃତ ବ୍ୟକ୍ତିଙ୍କ ଶରୀରରେ ବିଭିନ୍ନ ଆଘାତ ଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଅଢ଼େଇ କୁଇଣ୍ଟାଲ ଗଞ୍ଜେଇ ଜବତ

### କାର୍ ଜବତ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୧୨ (ସତ୍ୟଜିତ ରାଉତ)

ପାହାଳ ନିକଟ ୧୬ ନଂ. ଜାତୀୟ ରାଜପଥରରୁ ପୋଲିସ ରବିବାର ୨ କୁଇଣ୍ଟାଲ ୫୨ କେଜି ଗଞ୍ଜେଇ ଭର୍ତ୍ତି ଏକ ଟାଟା ୱିଙ୍ଗର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ବୁଟୁପାଲି ଗ୍ରାମର ରମେଶ ମେହେର। ଜବତ ଗଞ୍ଜେଇ ମୂଲ୍ୟ ୩ ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତ ଜଣକ ବୌଦ୍ଧରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ପାହାଳ ଥାନା ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ଏନେଇ ପାହାଳ ଥାନା ପକ୍ଷରୁ ଏକ ମାମଲା (ନଂ. ୪୬୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ରମେଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଲୁହାରଡ଼ରେ ଆକ୍ରମଣ: ମା’,ବାପା, ପୁଅ ଗୁରୁତର

■ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

■ପୋଲିସକୁ ଘେରିଲେ ଲୋକେ

ବଇଣ୍ଡା,୭।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁର୍ଣ୍ଣିବାସପୁର ଗ୍ରାମରେ ମା’ ବାପା ଓ ପୁଅଙ୍କୁ ୩ ଜଣ ଲୁହାରଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ସୂଚନା ଅନୁଯାୟୀ, କୁର୍ଣ୍ଣିବାସପୁର ଗ୍ରାମର ଛବି ରଣା (୪୮), ସ୍ତ୍ରୀ ଶୈଳବାଳା (୪୨) ଓ ପୁଅ ସିଦ୍ଧାନ୍ତ(୨୫)ଙ୍କୁ ଜରପଡ଼ା ଅଞ୍ଚଳର ୩ଜଣ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ନାକିଚି-ଠାକୁରଗଡ଼ ପୂର୍ତ୍ତ ବିଭାଗ ରାସ୍ତାର କୁର୍ଣ୍ଣିବାସପୁରଠାରେ ରାସ୍ତାରୋକୋ କରିଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, କୁର୍ଣ୍ଣିବାସପୁର ଗ୍ରାମ ହାଇସ୍କୁଲ ଛକ ନିକଟରେ ଛବି ଏକ ସାଇକେଲ ଦୋକାନ କରିଛନ୍ତି। ଉକ୍ତ ଜାଗାକୁ ଜରପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର କହୁଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗୁଥିଲା। ରବିବାର ଉକ୍ତ ବ୍ୟକ୍ତି ୫ ଟ୍ରିପ୍ ମୋରମ ଆଣି ଦୋକାନ ସମ୍ମୁଖରେ ଗଦା କରିଥିଲେ। ଏନେଇ ଶୈଳବାଳା ଓ ସିଦ୍ଧାନ୍ତ ପ୍ରତିବାଦ କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ତାଙ୍କର ସହଯୋଗୀଙ୍କ ସହ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ଠାକୁରଗଡ଼ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। କିନ୍ତୁ ଉତ୍ତେଜିତ ଲୋକେ ପୋଲିସକୁ ଘେରାଉ କରିଥିଲେ। ପରେ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

Business

# ଜନଧନ ଆକାଉଣ୍ଟରେ ୨.୭୪ ଲକ୍ଷ କୋଟି ଜମା

## ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ି ହୋଇଛନ୍ତି ୫୭ କୋଟି ଲୋକ

ଭୁବନେଶ୍ୱର,୭।୧୨ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଦେଶରେ ବ୍ୟାଙ୍କିଙ୍ଗ ସେବା ସହିତ ଜଡିତ ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ମାଧ୍ୟମରେ ପ୍ରାୟ ୫୭.୧୧ କୋଟି ଆକାଉଣ୍ଟ ଖୋଲାଯାଇଛି ଏବଂ ଏହି ଆକାଉଣ୍ଟଗୁଡ଼ିକରେ ମୋଟ ଜମା ୨.୭୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଯୋଜନାର ସରକାରୀ ୱେବସାଇଟରେ ପ୍ରକାଶିତ ସଦ୍ୟତମ ତଥ୍ୟରେ ଏହି ସୂଚନା ପ୍ରକାଶ ପାଇଛି। ଏହି ସରକାରୀ ଯୋଜନା ଯୋଗୁ, ପ୍ରତ୍ୟେକ ଗାଁରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚିଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ପ୍ରାୟ ୧୩.୫୫ ଲକ୍ଷ ବ୍ୟାଙ୍କ ମିତ୍ର ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି, ଶାଖା ନଥିବା ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରୁଛନ୍ତି। ଏହି ବ୍ୟାଙ୍କ ମିତ୍ରମାନେ ଗ୍ରାମ ଏବଂ ଦୁର୍ଗମ ଅଞ୍ଚଳ ଗସ୍ତ କରି ଆକାଉଣ୍ଟ ଖୋଲିବା, ଜମା କରିବା ଏବଂ ଟଙ୍କା ଉଠାଣ ଭଳି ସେବା ପ୍ରଦାନ କରନ୍ତି। ଏକ କାର୍ଯ୍ୟକ୍ରମରେ ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁ କହିଛନ୍ତି ଯେ, ଜନଧନ ଆକାଉଣ୍ଟରେ ହାରାହାରି ବାଲାନ୍ସ ବର୍ତ୍ତମାନ ପ୍ରାୟ ୪,୮୧୫କୁ ବୃଦ୍ଧି ପାଇଛି। ଏହା ସୂଚାଇଥାଏ ଯେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁନାହାନ୍ତି ବରଂ ନିୟମିତ ଭାବରେ ସେଥିରେ ସଞ୍ଚୟ ମଧ୍ୟ କରୁଛନ୍ତି। ସେ କହିଛନ୍ତି, ସରକାର ଚଳିତ ଆର୍ଥିକ ବର୍ଷରେ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରାୟ ୩.୬୭ ଲକ୍ଷ କୋଟି ଟଙ୍କା ଲୋକଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରଥମ ଥର ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଯୋଡ଼ିଥିଲା। ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ୫୭୦ ନିୟୁତରୁ ଅଧିକ ଲୋକ ବ୍ୟାଙ୍କିଙ୍ଗ ସେବାରୁ ଉପକୃତ ହେଉଛନ୍ତି। ତଥ୍ୟ ଅନୁଯାୟୀ, ପ୍ରାୟ ୬୮.୨ ପ୍ରତିଶତ ଜନଧନ ଆକାଉଣ୍ଟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଅଛି। ଏହି ଆକାଉଣ୍ଟଗୁଡ଼ିକରେ ପ୍ରାୟ ୫୦ ପ୍ରତିଶତ ମହିଳା, ଯାହା ସୂଚାଇଥାଏ ଯେ ମହିଳାମାନେ ଅଧିକ ଆର୍ଥିକ ଭାବରେ ସଶକ୍ତ ହେଉଛନ୍ତି। ଏହା ସେମାନଙ୍କର ସଞ୍ଚୟ ଏବଂ ସରକାରୀ ଯୋଜନାଗୁଡ଼ିକର ସିଧାସଳଖ ପ୍ରବେଶକୁ ସହଜ କରିଛି। ଭାରତର ଆର୍ଥିକ ଅନ୍ତର୍ଭୁକ୍ତି ସୂଚକାଙ୍କ ମାର୍ଚ୍ଚ ୨୦୨୫ ସୁଦ୍ଧା ୬୭ରେ ପହଞ୍ଚିଛି, ଯାହା ଦେଶରେ ବ୍ୟାଙ୍କିଙ୍ଗ, ବୀମା, ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସେବାର ପ୍ରବେଶ ଏବଂ ବ୍ୟବହାରରେ ସ୍ଥିର ଉନ୍ନତିକୁ ସୂଚିତ କରୁଛି। ଏହି ସୂଚକାଙ୍କ ୯୭ଟି ଭିନ୍ନ ମାନଦଣ୍ଡ ଉପରେ ଆଧାରିତ, ଯେଉଁଥିରେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁଛନ୍ତି କି ପ୍ରକୃତରେ ଏହି ସେବାଗୁଡ଼ିକୁ ବ୍ୟବହାର କରୁଛନ୍ତି ତାହା ସୂଚାଉଛି। ସାମଗ୍ରିକ ଭାବରେ ଜନଧନ ଯୋଜନା ସାଧାରଣ ନାଗରିକ, ବିଶେଷକରି ଗ୍ରାମୀଣ ଏବଂ ଗରିବ ବର୍ଗଙ୍କୁ ମୁଖ୍ୟଧାରାର ବ୍ୟାଙ୍କିଙ୍ଗ ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଭବିଷ୍ୟତରେ ଏହା ଆହୁରି ବିସ୍ତାର ଲାଭ କରିବ ବୋଲି ଆଶା କରାଯାଉଛି।

## ମହଙ୍ଗା ହେବ ଲାପଟପ୍, ସ୍ମାର୍ଟଫୋନ୍

ଭୁବନେଶ୍ୱର,୭।୧୨

କିଛି କମ୍ପାନୀ ମେମୋରୀ ଚିପ୍ ଉତ୍ପାଦନ ବର୍ଗରୁ ଓହରି ଯିବା ଯୋଗୁଁ ଏହାର ଉତ୍ପାଦନ ଯାହା ହ୍ରାସ ପାଇବ। ଫଳରେ ୨୦୨୬ରେ ମେମୋରୀ ଚିପ ଅଭାବ ଆଶଙ୍କା କରାଯାଉଛି। କିଛି ଦିନ ଧରି ମେମୋରୀ ଚିପ ମୂଲ୍ୟ ବୃଦ୍ଧି ପାଉଛି ଏବଂ ଡାଇନାମିକ ରାଣ୍ଡମ ଆକ୍ସେସ ମେମୋରି ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ ହୋଇସାରିଛି। ଫଳସ୍ୱରୂପ ଡେସ୍କଟପ, ଲାପଟପ ଏବଂ ସ୍ମାର୍ଟଫୋନ ଭଳି ମେମୋରୀ ଚିପ ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକ ମହଙ୍ଗା ହେବ ବୋଲି ଆକଳନ କରାଯାଉଛି। ଡେଲ, ଆସସ, ଲିନୋଭୋ, ଏବଂ ଏଚ୍‌ପି ଭଳି କମ୍ପାନୀ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କମ୍ପାନୀଗୁଡ଼ିକ ଏବେ ଏଆଇ ଏଣ୍ଟରପ୍ରାଇଜ କମ୍ପାନୀଗୁଡ଼ିକର ଚାହିଦା ପୂରଣ କରିବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ସ୍ମାର୍ଟଫୋନ ଏବଂ ଅନ୍ୟାନ୍ୟ ଡିଭାଇସ ପାଇଁ ଚିପ୍‌ର ଅଭାବ ଦେଖାଦେବ। କମ୍ପାନୀଗୁଡ଼ିକ ଏବେ ଚିପ୍ କିଣିବା ପାଇଁ ଅଧିକ ଖର୍ଚ୍ଚ କରିବେ ଏବଂ ସେମାନେ ଏହି ବୋଝ ସେମାନଙ୍କ ଗ୍ରାହକମାନଙ୍କ ଉପରେ ପଡ଼ିବ।

## ଆଧାର ଫଟୋକପି ରଖୁଥିବା ସଂସ୍ଥା ଉପରେ ଲାଗିବ ଅଙ୍କୁଶ

ଭୁବନେଶ୍ୱର,୭।୧୨

ଆଧାର କାର୍ଡର ଫଟୋକପି ନେଇ ଗ୍ରାହକଙ୍କ ତଥ୍ୟ ରଖୁଥିବା ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ସଂସ୍ଥା ଉପରେ ଅଙ୍କୁଶ ଲାଗିବ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ(ୟୁଆଇଡିଏଆଇ) ଏନେଇ ଖୁବ୍‌ଶୀଘ୍ର ନୂଆ ନିୟମ ଜାରି କରିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଆଧାର କାର୍ଡର ଫଟୋକପି ରଖିବା ବର୍ତ୍ତମାନର ଆଧାର ଆଇନର ଉଲ୍ଲଂଘନ। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ କୁମାର କହିଛନ୍ତି, ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ଅଫଲାଇନ୍ ଆଧାର ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ କରୁଥିବା ନୂଆ ନିୟମକୁ ଅଥରିଟି ଅନୁମୋଦନ କରିସାରିଛି ଏବଂ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ନିୟମ ଅନୁଯାୟୀ, ଅଫ୍ ଲାଇନ୍ ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ପଞ୍ଜୀକୃତ ହେବାକୁ ପଡ଼ିବ ଏବଂ ସେମାନଙ୍କୁ ଏକ ନୂଆ ଟେକ୍ନୋଲୋଜି ଯୋଗାଇ ଦିଆଯିବ, ଯାହା ଦ୍ୱାରା କ୍ୟୁଆର୍ କୋଡ୍ ସ୍କାନ୍ କରି କିମ୍ବା ନୂଆ ଆଧାର ଆପ(ନିର୍ମାଣାଧୀନ) ସହିତ ସଂଯୋଗ କରି ବ୍ୟକ୍ତିଙ୍କ ଆଧାର ଯାଞ୍ଚ କରାଯାଇପାରିବ। ଏହି ନିୟମ କେବଳ କାଗଜଭିତ୍ତିକ ଆଧାର ଯାଞ୍ଚକୁ ରୋକିବ ନାହିଁ ବରଂ ସର୍ଭରର ଡାଉନଟାଇମ ଯୋଗୁ ହେଉଥିବା ଅସୁବିଧା ମଧ୍ୟ ଦୂର ହେବ। ପଞ୍ଜୀକୃତ ହୋଇଥିବା ସଂସ୍ଥାଗୁଡ଼ିକୁ ଏପିଆଇ ଯୋଗାଇ ଦିଆଯିବ, ଯାହା ଦ୍ୱାରା ସେମାନେ ନିଜ ସିଷ୍ଟମକୁ ଅପଡେଟ୍ କରି ଅଫଲାଇନ୍ ଯାଞ୍ଚ କରିପାରିବେ। ୟୁଆଇଡିଏଆଇ ବର୍ତ୍ତମାନ ଏକ ନୂଆ ଆପର ବିଟା ଟେଷ୍ଟିଙ୍ଗ କରୁଛି, ଯାହା ଆପ-ଟୁ-ଆପ ଯାଞ୍ଚ ସୁବିଧା ଦେବ ଏବଂ ପ୍ରତ୍ୟେକ ଥର କେନ୍ଦ୍ରୀୟ ଆଧାର ଡାଟାବେସ ସହିତ ସଂଯୋଗ କରିବାର ଆବଶ୍ୟକତା ରହିବ ନାହିଁ। ଏହି ଆପ ବିମାନବନ୍ଦର, ଦୋକାନ ଆଦି ସ୍ଥାନରେ ବ୍ୟବହାର ହୋଇପାରିବ। ଏହା ବ୍ୟବହାରକାରୀଙ୍କ ଗୋପନୀୟତା ଓ ଆଧାର ତଥ୍ୟ ଲିକ ହେବାର ବିପଦକୁ ରୋକିବ ବୋଲି କୁମାର କହିଛନ୍ତି। ଆଗକୁ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନ ଅନୁଯାୟୀ ଆଧାର ଯାଞ୍ଚ ସେବାକୁ ଆହୁରି ସୁଦୃଢ଼ କରିବ। ଏଥିରେ ବ୍ୟବହାରକାରୀ ନିଜ ଠିକଣା ପ୍ରମାଣପତ୍ର ଅପଡେଟ କରିପାରିବେ ଏବଂ ମୋବାଇଲ ନଥିବା ପରିବାର ସଦସ୍ୟଙ୍କୁ ମଧ୍ୟ ଯୋଡ଼ି ପାରିବେ।

# ଟିପିସିଓଡିଏଲ୍ ଷ୍ଟଲ୍ ପରିଦର୍ଶନ କଲେ ୩ ଅଲିମ୍ପିଆନ




ଭୁବନେଶ୍ୱର,୭।୧୨ (ଅନୁରାଧା ମହାରଣା)

କଳିଙ୍ଗ ଷ୍ଟାଡିୟମ ପରିସରରେ ଟିପିସିଓଡିଏଲ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା ସମ୍ପର୍କିତ ଏକ ଷ୍ଟଲ ଲାଗିଛି। ଅଲିମ୍ପିୟାନ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଶ୍ରାବଣୀ ନନ୍ଦ ଓ ଦୀପଗ୍ରେସ ଏକ୍କା ଏହି ଷ୍ଟଲ ପରିଦର୍ଶନ କରିବା ସହ ରୁଫ୍‌ଟପ ସୋଲାର ସ୍ଥାପନ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ଏକ ଭଲ ସ୍କିମ୍, ସମସ୍ତେ ଏହି ଯୋଜନାରେ ସାମିଲ ହୋଇ ନିଜ ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିବା ସହ ସରକାରଙ୍କ ସବ୍‌ସିଡିର ଲାଭ ଉଠାଇପାରିବେ ବୋଲି ସେମାନେ ମତ ଦେଇଛନ୍ତି । ଏହି ଅବସରରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ମଧ୍ୟ ଷ୍ଟଲ ବୁଲିବା ସହ ଏହି ଯୋଜନା ମାଧ୍ୟମରେ କିପରି ସୁଲଭ ମୂଲ୍ୟରେ ଓ ସହଜରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇପାରିବ ସେ ବିଷୟରେ ବୁଝିଥିଲେ । ସୂଚନାଥାଉକି, ଉପଭୋକ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡି ସୁବିଧାର ଲାଭ ଉଠାଇ ଏହି ଯୋଜନାରେ ସାମିଲ ହୋଇପାରିବେ। ମାତ୍ର ୫୦୦୦ ଟଙ୍କାରେ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା - ୟୁଏଲ୍‌ଏ ମଡେଲ ମାଧ୍ୟମରେ ୧ କିଲୋୱାଟ ରୁଫ୍‌ଟପ ସୋଲାର ସ୍ଥାପନ କରିପାରିବେ। ସୋଲାର ମଡ୍ୟୁଲ ଉପରେ ୨୫ ବର୍ଷର ୱାରେଣ୍ଟି ଉପଲବ୍ଧ । ଡିସକମ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟରେ ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ସେବା କରାଯିବ ।

# ବିକ୍ରି, ମାର୍ଜିନ୍ ବୃଦ୍ଧି ଆଶାରେ ରଙ୍ଗ କମ୍ପାନୀ

ଭୁବନେଶ୍ୱର,୭।୧୨



ଦେଶର ପ୍ରମୁଖ ରଙ୍ଗ ଉତ୍ପାଦକ କମ୍ପାନୀଗୁଡ଼ିକ ଚଳିତ ତୃତୀୟ ତ୍ରୟମାସରେ (ଅକ୍ଟୋବର-ଡିସେମ୍ବର) ବିକ୍ରି ଓ ମାର୍ଜିନ ବୃଦ୍ଧିଆଶା କରୁଛନ୍ତି। କଞ୍ଚାମାଲର ମୂଲ୍ୟ ସ୍ଥିର ରହିବା ଯୋଗୁ ମୁନାଫା ମାର୍ଜିନ ମଧ୍ୟ ଉନ୍ନତ ହେବ ବୋଲି ସେମାନେ ଆଶାବାଦୀ। ତଥାପି ନୂଆ କମ୍ପାନୀଙ୍କ ପ୍ରବେଶ ଯୋଗୁ ବଜାରରେ ପ୍ରତିଯୋଗିତା ଆଗାମୀ ଦିନରେ ତୀବ୍ର ରହିପାରେ। ଏସିଆନ ପେଣ୍ଟ୍ସ, କାନସାଇ ନେରୋଲାକ, ବର୍ଗର ପେଣ୍ଟ୍ସ ଓ ଆକ୍ସୋନୋବେଲ ଇଣ୍ଡିଆ ଭଳି କମ୍ପାନୀଗୁଡ଼ିକ ନିକଟରେ ହୋଇଥିବା ଇନଭେଷ୍ଟର କଲରେ କହିଛନ୍ତି ଯେ, ଦୀର୍ଘ ମୌସୁମୀ ବର୍ଷା ଯୋଗୁ ଦ୍ୱିତୀୟ ତ୍ରୟମାସରେ ବିକ୍ରି ପ୍ରଭାବିତ ହୋଇଥିଲା। ତଥାପି ସେପ୍ଟେମ୍ବରଠାରୁ ବିକ୍ରିରେ ସୁଧାର ଦେଖାଯାଇଛି ଏବଂ ନଭେମ୍ବର-ଡିସେମ୍ବରରେ ଏହା ଆହୁରି ବଢ଼ିବ। ଏସିଆନ ପେଣ୍ଟ୍ସର ଏମ୍‌ଡି ଓ ସିଇଓ ଅମିତ ସିଙ୍ଗଲ କହିଛନ୍ତି, ସେପ୍ଟେମ୍ବର ଓ ଅକ୍ଟୋବରରେ ବଜାରରେ ଗ୍ରୀନ ସୁଟ୍ସ ଦେଖାଯାଇଛି। ଭଲ ମୌସୁମୀ ବର୍ଷା, ବିବାହ ସିଜନ ଓ ଜିଏସ୍‌ଟି ସଂଶୋଧନ ଯୋଗୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟରେ ଚାହିଦା ବଢ଼ିବ। ତଥାପି ଆଗାମୀ ୩-୬ ମାସ ପାଇଁ ଆମେ ସତର୍କ ରହିବୁ। ପ୍ରତିଯୋଗିତା ତୀବ୍ର ରହିବ। କାନସାଇ ନେରୋଲାକର ଏମ୍‌ଡି ପ୍ରବୀଣ ଚୌଧୁରୀ କହିଛନ୍ତି, ନଭେମ୍ବର-ଡିସେମ୍ବରରେ ଚାହିଦାରେ ଉନ୍ନତି ହେବ। ଚତୁର୍ଥ ତ୍ରୟମାସ ଡେକୋରେଟିଭ ଓ ଇଣ୍ଡଷ୍ଟ୍ରିଆଲ ଉଭୟ ସେଗମେଣ୍ଟରେ ଅଧିକ ବୃଦ୍ଧି ଦେଖାଯିବ। ଆମେ ମୁନାଫାହୀନ ଉତ୍ପାଦରେ ନଯାଇ ଠିକ୍ ବିନିଯୋଗ କରି ବଜାର ଅଂଶ ସୁରକ୍ଷିତ ରଖିବୁ। ବର୍ଗର ପେଣ୍ଟ୍ସର ଏମଡି ଓ ସିଇଓ ଅଭିଜିତ ରାୟ କହିଛନ୍ତି, ନୂଆ କମ୍ପାନୀଙ୍କ ପ୍ରଭାବ କମିବ ଏବଂ ବର୍ତ୍ତମାନର ପ୍ରତିଯୋଗୀଙ୍କ ଉପରେ ଚାପ ହ୍ରାସ ପାଇବ। ଆକ୍ସୋନୋବେଲ ଇଣ୍ଡିଆର ସିଏମ୍‌ଡି ରାଜୀବ ରାଜଗୋପାଳ କହିଛନ୍ତି, ନୂଆ ପ୍ରବେଶକାରୀଙ୍କ ଯୋଗୁ ବଡ଼ ଡିସ୍କାଉଣ୍ଟ ହେବା ପରେ ବଜାରରେ ସଞ୍ଚୟୀ ଭାବେ ୧.୫-୨ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି। ଆଗାମୀ ତ୍ରୟମାସରେ ଭଲ୍ୟୁମରେ ଓ ରେଭିନ୍ୟୁରେ ବୃଦ୍ଧି ଆଶା କରୁଛୁ। ଗତ ୫-୬ ବର୍ଷ ମଧ୍ୟରେ ପିଡିଲାଇଟ (ହାଇଶା ପେଣ୍ଟସ), ଗ୍ରାସିମ (ବିର୍ଲା ଓପସ) ଓ ଜେଏସଡବ୍ଲ୍ୟୁ ପେଣ୍ଟସ ଭଳି ନୂଆ କମ୍ପାନୀ ବଜାରକୁ ପ୍ରବେଶ କରିଛନ୍ତି। ତଥାପି ଏସିଆନ ପେଣ୍ଟସ, ବର୍ଗର, କାନସାଇ ନେରୋଲାକ ଓ ଆକ୍ସୋନୋବେଲ ମିଶାଇ ବଜାରର ୭୫ ପ୍ରତିଶତରୁ ଅଧିକ ଅଂଶ ନିୟନ୍ତ୍ରଣ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ବାରବାଟୀ ଟି୨୦ ପାଇଁ ରବିବାର ଭୁବନେଶ୍ୱରରେ (ବାମରୁ) ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରାମ, ଟେମ୍ବା ବଭୁମା, ଟୋନି ଡି ଜର୍ଜି, ଭାରତର ତିଲକ ବର୍ମା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

# ଆଇନଶୃଙ୍ଖଳା, ଖେଳାଳି ଓ ଦର୍ଶକଙ୍କ ସୁରକ୍ଷାକୁ ଗୁରୁତ୍ୱ

## ୫୦ ପ୍ଲାଟୁନ୍ ଫୋର୍ସ, ୩୦୦ ଅଧିକାରୀ ମୁତୟନ ହେବେ

କଟକ, ୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ମ୍ୟାଚ୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବା ପୂର୍ବରୁ ରବିବାର ଷ୍ଟାଡିୟମ ପରିସରରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ବ୍ରିଫିଙ୍ଗ୍ କରାଯାଇଛି।

ବାରବାଟୀରେ ଟି-୨୦ ମ୍ୟାଚ୍‌ରେ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଷ୍ଟାଡିୟମକୁ ପ୍ରବେଶ ସମୟରେ ଯେପରି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଦିଗରେ ଧ୍ୟାନ ଦିଆଯିବ। ଦର୍ଶକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ପୋଲିସ କମିଶନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଷ୍ଟାଡିୟମ ଭିତର ଓ ବାହାର ସୁରକ୍ଷା ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଓ ୩୦୦ ଅଧିକାରୀ ମୁତୟନ ରହିବେ। ଏଥିସହ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ପ୍ରାୟ ୨୫ ପ୍ଲାଟୁନ୍ ଫୋର୍ସ ଖେଳାଳିଙ୍କ ସୁରକ୍ଷାରେ ନିୟୋଜିତ ହେବେ। ହୋଟେଲରୁ ଷ୍ଟାଡିୟମକୁ ଉଭୟ ଦଳର ଖେଳାଳିମାନେ ଆସି ପହଞ୍ଚିବା ଲାଗି ସ୍ୱତନ୍ତ୍ର ଭାବେ ରୁଟ୍ ପ୍ଲାନିଂ କରାଯାଇଛି। ଖେଳାଳି ଆସିବା ସମୟରେ ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଅଭ୍ୟାସ ସମୟରେ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ମ୍ୟାଚ୍ ସମୟ ସନ୍ଧ୍ୟା ୭ଟା ରହିଥିବାବେଳେ ଦର୍ଶକମାନେ ଏହାର ୩ରୁ ୪ ଘଣ୍ଟା ପୂର୍ବରୁ ଆସିବା ଲାଗି ପୋଲିସ କମିଶନର ନିବେଦନ କରିଛନ୍ତି। ଭିଆଇପି, ଭିଭିଆଇପି, ସାଧାରଣ ଦର୍ଶକ ଓ ପାସ୍‌ଧାରୀ ବ୍ୟକ୍ତି କିପରି ଷ୍ଟାଡିୟମକୁ ପ୍ରବେଶ କରିବେ, ସେନେଇ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। କିଏ କେଉଁ ପଟେ ଯାନବାହନ ରଖି ଷ୍ଟାଡିୟମକୁ ଯିବେ ସେନେଇ ମଧ୍ୟ କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

| ପାର୍କିଂ ସ୍ଥଳ | ପ୍ରବେଶ ପଥ | କାହାପାଇଁ |
|---|---|---|
| ୧. ବାଲିଯାତ୍ରା ଉପର ପଡ଼ିଆ | ରିଂ ବନ୍ଧ | ଭିଆଇପି |
| ୨. ବାଲିଯାତ୍ରା ତଳ ପଡ଼ିଆ | ରିଂ ବନ୍ଧ | ସାଧାରଣ ଦର୍ଶକ |
| ୩. କ୍ରିକେଟ୍ ଏକାଡେମୀ ପଡ଼ିଆ | ୱାଇଏମ୍‌ସିଏ ରାସ୍ତା | ଓସିଏ ସଦସ୍ୟ/ମାନ୍ୟଗଣ୍ୟ ବ୍ୟକ୍ତି |
| ୪. ଅଶ୍ୱଦ୍ୱାର ସାମ୍ନା ତିନିକୋଣିଆ ସ୍ଥାନ | କିଲ୍ଲାଫୋର୍ଟ ରାସ୍ତା | ପାସ୍‌ଧାରୀ/ ଭିଆଇପି |
| ୫. ଓସିଏ କ୍ଲବ୍ ଜାଭିୟର୍ସ ସ୍କୁଲ ପାର୍କିଂ | ମଧୁସୂଦନ ସେତ | ଭିଆଇପି/ପାସ୍‌ଧାରୀ |
| ୬. ଜାଭିୟର ସ୍କୁଲ | ଗେଟ୍-୧୪ | ଭିଆଇପି/ପାସ୍‌ଧାରୀ |

# ପହଞ୍ଚିଲେ ଖେଳାଳି, ଆଜି ଅଭ୍ୟାସ

ଭୁବନେଶ୍ୱର, ୭।୧୨(ଅନାଦି କର)

ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏଥିଲାଗି ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରାଙ୍କ ଭଳି କିଛି ଭାରତୀୟ ଖେଳାଳି ପୂର୍ବରୁ ଆସିଥିବା ବେଳେ ରବିବାର ଦୁଇ ଦେଶର ପ୍ରାୟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଖେଳିଥିବା ତିଲକ ବର୍ମା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ ରାଣା, ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ଆସିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ସପୋର୍ଟ ଷ୍ଟାଫ ସଦସ୍ୟ ମଧ୍ୟ ପହଞ୍ଚିଛନ୍ତି। ସେହିଭଳି ଟେମ୍ବା ବଭୁମା, ଏଡେନ ମାରକ୍ରାମ, ଟ୍ରିଷ୍ଟାନ ଷ୍ଟବ୍ସ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, କ୍ୱିଣ୍ଟନ ଡି କକ୍, କର୍ବିନ ବୋଶ୍, କେଶବ ମହାରାଜଙ୍କ ଭଳି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଖେଳାଳି ପହଞ୍ଚି ସାରିଛନ୍ତି।

ଦୁଇ ଦଳର ଖେଳାଳି ପ୍ରାୟ ଅପରାହ୍ନ ୨ଟା ୫୦ରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବିମାନ ବନ୍ଦରରେ ପହଞ୍ଚିଲେ। ଏହାପରେ ସେମାନଙ୍କୁ ଦୁଇଟି ସ୍ୱତନ୍ତ୍ର ବସ ମାଧ୍ୟମରେ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ ମେଫେୟାରକୁ ନିଆଯାଇଥିଲା। ସେଠାରେ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ନୃତ୍ୟ, ବାଦ୍ୟ ଓ ଗୀତ ସହିତ ଫୁଲରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏପରି କି ଦକ୍ଷିଣ ଆଫ୍ରିକୀୟ ଦଳର ଜଣେ ସଦସ୍ୟ ବାଦ୍ୟର ତାଳେ ତାଳେ ନାଚି ପରିବେଶର ଆନନ୍ଦ ନେଇଥିଲେ। ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ଦେଖିବା ପାଇଁ ଉଭୟ ହୋଟେଲ ଓ ବିମାନବନ୍ଦର ବାହାରେ କିଛି ପ୍ରଶଂସକ ଅପେକ୍ଷା କରି ରହିଥିଲେ।

## ପାରମ୍ପରିକ ବାଦ୍ୟ, ନୃତ୍ୟ, ଗୀତରେ ସ୍ୱାଗତ



ଖେଳାଳିଙ୍କୁ ସ୍ୱାଗତ ବେଳେ ପାରମ୍ପରିକ ସାନ୍ତାଳୀ ନୃତ୍ୟ ପରିବେଷଣ। (ଫଟୋ: ବିକାଶ ନାୟକ)

### ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି

ଦୁଇ ଦଳର ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି ଦିଆଯାଇଥିଲା। ଖେଳାଳିଙ୍କ ରାତ୍ରୀ ଭୋଜନ ପାଇଁ ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଟିମ୍ ମ୍ୟାନେଜରଙ୍କ ସହ କଥା ହେଲା ପରେ ଖେଳାଳିଙ୍କ ଡାଏଟ୍ ପ୍ରୋଗ୍ରାମ ଆଧାରରେ ରାତ୍ରିଭୋଜନ ଲାଗି ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ହୋଟେଲ କର୍ତ୍ତୃପକ୍ଷ କହିଛନ୍ତି।

### ପୂର୍ବାହ୍ନରେ ଭାରତ, ସନ୍ଧ୍ୟାରେ ଦ. ଆଫ୍ରିକାର ଅଭ୍ୟାସ

ସୋମବାର ଉଭୟ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦଳ ଭିନ୍ନ ଭିନ୍ନ ସମୟରେ ବାରବାଟୀକୁ ଅଭ୍ୟାସ ନିମନ୍ତେ ଯିବେ। ପୂର୍ବାହ୍ନରେ ଭାରତ ନେଟ୍ ପ୍ରାକ୍ଟିସ କରିବାକୁ ଥିବା ବେଳେ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ଦଳ ଅଭ୍ୟାସ କରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତୀୟ ଦଳ ଦିନ ୧.୩୦ରେ ବାରବାଟୀରେ ପହଞ୍ଚିବ। ପ୍ରାୟ ୩ ଘଣ୍ଟା ଧରି ପ୍ରାୟ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳ ଅଭ୍ୟାସ କରିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡ୍‌ଲାଇଟ୍ସରେ ଦ. ଆଫ୍ରିକା ଦଳ ଅଭ୍ୟାସ ପାଇଁ ପଡ଼ିଆକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ତେବେ ଦର୍ଶକ ମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ ଏବଂ ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ ୬ ଏବଂ ୭ ଖୋଲା ରହିବ। ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ ୧ ଏବଂ ୨ ମଧ୍ୟ ଖୋଲି ଦିଆଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂରା ମ୍ୟାଚ୍ ଦେଖିବେ। ଏ ନେଇ ମୁଖ୍ୟମନ୍ତ୍ରୀ ନିଜେ ସୂଚନା ଦେଇଥିବା ଓସିଏ ପକ୍ଷରୁ କୁହାଯାଇଛି।

# ଅଭ୍ୟାସ କଲେ ହାର୍ଦ୍ଦିକ

## ଦର୍ଶକଙ୍କ ପାଇଁ ଖୋଲିବ ୬ ଓ ୭ ଗ୍ୟାଲେରି

**କଟକ,୭।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚାଲିଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତୀୟ ଦଳର ପ୍ରାୟତଃ ସଦସ୍ୟଙ୍କଠାରୁ ଆଗୁଆ ଆସିଥିବା ମୁଖ୍ୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ସନ୍ଧ୍ୟାରେ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ହାର୍ଦ୍ଦିକ ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ନେଟ୍ସରେ ବୋଲିଂ ଅଭ୍ୟାସ କରିବା ପରେ ପ୍ୟାଡ୍ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରଙ୍କ ସହିତ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ।



ବୋଲିଂ ଅଭ୍ୟାସ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା। (ଫଟୋ: ରାଜକିଶୋର ମହାନ୍ତି)

## ୧୪ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍

# ଶୁଭମ୍ ଚାମ୍ପିୟନ

ଭୁବନେଶ୍ୱର, ୭।୧୨(ଅନାଦି କର)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଓ ରୟାଲ ପବ୍ଲିକ ସ୍କୁଲ ଦ୍ୱାରା ମିଳିତ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲଠାରେ ରବିବାର ୧୪ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟିତ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହୁ, (ଓଏସ୍‌ସିଏ)ର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପାଞ୍ଚ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସର୍ବାଧିକ ୫ ପଏଣ୍ଟ ସହ ଲୋୟୋଲା ସ୍କୁଲର ଶୁଭମ୍ ପ୍ରତୀକ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ନିରେକ ପରିଡ଼ା ଓ ଏପିଜେ ସ୍କୁଲର ପ୍ରାଂଶୁ ଦାଶ ୪.୫ ଲେଖାଏ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।



# ଜର୍ମାନୀ-ସ୍ପେନ୍ ଫାଇନାଲ

## ଜୁନିୟର ପୁରୁଷ ହକି ବିଶ୍ୱକପ୍

## ଭାରତ ପରାସ୍ତ

ଚେନ୍ନାଇ, ୭।୧୨(ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ର ଫାଇନାଲ ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ହେବ। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ୭ଥର ଚାମ୍ପିୟନ ଜର୍ମାନୀଠାରୁ ୧-୫ ଗୋଲରେ ହାରିଯାଇଛି। ବିଜୟୀ ଦଳ ତରଫରୁ ଲୁକାସ କୋସେଲ ଦୁଇଟି(୧୪ତମ ଓ ୩୦ତମ ମିନିଟ) ଗୋଲ୍ ସ୍କୋର କରିଥିବା ବେଳେ ଟିଟସ ୱେକ୍ସ(୧୫ତମ), ଜୋନାସ ଭନ୍ ଜର୍ସମ(୪୦ତମ) ଓ ବେନ୍ ହାସ୍‌ବାର୍(୪୯ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ତରଫରୁ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ଅନ୍‌ମୋଲ ଏକ୍କା ସ୍କୋର କରିଥିଲେ। ଅନ୍ୟପକ୍ଷରେ ସ୍ପେନ୍ ୨-୧ ଗୋଲ୍‌ରେ ଆର୍ଜେଣ୍ଟିନାକୁ ପରାସ୍ତ କରି ପ୍ରଥମ ଥର ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ଭାରତ ବର୍ତ୍ତମାନ ବୁଧବାର ବ୍ରୋଞ୍ଜ୍ ପଦକ ମୁକାବିଲାରେ ଆର୍ଜେଣ୍ଟିନାକୁ ଭେଟିବ।


# Classified Everyday

0674-2580101, 9692975378



REAL ESTATE

SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Healthcare

The massage felt totally professional! & comfortable at all times-7978109255.

All types of physiotherapy with massage, Contact number 9556924059/ 7656969134. D-2766

AFFIDAVIT

By virtue of an affidavit sworn before the Executive Magistrate, Saintala, Dtd. 06.12.2025, I, Tikeswari Bishi, D/o.- Late Baisakhu Bishi, R/o. Village- Rautmunda, P.O.- Mahulbahali, P.S.- Turekela, Dist.- Balangir (Odisha), PIN- 767039 declare that now I have changed my name from Tikeswari Nag to Tikeswari Bishi. Henceforth, I shall be known as Tikeswari Bishi for all purposes.

Tikeswari Bishi
D-2778

By virtue of an affidavit sworn before Executive Magistrate, Bhubaneswar, I, Debashree Palai, W/o.- Prasanta Kumar Pradhan, R/o. Madhuban, Balia, P.S.- Chandanpur, Dist.- Puri, Odisha, PIN- 752002, declare that my actual and correct name is Debashree Palai which has been mentioned in my Aadhaar card and the actual and correct name of my husband is Prasanta Kumar Pradhan which has been mentioned in his Aadhaar card, but in my daughters school certificate my name and my husbands name are wrongly recorded as Debashree Pradhan and Prasanta Pradhan instead of Debashree Palai and Prasanta Kumar Pradhan. So Debashree Palai and Debashree Pradhan is one and same person, Prasanta Kumar Pradhan and Prasanta Pradhan is one and same person. D-2779

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√କେଦାରନାଥ ସାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫

ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।

### SHRADHANJALI

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



√ SMT. KAMALA PATNAIK
LEFT FOR HER HEAVENLY ABODE ON
27.11.2025
FONDLY REMEMBERED BY :
PATNAIK FAMILY.
RASULGARH, BHUBANESWAR.

# କୃତ୍ରିମ ଉପଗ୍ରହର ବହୁଳତା



ଇଂ. ମାୟାଧର ସ୍ୱାଇଁ

"ଚଳିତ ବର୍ଷ ଜୁନ୍ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକାର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ।"



ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। କିନ୍ତୁ ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଅନେକ କୃତ୍ରିମ ଉପଗ୍ରହ ପୃଥିବୀ କକ୍ଷରେ ଏହାକୁ ପରିକ୍ରମଣ କରୁଛି। ରୁଷିଆ ୧୯୫୭ ମସିହାରେ ଭୂକକ୍ଷକୁ ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ ପ୍ରେରଣ କରିବା ପରଠାରୁ ଏହାର ସଂଖ୍ୟା ବଢ଼ିଚାଲିଛି। ପ୍ରଥମ ମହାକାଶ ଅଭିଯାନରେ ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ଏବଂ ଏହି ଦୁଇ ଦେଶ ଅନେକ ଉପଗ୍ରହ ପ୍ରେରଣ କରିଥିଲେ। ପରେ ଅନେକ ଦେଶ ନିଜ ନିଜର ଉପଗ୍ରହକୁ ପ୍ରେରଣ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ବେସରକାରୀ ସଂସ୍ଥା ମହାକାଶ ଅଭିଯାନରେ ସାମିଲ ହୋଇ ଅନେକ ଉପଗ୍ରହ ପଠାଇଛନ୍ତି। ଫଳରେ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ମହାକାଶ ଅଭିଯାନର ଆରମ୍ଭରେ ବିଜ୍ଞାନ ଜିଜ୍ଞାସା ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା। ମହାକାଶରେ ବିଭିନ୍ନ ବସ୍ତୁପିଣ୍ଡରୁ ଆଲୋକ ଆମ ପାଖରେ ପହଞ୍ଚିବାରେ ପୃଥିବୀର ବାୟୁମଣ୍ଡଳ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଉଦାହରଣସ୍ୱରୂପ, ବସ୍ତୁପିଣ୍ଡଗୁଡ଼ିକରୁ ନିର୍ଗତ ହେଉଥିବା ଆଲୋକ ଚୁମ୍ବକୀୟ ବର୍ଣ୍ଣାଳୀର ଅତିବାଇଗଣୀ ରଶ୍ମି, ଗାମା ରଶ୍ମି ଆଦି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଏ। ଏଣୁ ପୃଥିବୀର ବାୟୁମଣ୍ଡଳ ବାହାରେ ବସ୍ତୁପିଣ୍ଡଗୁଡ଼ିକୁ ବିଭିନ୍ନ ବିକିରଣରେ ଅଧ୍ୟୟନ କରିବା ସହଜ ହେବ। ଏଥିପାଇଁ ମଧ୍ୟ ପୃଥିବୀ କକ୍ଷରେ କେତେଗୁଡ଼ିଏ ଦୂରବୀକ୍ଷଣ ଯନ୍ତ୍ର ଅବସ୍ଥାପନ କରାଯାଇଛି। କେତୋଟିର ଉଦାହରଣ ହେଉଛି-ଚନ୍ଦ୍ରା ମହାକାଶ ଦୂରବୀକ୍ଷଣ ଯନ୍ତ୍ର, ହବଲ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏବଂ ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଇତ୍ୟାଦି। ଏଗୁଡ଼ିକ ଦ୍ୱାରା ଅନେକ ଗ୍ରହ, ନକ୍ଷତ୍ର ଓ ଗାଲାକ୍ସିକୁ ଆବିଷ୍କାର କରାଯାଇଛି।

ବିଜ୍ଞାନ ଜିଜ୍ଞାସା ବ୍ୟତୀତ କୃତ୍ରିମ ଉପଗ୍ରହର ଅନେକ ମାନବୋପଯୋଗୀ ବ୍ୟବହାର ଅଛି। ଯୋଗାଯୋଗ ଉପଗ୍ରହ ଦ୍ୱାରା ରେଡିଓ, ଟେଲିଭିଜନ ପ୍ରସାରଣ ହେବା ସହିତ ଟେଲିଫୋନ୍ ସୁବିଧା ରହିଛି। ଦୂର ସଂବେଦୀ ଉପଗ୍ରହ ଦ୍ୱାରା ପୃଥିବୀର ଯେ କୌଣସି ସ୍ଥାନର ସର୍ବେକ୍ଷଣ ହୋଇପାରୁଛି ଏବଂ ପୃଥିବୀର ବିଭିନ୍ନ ସମ୍ପଦର ସୂଚନା ମିଳୁଛି। ପାଣିପାଗ ଉପଗ୍ରହ ଦ୍ୱାରା ଆଗତୁରା ପାଣିପାଗ ସୂଚନା ମିଳିପାରୁଛି। ଜିପିଏସ୍ ସାହାଯ୍ୟରେ ପୃଥିବୀର ଯେ କୌଣସି ସ୍ଥାନର ଅବସ୍ଥିତି ଜାଣିହେଉଛି। ଉପଗ୍ରହର ବିବିଧ ଉପକାରିତା ଯୋଗୁ ଅନେକ ଦେଶ ଏଥିରେ ଭାଗ ନେଉଛନ୍ତି।

ପ୍ରଥମ ଉପଗ୍ରହ ପ୍ରେରଣଠାରୁ ବର୍ତ୍ତମାନ ୭୦ବର୍ଷ ମଧ୍ୟରେ ଭୂକକ୍ଷକୁ ହଜାର ହଜାର ଉପଗ୍ରହ ପଠାଯାଇଛି ଏବଂ ପ୍ରତିବର୍ଷ ଏହାର ସଂଖ୍ୟା ବଢୁଛି। ୧୯୫୭ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ବର୍ଷକୁ ୫୦ରୁ ୧୧୦ ମଧ୍ୟରେ ଉପଗ୍ରହ ଉତ୍କ୍ଷେପଣ କରାଯାଉଥିଲା। କିନ୍ତୁ ଏହାପରେ ସ୍ପେସଏକ୍ସ ଭଳି ବେସରକାରୀ ସଂସ୍ଥାର ଆଗମନ ପରେ ଏହାର ସଂଖ୍ୟା ଘାତାଙ୍କୀ ଭାବରେ ବୃଦ୍ଧି ପାଇଛି। ୨୦୨୪ ମସିହାରେ ହାରାହାରି ପ୍ରତି ୩୪ ଘଣ୍ଟାରେ ଗୋଟିଏ ରକେଟ ମହାକାଶକୁ ଉତ୍କ୍ଷେପଣ କରାଯାଇଛି, ଯାହାଫଳରେ ଭୂକକ୍ଷକୁ କେବଳ ଏହି ବର୍ଷ ୨୮୦୦ରୁ ଅଧିକ ଉପଗ୍ରହକୁ ପ୍ରେରଣ କରାଯାଇଛି।

ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀ ପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ। କିନ୍ତୁ ତଥାପି ଏହା କିଛି ବର୍ଷ ଭୂକକ୍ଷରେ ରହି ପୃଥିବୀକୁ ପରିକ୍ରମଣ କରିଥାଏ। କେତେଗୁଡ଼ିଏ କକ୍ଷଚ୍ୟୁତ ହୋଇ ପୃଥିବୀର ବାୟୁମଣ୍ଡଳକୁ ଖସିପଡ଼ି ଜଳିଯାଏ ଏବଂ ଅନ୍ୟ କେତେକକୁ ଉଚ୍ଚ କକ୍ଷକୁ ପଠାଯାଏ ଯାହାକୁ 'ଶ୍ମଶାନ କକ୍ଷ' ଅର୍ଥାତ୍ 'ମୃତ ଉପଗ୍ରହଙ୍କ କକ୍ଷ କୁହାଯାଏ।

ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, କିଛି ବର୍ଷ ମଧ୍ୟରେ ଉପଗ୍ରହ ସଂଖ୍ୟା ଦଶଗୁଣ ହୋଇପାରେ, ଯାହା ମହାକାଶ ଟ୍ରାଫିକ ପରିଚାଳନାରେ ସଙ୍କଟ ସୃଷ୍ଟି କରିବ। ଏଥିରୁ ନିର୍ମିତ କିଛି ବସ୍ତୁ ମହାକାଶ ପ୍ରଦୂଷଣ କରିଥାଏ ଏବଂ ଏହାର ଉତ୍କ୍ଷେପଣ ସମୟରେ ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ। ସ୍ପେସଏକ୍ସର ଷ୍ଟାରଲିଙ୍କ ଉପଗ୍ରହ ପ୍ରେରଣ ପରେ ୟୁଟେଲସାଟ୍, ଆମାଜନ୍ ଏବଂ ଚାଇନାର 'ଥାଉଜାଣ୍ଡ ସେଲ୍ସ' କମ୍ପାନୀ ଅନେକ ଉପଗ୍ରହ ଉତ୍କ୍ଷେପଣ ପାଇଁ ଯୋଜନା କରିଛନ୍ତି।

ନିମ୍ନ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟାର ଗୋଟିଏ ସୀମା ରହିବା ଉଚିତ। ଏହାକୁ କକ୍ଷର 'ଧାରଣ କ୍ଷମତା' କୁହାଯାଏ। ଏହାଠାରୁ ଅଧିକ ହେଲେ ଉପଗ୍ରହ ମଧ୍ୟରେ ମଧ୍ୟ ସଂଘର୍ଷ ହୋଇପାରେ। ଅନେକ ମହାକାଶ ବିଜ୍ଞାନୀ ଧାରଣ କ୍ଷମତାକୁ ଏକ ଲକ୍ଷ ଉପଗ୍ରହ ଭାବେ ପ୍ରକାଶ କରିଛନ୍ତି। ଏହାଠାରୁ ଅଧିକ ହେଲେ ଅନେକ ସମସ୍ୟା ହୋଇପାରେ। ୨୦୫୦ ମସିହା ସୁଦ୍ଧା ଏକ ଲକ୍ଷରେ ପହଞ୍ଚିପାରେ।

ଅଧିକ ଉପଗ୍ରହ ପ୍ରେରଣର ମୁଖ୍ୟ ସମସ୍ୟା ହେଉଛି ମହାକାଶ ପ୍ରଦୂଷଣ। ଉପଗ୍ରହକୁ ପ୍ରେରଣ କରୁଥିବା ରକେଟଗୁଡ଼ିକ ବାୟୁମଣ୍ଡଳରେ ଧ୍ୱଂସ ହୋଇଯାଆନ୍ତି ଏବଂ ଉପଗ୍ରହରେ ଥିବା ବୁଷ୍ଟରଗୁଡ଼ିକ କକ୍ଷରେ ଏଥିରୁ ବାହାରି ଯାଆନ୍ତି। ପୁନଶ୍ଚ ଦୁଇଟି ଉପଗ୍ରହ ମଧ୍ୟରେ ସଂଘର୍ଷ ହେଲେ ସେଥିରୁ ଅନେକ ଟୁକୁଡ଼ା ଅଂଶ ମହାକାଶକୁ ପ୍ରଦୂଷିତ କରେ। ଉପଗ୍ରହଗୁଡ଼ିକ ମଧ୍ୟ ଭୂପୃଷ୍ଠକୁ ଆଲୋକ ପ୍ରତିଫଳନ କରନ୍ତି, ଯାହା ଆଲୋକୀୟ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ଅସୁବିଧା ସୃଷ୍ଟି କରେ। ନିଷ୍କ୍ରିୟ ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲେ ତାହା ଧାତବ ପ୍ରଦୂଷଣ କରିଥାଏ।

ଏହିସବୁ କାରଣରୁ ଉପଗ୍ରହ ପ୍ରେରଣରେ କିଛି ନିୟନ୍ତ୍ରଣ ଆବଶ୍ୟକ। ଏହା ସାଙ୍ଗକୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ କକ୍ଷରୁ ବାହାର କରିବା ଜରୁରୀ।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ସୁଗାର ସ୍ତର ସନ୍ତୁଳିତ ରହିଲେ...



ବିଶେଷ ଭାବରେ ଡାଇବେଟିସ୍ ଥିଲେ ଖାଦ୍ୟପେୟ ବ୍ୟତୀତ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସତର୍କ ରହିବା ଦରକାର। ଯଦି ଜଣେ ଡାଇବେଟିସ୍ ବ୍ୟକ୍ତି ନିଜର ସୁଗାର ସ୍ତରକୁ ସନ୍ତୁଳିତ ରଖନ୍ତି ତେବେ ଭବିଷ୍ୟତରେ ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ପ୍ରାୟ ସୁଗାର ସ୍ତର ସନ୍ତୁଳିତ ରହୁଥିବା କେତେକ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା କେତେ ରହୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍‌ର କୌଣସି ଲକ୍ଷଣ ପ୍ରାୟ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ସର୍ଭେ ସମୟରେ ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ସୁଗାର ସ୍ତର କିପରି ସନ୍ତୁଳିତ ରହିବ ସେ ନେଇ ସୂଚନା ଦିଆଯାଇଥିଲା, ଯାହାକୁ ସେମାନେ ଟିକିନିଖି ଭାବରେ ଅନୁସରଣ କରିଥିଲେ। ତେବେ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯେତେ ସତର୍କ ରହିବେ ତାହା ସେତେ ଭଲ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆଲ୍‌ଜିମର୍ସର ସହଜ ଉପଚାର



ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବି ବାଧା ସୃଷ୍ଟି କରିଥାଏ। ତେବେ ଏହାକୁ ସୁରକ୍ଷା ଦେବା ପାଇଁ ଏକ ନୂଆ ପ୍ରଣାଳୀ ଉଦ୍ଭାବିତ ହୋଇଛି। ତାହା ହେଲା ଲାଇଟ୍ ଥେରାପି। ଏହାଦ୍ୱାରା ଆଲ୍‌ଜିମର୍ସ ରୋଗୀର ମସ୍ତିଷ୍କ ଭିତରେ ଥିବା ସ୍ନାୟୁ ଅନେକାଂଶରେ ସୁରକ୍ଷିତ ରହିଥାଏ। ଏହି ଥେରାପି ଶରୀରରେ ଏକ ପ୍ରକାର ତରଙ୍ଗ ପ୍ରେରଣ କରି ଆଲ୍‌ଜିମର୍ସ ରୋଗ ସୃଷ୍ଟି କରୁଥିବା ଜୀବାଣୁଗୁଡ଼ିକୁ ଅନେକାଂଶରେ ନଷ୍ଟ କରିଦେଇଥାଏ। ଏହାର ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ି ନ ଥାଏ। ଲାଇଟ୍ ଥେରାପି ଦ୍ୱାରା ଭଲ ନିଦ ହୋଇଥାଏ। 'ଲାଇଟ୍ ଥେରାପି ଏବଂ ଆଲ୍‌ଜିମର୍ସ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଦୀର୍ଘଦିନ ଧରି ଆଲ୍‌ଜିମର୍ସ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ସେମାନଙ୍କୁ ଲାଇଟ୍ ଥେରାପି ଦିଆଯିବା ଦ୍ୱାରା ସେମାନେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଜାଣିରଖନ୍ତୁ



►ଖାଇ ସାରିବା ପରେ ଆମକୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଠିକ୍ ଖାଇବା ପରେ ପରେ ଥଣ୍ଡାଜାତୀୟ ପାନୀୟ, ଚା', କଫି ଆଦି ଆଦୌ ପିଅନ୍ତୁ ନାହିଁ। ଏହାଦ୍ୱାରା କେବଳ ପାଚନ କ୍ରିୟା ନୁହେଁ, ରକ୍ତ ସଞ୍ଚାଳନ ମଧ୍ୟ ପ୍ରଭାବିତ ହୋଇଥାଏ।

►ଅବସର ସମୟରେ ମନ ପସନ୍ଦର ବହି ପଢ଼ନ୍ତୁ କିମ୍ବା ଗୀତ ଶୁଣନ୍ତୁ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ।

►ଯଦି ଆପଣଙ୍କର ଦାନ୍ତଜନିତ ସସମ୍ୟା ରହିଛି ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

►ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ୍ୟ ଠିକ୍ ନୁହେଁ।

►ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିପାରିଲେ ତାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି କରିବାରେ ସହାୟକ ହୋଇଥାଏ।

►କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ସେ ରୋଗ ବିଷୟରେ ଟିକିନିଖି ବିଶ୍ଲେଷଣ କରିବା ପରେ ଆବଶ୍ୟକୀୟ ଔଷଧ ଲେଖିଥାଆନ୍ତି।

►ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ଏଥିରେ ଭିଟାମିନ୍ ଭରି ରହିଛି।

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର

ଅଙ୍ଗୁରରେ ଭିଟାମିନ୍ 'ସି' ଏବଂ 'କେ' ପ୍ରଚୁର ପରିମାଣରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଅଙ୍ଗୁର ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗକୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ବର୍ଲିନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରୁ ଏଭଳି ତତ୍ତ୍ୱ ରହିଛି ଯାହା କେତେକ ରୋଗରୁ ଉପଶମ ଦେବାରେ ସହାୟକ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଭରି ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଆରାମ ମିଳିଥାଏ। ଏହାକୁ ଡାଇବେଟିସ୍ ଏପରିକି ଉଚ୍ଚ ରକ୍ତଚାପ ରୋଗୀ ମଧ୍ୟ ଖାଇପାରିବେ। ଅଙ୍ଗୁର ମଧ୍ୟ ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଦୃଷ୍ଟିଶକ୍ତି ପାଇଁ ମଧ୍ୟ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହା ଖାଇବା ଦ୍ୱାରା ଆମ ଅସ୍ଥି ମଧ୍ୟ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।



## କିପରି ନେବେ ଆଖିର ଯତ୍ନ



ଆମର ପ୍ରମୁଖ ଅଙ୍ଗ ମଧ୍ୟରୁ ଆଖି ଅନ୍ୟତମ। ଏହାର ଯତ୍ନ ଠିକ୍ ଭାବରେ ନେବା ଦରକାର। ଯଦି ଏ ନେଇ କିଛି ସମସ୍ୟା ଦେଖାଦେଲା, ତେବେ ଏହାର ତୁରନ୍ତ ଚିକିତ୍ସା କରାଇ ନେବା ଆବଶ୍ୟକ। ହେଲେ ସୁସ୍ଥ ଆଖି ପାଇଁ ଆମେ କେତୋଟି ପ୍ରମୁଖ ବିଷୟକୁ ଧ୍ୟାନ ଦେବା ନିହାତି ଦରକାର। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ କରନ୍ତୁ। ଏହାସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ତଟକା ଫଳମୂଳ ଖାଆନ୍ତୁ। ଅନ୍ୟପକ୍ଷରେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ସହ ନିୟମିତ ସମୟ ବ୍ୟବଧାନରେ ଆଖିର ଚେକଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। ଆଖି ଉପରେ ଯେପରି ଚାପ କମ୍ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ କାମ କରୁଥିଲେ କାମ ମଝିରେ ମଝିରେ ବିଶ୍ରାମ ନିଅନ୍ତୁ ଏବଂ ଆଣ୍ଟିଗ୍ଲେୟାର ଚଷମା ପିନ୍ଧନ୍ତୁ। ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖିବା ସହ ନିୟମିତ ଚେକଅପ୍ କରାନ୍ତୁ। ଆଖିରୋଗ ସବୁ ବୟସରେ ହୋଇଥାଏ। ସେଥିପାଇଁ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ସହ ଏଥିରେ ସାମାନ୍ୟ ସମସ୍ୟା ଦେଖାଦେଲେ ଅବହେଳା ନ କରି ତୁରନ୍ତ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ।

## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।

➢ପ୍ରତିଦିନ ସକାଳେ ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ।



➢କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି। ଏଥିରେ ଥିବା ତତ୍ତ୍ୱ ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିଥାଏ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।

➢ ଆବଶ୍ୟକତା ଠାରୁ ଅତି ଅଧିକ ପାଣି ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

➢ପ୍ରତିଦିନ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଆନ୍ତୁ। ଏହି ଖାଦ୍ୟ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବା ସହ ମନକୁ ଫୁର୍ତ୍ତି ରଖିଥାଏ।

➢ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି କାମ କରନ୍ତୁ ନାହିଁ। ମଝିରେ ମଝିରେ କିଛି ସମୟ ଉଠି ଟିକେ ଚାଲବୁଲ କରନ୍ତୁ।

## ସନ୍ତୁଳିତ ଓଜନ କମାଏ ଆଜ୍‌ମା ଆଶଙ୍କା

ଆଜ୍‌ମା ଏଭଳି ଏକ ସସମ୍ୟା, ଯାହାକୁ ଔଷଧ ଖାଇବା ସହ ଆଉ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ତାହା ନିୟନ୍ତ୍ରଣରେ ରହିଥାଏ। ତେବେ ଏଥିରୁ ଦୂରେଇ ରହିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ନିଜର ଓଜନକୁ ସନ୍ତୁଳିତ ରଖନ୍ତି ତେବେ ସେ ନିଜକୁ ଆଜ୍‌ମା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ଆଜ୍‌ମା ଏବଂ ସନ୍ତୁଳିତ ଓଜନ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର ଓଜନ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ପରିଶେଷରେ ଜଣାପଡ଼ିଲା ଯେ, ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କଠାରେ ଆଜ୍‌ମା ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏହାର ସଂଯୋଗ ଓଜନ ନିୟନ୍ତ୍ରଣ ସହ ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ Bhubaneswar, Monday, December 8/ 2025




# ବ୍ରିସବେନ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

ବ୍ରିସବେନ,୭।୧୨

ମିଚେଲ ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଆଶେସ ତଥା ପିଙ୍କ ବଲ ଟେଷ୍ଟରେ ଇଂଲଣ୍ଡକୁ ୮ ଉଇକେଟରେ ପରାସ୍ତ କରିଛି। ଚଳିତ ଆଶେସ ସିରିଜ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳର ଏହା ଦ୍ୱିତୀୟ ବିଜୟ। ଏଥିଯୋଗୁ ୫ ମ୍ୟାଚ୍ ବିଶିଷ୍ଟ ଆଶେସ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଆଗରେ ରହିଛି। ଏହି ବିଜୟ ସହ ପିଙ୍କ-ବଲ

**ଆଶେସ୍**

ଟେଷ୍ଟ ଓ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ବିଜୟ ଧାରା ଜାରି ରହିଛି। ମ୍ୟାଚ୍‌ରେ ୮ ଉଇକେଟ ନେବା ସହ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆରେ ଜୋ ରୁଟ୍‌ଙ୍କ ପ୍ରଥମ ଶତକ ଏବଂ ଅଷ୍ଟ୍ରେଲିଆର ଷ୍ଟାର୍କ ଓ ମାଇକେଲ ନେସରଙ୍କ ୫ ଉଇକେଟ ସଫଳତା ଏହି ମ୍ୟାଚ୍‌ର ମୁଖ୍ୟାଂଶ ଥିଲା। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୭ ତାରିଖଠାରୁ ଆଡିଲେଡ୍‌ରେ ଖେଳାଯିବ।



୫ ଉଇକେଟ ନେବା ପରେ ଅଷ୍ଟ୍ରେଲିଆର ମାଇକେଲ ନେସର।

ପ୍ରଥମ ଇନିଂସରେ ଇଂଲଣ୍ଡ ୩୩୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୧୧ ରନ କରିଥିଲା। ଫଳରେ ୧୭୭ ରନରେ ପଛୁଆ ଥିବା ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୪/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ବେନ ଷ୍ଟୋକ୍ସ ଓ ୱିଲ ଜ୍ୟାକ୍ସ ରବିବାର ପ୍ରଥମ ସେସନ ଧୈର୍ଯ୍ୟର ସହ ଖେଳି ଅଷ୍ଟ୍ରେଲିଆର ବିଜୟରେ ବିଳମ୍ବ କରିଥିଲେ। ଦୁହେଁ ସପ୍ତମ ଉଇକେଟରେ ୯୬ ରନ ଯୋଡ଼ିଥିଲେ। ଷ୍ଟୋକ୍ସ ୫୦ ଓ ଜ୍ୟାକ୍ସ ୪୧ ରନ କରି ନେସରଙ୍କ ବଲରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୪୧ ରନରେ ସୀମିତ ରହିଥିଲା। ଅଷ୍ଟ୍ରେଲିଆ ପାଇଁ ନେସର ୫ ଉଇକେଟ ନେଇଥିବାବେଳେ ସ୍କଟ ବୋଲାଣ୍ଡ ଓ ଷ୍ଟାର୍କ ୨ ଲେଖାଏ ଉଇକେଟ ନେଇଥିଲେ। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୬୫ ରନର ଛୋଟିଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ଦୁଇ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜେକ ୱେଦରାଲ୍ଡ ୧୭ ଓ ଅଧିନାୟକ ଷ୍ଟିଭ ସ୍ମିଥ ଅପରାଜିତ ୨୩ ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଇଂଲଣ୍ଡ ପାଇଁ ଗସ ଆଟକିନସ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୧/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୪୧/ଅଲଆଉଟ୍ (ବେନ ଷ୍ଟୋକ୍ସ-୫୦, ୱିଲ ଜ୍ୟାକ-୪୧, ମାଇକେଲ ନେସର-୫/୪୨, ମିଚେଲ ଷ୍ଟାର୍କ-୨/୬୪, ସ୍କଟ ବୋଲାଣ୍ଡ-୨/୪୭)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୬୯/୨(ଷ୍ଟିଭ ସ୍ମିଥ-୨୩, ଟ୍ରାହିସ ହେଡ-୨୨, ଗସ ଆଟକିନସନ-୨/୩୭)।

# ନୋରିସଙ୍କୁ ପ୍ରଥମ ଫର୍ମୁଲା-୧ ଟାଇଟଲ

**ଆବୁଧାବି, ୭।୧୨(ଏପି):** ରବିବାର ଏଠାରେ ଅନୁଷ୍ଠିତ ଆବୁଧାବି ଗ୍ରାଁପ୍ରିରେ ମ୍ୟାକ୍‌ଲରେନ ଡ୍ରାଇଭର ଲାଣ୍ଡୋ ନୋରିସ ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା-୧ ଟାଇଟଲ ଜିତିଛନ୍ତି। ରେଡ୍‌ବୁଲ୍ ଡ୍ରାଇଭର ତଥା ଗତଥରର ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ ରେସ୍ ଜିତିଥିବା ବେଳେ ନୋରିସ ତାଙ୍କ ମ୍ୟାକ୍‌ଲରେନ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କ ପଛକୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଫଳାଫଳ ଯୋଗୁ ସିଜନ ଶେଷ ଷ୍ଟାଣ୍ଡିଂରେ ନୋରିସ ଭର୍ଷ୍ଟାପେନ୍‌ଙ୍କଠାରୁ ଦୁଇ ପଏଣ୍ଟ ଆଗରେ ରହିଥିଲେ। ପିଆଷ୍ଟ୍ରି ମଧ୍ୟ ତାଙ୍କ ପ୍ରଥମ ଫର୍ମୁଲା ୱାନ୍ ଟାଇଟଲ ଦୌଡ଼ରେ ଥିଲେ। ଷ୍ଟାଣ୍ଡିଂରେ ସେ ନୋରିସ୍‌ଙ୍କଠାରୁ ୧୩ ପଏଣ୍ଟ ପଛରେ ରହିଥିଲେ। ୨୦୨୦ରେ ଲୁଇସ୍ ହାମିଲଟନ୍‌ଙ୍କ ପରେ ୨୬ ବର୍ଷୀୟ ନୋରିସ ପ୍ରଥମ ବ୍ରିଟିଶ୍ ଚାମ୍ପିୟନ ହୋଇଛନ୍ତି। ସେ ଆହୁରି ମଧ୍ୟ ଭର୍ଷ୍ଟାପେନ୍‌ଙ୍କୁ



କ୍ରମାଗତ ୫ମ ଟାଇଟଲ ବିଜୟୀ ହେବାଲାଗି ସୁଯୋଗ ଦେଇ ନ ଥିଲେ। ଟାଇଟଲ ପାଇଁ ୩ ଜଣଙ୍କ ମଧ୍ୟରେ ହୋଇଥିବା ଲଢ଼େଇରେ ନୋରିସ ଭର୍ଷ୍ଟାପେନ୍‌ଙ୍କଠାରୁ ୧୨ ପଏଣ୍ଟ ଏବଂ ପିଆଷ୍ଟ୍ରିଙ୍କଠାରୁ ୧୬ ପଏଣ୍ଟ ଆଗରେ ରହିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ